(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, November 10/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 345 | ମୂଲ୍ୟ₹୭/-






# ଲାଲ୍‌ଚାନ୍ଦ୍‌ର ଧନତେରସ୍ ଓ ଦୀପାବଳି ଅଫର୍

**ଏକ୍ସକ୍ଲୁସିଭ୍ ଡିଜାଇନ୍ ପାଆନ୍ତୁ ସର୍ବନିମ୍ନ ଗଢ଼ା ମୂଲ୍ୟ, ସ୍ୱଚ୍ଛ ରିହାତି ଏବଂ ବିନା ଲୁକ୍କାୟିତ ସର୍ତ୍ତରେ**

LALCHND

Trusted Brand Since 1948



## ଗଢ଼ା ମୂଲ୍ୟ ଉପରେ ବିଭ୍ରାନ୍ତିକର ଅଫର୍‌ଠାରୁ ଦୂରେଇ ରୁହନ୍ତୁ

| ବିଭ୍ରାନ୍ତିକର ଦାବି/ ଅଫର୍ | ସତ୍ୟତା | ଲାଲ୍‌ଚାନ୍ଦ୍ ଜୁଏଲର୍ସ |
|---|---|---|
| ମୋଟ୍ ସୁନା ମୂଲ୍ୟ ଉପରେ **ଫ୍ଲାଟ୍ ୪.୫% ରିହାତି** | ଗ୍ରାହକମାନେ କ୍ରୟ କରିଥିବା ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି ପାଉଥିବା ବେଳେ ବାସ୍ତବରେ ଗଢ଼ା ମୂଲ୍ୟ କେତେ, ସେ ସମ୍ପର୍କରେ କୌଣସି ତଥ୍ୟ ପାଉନାହାନ୍ତି । ଏଠାରେ ଅଧିକ ରିହାତି ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି । ଏତଦ୍‌ଦ୍ୱାରା ଗ୍ରାହକମାନେ ଠକେଇର ଶିକାର ହେଉଥିବା ସ୍ପଷ୍ଟ ଜଣାପଡୁଛି । | ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତ ଗହଣା ଉପରେ ଫ୍ଲାଟ୍ ଗଢ଼ା ମୂଲ୍ୟ ଏବଂ ସ୍ୱଚ୍ଛ ରିହାତି ପ୍ରଦାନ କରେ ।<br>**୬୨୫ ଟଙ୍କା/ଗ୍ରାମ୍**<br>ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ<br>•••<br>ଫ୍ଲାଟ୍ **୨୦,୦୦୦ ଟଙ୍କା/ କ୍ୟାରେଟ୍**<br>ରିହାତି ହୀରା ମୂଲ୍ୟ ଉପରେ<br>•••<br>ଫ୍ଲାଟ୍ **୫୦% ରିହାତି**<br>ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ<br>•••<br>ଫ୍ଲାଟ୍ **୨୦% ରିହାତି**<br>ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ<br>•••<br>ଫ୍ଲାଟ୍ **୧୫% ରିହାତି**<br>ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ<br>**ମାଗଣା ରୁପା ମୁଦ୍ରା**<br>(ଆଇଜେଏସ୍‌ଏଫ)୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ<br>ଏବଂ<br>**ନିଶ୍ଚିତ ଉପହାର**<br>୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ |
| **୩୦% ପର୍ଯ୍ୟନ୍ତ ରିହାତି** ମୂଲ୍ୟବାନ ପଥର ଓ ପୋଲ୍‌କି ଜୁଏଲାରୀର ଗଢ଼ା ମୂଲ୍ୟ ଉପରେ | ଏହି ଜୁଏଲର୍ କମ୍ ବିକ୍ରୟ ଜୁଏଲାରୀ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିବା ବେଳେ ଅନ୍ୟ ସମସ୍ତ ଜୁଏଲାରୀ ଉପରେ ଅଧିକ ଗଢ଼ାମୂଲ୍ୟ ନେଇଥାଏ । ଏଥିସହ କେତେକ ମନୋନୀତ ଡିଜାଇନ୍‌ର ଜୁଏଲାରୀ ଉପରେ ହିଁ ଏହି ଅଫର୍ ଲାଗୁ କରାଯାଇଛି । | |
| **୨୦୦୦/-, ୧୦୦୦/-, ୫୦୦/- ଟଙ୍କାର ଗିଫ୍ଟ ଭାଉଚର୍**, ନିର୍ଦ୍ଦିଷ୍ଟ କ୍ରୟମୂଲ୍ୟ ଉପରେ | କେତେକ ଜୁଏଲର୍ ଗିଫ୍ଟ ଭାଉଚର୍‌ର ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଗ୍ରାହକଙ୍କୁ ଏହି ଅଫର୍‌ର ଯୋଗ୍ୟ ହେବା ପାଇଁ ମୋଟାଅଙ୍କର ସୁନା ଗହଣା କ୍ରୟ କରିବାକୁ ପଡ଼ିଥାଏ । | |
| **୨୫% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ମଜୁରୀ ଉପରେ | ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦେଉଛନ୍ତି, କିନ୍ତୁ ନିଜ ମନମୁତାବକ ଗଢ଼ା ମୂଲ୍ୟକୁ ବଢ଼ାଇ ଦେଇ ତା' ଉପରେ ରିହାତି ପ୍ରଦାନ କରି ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି । | |
| **୨୦% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ | ଏହି ପ୍ରତିଷ୍ଠାନ ସୁନା ଗହଣା ଉପରେ ସର୍ତ୍ତମୂଳକ (*) ଅଫର୍ ରଖି ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛନ୍ତି, କିନ୍ତୁ ସଠିକ୍ ଗଢ଼ା ମୂଲ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଜଣାଉନାହାନ୍ତି, ଯାହାଦ୍ୱାରା ଗ୍ରାହକମାନେ କ୍ରୟ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି । | |
| **ଫ୍ଲାଟ୍ ୫୯୯ଟଙ୍କା ଗଢ଼ା ମୂଲ୍ୟ** ରେଗୁଲାର୍ ସୁନା ଗହଣା ଉପରେ | ଏଠାରେ ଜୁଏଲର୍ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ସମ୍ପର୍କରେ କୌଣସି ତଥ୍ୟ ନଦେଇ ରେଗୁଲାର୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୫୯୯ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏଥିସହ ଏହି ଅଫର୍ କେବଳ ସୀମିତ ଡିଜାଇନ୍ ଉପରେ ଲାଗୁ ହେଉଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ଗ୍ରାହକଙ୍କୁ ୧୨୦୦ଟଙ୍କା ଗଢ଼ା ମୂଲ୍ୟ ଦେବାକୁ ପଡୁଛି । | |
| ସ୍ୱର୍ଣ୍ଣ ମୁଦ୍ରା(*) | ଏହି ଜୁଏଲର୍ ସର୍ତ୍ତମୂଳକ (*) ଅଫର୍ ରଖି ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିଥାଏ । | |

**ହିସାବ କରନ୍ତୁ** | **ତୁଳନା କରନ୍ତୁ** | **ତା'ପରେ କିଣନ୍ତୁ**

## ଗଢ଼ା ମୂଲ୍ୟ ଉପରେ ହେଉଥିବା ସ୍କାମ୍ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇବା ଲାଲ୍‌ଚାନ୍ଦ୍ ଜୁଏଲର୍ସର ଦାୟିତ୍ୱ

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜ୍‌ରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ

ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା

ଚମକିବ ସମସ୍ତଙ୍କ ଭାଗ୍ୟ! ଜିତନ୍ତୁ*

- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେଆର୍' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍‌ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

HDFC BANK
FESTIVE TREATS

- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ । ସର୍ବାଧିକ ୩,୦୦୦ଟଙ୍କାର ଛାଡ଼
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**JEWELLERS SINCE 1988**

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ Bhubaneswar, Friday, November 10/2023



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିଆ ଲାଉ !**
**ତୋ ଲାଗି ମୋହର ପରାଣ ଯାଉ।**

ଲାଉ ଖାଇବା ନେଇ ମନରେ ଅସୀମ ଆସକ୍ତି ଭାବ। ପରୋକ୍ଷରେ ପ୍ରଗାଢ଼ ପ୍ରେମର ନିଦର୍ଶନ। ଯାହା ପ୍ରତି ମନରେ ଯେତେ ଅଧିକ ଆସକ୍ତି ଭାବ ରହିଥାଏ ତା'ଲାଗି ସେ ନିଜ ଜୀବନ ଦେବାକୁ କେବେ ପଛାଉ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ**
**ଧାନ କୁଟିବ।**

ସାଧାରଣତଃ କେତେକ ବ୍ୟକ୍ତି ଉଚ୍ଚ ପଦବୀରେ ରହୁଥିଲେ ମଧ୍ୟ ସେ ତାଙ୍କ ପ୍ରକୃତିକୁ ସହଜରେ ଛାଡ଼ି ପାରୁ ନ ଥିବାର ଦେଖିବାକୁ ମିଳିଥାଏ। ଯେଉଁଠାକୁ ଗଲେ ମଧ୍ୟ ସେ ତାଙ୍କ ପୂର୍ବ ବୃତ୍ତି ଆରମ୍ଭ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ତଥା ସ୍ୱଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାରାଦୀପ ଗସ୍ତ

### ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଭାଗ ନେବେ

ପାରାଦୀପ,୯।୧୧
(ଶରତ ରାଉତ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୭ରେ ପାରାଦୀପ ଗସ୍ତରେ ଆସିବେ। ଏ ନେଇ ସରକାରୀ ଭାବେ ରାଷ୍ଟ୍ରପତି ଭବନର ସଚିବ ସମ୍ପଦ ମେହେଟ୍ଟା ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଯୋଗେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୁରୁବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗ ଦେବେ ବୋଲି କୁହାଯାଇଛି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା୩୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ପାରାଦୀପରେ ରହିବେ ବୋଲି ସରକାରୀ ଚିଠିରେ ଦର୍ଶାଯାଇଛି। ୬୧ ବର୍ଷର ପାରାଦୀପ ବନ୍ଦର ଇତିହାସରେ ଦେଶର ସର୍ବୋଚ୍ଚ ନାଗରିକଙ୍କ ପ୍ରଥମ ଗସ୍ତ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୧୯୬୨ ଜାନୁୟାରୀ ୩ରେ ପାରାଦୀପ ବନ୍ଦର ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦର ଆରମ୍ଭ କରିଥିଲେ। ପାରାଦୀପ ବନ୍ଦରର ବୋଇତ ବନ୍ଦାଣ ଉତ୍ସବ ୧୯୯୨ରୁ ଆରମ୍ଭ ହୋଇଥିଲା। ସେତେବେଳେ



ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଇତ ଯୋଗେ ଓଡ଼ିଶାର ଜଣେ ଝିଅ ନିବେଦିତା ଆଚାର୍ଯ୍ୟଙ୍କୁ ସେହି ବୋଇତରେ ଇଣ୍ଡୋନେସିଆ ପଠାଇଥିଲେ। ସେବେଠାରୁ ବୋଇତ ବନ୍ଦାଣ ଉତ୍ସବ ବର୍ଣ୍ଣାଢ୍ୟ ଭାବେ ପାଳନ ହେଉଛି। ବୋଇତ ବନ୍ଦାଣ ଦେଖିବା ପାଇଁ ପାରାଦୀପ ବନ୍ଦର ପ୍ରଶାସନ ସାଧାରଣ ଲୋକଙ୍କ ପାଇଁ କିଛି ସମୟ ପର୍ଯ୍ୟନ୍ତ ଗେଟ୍ ଖୋଲିଥାନ୍ତି। ଏହାକୁ ହଜାରରୁ ଅଧିକ ଲୋକ ଦେଖିଥାନ୍ତି। ବୋଇତ ବନ୍ଦାଣ ଉତ୍ସବ ପୂର୍ବ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆରମ୍ଭ ହୋଇଥାଏ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଦେଇ ପାରାଦୀପରେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର ଏଭଳି କାର୍ଯ୍ୟକ୍ରମ କରିଥାନ୍ତି। ଚଳିତବର୍ଷ ରାଷ୍ଟ୍ରପତିଙ୍କ ଗସ୍ତ ନିଷ୍ପତ୍ତି ପରେ ମହୋତ୍ସବର ଗୁରୁତ୍ୱ ବଢ଼ିଯାଇଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ମା', ପୁଅ ମୃତ

- ଗର୍ଭବତୀ ବୋହୂ ଗୁରୁତର
- ତେଲ ଟ୍ୟାଙ୍କର ସହ ବାଇକ୍ ଧକ୍କା

ଯାଜପୁର/ଯାଜପୁର ସଦର,
(ହର୍ଷବର୍ଦ୍ଧନ ବେହେରା/ସମରବିଜୟ ଶରଣ),୯।୧୧

ଯାଜପୁରଠାରୁ କୁଆଖିଆ ୨୦ନଂ. ଜାତୀୟ ରାଜପଥର ବରୁଆଁ ଛକ ନିକଟରେ ଗୁରୁବାର ଅପରାହ୍ନ ସାଢ଼େ ୩ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଓ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଗର୍ଭବତୀ ଥିବା ବୋହୂ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାରୁ ବୋହୂଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରୁଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ରାଜପଥ ନିର୍ମାଣରେ ବିଳମ୍ବ ଏବଂ ଅଣଓସାରିଆ ରାସ୍ତା ଯୋଗୁ ଏହି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନା ଅନୁଯାୟୀ, କୋରେଇ ବ୍ଲକ୍ ଗୋଲେଇପୁର ପଞ୍ଚାୟତ ହାଟସାହି ଗ୍ରାମର ସୁଦର୍ଶନ ବେହେରା ନିଜ ଗର୍ଭବତୀ ସ୍ତ୍ରୀ ପୂର୍ଣ୍ଣିମାଙ୍କୁ ନେଇ ବାଇକ୍(ନଂ.ଓଆର୦୫ଏବି-୧୮୧୦)ରେ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନା ଯାଇଥିଲେ। ସାଙ୍ଗରେ ମା' ଭକତି(୬୧) ବି ଥିଲେ। ପୂର୍ଣ୍ଣିମାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେଠାରୁ ୩ ଜଣ ଫେରୁଥିଲେ। ଏହି ସମୟରେ କୁଆଖିଆ ପଟୁ ଆସୁଥିବା ଏକ ତେଲ ଟ୍ୟାଙ୍କର(ଓଆର୦୪-୯୭୭୭) ସହ ତାଙ୍କ ବାଇକ୍ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମା' ଭକତିଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଏକ ଗାଡ଼ିରେ ଗୁରୁତର ଆହତ ସୁଦର୍ଶନ ଓ ପୂର୍ଣ୍ଣିମାଙ୍କୁ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ସେଠାରେ ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣିମା ସେଠାରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ଖବର ପାଇ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ଦାସ ସଦଳବଳ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ତେଲ ଟ୍ୟାଙ୍କରକୁ ପୋଲିସ ଜବତ କରିଛି। ଚାଳକ ଥାନାରେ ଅଟକ ଅଛନ୍ତି। ଦୁର୍ଘଟଣା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ସ୍ଥାନୀୟ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ୨୦ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ପ୍ରାୟ ୫ ବର୍ଷ ହେଲା ପ୍ରକ୍ରିୟା ଆରମ୍ଭ ହୋଇ ଜମି ଅଧିଗ୍ରହଣ ଚାଲିଛି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏଯାଏ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଥିଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ଘଟୁଥିବା ସୂଚନା ମିଳିଛି।

# ୫-ଟି ଅଧ୍ୟକ୍ଷଙ୍କ ସମଲେଇ ପ୍ରକଳ୍ପ ସମୀକ୍ଷା

## ଡିସେମ୍ବର ୩୧ ସୁଦ୍ଧା ରୂପାନ୍ତରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)



୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଗୁରୁବାର ସମ୍ବଲପୁର ଗସ୍ତରେ ଆସି ମା' ସମଲେଶ୍ୱରୀଙ୍କୁ ଦର୍ଶନକରିବା ସହ ସମଲେଇ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିସେମ୍ବର ୩୧ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ପ୍ରତ୍ୟୁଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ଭିସି ହଲ୍ରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ପ୍ରମୁଖଙ୍କ ସହ ସମଲେଇ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ। ଏହାସହ ନବୀନ ଓଡ଼ିଶା ଯୋଜନାର ବିଭିନ୍ନ ପ୍ରସଙ୍ଗରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଓ ଅନ୍ୟ ଜିଲା ପରିଷଦ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସମଲେଇ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ।

ଅସମ୍ପୂର୍ଣ୍ଣ କାର୍ଯ୍ୟ ଯଥାଶୀଘ୍ର ସାରିବା ପାଇଁ ସେ ଅଧିକ ମାନବ ସମ୍ବଳ ଏପରି କି ଆବଶ୍ୟକସ୍ଥଳେ ମେଶିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ସମ୍ପନ୍ନ କରିବାକୁ ସମ୍ପୃକ୍ତ ଠିକାସଂସ୍ଥା ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ମନ୍ଦିର ଉନ୍ନତୀକରଣ ପାଇଁ ବିଭିନ୍ନ ପ୍ରସଙ୍ଗରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ସୁବିଧା, ଫାଷ୍ଟଏଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା, ଶୌଚାଳୟ, ସିସିଟିଭି କ୍ୟାମେରା ଓ ଆଲୋକୀକରଣ, ପୁଷ୍କରିଣୀ, ଫୁଟ୍ ଓଭରବ୍ରିଜ୍ ଆଦିର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟର ପ୍ରାୟ ୭୦ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିବା ବେଳେ ମନ୍ଦିରରେ ନୂତନ ବେଢ଼ା ନିର୍ମାଣ ସହ ଦ୍ୱିତୀୟ ଐତିହ୍ୟ ଫାଟକ, ସୌନ୍ଦର୍ଯ୍ୟକରଣ, ଭେଣ୍ଡିଂଜୋନ୍, ପୋଡିୟମ, ପାର୍କିଂସ୍ଥଳ, ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ସୂଚନା କେନ୍ଦ୍ର, ଦୀପଘର, ଭୋଗମଣ୍ଡପ ଆଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଏହିସବୁ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ।

ପରିଦର୍ଶନ ସମୟରେ ତାଙ୍କ ସହ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ପୂର୍ତ୍ତ ବିଭାଗ ସଚିବ ବୀରବିକ୍ରମ ଯାଦବ, ଆର୍ଡିସି ଦଳେଇ, ଜିଲାପାଳ ଦାସ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ମନ୍ଦିର ପୂଜକ, ଟ୍ରଷ୍ଟ ବୋର୍ଡର ଅନ୍ୟ କର୍ମକର୍ତ୍ତା, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ମହାନଗର ନିଗମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଯୋଜନା ପ୍ରସ୍ତୁତ ପାଇଁ ସରକାରଙ୍କ ଆବେଦନ

କଟକ,୯।୧୧ (କାର୍ତ୍ତିକ ସାହୁ)

### ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା



**୧୪ରେ ପରବର୍ତ୍ତୀ ଶୁଣାଣି**

ରାଜ୍ୟରେ ବିଭିନ୍ନ ସମୟରେ ସଂଘଟିତ ଡଙ୍ଗାବୁଡ଼ି ମାମଲାର ଏକତ୍ର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର କ୍ଷତିପୂରଣ ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଛନ୍ତି। ଡଙ୍ଗାବୁଡ଼ି ଘଟଣାରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ଦିଗରେ ନୂଆ ଯୋଜନା ତିଆରି ହେବ। ଏହି ଯୋଜନା ତିଆରି ପାଇଁ ରାଜ୍ୟ ସରକାର ୩ ମାସ ସମୟ ଦେବାକୁ ଆବେଦନ କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସରକାରଙ୍କ ଉପରୋକ୍ତ ଆବେଦନ ଉପରେ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ବରଂ ରାଜ୍ୟର ନଦୀ, ହ୍ରଦ ଓ ଜଳଭଣ୍ଡାର ଆଦିରେ ଡଙ୍ଗା ଚଳାଚଳ ପାଇଁ କୌଣସି ନିୟମାବଳୀ ଅଛି କି ନାହିଁ, ଯଦି ଅଛି ତାହା କଡ଼ାକଡ଼ି ପାଳନ କରାଯାଉଛି କି ନାହିଁ ସେନେଇ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଗତ ମେ' ୧ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ବୋଟ୍ ରୁଲ୍ସ ୨୦୦୪ ସଂକ୍ରାନ୍ତୀୟ ସତ୍ୟପାଠ ହାଇକୋର୍ଟରେ ଦାଖଲ ହୋଇଥିଲା। ଏଥିରେ ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରସଙ୍ଗରେ କୌଣସି ଉଲ୍ଲେଖ ନାହିଁ ବୋଲି ଗତ ନଭେମ୍ବର ୨ ତାରିଖ ଶୁଣାଣିରେ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ ତାରିଖରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା। ୨୦୧୪ ଫେବୃୟାରୀରେ ହୀରାକୁଦରେ ଆଉ ଏକ ଡଙ୍ଗାବୁଡ଼ି ଘଟଣା ଘଟିଥିଲା। ଏଥିରେ ୩୧ ଜଣଙ୍କ ପ୍ରାଣହାନି ହୋଇଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୩ଟି ଡଙ୍ଗାବୁଡ଼ି ମାମଲାରେ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ଫେବୃୟାରୀ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ନୟାଗଡ଼,୯।୧୧
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର କରାଯାଇଛି। ବଳାତ୍କାର ଅଭିଯୋଗ ପରେ ପୋଲିସ ବାଉଁଶିଆପଡ଼ା ଗାଁର ସୂର୍ଯ୍ୟକାନ୍ତ ମହାନ୍ତି ଓରଫ୍ ପାଣ୍ଡା(୨୪)ଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ମୋ ଝିଅ ବିବାହ କରିଥିଲା। ତାଙ୍କ ସ୍ୱାମୀ ତାଙ୍କୁ ଛାଡିଦେବା ପରେ ସେ ମାନସିକ ରୋଗୀ ହୋଇଯାଇଛି। ସେ କେତେବେଳେ କେଉଁଠି ରୁହେ ଜାଣିହୁଏନି। ବୁଧବାର ରାତିରେ ଆମ ଗାଁର ଜଣେ ଲୋକଙ୍କ ବାରଣ୍ଡାରେ ସେ ଶୋଇଥିଲା। ବିଳମ୍ବିତ ରାତିରେ ପାଣ୍ଡା ମୋ ଝିଅକୁ ଏକୁଟିଆ ପାଇ ବଳାତ୍କାର କରି ଫେରାର ହୋଇଥିଲେ। ଝିଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ରହିଥିଲା। ଖବର ପାଇ ଆମେ ଝିଅକୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ବଳାତ୍କାର ଯୋଗୁ ଝିଅର ବ୍ଲିଡିଂ ବନ୍ଦ ହେଉ ନ ଥିଲା। ଆବଶ୍ୟକ ଚିକିତ୍ସା ପରେ ସେ ଏବେ ଭଲ ଅଛି। ଝିଅ ପାଣ୍ଡା ନାଁ ନେଉଛି। ଏହି ଘଟଣାରେ ପାଣ୍ଡା ଏକୁଟିଆ ନା ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। ଘଟଣା ସମ୍ପର୍କରେ ପୋଲିସକୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ବଳାତ୍କାର ନେଇ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୪୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଚାଲୁ ରହିଛି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କ ଶୁକ୍ରବାର ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବ। ତେବେ ଏହି ଘଟଣାରେ ପୀଡ଼ିତାଙ୍କୁ ଛୁରାମାଡ଼ ହୋଇଥିବା ଚର୍ଚ୍ଚା ହେଉଛି। ହେଲେ ତାହା ଠିକ୍ ନୁହେଁ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଅଶାନ୍ତିର ସମ୍ଭାବନା ଦେଖାଦେଇପାରେ। ଅଫିସ୍ରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ନୂତନ ଯାନବାହନ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ହେବା କାରଣରୁ ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ।

**ବୃଷ** – ସନ୍ଦେହୀ ମନ ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତ ରହିବେ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଓ ସଫଳତା ମଧ୍ୟ ମିଳିବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ସରକାରୀ ସ୍ତରରୁ ସୁଯୋଗ ଲାଭକରି ତୀର୍ଥାଟନ କଥା ଚିନ୍ତା କରିପାରନ୍ତି।

**ମିଥୁନ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ହୋଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ଭାବରେ ଟେନ୍ସନ ସୃଷ୍ଟି କରିବ। ପ୍ରତିବନ୍ଧକ ଲାଗିରହିବା କାରଣରୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ, ଯାହାକି କର୍ମକୁ ପ୍ରଭାବିତ କରିବ। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଆଜି ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ। ଭଡ଼ା ସୂତ୍ରରୁ କିମ୍ବା ଦୀର୍ଘଦିନରୁ ପାଉ ନ ଥିବା ବକେୟା ଟଙ୍କା ପାଇବେ।

**ସିଂହ** – ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଚିନ୍ତାପ୍ରକଟ କରିପାରନ୍ତି। ଅବହେଳିତ କାମଜନିତ କର୍ମକ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ହଠାତ୍ ମୋଟାଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ।

**କନ୍ୟା** – ଆର୍ଥିକ ଅନଟନ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଅଧିକ କିଛି ଆଶା କରି କିମ୍ବା ବନ୍ଧୁଙ୍କ କଥାରେ ଭରସା କରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ତୁଳା** – ପୂର୍ବରୁ ପାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜି ଅର୍ଥ ଓ ସମ୍ମାନ ପାଇବେ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଫଳରେ ଘରକାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ବିଛା** – କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପିଲାମାନଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପ୍ରେସ୍, ପବ୍ଲିକେଶନ, ସଭାସମିତି, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ସହକର୍ମୀଙ୍କୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସମୟାନ୍ତରରେ ସଫଳତା ଅବଶ୍ୟ ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ** – ଆଶା କରୁଥିବା କୌଣସି ଶୁଭଖବର ପଡ଼ୋଶୀଙ୍କ ନିକଟରୁ ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବାର ଆଶଙ୍କା ରହିଛି।

**ମୀନ** – ପାରିବାରିକ କ୍ଷେତ୍ରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖାଦେବାର ସୂଚନା ରହିଛି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅର୍ଥ ସଂଗ୍ରହର ପ୍ରଚେଷ୍ଟା କଦାପି ନିଷ୍ଫଳ ହେବ ନାହିଁ, ତଥାପି ଏଥିପାଇଁ ବହୁତ ଶ୍ରମ କରିବାକୁ ପଡ଼ିବ।

ଆଜି କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ଧନତେରସ-ଲକ୍ଷ୍ମୀପୂଜା, ଯମ ଦୀପଦାନ, ରାଶିନକ୍ଷତ୍ର- ହସ୍ତା/କନ୍ୟା, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତ ଚନ୍ଦ୍ର, ଦିବା ଘ.୦୫।୫୫ ଗତେ ଘ. ୦୬।୪୦ ମଧ୍ୟେ, ଘ. ୦୭।୨୫ ଗତେ ଘ.୦୮।୪୩ ମଧ୍ୟେ ଶୁଦ୍ଧ ଶୁଭ ବେଳା, ସକାଳ ଘ.୧୦।୦୬ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ | Bhubaneswar, Friday, November 10/2023 | ପୃଷ୍ଠା-୧




୬ ଦଫା ଦାବି ପୂରଣ ନେଇ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ସଂକୀର୍ତ୍ତନ ସତ୍ୟାଗ୍ରହ।

# ସ୍ୱତନ୍ତ୍ର ଖଣ୍ଡପୀଠରେ ହେବ ତ୍ୱରିତ ଶୁଣାଣି

**ଏମ୍‌ପି, ବିଧାୟକଙ୍କ ନାଁରେ ଆପରାଧିକ ମାମଲା**

**ହାଇକୋର୍ଟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୯।୧୧

ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ବିଚାରାଧୀନ ଥିବା ୫,୦୦୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲାର ତ୍ୱରିତ ଶୁଣାଣି ଜରୁରୀ। ତେଣୁ ଏଭଳି ମାମଲାର ଶୀଘ୍ର ଫଇସଲା ପାଇଁ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ ଗୁରୁବାର ହାଇକୋର୍ଟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶୀର୍ଷ ଅଦାଲତ ନିଜ ରାୟରେ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛନ୍ତି।

ଆଇନଜୀବୀ ଅଶ୍ୱିନୀ ଦୁବେଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ରାଜନେତାମାନଙ୍କ ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ନିର୍ବାଚନ ଲଢ଼ିବାରୁ ଆଜୀବନ ବାସନ୍ଦ କରିବାକୁ ଉକ୍ତ ପିଟିଶନରେ ନିବେଦନ କରାଯାଇଛି। ଆଇନପ୍ରଣେତାମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ନିମନ୍ତେ ସାରା ଦେଶରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ମଧ୍ୟ ଏଥିରେ ଅନୁରୋଧ କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ହାଇକୋର୍ଟ ଓ ଟ୍ରାଏଲ୍ କୋର୍ଟଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ର ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ଆଇନପ୍ରଣେତାଙ୍କ ନାମରେ ଥିବା ମାମଲାର ତ୍ୱରିତ ବିଚାର ଲାଗି ଟ୍ରାଏଲ କୋର୍ଟଗୁଡ଼ିକ ପାଇଁ ସମାନ ଗାଇଡ୍‌ଲାଇନ ଜାରି କରିବା ସମ୍ଭବ ନୁହେଁ। ସମ୍ବିଧାନର ଅନୁଚ୍ଛେଦ ୨୨୭ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ହାଇକୋର୍ଟଗୁଡ଼ିକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବେ। ସେଥିରେ ସମ୍ପୃକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଜଣେ ବିଚାରପତି ଅଧ୍ୟକ୍ଷତା କରିବେ। ଆବଶ୍ୟକ ମନେହେଲେ ନିୟମିତ ବ୍ୟବଧାନରେ ଆପରାଧିକ ମାମଲାଗୁଡ଼ିକର ଶୁଣାଣି କରାଯାଇପାରେ। ଏପରି ହେଲେ ଆଇନପ୍ରଣେତାଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ଶୁଣାଣି ଉପରେ ନିରୀକ୍ଷଣ କରାଯାଇପାରିବ। ହାଇକୋର୍ଟ ମାମଲାର ଅଗ୍ରଗତି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ସ୍ୱତନ୍ତ୍ର ଅଦାଲତଙ୍କୁ ମାଗିପାରିବେ। ତେବେ ଟ୍ରାଏଲ କୋର୍ଟଗୁଡ଼ିକ ଅତି ଜରୁରୀ ନ ହେଲେ ଏମ୍‌ପି, ବିଧାୟକ ଏବଂ ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି)ମାନଙ୍କ ବିରୋଧରେ ବିଚାରାଧୀନ ମାମଲାର ଶୁଣାଣି ସ୍ଥଗିତ କରିପାରିବେ ନାହିଁ। ଜିଲା ଓ ସେସନ୍ସ ଜଜ୍‌ମାନେ ସ୍ୱତନ୍ତ୍ର କୋର୍ଟଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ କାରିଗରି ସୁବିଧା ଯୋଗାଇଦେବା ସକାଶେ ସୁନିଶ୍ଚିତ କରିବେ ବୋଲି ରାୟ ଶୁଣାଇବାବେଳେ ସିଜେଆଇ କହିଛନ୍ତି।

## ଡିସେମ୍ବର ୪ରୁ ୨୨ ଶୀତ ଅଧିବେଶନ

ନୂଆଦିଲ୍ଲୀ,୯।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୪ରେ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ ଜୋଷୀ ଏକ ପୋଷ୍ଟ କରି କହିଛନ୍ତି, ୧୯ ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୧୫ଟି କାର୍ଯ୍ୟଦିବସ ରହିବ। ଅମୃତକାଳ ଚାଲିଥିବାବେଳେ ଅଧିବେଶନରେ ବ୍ୟବସ୍ଥାପିକା କାର୍ଯ୍ୟ ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯିବ।

ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ 'ପ୍ରଶ୍ନ ପାଇଁ ଟଙ୍କା' ନେବା ଅଭିଯୋଗ ମାମଲାରେ ଏଥିକ୍ସ କମିଟି ରିପୋର୍ଟକୁ ମଧ୍ୟ ଏହି ଅଧିବେଶନ ବେଳେ ଲୋକ ସଭାରେ ଉପସ୍ଥାପନ କରାଯିବ। ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଅର୍ଥନୈତିକ ରାଷ୍ଟ୍ରବାଦ ଓ ବିଶ୍ୱ**

# ଭିଜିଲାନ୍ସ ଜାଲରେ ଆୟୁର୍ବେଦ କଲେଜ ଅଧ୍ୟକ୍ଷ

**ବଲାଙ୍ଗୀର, ପୁରୀ, ସମ୍ବଲପୁରର ୭ ସ୍ଥାନରେ ଚଢ଼ାଉ: ୨୮ ପ୍ଲଟ୍ ଚିହ୍ନଟ**

ଭୁବନେଶ୍ୱର,୯।୧୧
(ସତ୍ୟଜିତ୍ ରାଉତ)



ସୁଦର୍ଶନ ବେହେରା

ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧ୍ୟକ୍ଷ ସୁଦର୍ଶନ ବେହେରା ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ସୁଦର୍ଶନଙ୍କ ଘର ସମେତ ପୁରୀ, ସମ୍ବଲପୁର ଓ ବଲାଙ୍ଗୀର ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ବେଳେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ସୁଦର୍ଶନଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରସ୍ଥିତ ସୁଦର୍ଶନଙ୍କ ଘର, ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଗୋଟିଏ ଶପ୍, ପୁରୀ ସଦର ଥାନା ଅନ୍ତର୍ଗତ କାଶିହରିପୁରସ୍ଥିତ ଅନ୍ୟ ଏକ ଘର, ସମ୍ବଲପୁର ବୁର୍ଲା ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ ଶ୍ୱାଶୁଙ୍କ କ୍ୱାର୍ଟର ଓ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲସ୍ଥିତ ଅଫିସ୍ ଚାମ୍ବର ଆଦି ସ୍ଥାନରେ ଭିଜିଲାନ୍ସର ୭ଟି ଟିମ୍ ଚଢ଼ାଉ କରିବା ସହ ଯାଞ୍ଚ ଜାରି ରଖିଛି। ଭିଜିଲାନ୍ସ ଟିମ୍‌ରେ ୭ ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଚଢ଼ାଉ ଜାରି ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର, ଗୋପ, ପିପିଲି, ସତ୍ୟବାଦୀର ମୁଖ୍ୟ ଅଞ୍ଚଳରେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ବ୍ୟତୀତ ଭିଜିଲାନ୍ସ ଟିମ୍ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବ୍ଲକ୍ ଛକସ୍ଥିତ ପ୍ରାୟ ୪,୬୦୦ ବର୍ଗଫୁଟ୍‌ରେ ଥିବା ୪ ମହଲା ଆବାସିକ କୋଠା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନହଳାସ୍ଥିତ ଦୁଇ ମହଲା କୋଠା, ଗୋପ ସୋରିସିଆପଡ଼ାସ୍ଥିତ ପ୍ଲଟ୍ ନଂ.୧୭୨୩/୫୮୮ରେ ଥିବା କୋଠା ଠାବ କରିଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍‌ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ☞ପୃଷ୍ଠା-୫

## ସୁଦର୍ଶନଙ୍କ ସମେତ ୫ଜଣଙ୍କ ନାଁରେ ଥାନାରେ ଅଭିଯୋଗ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ**

**ଧରିତ୍ରୀ ପ୍ରଭାବ**

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ (ଜିଏଏମ୍)ରେ ଗତ ୫ବର୍ଷରେ ବିନା ଯୋଗ୍ୟତାରେ ବାହାର କଲେଜର ୫ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି। ଏହି ନାମଲେଖା କେଲେଙ୍କାରୀର ଗୋଟିଏ ପରେ ଗୋଟିଏ କାରନାମା 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ଅକ୍ଟୋବର ୨୫ତାରିଖରେ ଜିଏଏମ୍ କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କୁ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜକୁ ବଦଳି ☞ପୃଷ୍ଠା-୫



ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ

ତର୍ଜମାରେ ଗୋପବନ୍ଧୁ ଆୟୁର୍ବେଦ କଲେଜ

# ଛାତ୍ରୀଙ୍କୁ ଗଣ ବଳାତ୍କାର ଅଭିଯୋଗ

- ପ୍ରଧାନ ଶିକ୍ଷକଙ୍କ ସମେତ ୨ ଅଟକ
- ସମ୍ପୃକ୍ତ ଗୁରୁତର ଛାତ୍ରୀ ନବରଙ୍ଗପୁର ସ୍ଥାନାନ୍ତର

ରାଇଘର ୯।୧୧
(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷର ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଛାତ୍ରୀ ଜଣକ ଷଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। ସେ ପଢ଼ୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ କନିଷ୍ଠ ଶିକ୍ଷକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କୁ ଧରିଆଣି ଥାନାରେ ଅଟକ ରଖି ପଚରାଉଚରା କରିଛି। ଏହି ଘଟଣା କୁନ୍ଦେଇ ଥାନା ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି।

ଖବରରୁ ଜଣାପଡ଼ିଛି, ଗୁରୁବାର ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ହାଟଭରାଣ୍ଡି ମେଡିକଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ଜାଣିପାରି ପରିବାର ପକ୍ଷରୁ ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ଛାତ୍ରୀ ଜଣକ ପଢ଼ୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି। ଫଳରେ ପୋଲିସ ଉଭୟ ଶିକ୍ଷକଙ୍କୁ ଧରିଆଣି ଅଟକ ରଖିଛି। ଅପରପକ୍ଷରେ ଛାତ୍ରୀ ଜଣକ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଉମରକୋଟ ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେସ୍‌ନଂ.୧୦୬/୨୩।

**କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ଗିରଫ**

**ହତ୍ୟା ମାମଲାରେ ନାଏବ ସରପଞ୍ଚ ଗିରଫ**

ପୃଷ୍ଠା-୫

# ନକଲି ଘିଅ କାରଖାନା ଠାବ, ଜଣେ ଗିରଫ

ବ୍ରହ୍ମପୁର ୯।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁରରେ ନକଲି ଘିଅ କାରଖାନା ଠାବ କରାଯାଇଛି। ବଡବଜାର ଥାନା ପୋଲିସ ବୁଧବାର ରାତିରେ ମଦନମୋହନ ନଗରରେ ଚାଲିଥିବା ଅପମିଶ୍ରିତ ଘିଅ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଘିଅ ଓ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ସେଠାରୁ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋଷାଣୀନୂଆଗାଁ ଅନ୍ତର୍ଗତ ହାଉସିଂ ବୋର୍ଡ ଅଞ୍ଚଳର ଇପାରି ରାଜେଶ୍ୱର ପାତ୍ର। ତେବେ ଏହି କାରଖାନାକୁ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଇ.କୋଟେଶ୍ୱର ପାତ୍ର ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ଗତ କିଛିମାସ ହେଲା ସହର ଉପକଣ୍ଠରେ ବିଭିନ୍ନ ଅସ୍ୱାସ୍ଥ୍ୟକର ତେଲରେ ପ୍ରସ୍ତୁତ ମା' ଦୁର୍ଗା ନାମକ ଏକ ଘିଅ ବଜାରରେ ବିକ୍ରି ଚାଲିଥିବା ପୋଲିସ ଖବର ପାଇଥିଲା। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ବଜାର ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ରାତିରେ ମଦନ ମୋହନ ନଗରରେ ଏକ ଘରେ ଚଢ଼ାଉ କରି ବିପୁଳ ପରିମାଣର ଅପମିଶ୍ରିତ ଘିଅ ଜବତ କରିଥିଲା। ସେଠାରୁ ବୈଧତା ନ ଥିବା ମହାନଗର ଟ୍ରେଡ ଲାଇସେନ୍ସ, ଘିଅ ପ୍ରସ୍ତୁତ ଲାଇସେନ୍ସ ସମେତ, ୩ଟି ଅତ୍ୟାଧୁନିକ ଘିଅ ପ୍ୟାକିଂ ମେସିନ, ଗୋଟିଏ ଗ୍ରାଇଣ୍ଡିଂ ମେସିନ, ଦୁଇଟି ବଡ ଡ୍ରମ, ପ୍ୟାକିଂରେ ବ୍ୟବହୃତ ହେଉଥିବା ଜରି, ନକଲି ମା' ଦୁର୍ଗା ଘିଅ ପଲିଥିନ ରୋଲ, ୨୦ ହଜାରରୁ ଊର୍ଦ୍ଧ୍ୱ କିଗ୍ରାର ନକଲି ଘିଅ ଆଦି ଜବତ ହୋଇଥିଲା। ଏହି ଘିଅକୁ ଅଭିଯୁକ୍ତ ମୁଖ୍ୟତଃ ଗ୍ରାମାଞ୍ଚଳ ଓ ମଫସଲ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଟାର୍ଗେଟ କରି ବିକ୍ରି କରୁଥିଲେ। ପୋଡ଼ା ତେଲ, ପୋଡ଼ା ଇଞ୍ଜିନ ଅଏଲ, ଲୋ ଗ୍ରେଡ ପାମୋଲିନ ଅଏଲ ସମେତ ବିଷାକ୍ତ କେମିକାଲ ଆଦିରେ ଘିଅ ପ୍ରସ୍ତୁତ କରାଯାଉଥିଲା ବୋଲି ଅଭିଯୁକ୍ତଙ୍କୁ ଜେରାବେଳେ ଜଣାପଡ଼ିଛି। ମାମଲାରେ ନଂ.୪୪୧/୨୩ରେ ଗିରଫ ଅଭିଯୁକ୍ତ ଇପାରି ରାଜେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଛି। (ଫଟୋ: ପୃଷ୍ଠା-୫)




ଭୁବନେଶ୍ୱର ଜନତା ମଇଦାନଠାରେ ଗୁରୁବାର ଆୟୋଜିତ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀରେ ସମ୍ବର୍ଦ୍ଧିତ କୃଷକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀବୃନ୍ଦ।

**ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀ ଆରମ୍ଭ**

# 'ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବ ମିଲେଟ୍'

- ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ
- ଯୋଗଦେଲେ ୬ ଦେଶର ପ୍ରତିନିଧି

ଭୁବନେଶ୍ୱର, ୯।୧୧
(ଅସମାପିକା ସାହୁ)

ପୁଷ୍ଟିଶସ୍ୟ ମିଲେଟ୍ ବା ମାଣ୍ଡିଆ ଆମକୁ ଅନେକ ସ୍ୱାସ୍ଥ୍ୟଗତ ସୁବିଧାମାନ ପ୍ରଦାନ କରିଥାଏ। ଏହା ଯେକୌଣସି ଜଳବାୟୁ ଏବଂ ଭୂଭାଗରେ ଅମଳ ହୋଇପାରୁଥିବାରୁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ଏହା ବିଶେଷ ଭାବରେ ସାହାଯ୍ୟ କରିଥାଏ। ମିଲେଟ୍ ଚାଷରେ ସ୍ୱଳ୍ପ ପାଣିର ବ୍ୟବହାର ହେଉଥିବାରୁ ଓ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ଉତ୍ପନ୍ନ କମ୍ ରହୁଥିବାରୁ ଏହା ପରିବେଶ ଅନୁକୂଳ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏପରି ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ମୋ ସରକାର ମିଲେଟ୍ ଚାଷ ଲାଗି ୨୫୦୦ କୋଟି ଟଙ୍କା ବିନିଯୋଗ କରୁଛି। ଯୁଗଯୁଗରୁ ମିଲେଟ୍ ଆମ ଖାଦ୍ୟପେୟର ଏକ ବିଶେଷ ଅଂଶ ହୋଇ ରହିଆସିଛି। ଓଡ଼ିଶାରେ ଏହାକୁ ବିଶେଷତଃ ଆଦିବାସୀ ସମ୍ପ୍ରଦାୟର କୃଷକମାନେ ଚାଷ କରି ଆସୁଛନ୍ତି। ସେମାନଙ୍କ ପାଇଁ ଏହି ମୂଲ୍ୟବାନ ଶସ୍ୟ ଆଜି ବି ବଞ୍ଚି ରହିଛି ଓ ବର୍ତ୍ତମାନର ପିଢ଼ି ପାଖରେ ପହଞ୍ଚି ପାରିଛି। ପୁଷ୍ଟିଶସ୍ୟର ପୁନରୁଦ୍ଧାର ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ୍ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ। ମିଲେଟ୍ ଓ ମିଲେଟ୍ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଆମର ଉଦ୍ଦେଶ୍ୟ। ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକଙ୍କ ମଧ୍ୟରେ ଏକ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ। ମୁଁ ଆଶା କରୁଛି, ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତା'ର ଯୋଗ୍ୟ ସ୍ୱୀକୃତି ଫେରିପାଇବ ☞ପୃଷ୍ଠା-୫

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ଅର୍ଥନୈତିକ ରାଷ୍ଟ୍ରବାଦ ଓ ବିଶ୍ୱ



ଡାନି ରୋଡ୍ରିକ୍

ଆମେରିକା ଯେଭଳି ନେତୃତ୍ୱ ନେଉଛି ସେଥିରୁ ମନେହେଉଛି ଯେ, ବିଶ୍ୱ ଇକୋନୋମିକ ନ୍ୟାଶନାଲିଜମ ବା ଅର୍ଥନୈତିକ ରାଷ୍ଟ୍ରବାଦ (ଏକ ବିଚାରଧାରା ; ଯାହା ଅର୍ଥ ବ୍ୟବସ୍ଥା ଓ ଘରୋଇ ନୀତିଗୁଡ଼ିକରେ ହସ୍ତକ୍ଷେପକୁ ପ୍ରାଥମିକତା ଦିଏ ଏବଂ ଶ୍ରମ, ସାମଗ୍ରୀ ଓ ପୁଞ୍ଜି ନିର୍ମାଣରେ କଟକଣାକୁ ଜୋର୍‌ଦିଏ)ର ଏକ ନୂତନ ଯୁଗରେ ପ୍ରବେଶ କରୁଛି। ମୁକ୍ତ ଘରୋଇ ବାଣିଜ୍ୟ ଏବଂ ବହୁଦେଶୀୟ ଭାଗୀଦାରି ତୁଳନାରେ ଅନେକ ଦେଶ ଘରୋଇ, ସାମାଜିକ, ଅର୍ଥନୈତିକ ଏବଂ ପରିବେଶ କାର୍ଯ୍ୟସୂଚୀକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଏଭଳି ଘଟିବାକୁ ଯାଉଛି। ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଭିମୁଖ୍ୟ ଅନ୍ତର୍ଜାତୀୟ ସହଯୋଗ ଦିଗରେ ଅଧିକ ନିୟନ୍ତ୍ରିତ ଏବଂ ମୁକ୍ତ ଥିଲେ ବି ଏହା ଅର୍ଥନୈତିକ ଉଦାରବାଦୀଙ୍କ ଚିନ୍ତା ବଢ଼ାଇଦେଇଛି। ୧୯୩୦ ଦଶକ ଶୈଳୀର ସଂରକ୍ଷଣବାଦ ଏବଂ ଆର୍ଥିକ ସ୍ୱାଧୀନତା ନୀତିକୁ ଏହା ପ୍ରତ୍ୟାବର୍ତ୍ତନ କରୁଥିବା ସେମାନେ ଲକ୍ଷ୍ୟ କରୁଛନ୍ତି। ଅର୍ଥନୈତିକ ରାଷ୍ଟ୍ରବାଦ ବିଭିନ୍ନ ରୂପରେ ଆସେ, ସେଥିରୁ କିଛି କ୍ଷତିକାରକ ଏବଂ କିଛି ଲାଭଦାୟକ। ତେବେ ଆଲେକ୍ସଜାଣ୍ଡାର୍ ହାମିଲଟନ ଏବଂ ଫ୍ରିଡ୍ରିଚ ଲିଷ୍ଟଙ୍କ ପରି ରାଜନୈତିକ ଉଦାରବାଦୀ ଅର୍ଥନୈତିକ ରାଷ୍ଟ୍ରବାଦର କେତେଜଣ ଅଗ୍ରଣୀ ସିଦ୍ଧାନ୍ତବାଦୀଙ୍କ ମଧ୍ୟରେ ଥିଲେ ଅନ୍ୟତମ। ଅର୍ଥନୈତିକ ରାଷ୍ଟ୍ରବାଦକୁ ଚରମ ସ୍ତରକୁ ନିଆଗଲେ ତାହାର ଯେଭଳି ବିପରୀତ ପ୍ରଭାବ ପଡ଼େ, ଠିକ୍ ସେହିଭଳି ଅର୍ଥନୈତିକ ଉଦାରବାଦରେ ଘଟିପାରେ। ଅର୍ଥନୈତିକ ସାମର୍ଥ୍ୟ ଗଠନ ଏବଂ ଜାତୀୟ ଭାବନାକୁ ଦୃଢ଼ କରିବା ପାଇଁ ଏହାକୁ ନ୍ୟାୟପୂର୍ଣ୍ଣ ଭାବରେ ପ୍ରୟୋଗ କରାଗଲେ ତାହା ଅନ୍ୟ ଦେଶଗୁଡ଼ିକ ପ୍ରତି ଲାଭଦାୟକ ହୋଇପାରେ ।

ଅର୍ଥନୈତିକ ରାଷ୍ଟ୍ରବାଦ ଅର୍ଥ ବ୍ୟବସ୍ଥାକୁ ଗଢ଼େ ରାଷ୍ଟ୍ରର ସେବା କରିବା ପାଇଁ। ତେବେ 'ରାଷ୍ଟ୍ର ସେବା' କିମ୍ବା 'ଜାତୀୟ ସ୍ୱାର୍ଥ'ର ଅର୍ଥ ବ୍ୟାଖ୍ୟା ନ କରିବା ପର୍ଯ୍ୟନ୍ତ କୌଣସି ନୀତିର ଗୁରୁତ୍ୱ ରହେ ନାହିଁ। ଜାତୀୟ ଅର୍ଥନୀତି ଉପରେ ଧ୍ୟାନ ଦେବା ଉତ୍ତମ ହୋଇପାରେ, ଏହା ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅର୍ଥ ଯୋଗାଣ ପାଇଁ ଅତ୍ୟଧିକ ସୁସଙ୍ଗତ ହୋଇପାରେ। ହେଲେ ପାରମ୍ପରିକ ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ, ମୁକ୍ତ ବାଣିଜ୍ୟ ଗ୍ରହଣ କଲେ ଦେଶର ସ୍ୱାର୍ଥ ସାଧିତ ହୋଇଥାଏ। ଅର୍ଥନୈତିକ ସ୍ୱାଧୀନତାକୁ ଅନୁସରଣ କରୁଥିବା ଏକ ସରକାର ଲାଭ ଓ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରୁ ବଞ୍ଚିତ ହୁଏ ଏବଂ ବିଦେଶୀ ପୁଞ୍ଜି ପାଇପାରେ ନାହିଁ। ଅର୍ଥନୈତିକ ଐତିହାସିକ ମାର୍ଭିନ୍ ସୁସେ ଯୁକ୍ତି କରନ୍ତି, ଅର୍ଥନୈତିକ ରାଷ୍ଟ୍ରବାଦ ଦୁଇଟି ପରସ୍ପର ବିରୋଧୀ ପ୍ରେରଣା ମଧ୍ୟରେ ଗତିକରେ। ଏହି ଦୁଇଟି ହେଉଛି– ଅନ୍ୟ ଦେଶ ସହିତ ଅର୍ଥନୈତିକ ବିନିମୟକୁ ସୀମିତ କରିବାର ପ୍ରଲୋଭନ ଏବଂ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ସେବାରେ ଅନ୍ତର୍ଜାତୀୟ ସମ୍ପର୍କ ବିସ୍ତାର ଏବଂ ଲାଭ ପାଇବାର ଇଚ୍ଛା। ସମ୍ପ୍ରତି ପୂର୍ବ ଏସିଆର ବିକାଶଶୀଳ ଦେଶ ତୁଳନାରେ ଏହି ପ୍ରେରଣାକୁ ଏକାଠି ନେଇ ଚାଲିବାରେ ଅନ୍ୟ କେହି ଭଲ କାର୍ଯ୍ୟ କରିପାରିନାହାନ୍ତି। ଜାପାନ, ଦକ୍ଷିଣ କୋରିଆ, ତାଇୱାନ ଏବଂ ଚମତ୍କାର ଭାବେ ଚାଇନା ସମସ୍ତେ ସମାବେଶୀ ନୀତି ଉପରେ ନିର୍ଭର କରିଛନ୍ତି ; ଯାହା ଉଭୟ ବିଶ୍ୱ ଅର୍ଥନୈତିକ ଏକୀକରଣକୁ ଉତ୍ସାହିତ କରେ ଏବଂ କେତେକ ପ୍ରମୁଖ ଶିଳ୍ପଗୁଡ଼ିକୁ ସୁରକ୍ଷା କରେ। ବ୍ୟାପକ ଶିଳ୍ପ ନୀତି ମାଧ୍ୟମରେ ପ୍ରତ୍ୟେକ ନିଜସ୍ୱ ଅର୍ଥନୈତିକ ଭବିଷ୍ୟତ ଗଢ଼ିଛନ୍ତି, ଯାହା ଅର୍ଥନୈତିକ ଦକ୍ଷତାର ନୂତନ କ୍ଷେତ୍ର ବିକାଶ କରିବାରେ ସାହାଯ୍ୟ କରିଛି। ସେଗୁଡ଼ିକ କେବଳ ଅର୍ଥନୈତିକ କାର୍ଯ୍ୟକ୍ରମ ନୁହେଁ, ବରଂ ପାଶ୍ଚାତ୍ୟ ଦେଶକୁ ଛୁଇଁବା ଲକ୍ଷ୍ୟରେ ଥିଲା ନବୀକରଣର ଜାତୀୟ ପ୍ରକଳ୍ପ। ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟର ରାଜନୈତିକ ବୈଜ୍ଞାନିକ ଏଲିଜାବେଥ ଥୁର୍ବନ ଏବଂ ତାଙ୍କ ସହ–ଲେଖକମାନେ କହିଛନ୍ତି ଯେ, ବିକାଶମୂଳକ ମାନସିକତା ଥିବା ନୀତିନିର୍ଦ୍ଧାରକମାନେ ସ୍ଥାନୀୟ ଉତ୍ପାଦନ କ୍ଷମତା, ବୈଷୟିକ ସ୍ୱାଧୀନତା ଏବଂ ରପ୍ତାନି ପ୍ରତିଯୋଗିତାକୁ ଘରୋଇ ରାଜନୈତିକ ବୈଧତା, ଜାତୀୟ ନିରାପତ୍ତା ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ଓ ପ୍ରତିଷ୍ଠା ଭାବରେ ଦେଖନ୍ତି।



ଏହାସହ ବଜାରରେ ରଣନୀତିକ ହସ୍ତକ୍ଷେପ ମାଧ୍ୟମରେ ଏହି ଲକ୍ଷ୍ୟରେ ଅଗ୍ରଗତି ହେବାକୁ ଦେଶ ପାଇଁ ସେମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେବେ ଏହିସବୁ ଦେଶର ସଫଳତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେମାନଙ୍କର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଅନେକ ଶହ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତ କରିଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦୁଇ ପିଢ଼ିରୁ କମ୍ ସମୟ ମଧ୍ୟରେ ଉନ୍ନତ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ଉନ୍ନୀତ କରିପାରିଛି। ଚାଇନା କେବଳ ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇନାହିଁ, ବରଂ ପାଶ୍ଚାତ୍ୟର ମୁଖ୍ୟ ଭୌଗୋଳିକ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି।

ପ୍ରତ୍ୟେକଟି ଦେଶର ନାଟକୀୟ ଉତ୍‌ଥାନ ହୋଇଛି। ଇସ୍ପାତ, ଅଟୋ, ସୋଲାର ସେଲ୍ ଇତ୍ୟାଦି ପାଇଁ ବ୍ୟାପକ ସରକାରୀ ସବ୍‌ସିଡି ବହୁ ସମୟରେ ବିଦେଶୀ ସଂସ୍ଥାଗୁଡ଼ିକର ପ୍ରତିଯୋଗିତାମୂଳକ ସ୍ଥିତିକୁ କ୍ଷୁର୍ଣ୍ଣ କରିଥିଲା। ତଥାପି, ପୂର୍ବ ଏସିଆର ଅର୍ଥନୈତିକ ରାଷ୍ଟ୍ରବାଦ ବିଶ୍ୱର ଅନ୍ୟମାନଙ୍କ ପାଇଁ ଲାଭଦାୟକ ଥିଲା। ସବୁଠି ବାଣିଜ୍ୟିକ ପ୍ରତିବନ୍ଧକ ଥାଇ ବି ବାଣିଜ୍ୟ ଭାଗୀଦାରିମାନଙ୍କ ପାଇଁ ସୃଷ୍ଟି ହୋଇଥିବା ବଜାରଗୁଡ଼ିକ ବଡ଼ ଥିଲା। ଅର୍ଥନୈତିକ ଉଦାରବାଦୀମାନଙ୍କର ତର୍କ ଅନୁଯାୟୀ ସବ୍‌ସିଡିଗୁଡ଼ିକ ଅନ୍ୟ ଦେଶ ପାଇଁ ଏକ ଉପହାର ଥିଲା, କାରଣ ସେସବୁ ସେମାନଙ୍କ ଗ୍ରାହକଙ୍କ ପାଇଁ ମୂଲ୍ୟ କମ୍ କରିବାରେ ସାହାଯ୍ୟ କରିଥିଲା।

ଏହା ନିଶ୍ଚିତ ଯେ, ଚାଇନାର ରପ୍ତାନିରେ ଦ୍ରୁତ ବିସ୍ତାର ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ କିଛି ଅସୁବିଧା ସୃଷ୍ଟି କରିଛି। ଚାଇନାରୁ ଆମଦାନୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଶରେ ଦୀର୍ଘକାଳୀନ ଚାକିରି କମିଲା। ଫଳରେ ଉଭୟ ଆମେରିକା ଏବଂ ପଶ୍ଚିମ ୟୁରୋପରେ ଦକ୍ଷିଣପନ୍ଥୀ ଏକଚ୍ଛତ୍ରବାଦୀ ନେତାଙ୍କ ସପକ୍ଷରେ ରାଜନୈତିକ ସମର୍ଥନ ବୃଦ୍ଧି ପାଇଲା। ପାଶ୍ଚାତ୍ୟ ସରକାରମାନେ ଚାଇନା ସହିତ ବାଣିଜ୍ୟକୁ ଉପଯୁକ୍ତ ଭାବରେ ପରିଚାଳନା କରିବାରେ ବିଫଳ ହେଲେ। ଚାଇନା ରପ୍ତାନି କ୍ଷେତ୍ରରେ ଆଶାତୀତ ପ୍ରଦର୍ଶନ ହାସଲ କରୁଥିବାବେଳେ ଏହି ସରକାରଗୁଡ଼ିକ ଅର୍ଥନୈତିକ ଉଦାରବାଦୀବାଦ ଉପରେ ଅତ୍ୟଧିକ ବିଶ୍ୱାସକୁ ଧରିରଖିଲେ। ଅବଶ୍ୟ ଅର୍ଥନୈତିକ ରାଷ୍ଟ୍ରବାଦ ସବୁଆଡ଼େ ଭଲ ହୋଇପାରି ନାହିଁ। ଅନେକ ସରକାର ସାମାଜିକ ଓ ଆର୍ଥିକ କ୍ଷେତ୍ରକୁ ଅତ୍ୟଧିକ ନିୟନ୍ତ୍ରଣ କରୁଛନ୍ତି। ଅପାରଗ ସଂସ୍ଥାଗୁଡ଼ିକୁ ଅଧିକ ସମୟ ଧରି ସମର୍ଥନ କରି ଅର୍ଥ ବ୍ୟବସ୍ଥାର ଦ୍ୱାର ମଧ୍ୟ ବନ୍ଦ କରି ଦେଇଛନ୍ତି। ଯେତେବେଳେ ସରକାରଗୁଡ଼ିକ ଏଭଳି ତ୍ରୁଟି କରନ୍ତି, ସେତେବେଳେ ସେମାନଙ୍କ ନାଗରିକମାନେ ହିଁ ଏହାର ମୂଲ୍ୟ ଦିଅନ୍ତି। ଅର୍ଥନୈତିକ ରାଷ୍ଟ୍ରବାଦ ଭୁଲ୍ ହୋଇଗଲେ ତାହା ଦେଶରେ ତଥା ପଡ଼ୋଶୀର କ୍ଷତି କରେ ଓ ଲାଭ ପାଇପାରେ ନାହିଁ। ପୂର୍ବ ଏସିଆର ବିକାଶବାଦ ଆଜିର ଦୁନିଆକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦିଏ। ଯଦି ଆମେରିକାରେ ଅର୍ଥନୈତିକ ରାଷ୍ଟ୍ରବାଦ ଶକ୍ତିଶାଳୀ ସମାବେଶୀ ଘରୋଇ ଅର୍ଥ ବ୍ୟବସ୍ଥା ସୃଷ୍ଟି କରିବା ଉପରେ ଧ୍ୟାନ ଦିଏ, ତେବେ ଏହା ବହୁତ ଭଲ କାମ କରିବ। ବାସ୍ତବରେ, ଏହିପରି ରଣନୀତି ଆମେରିକାର ଇତିହାସରେ ବିକାଶର ପୂର୍ବ ପରମ୍ପରାକୁ ପୁନର୍ଜୀବିତ କରିବ। ଅନ୍ୟ ଦେଶଗୁଡ଼ିକ ଶେଷରେ ଆମେରିକାର ସୁସ୍ଥ ଅର୍ଥ ବ୍ୟବସ୍ଥା ଏବଂ ଅଧିକ ସମନ୍ୱିତ ସମାଜରୁ ଉପକୃତ ହେବେ।

ମାର୍ଭିନ୍ ସୁସେ ଦର୍ଶାଇଛନ୍ତି, ଅର୍ଥନୈତିକ ରାଷ୍ଟ୍ରବାଦ କ୍ଷେତ୍ରରେ ଏବେ ଆମେରିକାର ଅଭିଜ୍ଞତା ଟିକିଏ ଅଲଗା। ଯଦିଓ ଅନ୍ୟମାନେ ବିଶେଷକରି ଚାଇନା ଏହାକୁ ଜୋର କରି ଧରି ରଖିଛି, ତଥାପି ଆମେରିକା ବୈଷୟିକ ତଥା ସାମରିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ହୋଇ ରହିଛି। ତେବେ ବିପଦ ହେଉଛି, ଆମେରିକାର ଅର୍ଥନୈତିକ ରାଷ୍ଟ୍ରବାଦକୁ ଏକ ଉନ୍ନତ ସମାଜ ଗଠନ କରିବା ଏବଂ ଏକ ସୁସ୍ଥ ଓ ସୁଖୀ ଜୀବନ ପାଇଁ ଆବଶ୍ୟକତାଠାରୁ ଅଧିକ କିଛି କରିବାକୁ ପଡ଼ିବ। ଯଦି ଏହା ଅନ୍ୟମାନଙ୍କ ଉପରେ ଏହାର ନୀତିକୁ ଲାଗୁ କରେ ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀଙ୍କ ବୈଷୟିକ ବିକାଶକୁ ଦୁର୍ବଳ କରିବାକୁ ଚେଷ୍ଟା କରେ, ତେବେ ଏହା ଅବଶିଷ୍ଟ ବିଶ୍ୱକୁ ଅଧିକ କ୍ଷତି କରିବା ସହ ନିଜ ପାଇଁ ଏହା ଭଲ ହେବ ନାହିଁ।

**ପ୍ରାଧ୍ୟାପକ (ଅନ୍ତର୍ଜାତୀୟ ରାଜନୈତିକ ଅର୍ଥ ବ୍ୟବସ୍ଥା), ହାର୍ଭାର୍ଡ କେନେଡି ସ୍କୁଲ**

# ସମଲିଙ୍ଗୀ



ଡା. ସମ୍ରାଟ କର

ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ମନା କରିଦେଲେ। ଏ ସଂକ୍ରାନ୍ତରେ ଆଇନ ତିଆରି କରିବା ହେଉଛି ସଂସଦର କାମ ଆଉ ବିବାହ ମୌଳିକ ଅଧିକାରଭୁକ୍ତ ହୋଇ ନ ଥିବାରୁ ସମଲିଙ୍ଗୀ ବିବାହକୁ ସେହି ଶ୍ରେଣୀରେ ବିଚାର କରାଯାଇ ପାରିବ ନାହିଁ। ସମଲିଙ୍ଗୀ ଯୋଡ଼ିଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଅଧିକାର ମଧ୍ୟ ଦିଆଯାଇନାହିଁ। ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୭୭କୁ ଦେଖିଲେ ଗୋଟିଏ କଥା ଅନେକଙ୍କ ବିଚାରକୁ ଆସୁଛି ତାହା ହେଉଛି ଭାରତରେ ସରକାର ଚଳାଉଥିବା ଓ ନ୍ୟାୟିକ ବ୍ୟବସ୍ଥାରେ ରହିଆସିଥିବା ପୁରୁଣା ଚିନ୍ତାଧାରାର କେତେଜଣ ମହିଳା ପୁରୁଷ ସମୟ ଅନୁଯାୟୀ ପରିବର୍ତ୍ତନକୁ ସ୍ୱୀକାର କରିପାରୁନାହାନ୍ତି। ୧୮୬୧ରେ ବ୍ରିଟିଶ ଶାସନ କାଳରେ ଆଇପିସିରେ ଏହି ଦଫା ଅନ୍ତର୍ଭୁକ୍ତ କରି ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଭାବେ ବିବେଚନା କରାଯାଇଥିଲା। ଗତବର୍ଷ ଅଗଷ୍ଟ ୨୪ରେ ଏକ ଐତିହାସିକ ରାୟରେ ଅନ୍ତରଙ୍ଗ ଗୋପନୀୟତା ବା ପ୍ରାଇଭେସିକୁ ମୌଳିକ ଅଧିକାର ମାନ୍ୟତା ଦେଇଥିଲେ। ସମଲିଙ୍ଗୀ ସମ୍ପର୍କ ବ୍ୟକ୍ତିଗତ ବ୍ୟାପାର ଭିତରେ ଅନ୍ତର୍ଭୁକ୍ତ ହେଉଥିବାରୁ ସେମାନଙ୍କ ଭିତରେ ଆନନ୍ଦଜାତ ହୋଇଥିଲା। ତେବେ ସମ୍ପ୍ରତି ସୁପ୍ରିମକୋର୍ଟ ୨୦୧୮ ଜାନୁୟାରୀ ୮ରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀନିବାସ ରାମଚନ୍ଦ୍ର ଶିରଦଙ୍କ ଦୁଃଖଦ ଆତ୍ମହତ୍ୟା ମାମଲାରେ ପୂର୍ବ ରାୟର ପୁନର୍ବିଚାର ପାଇଁ ରାଜି ହୋଇଛନ୍ତି। କାରଣ ଏହି ମାମଲାରେ ଶ୍ରୀନିବାସଙ୍କୁ ସମଲିଙ୍ଗୀ ସମ୍ପର୍କ କାରଣରୁ ବିଶ୍ୱବିଦ୍ୟାଳୟରୁ ବିତାଡ଼ିତ କରାଯାଇଥିବାରୁ ସେ ୨୦୧୦ ଏପ୍ରିଲରେ ଆତ୍ମହତ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୯ରେ ଦିଲ୍ଲୀ ହାଇକୋର୍ଟରେ ସମଲିଙ୍ଗୀ ସମ୍ପର୍କ ମାମଲାର ବିଚାର କରି ଆଇପିସିର ଦଫା ୩୭୭କୁ ଅସାମ୍ବିଧାନିକ ବୋଲି ରାୟ ଦେଇଥିଲେ, ଯାହାକି ପରେ ୨୦୧୩ରେ ସୁପ୍ରିମକୋର୍ଟ ୩୭୭ ଦଫା ଯୁକ୍ତିଯୁକ୍ତ ଓ ସାମ୍ବିଧାନିକ ବୋଲି ଦର୍ଶାଇ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇ ସୁପ୍ରିମକୋର୍ଟ ଉକ୍ତ ମାମଲାର ତର୍ଜମା ପାଇଁ ବୃହତ୍ ଖଣ୍ଡପୀଠକୁ ପଠାଇବାର ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ଆଇନ ବ୍ୟବସ୍ଥାରେ ସମଲିଙ୍ଗୀ ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କୁ ଅପରାଧୀ ବୋଲି ଦର୍ଶାଇ ଆଜୀବନ କାରାଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଛି। ଅନେକ ୟୁରୋପୀୟ ରାଷ୍ଟ୍ର ୨୦୦୫ରେ ସ୍ପେନ୍, କାନାଡ଼ା ଏହାକୁ ସ୍ୱୀକୃତି ଦେବାପରେ ଆର୍ଜେଣ୍ଟିନା, ଫ୍ରାନ୍ସ, ବେଲଜିୟମ, ନ୍ୟୁଜିଲାଣ୍ଡ, ଜର୍ମାନୀ, ଆମେରିକା ଓ ଅଷ୍ଟ୍ରେଲିଆ ଭଳି ଦେଶ ସମଲିଙ୍ଗୀ ସମ୍ପର୍କକୁ ସ୍ୱୀକୃତି ଦେଇସାରିଲେଣି। ସେହିପରି ଜାତିସଂଘ ମାନବାଧିକାର ପରିଷଦ ୬ ବର୍ଷ ତଳୁ ଏକ ପ୍ରସ୍ତାବରେ ପୁରୁଷ ସମଲିଙ୍ଗୀ, ମହିଳା ସମଲିଙ୍ଗୀ, ଉଭୟଲିଙ୍ଗୀ ଓ ତୃତୀୟ ଲିଙ୍ଗୀ ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଅନେକ କ୍ଷେତ୍ରରେ ସମଲିଙ୍ଗୀ ସମ୍ପର୍କକୁ ବ୍ୟଭିଚାରର ଆଖ୍ୟା ଦିଆଯାଇ ଏହା ସଂସ୍କୃତିର ବିରୋଧୀ ବୋଲି ବିବେଚନା କରାଯାଏ।

ସମଲିଙ୍ଗ କାମୁକ ପୁରୁଷମାନଙ୍କୁ ଗେ କୁହାଯାଏ। ଅନ୍ୟ ସ୍ତ୍ରୀଲୋକମାନଙ୍କ ସହିତ ସମ୍ଭୋଗ ପ୍ରବୃତ୍ତିରେ ଲିପ୍ତ ଥିବା ନାରୀକୁ ଲେସ୍‌ବିୟାନ୍ କୁହାଯାଏ। ପ୍ରାୟ ଦୁଇରୁ ଚାରି ପ୍ରତିଶତ ପୁରୁଷ ଓ ସ୍ତ୍ରୀ ଏଭଳି ବ୍ୟବହାର କରିଥାନ୍ତି। ସିଗ୍‌ମଣ୍ଡ ଫ୍ରଏଡଙ୍କ ଅନୁସାରେ ଶିଶୁଟିର ବୟସ ୩ରୁ ୪ ବର୍ଷ ହୋଇଥିବାବେଳେ ନିଜର ଯୌନାଙ୍ଗ ବିଷୟରେ ଭାବନା ମନକୁ ଆସେ। ସେ ଏହି ସମୟରେ ବିପରୀତ ଲିଙ୍ଗର ମାତା ପିତାଙ୍କ ପ୍ରତି ଆକୃଷ୍ଟ ହୋଇଥାଏ। ଝିଅଟିଏ ପାଇଁ ତା'ର ବାପା ପୃଥିବୀର ମହାନାୟକ ହୋଇଥିବାବେଳେ ପୁଅଟିଏ ଭବିଷ୍ୟତରେ ବାପାଙ୍କ ଭଳି ହେବାକୁ ଇଚ୍ଛା କରେ। ମାତ୍ର ପୁଅଟିଏ ଯଦି ମା' ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇଗଲା ଓ ବାପାଙ୍କର ଉପଯୁକ୍ତ ସ୍ନେହ ପାଇଲା ନାହିଁ, ତେବେ ତା'ର ମାନସିକ ପରିପକ୍ୱତା ଆସେ ନାହିଁ। ସେ ନିଜକୁ ନିଜେ ବହୁତ ଭଲ ପାଏ। ସେ ନିଜର ଲିଙ୍ଗର ବ୍ୟକ୍ତିଟି ପ୍ରତି ଆକୃଷ୍ଟ ହୋଇଥାଏ। ଏହି ବୟସରେ ଝିଅଟିର ମାନସିକ ପରିପକ୍ୱତା ନ ଆସିଲେ, ସେ ସମଲିଙ୍ଗ ପ୍ରତି ଆଗ୍ରହୀ ହୋଇଥାଏ। ୩ରୁ ୫ବର୍ଷର ଝିଅଟିକୁ ପୁଅର ଲିଙ୍ଗପ୍ରତି ଈର୍ଷା ଆସେ। ଧୀରେ ଧୀରେ ଏହି ଈର୍ଷାଭାବ କମିଯାଏ। ଯଦି ଏହା କମ୍ ହୁଏନାହିଁ ତେବେ ନାରୀଟିର ନାରୀପ୍ରତି ଆଗ୍ରହ ଆସିଥାଏ। ସିଗ୍‌ମଣ୍ଡ ଫ୍ରଏଡ୍ ସମଲିଙ୍ଗୀକୁ ଏକ ରୋଗ ବୋଲି ଭାବୁ ନ ଥିଲେ। ଏହା ଯଦିଓ ଏକ ସୁବିଧାଜନକ ପରିସ୍ଥିତି ନୁହେଁ, ମାତ୍ର ଲାଜ କରିବାର ଆବଶ୍ୟକତା ନାହିଁ। ଏହା କେବଳ ନିଜର ଯୌନ ପ୍ରକ୍ରିୟାକୁ ଭିନ୍ନ ଭାବେ ପ୍ରକାଶ କରିବାର ଶୈଳୀ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍, ପୁରୀଘାଟ ରୋଡ, କଟକ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ସେବାରେ ଆନନ୍ଦ, ସେବାରେ ପୁଣ୍ୟ– ଏହି କଥା ଉପଲବ୍ଧି କରିଛନ୍ତି ହରିୟାଣାର ଦେବଦାସ ଗୋସ୍ୱାମୀ। ସେ ଗୃହହୀନ ଓ ନିଃସଙ୍ଗ ଜୀବନ ବିତାଉଥିବା ଲୋକମାନଙ୍କ ଆଶାବାଡ଼ି ପାଲଟିଛନ୍ତି। ଏବେ ସୁଦ୍ଧା ସେ ୨୦୦ରୁ ଅଧିକ ଲୋକଙ୍କୁ ଆଶ୍ରୟ ଦେଇଛନ୍ତି। ପେସାରେ ଜଣେ ଡ୍ରାଇଭର ହେଲେ ବି ସେମାନଙ୍କୁ ଖାଦ୍ୟଠାରୁ ଆରମ୍ଭ କରି ଚିକିତ୍ସା ଯୋଗାଇ ଦେବାରେ କେବେ ବି ଅବହେଳା କରିନାହାନ୍ତି। ହରିୟାଣାର ଏକ ଗରିବ ପରିବାରରେ ଦେବଙ୍କ ଜନ୍ମ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା । ପିଲାବେଳୁ ସେ କ୍ଷୁଧାର ସମ୍ମୁଖୀନ ହୋଇଛନ୍ତି । ଦାରିଦ୍ର୍ୟକୁ ନିକଟରୁ ଦେଖିଥିବା ଦେବ ଗରିବ ଲୋକଙ୍କୁ ଆଶ୍ରୟ ଓ ଖାଦ୍ୟ ଦେବା ଲାଗି ନିଷ୍ପତ୍ତି ନେଇ ତାହାକୁ ସୁଚାରୁରୂପେ ଚଳାଇଛନ୍ତି। ଏଥିପାଇଁ ସେ 'ଡାଭୋ' ସଂସ୍ଥା ପ୍ରତିଷ୍ଠା କରି ତା'ଦ୍ୱାରା ସେବା କାର୍ଯ୍ୟ ଚଳାଇଛନ୍ତି। ବହୁ ସମୟରେ ସେ ଅର୍ଥାଭାବର ସମ୍ମୁଖୀନ ହେଉଥିଲେ ବି ତାଙ୍କ କାର୍ଯ୍ୟରୁ ବିରତ ହୋଇନାହାନ୍ତି। ସେ ଦ୍ୱାରକା, ଦିଲ୍ଲୀରେ ଦୁଇଟି ଆଶ୍ରୟସ୍ଥଳ ଖୋଲି ସେଠାରେ ଏହି ଅସହାୟ ଲୋକଙ୍କୁ ରଖିଛନ୍ତି। କେବଳ ଏତିକି ନୁହେଁ ସେ ରାଜପଥରେ ଗାଡ଼ି ଚଳାଉଥିବା ସମୟରେ ରାସ୍ତାକଡ଼ରେ ଅଚିହ୍ନା ଶବ ଦେଖିଲେ ତାହାର ସଂସ୍କାର ଦାୟିତ୍ୱ ଆଇନଗତ ଭାବେ ନିଜେ ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୮

- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ଉପସଭାପତି ପଦରୁ ରାଜେନ୍ଦ୍ର କୁମାର ଭାନ୍ତିଆଙ୍କ ଇସ୍ତଫା ପ୍ରଦାନ।
- ଭାରତ ଓ ପାକିସ୍ତାନ ଉପରେ ଆମେରିକା ଜାରି କରିଥିବା ଆର୍ଥିକ କଟକଣାକୁ କିଛି ଅଂଶରେ ପ୍ରତ୍ୟାହାର କରିନେବା ପାଇଁ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଆନୁଷ୍ଠାନିକ ଭାବେ ଏକ ବିଜ୍ଞପ୍ତି ଜାରି କରିଛନ୍ତି।
- ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସ୍ରଷ୍ଟା ଜେମିଙ୍ଗ ଜେଙ୍କ ୯୦ ବର୍ଷ ବୟସରେ ପରଲୋକ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 6 | | | | 2 | | |
| | 8 | 7 | | 5 | 9 | | | |
| | | | 1 | | 7 | | 3 | |
| | | | | | 5 | | | 9 |
| 9 | | | | | | 4 | | 2 |
| | 6 | | | | | 7 | | |
| | | | | | | | | 6 |
| | | 1 | | | 3 | | 8 | |
| | | 4 | 6 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 1 | 6 | 5 | 3 | 9 | 2 |
| 3 | 2 | 1 | 7 | 9 | 8 | 6 | 5 | 4 |
| 5 | 6 | 9 | 4 | 3 | 2 | 8 | 1 | 7 |
| 6 | 5 | 3 | 2 | 8 | 1 | 7 | 4 | 9 |
| 1 | 7 | 8 | 6 | 4 | 9 | 5 | 2 | 3 |
| 4 | 9 | 2 | 5 | 7 | 3 | 1 | 6 | 8 |
| 8 | 3 | 6 | 9 | 5 | 4 | 2 | 7 | 1 |
| 2 | 4 | 5 | 8 | 1 | 7 | 9 | 3 | 6 |
| 9 | 1 | 7 | 3 | 2 | 6 | 4 | 8 | 5 |

ଗତକାଲିର ଉତ୍ତର

# ଗାନ୍ଧୀଙ୍କ ଦୃଷ୍ଟିରେ ଦୁଇ ଦେଶ



ଇପ୍ସିତା ମହାନ୍ତି

ପଶ୍ଚିମ ଏସିଆର ପାଲେଷ୍ଟାଇନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ହିଂସାତ୍ମକ ବିବାଦ ଦ୍ୱାରା ଆଜି ବିଶ୍ୱରେ ଏକ ପ୍ରମୁଖ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ତେବେ ଦୁଇ ପଡ଼ୋଶୀ ରାଷ୍ଟ୍ର ପାଲେଷ୍ଟାଇନ ଏବଂ ଇସ୍ରାଏଲ ପରସ୍ପରର କଟ୍ଟର ବିରୋଧୀ କାହିଁକି ?

ମହାତ୍ମା ଗାନ୍ଧୀ ନିଜର ଅହିଂସା ଅସ୍ତ୍ର ସାହାଯ୍ୟରେ ଇଂରେଜ ସରକାରଙ୍କ ବିରୋଧରେ ଭାରତ ସ୍ୱାଧୀନତାର ଯୁଦ୍ଧ ଲଢୁଥିଲେ, କିନ୍ତୁ ସେହି ସମୟରେ ଦୁନିଆରେ ଘଟୁଥିବା ଅନ୍ୟ ଘଟଣାଗୁଡ଼ିକ ଉପରେ ତାଙ୍କର ତୀକ୍ଷ୍ଣ ନଜର ରହିଥିଲା। ବିଶେଷକରି ଏସିଆର ଭବିଷ୍ୟତ ବିଷୟରେ ମହାତ୍ମା ଗାନ୍ଧୀ କମ୍ ଚିନ୍ତା କରୁ ନ ଥିଲେ। ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧର ଅନ୍ତ ପରେ ଯଦିଓ ଅଳ୍ପ କିଛି ଦେଶ ଉପରେ ଫ୍ରାନ୍ସର ପ୍ରଭାବ ରହିଥିଲା, ପ୍ରାୟତଃ ସମଗ୍ର ପଶ୍ଚିମ ଏସିଆ ବ୍ରିଟିଶ୍ ସରକାରଙ୍କ ଅଧୀନକୁ ଚାଲିଯାଇଥିଲା। ଭାରତରେ ବ୍ରିଟିଶ୍‌ମାନେ ଯେତେବେଳେ ନୂଆଦିଲ୍ଲୀକୁ ରାଜଧାନୀ କଲେ, ସେତେବେଳେ ଏଠାକାର ଭାଇସ୍‌ରାୟ(ବଡ଼୍‌ଲାଟ୍) ହାଉସ୍‌ରୁ ପଶ୍ଚିମ ଏସିଆର ଏହିସବୁ ବ୍ରିଟିଶ୍‌ଶାସିତ ଦେଶର ପ୍ରଶାସନିକ ବ୍ୟବସ୍ଥା ନିୟନ୍ତ୍ରିତ ହୋଇଥିଲା।

ଇହୁଦୀମାନେ ନିର୍ଯାତିତ ହେଉଥିବା ଦେଖି ବ୍ରିଟିଶ୍ ସରକାର ପାଲେଷ୍ଟାଇନ ଦେଶରେ ସେମାନଙ୍କ ପାଇଁ ଏକ ପୃଥକ୍ ରାଷ୍ଟ୍ର ଗଠନ ସକାଶେ ଯୋଜନା କରିଥିଲେ। ପ୍ରାରମ୍ଭରେ ଅନ୍ୟ ଦେଶରୁ ଇହୁଦୀମାନଙ୍କୁ ଅଣାଯାଇ ସେଠାରେ ରଖାଗଲା, ଯାହାର ନାମ ଥିଲା 'ସୈଟଲର୍ସ'। ଧୀରେ ଧୀରେ ଏହା ଏକ ଇହୁଦୀ ରାଷ୍ଟ୍ର ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୯୩୮ ବେଳକୁ ଏହା ପ୍ରକୃତ ରୂପ ନେଇଥିଲା। ୨୬ ନଭେମ୍ବର ୧୯୩୮ରେ ମହାତ୍ମା ଗାନ୍ଧୀ ନିଜ ସାପ୍ତାହିକ ଖବରକାଗଜ 'ହରିଜନ'ରେ 'ଦି ଇହୁଦୀ' ନାମକ ଏକ ସମ୍ପାଦକୀୟ ଲେଖିଥିଲେ। ଏହି ସମ୍ପାଦକୀୟରେ ଗାନ୍ଧିଜୀ ପାଲେଷ୍ଟାଇନ ଦେଶରେ ଇହୁଦୀମାନଙ୍କ ପାଇଁ ଏକ ପୃଥକ୍ ଦେଶ ଭାବରେ ଇସ୍ରାଏଲର ଗଠନକୁ ବିରୋଧ କରିଥିଲେ। ମନେ ରଖିବାକୁ ହେବ ଯେ ସେହି ସମୟରେ ଭାରତରେ ଏଭଳି କିଛି ଘଟୁଥିଲା। ଭାରତକୁ ବିଭାଜନ କରି ପାକିସ୍ତାନ ସୃଷ୍ଟି ପାଇଁ ମହମ୍ମଦ ଅଲ୍ଲୀ ଜିନ୍ନା ପାର୍ଟି ମୁସ୍‌ଲିମ୍ ଲିଗ୍ ମାଧ୍ୟମରେ ସାମ୍ପ୍ରଦାୟିକ ରାଜନୀତିର ଆନ୍ଦୋଳନ ଆରମ୍ଭ କରିଥିଲେ। ଧର୍ମ ଆଧାରରେ ମୁସଲମାନ୍‌ମାନଙ୍କ ପାଇଁ ଏକ ପୃଥକ୍ ରାଷ୍ଟ୍ର ଗଠନ କରିବାକୁ ସେ ଦାବି କରୁଥିଲେ।

ମହାତ୍ମା ଗାନ୍ଧୀ ପାକିସ୍ତାନ ଗଠନକୁ ଦୃଢ଼ ବିରୋଧ କରୁଥିଲେ। ସେ ବିଶ୍ୱାସ କରୁଥିଲେ ଭାରତର ହିନ୍ଦୁ ଏବଂ ମୁସଲମାନ ଗୋଟିଏ ଦେଶର ବାସିନ୍ଦା ଏବଂ ସେମାନଙ୍କର ରାଷ୍ଟ୍ରୀୟତା କେବେ ଭିନ୍ନ ହୋଇପାରିବ ନାହିଁ। ତେଣୁ ୨୬ ନଭେମ୍ବର ୧୯୩୮ରେ ମହାତ୍ମା ଗାନ୍ଧୀ 'ହରିଜନ'ରେ ଲେଖିଥିବା ସମ୍ପାଦକୀୟଟିକୁ ଆମକୁ ବୃହତ ସନ୍ଦର୍ଭରେ ତର୍ଜମା କରିବାକୁ ପଡ଼ିବ। ମହାତ୍ମା ଗାନ୍ଧୀ ଲେଖିଥିଲେ, ''ଯେପରି ଫ୍ରାନ୍ସ ଫରାସୀମାନଙ୍କର ଏବଂ ଇଂଲଣ୍ଡ ଇଂରେଜମାନଙ୍କର, ସେହିପରି ପାଲେଷ୍ଟାଇନ ମଧ୍ୟ ଏଠାରେ ରହୁଥିବା ଆରବ ପାଲେଷ୍ଟିନୀୟମାନଙ୍କର। ଇହୁଦୀମାନଙ୍କୁ ଧର୍ମ ଆଧାରରେ ଅବା ବ୍ରିଟିଶ୍ ବନ୍ଧୁକ କିମ୍ବା ବୋମାର ଭୟ ଦେଖାଇ ପାଲେଷ୍ଟାଇନରେ ଅବସ୍ଥାପିତ କରାଇବା ଉଚିତ ହେବନାହିଁ। ଯଦି ଇହୁଦୀମାନେ ସ୍ୱଇଚ୍ଛାରେ ପାଲେଷ୍ଟିନୀୟଙ୍କ ହୃଦୟକୁ ଜିତି ଏବଂ ସେମାନଙ୍କ ଗ୍ରହଣୀୟତାରେ ସେଠାରେ ବସତି ସ୍ଥାପନ କରନ୍ତି ତାହା କେବଳ ସେମାନଙ୍କ ପାଇଁ ହିଁ ନୁହେଁ, ଜଗତ ପାଇଁ ଉଚିତ ହେବ। ଅବଶ୍ୟ ଏଥିପାଇଁ ସେମାନଙ୍କୁ ବ୍ରିଟିଶ୍‌ମାନଙ୍କର ଛତ୍ରଛାୟା ପରିତ୍ୟାଗ କରିବାକୁ ପଡ଼ିବ।''

ଗାନ୍ଧୀ କହିଥିଲେ, ପାଲେଷ୍ଟାଇନ ହେଉଛି ମୂଳତଃ ଆରବ ପାଲେଷ୍ଟିନୀୟମାନଙ୍କର ଘର। ଯେଉଁଭଳି ଭାବେ ବ୍ରିଟିଶ୍‌ମାନେ ଇହୁଦୀମାନଙ୍କୁ ଆଣି ସେଠାରେ ବସତି ସ୍ଥାପନ ପାଇଁ ବ୍ୟବସ୍ଥା କରାଉଛନ୍ତି ତାହା ଏକ ହିଂସାତ୍ମକ କାର୍ଯ୍ୟ। ଗାନ୍ଧୀ ଏହା ମଧ୍ୟ ବିଶ୍ୱାସ କରୁଥିଲେ ଯେ ଇହୁଦୀମାନଙ୍କୁ ଆରବର ପାଲେଷ୍ଟାଇନ ଦେଶକୁ ଯେପରି ଅଣାଯାଉଛି ଏବଂ ଏଠାରେ ସେମାନେ ବସବାସ କରିବା ଦ୍ୱାରା ପାଲେଷ୍ଟିନୀୟମାନେ ନିଜ ଅଧିକାରରୁ ବଞ୍ଚିତ ହେବେ। ଏହା ସତ୍ୟ ଯେ ପାଲେଷ୍ଟାଇନ ବ୍ୟତୀତ ଇହୁଦୀମାନଙ୍କ ପାଇଁ ଦୁନିଆରେ ଅନ୍ୟ କୌଣସି ଦେଶ ସୃଷ୍ଟି ହୋଇପାରିବ ନାହିଁ। ତେବେ ବର୍ଷ ବର୍ଷ ଧରି ସେମାନେ ଏଠାରେ ରହିଗଲେ ଭବିଷ୍ୟତରେ ସେମାନଙ୍କୁ ଏଠାରୁ ତଡ଼ି ବାହାର କରିବା ପାଇଁ ସହଜରେ ବଳ ମିଳିବ ନାହିଁ।

ଜର୍ମାନୀରୁ ଇହୁଦୀମାନଙ୍କୁ ଯେଉଁଭଳି ଢଙ୍ଗରେ ବିତାଡ଼ିତ କରାଯାଉଛି ଏଥିରୁ ତାହା ସ୍ପଷ୍ଟ ପ୍ରତୀୟମାନ। ଏଥିସତ୍ତ୍ୱେ ମହାତ୍ମା ଗାନ୍ଧୀ ସମଗ୍ର ବିଶ୍ୱରେ, ବିଶେଷକରି ଜର୍ମାନୀରେ ଇହୁଦୀମାନଙ୍କ ପ୍ରତି ହେଉଥିବା ଅପମାନଜନକ ଆଚରଣକୁ ଘୋର ବିରୋଧ କରୁଥିଲେ। ଖ୍ରୀଷ୍ଟିଆନ ଧର୍ମରେ ଇହୁଦୀମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର ହେଉଛି ତାହାକୁ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତାର ସଂଜ୍ଞା ଦେଇଥିଲେ। ଇହୁଦୀମାନଙ୍କ ସହିତ ମହାତ୍ମା ଗାନ୍ଧୀଙ୍କ ମନ ଓ ହୃଦୟରେ ଯଦିଓ ଗଭୀର ସମବେଦନା ଥିଲା କିନ୍ତୁ କୌଣସି ଭୂଖଣ୍ଡ ଉପରେ ପ୍ରଥମ ତଥା ସର୍ବାଧିକ ଅଧିକାର ସେଠାକାର ଅଧିବାସୀମାନଙ୍କର ହିଁ ହୋଇଥାଏ, ଏ କଥା ମହାତ୍ମା ଗାନ୍ଧୀ ଜୋର୍ ଦେଇ କହୁଥିଲେ।



ଇହୁଦୀମାନଙ୍କୁ ଜର୍ମାନୀରେ ନରସଂହାର କରାଗଲା, ଏହାର ତୁଳନାତ୍ମକ ଚିତ୍ର ଇତିହାସର ପାଇବା ନାହିଁ। ଏହି ପରିପ୍ରେକ୍ଷୀରେ ଜର୍ମାନୀର ଶାସକ ହିଟ୍‌ଲରଙ୍କ ପ୍ରତି ବ୍ରିଟେନର ଦୋମୁହାଁ ନୀତିକୁ ନେଇ ମହାତ୍ମା ଗାନ୍ଧୀ ଚିନ୍ତା ପ୍ରକଟ କରିଥିଲେ। ଗାନ୍ଧୀ ଲେଖିଥିଲେ, ମାନବିକତା ନାମରେ ଯଦି କାହା ବିରୁଦ୍ଧରେ ଏକ ଯୁଦ୍ଧ ହୋଇପାରିବ, ତେବେ ଏହା କେବଳ ଜର୍ମାନୀ ବିରୁଦ୍ଧରେ ହେବ। କିନ୍ତୁ ସେତେବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ନ ଥିଲା। ସେପ୍ଟେମ୍ବର ୧୯୩୯ରେ ୨ୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଜର୍ମାନୀ ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଏହି ଘଟଣାରୁ ଗାନ୍ଧୀଙ୍କ ଦୂରଦୃଷ୍ଟି ଅନୁମେୟ। ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ରାଷ୍ଟ୍ର ଏବଂ ରାଷ୍ଟ୍ରୀୟତାର ପରିକଳ୍ପନା ବିଷୟରେ ଗାନ୍ଧୀଙ୍କ ଦୃଷ୍ଟିକୋଣ ଅତ୍ୟନ୍ତ ସ୍ପଷ୍ଟ ଥିଲା। କିନ୍ତୁ ଆମକୁ ଇସ୍ରାଏଲ ଏବଂ ପାଲେଷ୍ଟାଇନରେ ଘଟୁଥିବା ଘଟଣାଗୁଡ଼ିକୁ ବର୍ତ୍ତମାନର ସନ୍ଦର୍ଭରେ ଦେଖିବାକୁ ପଡ଼ିବ । ଏହା ମଧ୍ୟ ଚିନ୍ତା କରିବାକୁ ପଡ଼ିବ ଯେ ଜାତିସଂଘର ଇସ୍ରାଏଲ ଗଠନ ପ୍ରସ୍ତାବରେ ଇସ୍ରାଏଲ ଓ ପାଲେଷ୍ଟାଇନ ଦୁଇଟି ସ୍ୱାଧୀନ ରାଷ୍ଟ୍ର ମଧ୍ୟରୁ ପାଲେଷ୍ଟାଇନ କାହିଁକି ଏପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରାଷ୍ଟ୍ର ହୋଇପାରିଲା ନାହିଁ।

**ବୈପାରୀଗୁଡ଼ା, କୋରାପୁଟ,**
**ମୋ– ୬୩୭୦୬୭୯୪୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ମଙ୍ଗୁଳିରେ ମାଲ୍‌ଗୋଦାମ ହେଉ

ମହାଶୟ,

ପୁରାତନ ମାଲଗୋଦାମ ମଙ୍ଗୁଳିକୁ ସ୍ଥାନାନ୍ତର କରାଯାଉ। କାରଣ ଦୀର୍ଘଦିନରୁ ରେଳବାଇ ଜମିରେ ମାଲଗୋଦାମ ହୋଇଥିଲା। ଗମନାଗମନ ଅସୁବିଧା ତଥା ଭିଡ଼ ଦୃଷ୍ଟିରୁ ପଦକ୍ଷେପ ନେବା ଆବଶ୍ୟକ। ଜାତୀୟ ରାଜପଥ ପାର୍ଶ୍ୱରେ ରହିଲେ ସବୁଦୃଷ୍ଟିରୁ ସୁବିଧା ହୋଇପାରିବ। ବର୍ତ୍ତମାନ ଅଣଓସାରିଆ ରାସ୍ତାରେ ବହୁ ସମୟ ଧରି ମାଲଗାଡ଼ି ଅଟକ ଯାଉଛି। ଗୋଟିଏ ଗାଡ଼ି ମାଲ୍ ଖାଲି ପାଇଁ ବହୁ ସମୟ ଲାଗୁଛି। ସେହିପରି ମାଲ୍ ଦେବାକୁ ଆସୁଥିବା ଗାଡ଼ି ବୋଝେଇ ବି ସମୟସାପେକ୍ଷ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ରୁଣୁ ଝୁଣୁ ଶବଦେ ପୂରିଲା ଦାଣ୍ଡ
ଅଭୂଷଣ କଥା ଗୋ ଅରୂପ କାଣ୍ଡ !
କି ଥିଲା ସେ ଶବଦେ ହୋଇ ଆକୁଳ
କୁଳ ଭୁଆସୁଣୀ ତ ତେଜିଲେ କୁଳ !
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭଦ୍ରକ ମହିଳା ମହାବିଦ୍ୟାଳୟ**
**ଧରିତ୍ରୀର ୫୦ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

# ଅନ୍ୟର ମତ ଶୁଣିବା ହିଁ ଗଣତନ୍ତ୍ର




ଭଦ୍ରକ ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଅନୀତା ଦଳାଇ, ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରୀତି କର, ବିଚାରକ ଡ. ଅଭୟ କୁମାର ଦାଶ, ଡ. ମନୋଜ କୁମାର ସାହୁ ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଡ. ଆଭାମୟୀ ମହାପାତ୍ରଙ୍କ ଗହଣରେ ବିଜେତା ଛାତ୍ରୀ(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

**ଭଦ୍ରକ, ୯।୧୧(ସନାତନ ରାଉତ)**

ଗଣମାଧ୍ୟମ ନିରପେକ୍ଷ ହେବା ଜରୁରୀ। ଗଣତନ୍ତ୍ରରେ ପ୍ରଶ୍ନ ପଚାରିବାର ଅଧିକାର ସମସ୍ତଙ୍କର ରହିଛି। କହିବା ଅପେକ୍ଷା ଅନ୍ୟର ମତକୁ ଶୁଣିବା ହେଉଛି ଗଣତନ୍ତ୍ରର ମୂଳଦୁଆ। ଆମ ଭିତରେ ସହନଶୀଳତା ରହିଲେ ଆମେ ଏକାଠି ହେବା ସହ ଦେଶରେ ଏକତା ବୃଦ୍ଧି ପାଇବ। ସଚେତନତା ବୃଦ୍ଧି ନ ହେଲେ ଆମେ ପୁଣି ଅନ୍ଧାରକୁ ଫେରିଯିବା ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଗୁରୁବାର ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତବ୍ୟକ୍ତ କରିଛନ୍ତି। ଦେଶର କୋଣ ଅନୁକୋଣରେ ଘଟୁଥିବା ଘଟଣାକୁ ଗଣମାଧ୍ୟମ ଲୋକଲୋଚନକୁ ଆଣିଥାଏ। ଗଣମାଧ୍ୟମ ଏବଂ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ଯୁବପିଢ଼ି ନେତାଙ୍କ ଜିନ୍ଦାବାଦ ନ ପକାଇ ଦେଶ ପ୍ରତି କର୍ତ୍ତବ୍ୟ କରିବା ଉଚିତ। ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସମୃଦ୍ଧ ଓ ସୁରକ୍ଷିତ ହୋଇପାରିବ ବୋଲି ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରୀତି କର ପିଲାମାନଙ୍କ ମଧ୍ୟରେ ଗଣମାଧ୍ୟମ ଓ ଗଣତନ୍ତ୍ରକୁ ନେଇ ସଚେତନତା ପାଇଁ ଧରିତ୍ରୀ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ସେମାନଙ୍କର ଜ୍ଞାନକୁ ସଶକ୍ତ କରିବ ବୋଲି କହିଥିଲେ। ପ୍ରତିଯୋଗିତାକୁ ସମ୍ପାଦକ ସତପଥୀ ଉଦ୍‌ଘାଟନ କରିଥିବା ବେଳେ ଫିଚର୍ ସମ୍ପାଦକ ବୀରଭଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ଶିକ୍ଷା ବିଭାଗ ମୁଖ୍ୟ ଡ. ଆଭାମୟୀ ମହାପାତ୍ର ସୂଚନା ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଚାରକ ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାଶ କହିଥିଲେ, ଗଣମାଧ୍ୟମ ବ୍ୟକ୍ତି ଚେତନାକୁ ଜାଗ୍ରତ କରିଥାଏ ଏବଂ ରାଷ୍ଟ୍ରକୁ ସୁରକ୍ଷା ଦେଇଥାଏ। ଜଣେ ସୈନିକଙ୍କ ଭୂମିକା ଯେତିକି, ଗଣମାଧ୍ୟମର ଭୂମିକା ସେତିକି ହୋଇଥାଏ। ଗଣମାଧ୍ୟମର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିଲେ ରାଷ୍ଟ୍ରର ଉନ୍ନତି ହୋଇପାରିବ। ବହୁ ବଡ଼ ବଡ଼ ଖବରକାଗଜ ହଜିଯାଇଥିବା ବେଳେ ଧରିତ୍ରୀ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଧରିତ୍ରୀ ସବୁବେଳେ ନିରପେକ୍ଷତା ଉପରେ ଗୁରୁତ୍ୱ ଦେଇଥାଏ। ଅନ୍ୟତମ ବିଚାରକ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅନୀତା ଦଳାଇ ଧରିତ୍ରୀ ଖବରକାଗଜ ହେଉଛି ସାଧାରଣ ଓଡ଼ିଆ ଲୋକଙ୍କ ସ୍ୱରର ପ୍ରତିବିମ୍ବ ଏବଂ ସବୁବର୍ଗ ଲୋକଙ୍କ ପାଖରେ ପହଞ୍ଚିବାକୁ ସବୁବେଳେ ଚେଷ୍ଟା କରିଛି ବୋଲି କହିଥିଲେ। ଅନ୍ୟତମ ବିଚାରକ ଇତିହାସ ବିଭାଗ ମୁଖ୍ୟ ଡ. ମନୋଜ କୁମାର ସାହୁ ଧରିତ୍ରୀର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଗଣତନ୍ତ୍ର ଓ ଗଣମାଧ୍ୟମ ପ୍ରତି ସଚେତନତା ସୃଷ୍ଟି କରିପାରିବ ବୋଲି ମତ ରଖିଥିଲେ।

ମହାବିଦ୍ୟାଳୟର ୧୮ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସାବ୍‌ନା କାଦ୍ରୀ ପ୍ରଥମ, ସନ୍ତୋଷୀ ସାହୁ ଦ୍ୱିତୀୟ ଓ ପୁଷ୍ପାଞ୍ଜଳି ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ଦୁର୍ଗାବତୀ ସୋରେନ୍, ଭାର୍ଗବୀ କାହାଳିଆ, ଭାରତୀ ମୁଣ୍ଡା ଓ ଚମ୍ପାବତୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମାଇନା ମାଝି ସମ୍ବଲପୁରୀ ନୃତ୍ୟ ଓ ଭାସ୍ୱତୀଶ୍ରେୟା ଦାଶ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଧରିତ୍ରୀ ସମ୍ପାଦକ ସତପଥୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଧରିତ୍ରୀର ସହସମ୍ପାଦକ ଅରୁଣ କାନୁନ୍‌ଗୋ, ଶ୍ରୀମନ୍ତ ରାଉତରାୟ, ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଖବରଦାତା ସଞ୍ଜିତ୍ ବଳ, ରବିନାରାୟଣ ଖିଲାର, ନାରାୟଣ ବାରିକ, ଦୀପ୍ତିରଞ୍ଜନ ନାୟକ, ଦେବେନ୍ଦ୍ର ଆଦିଆ, ସନ୍ତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା ପ୍ରତିନିଧି ସନାତନ ରାଉତ ଧନ୍ୟବାଦ ଦେଇଥିଲେ।

## କ'ଣ କୁହନ୍ତି ବିଜେତା

### 'ଯୁବପିଢ଼ି ଓ ଗଣମାଧ୍ୟମ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ'



" ଲୋକେ ହେଉଛନ୍ତି ଗଣତନ୍ତ୍ରର ଅଂଶବିଶେଷ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆଣିବା ସହ ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ କଲେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ। ଦେଶର ଉନ୍ନତି ପାଇଁ ଯୁବପିଢ଼ି ଓ ଗଣମାଧ୍ୟମ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ। କୋଭିଡ୍ ସମୟରେ ଗଣମାଧ୍ୟମର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା।

-ସାବ୍‌ନା କାଦ୍ରୀ, ଛାତ୍ରୀ, ପ୍ରଥମ

### 'ଲୋକଙ୍କ ମନରୁ ଅସ୍ପୃଶ୍ୟତା ଦୂର କରେ ଗଣତନ୍ତ୍ର'



" ଗଣତନ୍ତ୍ର ଲୋକଙ୍କ ମନରୁ ଅସ୍ପୃଶ୍ୟତା ଦୂର କରେ। ଗଣତନ୍ତ୍ରରେ ସମାନ ଅଧିକାର ପାଇବାର ସମସ୍ତଙ୍କର ହକ୍ ରହିଛି। ପୁରୁଷ ପ୍ରାଧାନ୍ୟ ରାଷ୍ଟ୍ରରେ ନାରୀମାନଙ୍କୁ ଉପରକୁ ଉଠିବାକୁ ସୁଯୋଗ ଦିଆଯାଉନାହିଁ। କିନ୍ତୁ ଗଣତାନ୍ତ୍ରିକ ସମାଜରେ ନାରୀ ନିର୍ଯାତନା ଓ ବଳାତ୍କାର ସମ୍ପୂର୍ଣ୍ଣ ବିଲୋପ ହୋଇପାରୁନି।

- ସନ୍ତୋଷୀ ସାହୁ, ଛାତ୍ରୀ, ଦ୍ୱିତୀୟ

### 'ଦେଶର ଉନ୍ନତିରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



" ଯୁବପିଢ଼ି ନିଜର କାର୍ଯ୍ୟକୁ ସବୁବେଳେ ବିଶ୍ଳେଷଣ କରିବା ଆବଶ୍ୟକ। ଜନସଚେତନତା ଅଭାବରୁ ଗଣତନ୍ତ୍ର ଆଜି ବିପଦରେ। ଅଧିକାର ପାଇବା ପାଇଁ ହେଲେ କର୍ତ୍ତବ୍ୟ କରିବାକୁ ପଡ଼ିବ। ଯୁବାବସ୍ଥାରେ ଆମେ ମାନସିକ ଓ ଶାରୀରିକ ସ୍ତରରେ ସକ୍ଷମ ଥାଆନ୍ତି। ତେଣୁ ଦେଶର ଉନ୍ନତି ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

-ପୁଷ୍ପାଞ୍ଜଳି ଖଟୁଆ, ଛାତ୍ରୀ, ତୃତୀୟ


ସଞ୍ଜୁକ୍ତା ନାଥ


ତରନ୍ନୁମ କାଦ୍ରୀ


ମେରିୟା ରିଆଜ


କସ୍ତୁରୀ କଲ୍ଲୋଳ ସାମଲ


ସୁଭଦ୍ରା ଜେନା


ଶୁଭଲକ୍ଷ୍ମୀ ମଲ୍ଲିକ


ବୈଜୟନ୍ତୀ ଦାଶ


ପ୍ରିୟପ୍ରିୟା ନାୟକ


ନିରୁପମା ଜେନା


ପ୍ରିୟଙ୍କା ପରିଡ଼ା


ଅଙ୍କିତା ପ୍ରିୟଦର୍ଶିନୀ ବାରିକ


ଉର୍ମିଳା ଜେନା


ଦମୟନ୍ତୀ ପାଣିଗ୍ରାହୀ


ନିକିତାରାଣୀ ଭଞ୍ଜ


ଭାସ୍ୱତିଶ୍ରେୟା ଦାଶ

# ଅଞ୍ଜନାଙ୍କ ଚିତ୍ରକଳାକୁ ପ୍ରଶଂସା କଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିତ୍ରକଳା ପ୍ରଦାନ କରୁଛନ୍ତି ଅଞ୍ଜନା।

**ବାରିପଦା, ୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକର ଆଦିବାସୀ ଝିଅ ଅଞ୍ଜନା ମାର୍ଣ୍ଡିଙ୍କ ଚିତ୍ରକଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି। ଏ ନେଇ ଅଞ୍ଜନାଙ୍କ ପରିବାର ଓ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ରାଜ୍ୟ ତଥା ଜିଲାର ବିଭିନ୍ନ ମହଲରୁ ଅଞ୍ଜନାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

ନୂଆଦିଲ୍ଲୀଠାରେ ବ୍ୟାଘ୍ର ପ୍ରକଳ୍ପର ୫୦ବର୍ଷ ପୂର୍ତ୍ତି ଅବସରରେ ନଭେମ୍ବର ୩ରୁ ୫ତାରିଖ ପର୍ଯ୍ୟନ୍ତ ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ସମଗ୍ର ଭାରତ ବର୍ଷରୁ ୫୩ଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଚିତ୍ରଶିଳ୍ପୀଙ୍କୁ ସୁଯୋଗ ଦିଆଯାଇଥିଲା। ସେଥିମଧ୍ୟରୁ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳର ୪ଜଣ ଶିଳ୍ପୀଙ୍କ ମଧ୍ୟରୁ ଏକ ମାତ୍ର ଝିଅ ଭାବେ କୁସୁମୀ ବ୍ଲକର ଚିତ୍ରଶିଳ୍ପୀ ଅଞ୍ଜନା ମାର୍ଣ୍ଡିଙ୍କ ଚିତ୍ର ଉକ୍ତ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଏହି ଚିତ୍ରକଳା ରାଷ୍ଟ୍ରପତିଙ୍କ ହୃଦୟ ଜିତିବା ସହିତ ଉଚ୍ଚ ପ୍ରଶଂସିତ ହୋଇଥିଲା। ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି ତଥା ଶିମିଳିପାଳର ଝଲକ ଦିଲ୍ଲୀରେ ଢେର ପ୍ରଶଂସା ସାଉଁଟିପାରିଥିଲା। ଅଞ୍ଜନା ତାଙ୍କ ଚିତ୍ରରେ ଶିମିଳିପାଳ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ଜୀବନ ଶୈଳୀକୁ ଅତି ନିଖୁଣ ଭାବେ ଚିତ୍ରଣ କରିଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସହିତ ସୁସମ୍ପର୍କ ରଖି କେମିତି ପାରମ୍ପରିକ ଏବଂ ସାଂସ୍କୃତିକ ଢଙ୍ଗରେ ଆଦିବାସୀମାନେ ଜୀବନ ଅତିବାହିତ କରୁଛନ୍ତି, ତାହାକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।

# ୧୬ରେ କ୍ଷେତ ମୂଲିଆ ଓ ଦଳିତ ସଂଗଠନର ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ

**ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)**

ବିଭିନ୍ନ କେନ୍ଦ୍ରୀୟ କ୍ଷେତ ମୂଲିଆ ଓ ଦଳିତ ସଙ୍ଗଠନଗୁଡ଼ିକର ଏକ ମିଳିତ ବୈଠକ ଗୁରୁବାର ଭଗବତୀ ଭବନଠାରେ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କ୍ଷେତ ମୂଲିଆ, ଦଳିତ ଓ ଆଦିବାସୀଙ୍କ ଉପରେ ହେଉଥିବା ନିର୍ଯାତନା, ହିଂସା ଓ ଶୋଷଣକୁ ବିରୋଧ କରିବା ସହ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା, କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବି ଏନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଏକ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ ଆୟୋଜିତ ହେବ। ଏଥିସହ ସର୍ବଭାରତୀୟ ସ୍ତରରେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ବରାଦ ବୃଦ୍ଧି, ଦଳିତ ଓ ଆଦିବାସୀଙ୍କ ବିରୋଧରେ ହେଉଥିବା ହିଂସା ଓ ନିର୍ଯାତନାର ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ଏବଂ କ୍ଷେତ ମୂଲିଆଙ୍କୁ ମାସିକ ୫ହଜାର ଟଙ୍କା ପେନ୍‌ସନ୍ ଆଦି ଦାବି ପୂରଣରେ ସରକାରଙ୍କ ଆଭିମୁଖ୍ୟ ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ ସଙ୍ଗଠନର ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ମିଳିତ ବୈଠକରେ ଭାରତୀୟ କ୍ଷେତ ମଜଦୁର ୟୁନିୟନ, ଅଖିଳ ଭାରତ କ୍ଷେତ ମଜଦୁର ୟୁନିୟନ, ଅଖିଳ ଭାରତୀୟ କ୍ଷେତ ଓ ଗ୍ରାମୀଣ ମଜଦୁର ସଭା, ଅଖିଳ ଭାରତ ଅଗ୍ରଗାମୀ କୃଷି ଶ୍ରମିକ ୟୁନିୟନ, ଦଳିତ ଶୋଷଣ ମୁକ୍ତି ମଞ୍ଚ ଏବଂ ଓଡ଼ିଶା ଦଳିତ ଅଧିକାର ମଞ୍ଚର ରାଜ୍ୟ ନେତୃବର୍ଗ ଯୋଗଦେଇ ଥିବାବେଳେ ଭାରତୀୟ କ୍ଷେତ ମଜଦୁର ରାଜ୍ୟ ସମ୍ପାଦକ ସୁର ଜେନା, ନିର୍ମଳ ନାୟକ, ସନ୍ତୋଷ ଦାସ, ରାମଚନ୍ଦ୍ର ମହାରଣା, ମାନସ ଜେନା ପ୍ରମୁଖ ଯୋଗଦେଇ ଥିଲେ।

# ୧୫୦ କି.ଗ୍ରା. ସାମୁଦ୍ରିକ କଉ ୭୦ ହଜାରରେ ବିକ୍ରି

**ଭୋଗରାଇ, ୯।୧୧(ପ୍ରଦୀପ ଦାସ)**

ଏକ ମାସ ବ୍ୟବଧାନ ପରେ ପୁଣି ଏକ ବିଶାଳକାୟ ସାମୁଦ୍ରିକ କଉ ମାଛ ପାରାଦ୍ୱୀପ ଗଭୀର ସମୁଦ୍ରରୁ ଧରାଯାଇଛି। ମାଛକୁ ପାରାଦ୍ୱୀପର ଏକ ଟ୍ରଲର ମାଲିକ ଦୀଘା ମୁହାଣ ମାଛ ମାର୍କେଟରେ ଗୁରୁବାର ବିକ୍ରି କରିବାକୁ ଆଣିଥିଲେ। ଏହାର ଓଜନ ଦେଢ଼ କୁଇଣ୍ଟାଲ ହୋଇଥିବାବେଳେ ୭୦ ହଜାର ଟଙ୍କା ନିଲାମରେ ବାଂଲାଦେଶର ଡଲଫିନ୍ ନାମକ କମ୍ପାନୀ କିଣି ନେଇଥିଲେ। ଏଭଳି ପ୍ରଜାତିର ମାଛ ବାଂଲାଦେଶ, କୁଏତ, ଆରବ ଦେଶରେ ଅଧିକ ଦାମ୍‌ରେ ବିକ୍ରି ହେଉଥିବା ବେଳେ ମାଛ ଶରୀର ବ୍ଲାଡରରୁ ଔଷଧ ଓ ମଣିଷ ଅପରେଶନ ବେଳେ ଏକ ମୂଲ୍ୟବାନ ସୂତା ବ୍ୟବହାର ହୁଏ ବୋଲି କୁହାଯାଉଛି। ଚଳିତ ଋତୁରେ ୫ଟି ଏହି ପ୍ରଜାତିର ସାମୁଦ୍ରିକ କଉ ବଙ୍ଗୋପସାଗର ଓଡ଼ିଶା ଉପକୂଳରୁ ଧରାଯାଇ ଦୀଘା ମାଛ ମାର୍କେଟରେ ନିଲାମ କରାଯାଇଥିବା ଦୀଘା ଫିସରମ୍ୟାନ ଆଣ୍ଡ ଫିସର ଅର୍ଗାନାଇଜେଶନ ପକ୍ଷରୁ ସୂଚନା ଦିଆଯାଇଛି।



ଦୀଘା ମାର୍କେଟକୁ ନିଲାମ ପାଇଁ ଆସିଥିବା ସାମୁଦ୍ରିକ କଉ।

ଏହି ପ୍ରଜାତିର ମାଛ ବିକ୍ରି ନିମନ୍ତେ ଓଡ଼ିଶାରେ ଜାତୀୟ କିମ୍ବା ଆନ୍ତର୍ଜାତିକ ମାଛ ନିଲାମ କେନ୍ଦ୍ର ନ ଥିବାରୁ ପଶ୍ଚିମବଙ୍ଗ ଦୀଘା ମୁହାଣ ଆନ୍ତର୍ଜାତିକ ମାଛ ନିଲାମ କେନ୍ଦ୍ର ଉପରେ ଓଡ଼ିଶାର ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକମାନେ ନିର୍ଭର କରିଆସୁଛନ୍ତି।

# ମା' କୋଟ୍ରାକ୍ଷୀଙ୍କ ଆଶୀର୍ବାଦରୁ ମା'ଙ୍କ ପ୍ରାଚୀନ ମୂର୍ତ୍ତି ଓଡ଼ିଶା ଫେରୁଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୧୧ (ସୁନିତ୍ ମିଶ୍ର)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀଠାରେ ଗୁରୁବାର କଷ୍ଟମ ବିଭାଗର ଅଧିକାରୀମାନେ ଓଡ଼ିଶା ପ୍ରଶାସନକୁ ଦୀର୍ଘଦିନ ପୂର୍ବେ ଲୁଟ୍ ହୋଇଥିବା ଯାଜପୁର ଜିଲା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲଭ ପ୍ରାଚୀନ ମୂର୍ତ୍ତିକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଏଏସ୍ଆଇ ଅଧିକାରୀ ଏବଂ ଦର୍ପଣଗଡ଼ର ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର କହିଛନ୍ତି, ମା' କୋଟ୍ରାକ୍ଷୀ ଦର୍ପଣଗଡ଼ ଗ୍ରାମବାସୀଙ୍କ ଆସ୍ଥା, ଐତିହ୍ୟ ଏବଂ ବିଶ୍ୱାସର ପ୍ରତୀକ। ମା'ଙ୍କ ଆଶୀର୍ବାଦ କାରଣରୁ ମା' କୋଟ୍ରାକ୍ଷୀଙ୍କ ପ୍ରାୟ ୯ମ ଓ ୧୦ମ ଶତାବ୍ଦୀର ପ୍ରାଚୀନ ଦୁର୍ଲଭ ମୂର୍ତ୍ତି ଓଡ଼ିଶା ଫେରୁଛି। ଖୁବ୍‌ଶୀଘ୍ର ଏହି ନିର୍ଦ୍ଧାରିତ ମୂର୍ତ୍ତିଟି କୋଟ୍ରାକ୍ଷୀ ମନ୍ଦିରରେ ପୁନଃ ପ୍ରତିଷ୍ଠା ହେବ। ଆଜି ସମଗ୍ର ଓଡ଼ିଶା, ଯାଜପୁର ବିଶେଷତଃ ଦର୍ପଣଗଡ଼ବାସୀଙ୍କ ପାଇଁ ଅତ୍ୟନ୍ତ ଶୁଭଦିନ। ମା'ଙ୍କ ଆଶୀର୍ବାଦ କାରଣରୁ ଏହା ସମ୍ଭବ ହୋଇପାରିଲା। ଗ୍ରାମବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ସେମାନଙ୍କ ଥିବା ଦୀର୍ଘଦିନର ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ, ସହଯୋଗୀ ହୋଇଥିବା କଷ୍ଟମ ବିଭାଗ, ଏଏସ୍ଆଇ ଏବଂ ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇବା ଦର୍ପଣଗଡ଼ବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏୟାର କାର୍ଗୋର କଷ୍ଟମ ବିଭାଗ ପାଖରେ ପଡ଼ି ରହିଥିବା ଏହି ଦୁର୍ଲଭ ମୂର୍ତ୍ତିକୁ ଫେରାଇବା ପାଇଁ ଧର୍ମେନ୍ଦ୍ର ଚିଠି ଲେଖି ଅନୁରୋଧ କରିଥିଲେ। ସେ ପତ୍ରରେ ଉଲ୍ଲେଖ କରିଥିଲେ, ଗତ ବର୍ଷ ଦିଲ୍ଲୀ ବିମାନବନ୍ଦରରେ ଏକ ଅଷ୍ଟଧାତୁ ପ୍ରତିମା ଚୋରା ଚାଲାଣ ବେଳେ ଦିଲ୍ଲୀ ବିମାନବନ୍ଦରରେ ଠାବ ହୋଇଥିଲା। ଏହା ପରେ ଏହାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ(ଏଏସ୍ଆଇ)କୁ ପରୀକ୍ଷା ପାଇଁ ପଠାଯାଇଥିଲା। ପରୀକ୍ଷା ନିରୀକ୍ଷା କରିବା ପରେ ଉକ୍ତ ପ୍ରତିମାଟି ଯାଜପୁର ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କୋଟ୍ରାକ୍ଷୀଙ୍କ ବୋଲି ଏଏସ୍ଆଇ ଜାଣିବାକୁ ପାଇଥିଲା। ଉକ୍ତ ପ୍ରତିମାଟି ନୂଆଦିଲ୍ଲୀ ଏୟାର କାର୍ଗୋର କଷ୍ଟମ କମିଶନରଙ୍କ କାର୍ଯ୍ୟାଳୟ ଜବତକରି ନିଜ ହେପାଜତରେ ରଖିଥବା ଜଣାପଡ଼ିଥିଲା।

# ହତ୍ୟା ମାମଲାରେ ନାଏବ ସରପଞ୍ଚ ଗିରଫ

**ସୁନ୍ଦରଗଡ, ୯।୧୧ (ଜୟ ନାରାୟଣ ମେଣ୍ଡୁଲି)**

ପଡୋଶୀ ଛତିଶଗଡ଼ ରାଜ୍ୟର ଏକ ହତ୍ୟା ମାମଲାରେ ଫେରାର ଥିବା ସୁନ୍ଦରଗଡ ଜିଲା ତଲସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଦିଲୀପ ବାରିକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ତଲସରା ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଦିଲୀପଙ୍କୁ ସୁନ୍ଦରଗଡରୁ ଗିରଫ କରି ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଦିଲୀପ ଓ ତାଙ୍କ ୫ ଜଣ ସାଙ୍ଗ ଏକ ସ୍କର୍ପିଓ ଗାଡ଼ିରେ ଏପ୍ରିଲ ୨୩ରେ ଛତିଶଗଡ଼ ରାଜ୍ୟର ମିରିକଖୋଲ ଗ୍ରାମକୁ ଏକ ବାହାଘରରେ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଉକ୍ତ ଗ୍ରାମରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ୨ ଭାଇ ଜୟଦେବ ବାରିକ ଓ ଦିଲୀପ ଉକ୍ତ ଗ୍ରାମର ସୁମନ୍ତ ପ୍ରଧାନ ନାମକ ଜଣେ ଯୁବକଙ୍କ ସହିତ ଗଣ୍ଡଗୋଳ କରିବା ସହିତ ତାଙ୍କୁ ପଥରରେ ଛେଚି ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଏହି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ସ୍କର୍ପିଓ ଗାଡିକୁ ଜବତ କରିବା ସହିତ ଜୟଦେବଙ୍କ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଦିଲୀପ ସେହିଦିନ ଠାରୁ ଫେରାର ହୋଇଥିଲେ। କୌଣସି ସୂତ୍ରରୁ ତଲସରା ପୋଲିସ ଖବର ପାଇ ଦିଲୀପଙ୍କୁ ସୁନ୍ଦରଗଡ଼ରୁ ଗିରଫ କରିଛି। ଏହି ହତ୍ୟା ମାମଲାରେ ସଂପୃକ୍ତ ବିଜୁ ଯୁବ ଜନତା ଦଳର ଜଣେ ଜିଲା ପଦାଧିକାରୀଙ୍କ ଭାଇ ମଧ ଫେରାରଥିବା ଜଣାପଡିଛି। ଗିରଫ ଦିଲୀପ ଓ ତାଙ୍କ ଭାଇ ଯୁବ ବିଜେଡିର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା। ଦିଲୀପ ତୁମଲିଆ ପଞ୍ଚାୟତର ନାଏବ ସରପଞ୍ଚ ଅଛନ୍ତି।

# କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱବନ୍ଧୁ ଗିରଫ

## ଆୟଠାରୁ ୩୩୮ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

**ଭୁବନେଶ୍ୱର, ୯।୧୧ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଜନସ୍ୱାସ୍ଥ୍ୟ (ପିଏଚ୍) ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ବିଶ୍ୱବନ୍ଧୁ ପାଣିଗ୍ରାହୀଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୩୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ବିଶ୍ୱବନ୍ଧୁ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗୁରୁବାର ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବିଶ୍ୱବନ୍ଧୁଙ୍କ ସ୍ତ୍ରୀଙ୍କୁ ମଧ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ବିଶ୍ୱବନ୍ଧୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ବୁଧବାର ବିଶ୍ୱବନ୍ଧୁଙ୍କ ଭଦ୍ରକ ଜିଲା ତୋରଣପଦା ଗ୍ରାମସ୍ଥିତ ପୈତୃକ ଘର, ଭୁବନେଶ୍ୱର ଭିଏସ୍ଏସ୍‌ନଗରସ୍ଥିତ ସମ୍ପର୍କୀୟଙ୍କ ଘର ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱର ଭିଏସ୍ଏସ୍‌ନଗରଠାରେ ଦୁଇ ମହଲା କୋଠା ଓ ଭଦ୍ରକ ମଠସାହିରେ ଏକ ମହଲା କୋଠା ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର ରୁଦ୍ରପୁରସ୍ଥିତ ଆସୋଟେକ୍ ପ୍ରାଇଡ୍ ଆପାର୍ଟମେଣ୍ଟରେ ସ୍ତ୍ରୀଙ୍କ ନାଁରେ ଏକ ୩ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ଅଗ୍ରୀମ ୩୯ ଲକ୍ଷ ଟଙ୍କା ଦେଇ ବିଶ୍ୱବନ୍ଧୁ ଚୁକ୍ତି କରିଥିବା ଜଣାପଡ଼ିଥିଲା। ସେହିଭଳି ଭୁବନେଶ୍ୱର ଓ ଭଦ୍ରକର ମୁଖ୍ୟ ଅଞ୍ଚଳରେ ତାଙ୍କର ୬ଟି ପ୍ଲଟ୍, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୪.୦୨ କୋଟି, ନଗଦ ୩.୧୮ ଲକ୍ଷ ଟଙ୍କା, ୪୨୧ ଗ୍ରାମ ସୁନା ଅଳଙ୍କାର ଏବଂ ପ୍ରାୟ ୧୭ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ରହିଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ବିଶ୍ୱବନ୍ଧୁ ପାଣିଗ୍ରାହୀ



ବ୍ରହ୍ମପୁର ମଦନମୋହନ ନଗରରୁ ପୋଲିସ ଜବତ କରିଥିବା ନକଲି ଘିଅ ଓ ସରଞ୍ଜାମ।

## ଭିଜିଲାନ୍ସ ଜାଲରେ...

ସେହିଭଳି ସୁଦର୍ଶନଙ୍କ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩ଟି ଚାରିଚକିଆ ଯାନ(ସବୁଗୁଡ଼ିକର ନମ୍ବର ୩୨୩୨) ଓ ଦୁଇଟି ବାଇକ ଏବଂ ୧୯ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ଆସବାବପତ୍ର ଠାବ ହୋଇଛି। ତେବେ ସୁଦର୍ଶନଙ୍କ ପୋଷ୍ଟାଲ, ଜୀବନବୀମା ଓ ଅନ୍ୟାନ୍ୟ ଜମା ଆଦି ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ଭିଜିଲାନ୍ସ ସୂଚନା ଦେଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସୁଦର୍ଶନଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ସୁଦର୍ଶନଙ୍କ ସମେତ...

କରିଥିଲେ। ଗୁରୁବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଅଧିକାରୀ ସୁଦର୍ଶନଙ୍କ ପୁରୀର ୪ଟି ସ୍ଥାନ ସମେତ ବଲାଙ୍ଗୀର ଓ ସମ୍ବଲପୁରରେ ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ତାଙ୍କ ନିକଟରୁ ୫୦ କୋଟିର ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ନାମଲେଖା କେଳେଙ୍କାରୀରେ ସୁଦର୍ଶନଙ୍କ ସମେତ ଗୋପବନ୍ଧୁ ଆୟୁର୍ବେଦ କଲେଜର ୩ଜଣ କର୍ମଚାରୀ ଏବଂ ରାଜ୍ୟ ଆୟୁଷ ବିଭାଗର ଜଣେ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦୁର୍ନୀତି ନିବାରଣ ସଂସ୍ଥାରେ ଜନୈକ ମାନବାଧିକାର କର୍ମୀ ଅଭିଯୋଗ କରିଛନ୍ତି। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ପ୍ରସ୍ତୁତ କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ସମ୍ପର୍କରେ ଗୁରୁବାର ମାନବାଧିକାର କର୍ମୀ ଜୟନ୍ତ ଦାଶ ପୁରୀ କୁମ୍ଭାରପଡ଼ା ଥାନାରେ ମଧ ଲିଖିତ ଅଭିଯୋଗ କରିଛନ୍ତି। ଗୋଟେପଟେ ଭିଜିଲାନ୍ସ ଜାଲରେ ଫସିଥିବାବେଳେ ଏବେ ଥାନାରେ ଅଭିଯୋଗ ସୁଦର୍ଶନଙ୍କ ପାଇଁ ଅଡୁଆ ବଢ଼ାଇ ଦେଇଛି।

ପ୍ରକାଶ ଯେ, ଡାକ୍ତରୀ ପାଠ ପଢିବା ପାଇଁ ଏନ୍ଇଇଟି ଓ ଓଜେଇ ଆଲଟମେଣ୍ଟ ନମ୍ବର ବାଧ୍ୟତାମୂଳକ ରହିଥିବାବେଳେ ଶିକ୍ଷାବର୍ଷ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ଜିଏଏମ୍‌ରେ ଛାତ୍ରୀଛାତ୍ରଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ବିନା ଏନ୍ଇଇଟିଧାରୀ ୨୦୧୬ରେ ଜଣେ ଛାତ୍ରୀ ପାସ କରି ସାରିଛନ୍ତି। ୨୦୧୭ରେ ନାମ ଲେଖାଇଥିବା ଦୁଇଜଣ ଗତ ଜୁଲାଇ ମାସରେ ହାଉସ ସର୍ଜନ କାର୍ଯ୍ୟ ସାରି ସାର୍ଟିଫିକେଟ ହାସଲ କରିଛନ୍ତି। ଏପରି କି ୨୦୨୦-୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରି ଦେଇଛି। ଆର୍‌ଟିଆଇ ସୂଚନା ବଳରେ ଆୟୁଷ ନିର୍ଦ୍ଦେଶକଙ୍କଠାରୁ ଆର୍‌ଟିଆଇ ଦ୍ୱାରା ହସ୍ତଗତ ରିପୋର୍ଟରେ ଗତ ୨୫।୮।୨୩ ବରଗଡ଼ ଜିଲା ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ(ଏସ୍ଏସ୍ଏନ୍ ଆଣ୍ଡ ଆର୍ଆଇ) ପାଇକମାଲ ଏବଂ ବ୍ରହ୍ମପୁର ଆୟୁର୍ବେଦ କଲେଜ ଅଧ୍ୟକ୍ଷ ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ର ସେମାନଙ୍କ କଲେଜର ବିଦ୍ୟାର୍ଥୀ ନୁହନ୍ତି ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହିତ ଓଜେଇଇ ଚେୟାରମ୍ୟାନ ମଧ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ କୌଣସି ତଥ୍ୟ ଓଜେଇଇ କାର୍ଯ୍ୟାଳୟରେ ଉପଲବ୍ଧ ନ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଉଭୟ କଲେଜ ଏବଂ ଓଜେଇଇ ଚେୟାରମ୍ୟାନଙ୍କ ରିପୋର୍ଟ ବୟାନ କରୁଛି, ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ର କୌଣସି ଆୟୁର୍ବେଦ କଲେଜର ଛାତ୍ର ନୁହନ୍ତି ଏବଂ ସେମାନେ ଏନ୍ଇଇଟି ପରୀକ୍ଷା ମଧ ଦେଇ ନ ଥିବା ମାନବାଧିକାର କର୍ମୀ ଦାଶ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସମସ୍ତ ଘଟଣାରେ ତତ୍କାଳୀନ କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରାଙ୍କ ସମେତ କଲେଜରେ କାର୍ଯ୍ୟରତ କର୍ମଚାରୀ ଯଥା ବସନ୍ତ ସାମନ୍ତରାୟ, ତାରା ପ୍ରସାଦ ମହାପାତ୍ର, ବ୍ରହ୍ମାନନ୍ଦ ପ୍ରଧାନଙ୍କ ସମେତ ଆୟୁଷ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟର କିଛି ଅଧିକାରୀ, କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଏମାନଙ୍କ ବିରୋଧରେ ଆଇନତଃ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗରେ ଦର୍ଶାଯାଇଛି।

## 'ଆଦିବାସୀ ସମ୍ପ୍ରଦାୟକୁ...

ଏବଂ ସୁସ୍ଥ ଜୀବନଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଆହ୍ୱାନ ପାଇ ପୁରାତନ ଶସ୍ୟ-ମିଲେଟ୍ସ'। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କେନ୍ଦ୍ର କୃଷି ମନ୍ତ୍ରଣାଳୟ ସଚିବ ମନୋଜ ଆହୁଜା, ଆଇସିଏଆର୍ ଡିଜି ହିମାଂଶୁ ପାଠକ, ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ସଚିବ ଅରବିନ୍ଦ ପାଢ଼ୀ, ଭାରତର ଏଫ୍ଏଓ ପ୍ରତିନିଧି ଟାକାୟୁକି ହାଗିୱାରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକଙ୍କ ସମ୍ପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ରହିଛି। ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେଉଛି। ୬ଟି ଦେଶରୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଇଥିବା କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏହି ଅବସରରେ ସଫଳ ଚାଷୀ ତଥା ଜିଲାକୁ ପୁରସ୍କୃତ କରାଯାଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ୩ଟି ରାଉଣ୍ଡ ଟେବୁଲ ବୈଠକ ଓ ୮ଟି ଅଧିବେଶନରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖ୍ୟାତନାମା ସେଫ୍ ବିକାଶ ଖାନ୍ନା ମିଲେଟକୁ ନେଇ ଏକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆକର୍ଷଣ ଥିଲା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଲାଇଭ୍ କନସର୍ଟ, ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ପ୍ରଥମ ପୃଷ୍ଠାରୁ...

## ଡିସେମ୍ବର ୪ରୁ...

ଏଥିସହ ମହୁଆଙ୍କୁ ଗୃହରୁ ନିଲମ୍ବନ କରିବା ନିଷ୍ପତ୍ତି ମଧ ନିଆଯିବ। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନକୁ ଉଚ୍ଛେଦ କରି ୩ ନୂଆ ଆଇନ ଆଣିବା ପାଇଁ ମଧ ବିଚାର କରାଯିବ। ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଧେୟକ ମଧ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିପାରେ। ମୌସୁମୀ ଅଧିବେଶନରେ ଆଗତ ହୋଇଥିବା ଏହି ବିଲ୍ ହଟ୍ଟଗୋଳ ଯୋଗୁ ପାରିତ ହୋଇପାରି ନ ଥିଲା।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR DRILLING OF BOREWELL IN UNIVERSITY CAMPUS AT NLUO CUTTACK**

Sealed quotations in prescribed format are invited for Drilling of Bore well in the University campus at NLUO Cuttack. Last date & time of receipt is **19.11.2023 at 11.00 AM**. For details please visit website: www.nluo.ac.in.

Sd/- Registrar

**HDFC BANK** We understand your world

**AUCTION NOTICE FOR GOLD ORNAMENTS**

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 18.11.2023 | 73672489 | GYANARANJAN PRADHAN | 57,000.00 | HDFC BANK LTD , 0236-BAJRAKABATI ROAD-CUTTACK-PRIME , GROUND FLOOR, BAJRAKABATI ROAD, NEAR GIRI OPTICALS CUTTACK - 753001 |
| 20.11.2023 | 73665156 | RANJAN KUMAR BADHEI | 47,100.00 | HDFC BANK LTD , 0369-SAMBALPUR-SAMBALPUR-PRIME , PRITI AUTO COMBINE,GOL BAZAR,SAMBHALPUR SAMBALPURORISSA768001 |
| 20.11.2023 | 73436451 | MEGHA AGARWAL | 5,02,000.00 | HDFC BANK LTD , 0630-JHARPHADA-BHUBANESWAR-PRIME, No 7 & 8, Cuttack Puri Road, Jharpada. District, Bhubaneswar - 751006 |
| 20.11.2023 | 73550116 | AMRIK SINGH | 3,00,500.00 | HDFC BANK LTD ,0664-BARBIL-ODISHA-PRI, GROUND FLOOR BARBIL, OPPOSITE HARI OM BHAWAN, HIGHWAY, MAIN RD, JODA, ODISHA 758035 |
| 20.11.2023 | 73936101 | DINABANDHU PARIDA | 76,600.00 | |
| 20.11.2023 | 73282685 | FARZANA BEGUM | 6,01,000.00 | HDFC BANK LTD, 1080-SAHEEDNAGAR BRANCH, BUSINESS PARK, FIRST FLOOR,C111-SAHEEDNAGAR, BHUBANESWAR,ORISSA-751007 |
| 20.11.2023 | 73679080 | SUMANTA ROUT | 2,82,200.00 | |
| 20.11.2023 | 74042057 | KSHIROD KUMAR ROUT | 1,41,500.00 | |
| 18.11.2023 | 74433072 | SUBASA KHORA | 84,200.00 | HDFC BANK LTD , 1096-DAMANJODI-KORAPUT-PBGL, BIJU PATTNAIK CIRCLE, NALCO DOWNSHIP, DAMANJODI, SECTOR 1 |
| 18.11.2023 | 73960407 | SANJAY KUMAR GARNAYAK | 2,36,000.00 | HDFC BANK LTD , 1816-TALCHER-TALCHER-PRIME, GROUND FLOOR, HATATOTA TALCHER ANGUL- 759100 - LANDMARK INFRONT OF KALI MAA MANDIR |
| 20.11.2023 | 50200056925704 | SOUMYA RANJAN JENA | 10,46,769.02 | HDFC BANK LTD, 1818-PARADEEP BRANCH , C/O HOTEL PARASAR BUILDING,IFFCO SQUARE, ATHARBANKI,PARADIP,ORISSA-754142 |
| 20.11.2023 | 74130664 | SIDHESWAR ROUT | 1,15,800.00 | |
| 20.11.2023 | 73738397 | ARJUN KUMAR NAYAK | 30,600.00 | |
| 18.11.2023 | 73680397 | RANJIT BARIK | 1,27,000.00 | HDFC BANK LTD , 1819-KEONJHAR-KEONJHAR-PRIME, 1ST FLOOR, KIRTI KUNJ, MAIN ROAD KEONJHAR KENDUJHAR - 758037 |
| 20.11.2023 | 73819949 | ANASAR KHAN | 35,800.00 | HDFC BANK LTD , 1821-SALEPUR-SALEPUR-PRIME, ANAND BHAWAN,INFRONT OF GIRLS HIGH SCHOOL, SALEPUR,CUTTACK,ORISSA,754202 |
| 20.11.2023 | 73677941 | MANOJ KUMAR PANDA | 77,800.00 | HDFC BANK LTD , 1956-BHADRAK-PRIME , GUPTA COMPLEX, SALANDI BYPASS. DISTRICT, BHADRAK - 756100 |
| 20.11.2023 | 73175855 | UMESH KUMAR ROUT | 2,04,000.00 | HDFC BANK LTD, 2257-KENDRAPARA-PRIME , GROUND FLOOR, MAHIPAL ; DISTRICT, KENDRAPARA - 754211 |
| 20.11.2023 | 73388407 | UMESH KUMAR ROUT | 98,600.00 | |
| 20.11.2023 | 73583382 | DEEPAK KUMAR PRADHAN | 59,797.00 | HDFC BANK LTD , 2283-PATTAMUNDAI-PRIME, GAJANAN MARKET COMPLEX PATTAMUNDAI KENDRAPARA - 754215 |
| 20.11.2023 | 74415414 | SRIMANTA MAITY | 49,800.00 | |
| 20.11.2023 | 73882120 | BAURIBANDHU SAHOO | 2,00,000.00 | HDFC BANK LTD, 2314-KHURDA-KHORDHA-PBGL BRANCH, PLOT NO 323/1000 PALLAHAT KHURDA, ORISSA- 752056 |
| 20.11.2023 | 74051371 | SASMITA SAHOO | 1,39,000.00 | HDFC BANK LTD, 2396-SAMANTARAPUR BRANCH, PLOT NO 191, 204, 205, AND 206,OPPOSITE KEDAR GOURI TEMPLE,UNIT - 36, SAMANTARAPUR, BHUBANESWAR,ORISSA-751014 |
| 20.11.2023 | 73695883 | SUBASIS SAHOO | 75,000.00 | |
| 20.11.2023 | 73668148 | JITU NAYAK | 31,500.00 | |
| 20.11.2023 | 74448385 | JENA DURJYODHANA | 1,15,000.00 | HDFC BANK LTD , 2682-PARALAKHEMUNDI-PRIME, AMAN PLAZA, MARKET SQUARE, PARALAKHEMUNDI ; DISTRICT, GAJAPATI - 761200 |
| 20.11.2023 | 74060034 | SHATRUGHAN PARIDA | 1,10,000.00 | HDFC BANK LTD , 2980-BALUGAON-PBGL, MAIN ROAD, BALUGAON, NEAR DIGANTIKA HOTEL. DISTRICT, KHORDA - 752030 |
| 20.11.2023 | 74149114 | ARVIND KUMAR | 5,83,500.00 | HDFC BANK LTD, 4281-PATRAPRA BRANCH,PATRAPADA, DIST-KHURDA,BHUBANESWAR,ORISSA-751019 |
| 20.11.2023 | 73019884 | KLIZA RANI PATRO | 1,10,700.00 | |
| 20.11.2023 | 74003233 | ARVIND KUMAR | 48,300.00 | |
| 18.11.2023 | 454365783 | RUPALI SAHOO | 10,300.00 | HDFC BANK LTD , 4337-BAPUJI NAGAR-BHUBANESWAR-PB , PLOT NO SCR/15, BAPUJI NAGAR, KHURDA. DISTRICT, BHUBANESWAR - 751009 |
| 18.11.2023 | 73945960 | BISHNUPRIYA DAKSHINARAY | 1,18,200.00 | HDFC BANK LTD , 5380-UDIT NAGAR-ROURKELA-PBGL, NO C8, 1ST FLOOR, MERIDIEN TOWER, SUNDARGARH |
| 18.11.2023 | 74171924 | MANARANJAN BARIK | 3,70,100.00 | HDFC BANK LTD, 9485-GOSANINUAGAON-BRAHMAPUR-PBGL , MAIN ROAD, NEAR UTTARSWAR TEMPLE, GOSANINUAGAN RD, GANJAM, ODISHA 760003 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 10-11-2023,**
**Place : ORISSA**

**Sd/- Authorised Officer, HDFC BANK LTD.**

नालको NALCO
A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, P/1, Nayapalli,
Bhubaneswar-751 013, Odisha, India
CIN : L27203OR1981GOI000920

Bauxite Mining Aluminium Smelter Alumina Refinery Renewable Energy Power Generation

NALCO: EMPOWERING PROGRESS, NURTURING EXCELLENCE

**Extracts of Financial Results for the Quarter and Six Months ended September 30, 2023**

(₹ in Crore)

| Sl. No. | Particulars | Standalone | | | | | | Consolidated | | | | | |
|---|---|---|---|---|---|---|---|---|---|---|---|---|---|
| | | Quarter Ended | | | Six Months Ended | | Year Ended | Quarter Ended | | | Six Months Ended | | Year Ended |
| | | 30/09/2023 (Unaudited) | 30/06/2023 (Unaudited) | 30/09/2022 (Unaudited) | 30/09/2023 (Unaudited) | 30/09/2022 (Unaudited) | 31/03/2023 (Audited) | 30/09/2023 (Unaudited) | 30/06/2023 (Unaudited) | 30/09/2022 (Unaudited) | 30/09/2023 (Unaudited) | 30/09/2022 (Unaudited) | 31/03/2023 (Audited) |
| 1. | Total Income from Operations | 3,043.42 | 3,178.36 | 3,491.66 | 6,221.78 | 7,286.81 | 14,254.86 | 3,043.42 | 3,178.36 | 3,491.66 | 6,221.78 | 7,286.81 | 14,254.86 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 274.97 | 470.91 | 245.88 | 745.88 | 1,023.93 | 1,954.99 | 274.97 | 470.91 | 245.88 | 745.88 | 1,023.93 | 1,954.99 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 274.97 | 470.91 | 245.88 | 745.88 | 1,023.93 | 1,954.99 | 256.06 | 455.28 | 201.19 | 711.34 | 958.51 | 1,845.16 |
| 4. | Net Profit/(Loss) for the period after Tax ( after Exceptional and/or Extraordinary items) | 206.26 | 349.39 | 170.12 | 555.65 | 748.76 | 1,544.49 | 187.35 | 333.76 | 125.43 | 521.11 | 683.34 | 1,434.66 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 196.80 | 357.11 | 194.35 | 553.91 | 771.31 | 1,602.14 | 177.89 | 341.48 | 149.66 | 519.37 | 705.89 | 1,492.31 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | | | 12,320.13 | | | | | | 12,208.05 |
| 8. | Earnings Per Share (before extraordinary items) (of ₹5/- each) (not annualised): | | | | | | | | | | | | |
| | 1. Basic | 1.12 | 1.90 | 0.93 | 3.03 | 4.08 | 8.41 | 1.02 | 1.82 | 0.68 | 2.84 | 3.72 | 7.81 |
| | 2. Diluted | 1.12 | 1.90 | 0.93 | 3.03 | 4.08 | 8.41 | 1.02 | 1.82 | 0.68 | 2.84 | 3.72 | 7.81 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI ( Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

**Notes :**
(1) The financial results have been reviewed and recommended by the Audit Committee and approved by the Board of Directors in their respective meeting held on 9th November, 2023. Limited review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the Joint Statutory Auditors of the Company.
(2) Out of the four joint venture companies whose financials have been consolidated, financials of two joint venture companies M/s. Angul Aluminium Park Company Limited and M/s. Utkarsha Aluminium Dhatu Nigam Limited have been consolidated on the basis of financials as certified by the Management, the effects whereof are not material. Further, consolidated financials for the quarter ended 30th September, 2023 does not include the financials of M/s. Khanij Bidesh India Limited, the joint venture company, due to non-availability of its financials, which is not material.
(3) The Board of Directors at its meeting held on 09.11.2023 has approved interim dividend of ₹1/- per equity share (20% on face value of ₹5/- each) amounting to ₹183.66 crore for the FY 2023-24.
(4) Based on the recommendation of the Board, the shareholders of the Company has approved final dividend of ₹1/- per equity share (20% on face value of ₹5/- each) amounting to ₹183.66 crore for the FY 2022-23 at the 42nd Annual General Meeting held on 21st September, 2023 and the same was paid on 19 October, 2023.
The total dividend pay out for the FY 2022-23 is ₹4.50/- per equity share (interim dividend of ₹3.50/- per share and final dividend of ₹1/- per share) amounting to ₹826.48 crore.
(5) Figures pertaining to previous periods have been regrouped, recasted and rearranged, wherever necessary.

**Place : Bhubaneswar**
**Dated : 9th November, 2023**

**(CA Sridhar Patra)**
**Chairman-cum-Managing Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସର ରାଜ୍ୟବ୍ୟାପୀ ସଂକୀର୍ତ୍ତନ ସତ୍ୟାଗ୍ରହ

**ଭୁବନେଶ୍ୱର, ୯।୧୧ (ସୁନିତ୍ ମିଶ୍ର)**

ଅଭିନବ ଢଙ୍ଗରେ ଗୁରୁବାର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଯାଇ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। ଜଗନ୍ନାଥ ମନ୍ଦିରର ସମସ୍ତ ୪ ଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା, ରତ୍ନଭଣ୍ଡାରର ମରାମତି ଓ ରତ୍ନ ଅଳଙ୍କାରର ଗଣତି, ବେଦାନ୍ତ ନେଇଥିବା ଜମି ଫେରାଇବା ଭଳି ୬ଟି ଦାବି ନେଇ କଂଗ୍ରେସ ପକ୍ଷରୁ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। କଂଗ୍ରେସ ରାଜ୍ୟର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଓ ଏନ୍ଏସିରେ ସଂକୀର୍ତ୍ତନ ସତ୍ୟାଗ୍ରହ କରିଛି।

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିବା ବେଳେ ଏଥିରେ ସଂକୀର୍ତ୍ତନ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ସହ ବିଜେଡି ସରକାର ବିରୋଧରେ ସ୍ଲୋଗାନ ଦିଆଯାଇଥିବା ଦେଖିବାକୁ ମିଳିଛି। ପିସିସି ସଭାପତି କହିଛନ୍ତି, ରାଜ୍ୟ ସରକାର ଯଦି କଂଗ୍ରେସ ଉଠାଇଥିବା ସମସ୍ତ ଦାବି ଗ୍ରହଣକରି ପଦକ୍ଷେପ ନ ନିଅନ୍ତି ତେବେ ଦଳ ଆଗାମୀ ଦିନରେ ରାଜ୍ୟର ଜଗନ୍ନାଥପ୍ରେମୀ, ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ କଠୋର ପଦକ୍ଷେପ ନେବାକୁ ବାଧ୍ୟ ହେବ। ଏ ସରକାର ଅହଂକାର ଓ ଗର୍ବରେ ଫାଟି ପଡୁଛି। ଭକ୍ତଙ୍କର ଦୁର୍ଦ୍ଦଶା ଦେଖି ଏ ସରକାର ଜାଣିଶୁଣି ନୀରବ ରହୁଛି। ବେଦାନ୍ତ କମ୍ପାନୀ ଦ୍ୱାରା ମହାପ୍ରଭୁଙ୍କ ଅମୃତମଣୋହି ଜମିକୁ ଫେରାଇବା ପାଇଁ ଏ ସରକାର ସାମାନ୍ୟତମ ତତ୍ପରତା ନ ଦେଖାଇବା ଅତି ଆଶ୍ଚର୍ଯ୍ୟର କଥା। ମହାପ୍ରଭୁ କାହାରି ଗର୍ବ ସହି ନାହାନ୍ତି ଓ ଏ ସରକାରର ଗର୍ବ ମଧ୍ୟ ସହିବେ ନାହିଁ। ଏ ଅହଂକାର ବେଶି ଦିନ ରହିବ ନାହିଁ ବୋଲି ସେ କହିଛନ୍ତି। ଗତ ଅକ୍ଟୋବର ୧୬ରେ ପିସିସି ସଭାପତିଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ ୬ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି: ଭାଜପା

**ଭୁବନେଶ୍ୱର, ୯।୧୧ (ସୁନିତ୍ ମିଶ୍ର)**

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବାରମ୍ବାର ସତର୍କ କରାଇ ଆସୁଥିଲେ ସୁଦ୍ଧା ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାବଣ, ଦୁର୍ଯ୍ୟୋଧନ, ଦୁଃଶାସନ ଭଳି 'ମାଇଣ୍ଡ ସେଟ୍' ଯୋଗୁ ରାଜ୍ୟରେ ଅରାଜକତା କାୟାବିସ୍ତାର କରିଚାଲିଛି। ବିଭିନ୍ନ ଅପରାଧରେ ସମ୍ପୃକ୍ତ ଶାସକ ଦଳ ନେତା ଓ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଥିବାରୁ ବର୍ତ୍ତମାନ ରାଜ୍ୟରେ ଆଇନଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ ହୋଇପଡିଛି ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ୩୦୦ରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥକ, କର୍ମୀ ଓ ନେତାଙ୍କ ଉପରେ ଏତଲା ରୁଜୁ ହୋଇଛି। ଏମାନେ ସମସ୍ତେ ଶାସକ ଦଳର ବିଭିନ୍ନ ପଦପଦବୀରେ ଅଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ଏ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହି କାହିଁକି ହାତ ଟେକି ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ରାଜନୀତି ଛାଡ଼ିଲେ ସଦାନନ୍ଦ ଗୌଡ଼ା

**ବେଙ୍ଗାଲୁରୁ, ୯।୧୧**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଭାଜପା କେନ୍ଦ୍ରୀୟ ନେତୃତ୍ୱ କହିବା ପରେ ସେ ନିର୍ବାଚନୀ ରାଜନୀତିରୁ ଓହରିଯାଇଛନ୍ତି। ବରିଷ୍ଠ ନେତା ତଥା ଭାଜପା ସଂସଦୀୟ ବୋର୍ଡ ସଦସ୍ୟ ବି.ଏସ୍. ୟେଦୁରପ୍ପା ଗୁରୁବାର ଏହି ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ ବେଙ୍ଗାଲୁରୁ ଉତ୍ତର ଆସନରୁ ଲୋକ ସଭା ସଦସ୍ୟ ଥିବା ଗୌଡ଼ା ନିର୍ବାଚନୀ ରାଜନୀତିରୁ ଅବସର ନେଲେ ବୋଲି ବୁଧବାର ଘୋଷଣା କରିଥିଲେ। ନିର୍ବାଚନ ନ ଲଢ଼ି ଦଳୀୟ କାର୍ଯ୍ୟରେ ସକ୍ରିୟ ଭାବେ ଭାଗ ନେବା ପାଇଁ ଗୌଡ଼ାଙ୍କୁ କୁହାଯାଇଥିଲା ବୋଲି ୟେଦୁରପ୍ପା କହିଛନ୍ତି।



ଡି.ଭି. ସଦାନନ୍ଦ ଗୌଡ଼ା



ପାଟନାଠାରେ ବିହାର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ତାଙ୍କ ଜନ୍ମଦିନ ପିତା ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ ଓ ଭାଇ ବିହାରର ମନ୍ତ୍ରୀ ତେଜ ପ୍ରତାପ ଯାଦବଙ୍କ ସହ ପାଳନ କରୁଛନ୍ତି।

# ଛତିଶଗଡ଼ ଭୋଟ ପ୍ରଚାରରେ ଓଡ଼ିଶା ପ୍ରଚାରକ

**ନୂଆପଡ଼ା, ୯।୧୧ (ମକାରୁ ବେମାଲ)**

ଛତିଶଗଡ଼ର ପ୍ରଥମ ପର୍ଯ୍ୟାୟ ବିଧାନ ସଭା ନିର୍ବାଚନ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶା ସୀମାନ୍ତ ନୂଆପଡ଼ା ଜିଲାର କଂଗ୍ରେସ ନେତାମାନେ ଛତିଶଗଡ଼ରେ ଡେରା ପକାଇ ପ୍ରଚାରରେ ଲାଗିଛନ୍ତି। ନୂଆପଡା ଜିଲା ପୂର୍ବତନ କଂଗ୍ରେସ ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଘାସିରାମ ମାଝି ବିଜାପୁର ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ପ୍ରଭାରୀ ଭାବେ ଯାଇ ବିଧାୟକ ପ୍ରାର୍ଥୀ ଭିକ୍ରମ ମଣ୍ଡାରୀଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ପ୍ରଚାର କରୁଛନ୍ତି। ଛତିଶଗଡରେ ୯୦ ବିଧାନସଭା ଓ ୧୧ ଲୋକ ସଭା ଆସନରେ କଂଗ୍ରେସ ବିଜୟୀ ଲକ୍ଷ୍ୟ ନେଇ ଓଡିଶାର ଷ୍ଟାର ପ୍ରଚାରକମାନେ ପ୍ରଚାର କରୁଛନ୍ତି। ସୀମାନ୍ତ ଜିଲାର କଂଗ୍ରେସ କର୍ମକର୍ତ୍ତା ସବୁ ଛତିଶଗଡରେ ଡେରା ପକାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଆସନ୍ତା ୧୭ରେ ହେବ। ଏଣୁ ଭୋଟ ପ୍ରଚାର ପାଇଁ ମହାସମୁନ୍ଦ ନିର୍ବାଚନମଣ୍ଡଳୀର ଖଲାରି, ବାଗବାହାରା, ମହାସମୁନ୍ଦରେ ଓଡ଼ିଆ ପ୍ରଚାରକ ପ୍ରଚାର କରୁଛନ୍ତି। ଗାଁ ଗାଁ ବୁଲି ଲୋକଙ୍କୁ ଏକତ୍ରିତ କରି ସଭା ସମିତି ମାଧ୍ୟମରେ ଭୋଟ ପାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ପ୍ରଚାର କାର୍ଯ୍ୟରେ ଶାହରୁଖ ଖାନ, ଉମାକାନ୍ତ ବନଛୋର, ହରି ମାଝି ପ୍ରମୁଖ ସହଯୋଗ କରୁଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept., Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT**
**DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦିୱାଲି ଧମାକା**
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

**Letter No-2552 Dt- 30/10/23**

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ. ଏସ୍. (ଏସ୍.ଏସ୍) ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର।
ଓ.ଏ.ଏସ୍.ଏସ୍. କେଶ୍ ନଂ. ୪୮୬ / ୨୦୨୨
ଶ୍ରୀ ନିର୍ମଳ ଚନ୍ଦ୍ର ନାୟକ..... ବାଦୀ / ଦରଖାସ୍ତକାରୀ
ବନାମ
ଗନ୍ଧର୍ବ ନାୟକ ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ,
ଗନ୍ଧର୍ବ ନାୟକ, ପିତା- ବିରନାୟକ, ଜାତି- ବାଉରୀ, ସା-ଦାରୁଠେଙ୍ଗ ସାମିଲ ଅଳସୁଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ....ପ୍ରତିବାଦୀ ନଂ.୧

ନୋଟିସ୍

ସିପିସି ଅର୍ଡର ନଂ. ୫, ରୁଲ- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସ୍‌ନାଲ କମିଶନର, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ ଶ୍ରୀ ନିର୍ମଳ ଚନ୍ଦ୍ର ନାୟକ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି । ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା । କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଆଡିସ୍‌ନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା ୨୪.୧୧.୨୦୨୩ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥର ଗାଡିଆ, ସାବକ ଖାତା ନଂ. ୪୬୮, ପ୍ଲଟ୍ ନଂ. ୫୮୩ / ୧୫୭୭, ଏରିଆ ଏ୧.୦୦୦ ଡିସିମିଲି ସମଦ୍ଧ କ୍ରୟ ବୃତ୍ତି ଏରିଆ ଏ୦. ୨୫୦ ଡିସିମିଲି ଚୌହଦୀ- ଉତ୍ତର ପ୍ଲଟ୍ ନଂ. ୧୫୭୮, ଦକ୍ଷିଣ- ସାରଦା ପ୍ରସନ୍ନ ଜେନା, ପୂର୍ବ- ବିନୋଦ ବିହାରୀ ରାଉତରାୟ ଓ ସୀତାକାନ୍ତ ବେହୁରା, ପଶ୍ଚିମ- ପ୍ଲଟ୍ ନଂ. ୧୫୪୭ ।

ଏହାର ହାଲ ମୌଜା- ପଥର ଗାଡିଆ, ହାଲ ଖାତା ନଂ. ୨୨୩୯, ହାଲ ପ୍ଲଟ୍ ନଂ. ୨୪୭୮, ଏରିଆ ଏ୦. ୨୫୦ଡିସିମିଲି।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିର କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୭୪୮

**Letter No-2551 Dt- 30/10/23**

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍) ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର।
ଓ.ଏସ୍.ଏସ୍. କେଶ ନଂ. ୪୮୫/ ୨୦୨୨
ଶ୍ରୀ ସୀତାକାନ୍ତ ବେହୁରା .....ବାଦୀ/ଦରଖାସ୍ତକାରୀ
ବନାମ
ଗନ୍ଧର୍ବ ନାୟକ ଓ ଅନ୍ୟମାନେ .... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ,
ଗନ୍ଧର୍ବ ନାୟକ, ପିତା- ବିର ନାୟକ,ଜାତି- ବାଉରୀ, ସା- ଦାରୁଠେଙ୍ଗ ସାମିଲ ଅଳସୁଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା । .....ପ୍ରତିବାଦୀନଂ.୧

ନୋଟିସ୍

ସିପିସି ଅର୍ଡର ନଂ. ୫, ରୁଲ- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ ଶ୍ରୀ ସୀତାକାନ୍ତ ବେହୁରା, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା । କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା ୨୪.୧୧.୨୦୨୩ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥର ଗାଡିଆ, ସାବକ ଖାତା ନଂ. ୪୬୮, ସାବକ ପ୍ଲଟ୍ ନଂ. ୫୮୩/ ୧୫୭୭, ଏରିଆ ଏ୧.୦୦୦ ଡିସିମିଲି ସମଦ୍ଧ କ୍ରୟ ବୃତ୍ତି ଏରିଆ ଏ୦. ୧୨୫ ଡିସିମିଲି ଚୌହଦୀ- ଉତ୍ତର ପ୍ଲଟ୍ ନଂ. ୧୫୭୮, ଦକ୍ଷିଣ- ଅଦ୍ୟ ଖରିଦ୍‌ଦାର ବିନୋଦ ବିହାରୀ ରାଉତରାୟ, ପୂର୍ବ- ପ୍ଲଟ୍ ନଂ.୧୫୮୩, ପଶ୍ଚିମ- ଅଦ୍ୟ ଖରିଦ୍‌ଦାର- ରବିନ୍ଦ୍ର କୁମାର ମହାପାତ୍ର।

ଏହାର ହାଲ ମୌଜା- ପଥର ଗାଡିଆ, ହାଲ ଖାତା ନଂ. ୨୨୩୯, ହାଲ ପ୍ଲଟ୍ ନଂ. ୨୪୭୬, ଏରିଆ ଏ୦. ୧୨୫ ଡିସିମିଲ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା/- ଆଡିସନାଲ ରିଭିଜନ କୋର୍ଟ ନଂ.୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./-କୋର୍ଟ ଅଫିସର
ଧ-୧୭୪୭


# Classified Everyday
0674-2580101, 2549949



**REAL ESTATE**

**SALE**

20gunth (16, 000 sqft) residential land with 25ft road, Mouza- Jharpada, adjacent to new Puri Bypass road, near to Mangaraj Point for sale Rs. @ 3,000/- persqft (Negotiable), Contact- 9438504920, 7008010732. D-74597

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

North & West facing 2, 700 sqft (60'x45') Freehold corner GA plot in Saheed Nagar, Bhubaneswar- 9937041033. D-74598

**ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894.** D-75260

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

**Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452.** D-75056

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ ଗୃହ ନିର୍ମାଣ କରନ୍ତୁ - **9658562429.** D-75259

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

**Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି – 9937417899.** D-75256

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

**Few Office space left for immediate sale in a prime locality. For details Plz Contact- 7605932509.** D-1713

**Triplex for sale in a posh locality near AIIMS for details Plz contact. Mob- 7605932509.** D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Newly open health benefits SPA special offer @999. Contact: 7749034655. D-75168

**Newly open Spa positively health benefits with expert therapist. 9938843929.** D-75167

Full body massage in homely atmosphere in all therapy. Mob: 8114881641. D-73446

**Relax, Refresh your body, Mind at Saikrupa Spa with best therapies. 8984068077.** D-1696


## LOST

Prachi Resorts Pvt. Ltd, Khandagiri hereby inform the general public that the original "Registered Lease Deed" of the Company bearing lease deed No- 147 dated- 19.11.1987 of plot No- 1-5 & revenue plot No- 209 / 2002, Khata No- 1134, area- 4.175 acre, Drawing No- C.7684 Mouza- Jagamara, Unit-20, Bhubaneswar-751030 has been destroyed by termites beyond recovery. D-1753

## AFFIDAVIT

Affidavit No-: 219 / 7th Nov. 2023 before Executive Magistrate, Udala, Mayurbhanj, I'm Assit. Teacher, L-V (Ex- cader) Malati Sahoo, after marriage to Hemanta Behera my Title in my all Documents remain same my Aadhaar No-6648 Malati Sahoo, D/o Kangali Charan Sahoo & W/o Hemanta Behera is belonging to one & same person At- Chakabrahmansahi, PO- Sainkula, PS- Khunta, Dist.- Mayurbhanj. D-1754

ମୁଁ ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ, ବୟସ ୨୭ ବର୍ଷ, ପିତା- ଦେବେନ୍ଦ୍ର ନାଥ ମଲ୍ଲିକ, ସା- ସାନିଲୋ, ପୋ- ଏସ. ହାଜିପୁର, ଥାନା- ତିର୍ତ୍ତୋଲ, ଜି- ଜଗତ୍‌ସିଂହପୁର। ୧- ମୁଁ ଦେବେନ୍ଦ୍ର ନାଥ ମଲ୍ଲିକଙ୍କର ଜନ୍ମିତ ଝିଅ ଓ ମୋର ଜନ୍ମ ତାରିଖ ତା ୦୧-୦୭-୧୯୯୬ ରିଖ। ୨- ମୋର ସମସ୍ତ ରେକର୍ଡରେ ଠିକ୍ ନାମ ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ ରହିଛି। ୩- ମୋର ଆଧାର ରେକର୍ଡରେ ନାମ ଭୁଲ୍ ବଶତଃ ପ୍ରଜ୍ଞା ପ୍ରିୟଦରଦରଶିନୀ ହୋଇଯାଇଛି। ୪- ମୋର ପ୍ରକୃତ ନାମ ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ। D-1756

I, Navneet Kaur / Navneet Kaur Arora, D/ o- Mr. J.S Wadhwa, resident of plot No- 24, Forest Park, P. S- Capital, Bhubaneswar, PIN- 751009, Dist.- Khurda, Odisha, declare by this affidavit Dt. 03.08.2019 that now onwards I shall be known as Navneet Arora for all future purposes. D-1749

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।






# ସେମି ଦୌଡ଼ରେ ନ୍ୟୁଜିଲାଣ୍ଡ ଆଗୁଆ

**ବେଙ୍ଗାଲୁରୁ,୯।୧୧**

ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫ ଉଇକେଟରେ ପରାସ୍ତ କରିବା ସହିତ ସେମି ଫାଇନାଲ ଦୌଡରେ ନିଜ ସ୍ଥାନକୁ ଅଧିକ ମଜବୁତ କରିଛି ନ୍ୟୁଜିଲାଣ୍ଡ। ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହେବା ସହିତ ଦଳ ୯ ମ୍ୟାଚ୍‌ରୁ ୫ ବିଜୟ ସହିତ ୧୦ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ତେବେ ଦଳକୁ ସେମି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଦକ୍ଷିଣ ଆଫ୍ରିକା-ଆଫଗାନିସ୍ତାନ ଓ ପାକିସ୍ତାନ-ଇଂଲଣ୍ଡ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ପଡିବ। ତେବେ ନେଟ୍ ରନରେଟ୍ ଉପରେ ନଜର ଦେଲେ ନ୍ୟୁଜିଲାଣ୍ଡର ସେମି ଫାଇନାଲ ପ୍ରବେଶ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି। ପ୍ରଥମେ ବୋଲିଂ କରିଥିବା ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଶ୍ରୀଲଙ୍କାକୁ ୧୭୧ ରନ୍‌ରେ ସୀମିତ ରଖିଥିଲା। ପରେ ୨୩.୨ ଓଭରରେ ଦଳ ୫ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଶ୍ରୀଲଙ୍କା ୯ ମ୍ୟାଚ୍‌ରୁ ୨ ବିଜୟ ଓ ୭ ପରାଜୟ ସହିତ ନବମ ସ୍ଥାନରେ ରହିଛି। ଏହା ସହିତ ଶ୍ରୀଲଙ୍କାର ଚାମ୍ପିୟନ୍ସ ଟ୍ରଫି ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ନେଇ ଆଶଙ୍କା ଦେଖା ଦେଇଛି।

ଗୁରୁବାର ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲେ। ଦ୍ୱିତୀୟ ଓଭରରେ ପଥୁମ୍ ନିଶଙ୍କାଙ୍କୁ ଆଉଟ କରିଥିଲେ ଟିମ୍ ସାଉଦି। ତେବେ ପଞ୍ଚମ ଓଭରରେ ୩ ବଲ ବ୍ୟବଧାନରେ ୨ ଉଇକେଟ ନେଇ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ ଟ୍ରେଣ୍ଟ ବୋଲ୍ଟ। କୁଶାଲ ପରେରା(୫୧ରନ୍)ଙ୍କ ବ୍ୟତୀତ ଟପ୍-୫ ମଧ୍ୟରେ ଜଣେ ବି ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିଲେ। ଦଳୀୟ ସ୍କୋର ୭୦ ରନ୍‌ରେ ପରେରା ପଞ୍ଚମ ଖେଳାଳି ଭାବରେ ଆଉଟ ହେବା ପରେ ଶ୍ରୀଲଙ୍କା ସଙ୍କଟରେ ପଡିଥିଲା। ଶ୍ରୀଲଙ୍କା ପକ୍ଷରୁ ଟପ୍ ସ୍କୋରର ରହିଥିବା ପରେରା ୨୮ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। ଷଷ୍ଠ ଉଇକେଟରେ ଆଞ୍ଜେଲୋ ମାଥ୍ୟୁସ୍(୧୬) ଓ ଧନଞ୍ଜୟ ଡି ସିଲ୍‌ଭା(୧୯)ଙ୍କ ମଧ୍ୟରେ ୩୪ ରନ୍‌ର ଭାଗୀଦାରି ହୋଇଥିଲେ ମଧ୍ୟ ମାତ୍ର ୧ ରନ୍ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ମିଚେଲ୍ ସାଣ୍ଟନର। ୧୨୮ ରନ୍‌ରେ ନବମ ଉଇକେଟର ପତନ ଘଟିଥିଲେ ମଧ୍ୟ ଅନ୍ତିମ ଉଇକେଟରେ ୪୩ ରନ୍ ଯୋଡିଥିଲେ ମହୀଷ ଥିକ୍‌ସାନା(୩୮*) ଓ ଦିଲଶାନ ମଦୁଶଙ୍କା(୧୯)। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଲୋକି ଫର୍ଗୁସନ, ମିଚେଲ ସାଣ୍ଟନର ଓ ରାଚିନ୍ ରବୀନ୍ଦ୍ର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୭୧ ରନ୍ ଜବାବରେ ନ୍ୟୁଜିଲାଣ୍ଡର ଦୁଇ ଓପନରୁ ରାଚିନ୍ ରବୀନ୍ଦ୍ର(୪୨) ଓ ଡେଭନ୍ କନ୍‌ୱେ(୪୫) ପ୍ରଥମ ଉଇକେଟରେ ୮୬ ରନ୍ ଯୋଡିଥିଲେ। କେନ୍ ୱିଲିୟମସନ୍(୧୪), ମାର୍କ ଚାପମାନ୍(୭) ସହଜରେ ଆଉଟ ହୋଇଥିବା ବେଳେ ଡାରିଲ୍ ମିଚେଲ୍ ଦ୍ରୁତ ୪୩ ରନ୍ ସ୍କୋର କରିଥିଲେ। ଗ୍ଲେନ୍ ଫିଲିପ୍ସ ୧୭ ରନ୍‌ରେ ଅପରାଜିତ ରହିଥିବା ବେଳେ ଚୌକା ମାରି ଷ୍ଟାଇଲରେ ମ୍ୟାଚ୍ ଫିନିଶ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଆଞ୍ଜେଲୋ ମାଥ୍ୟୁସ୍ ୨ ଉଇକେଟ ନେଇଥିବା ବେଳେ ଦୁଷ୍ମନ୍ତ ଚମୀରା ଓ ମହୀଷ ଥିକ୍‌ସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୬.୪ ଓଭରରେ ୧୭୧/୧୦(କୁଶାଲ ପରେରା-୫୧, ମହୀଷ ଥିକ୍‌ସାନା-୩୮*, ଧନଞ୍ଜୟ ଡି ସିଲ୍‌ଭା-୧୯, ଟ୍ରେଣ୍ଟ ବୋଲ୍ଟ-୩/୩୭, ଲୋକି ଫର୍ଗୁସନ-୨/୩୫, ମିଚେଲ ସାଣ୍ଟନର-୨/୨୨, ରାଚିନ୍ ରବୀନ୍ଦ୍ର-୨/୨୧)। ନ୍ୟୁଜିଲାଣ୍ଡ ୨୩.୨ ଓଭରରେ ୧୭୨/୫(ରାଚିନ୍ ରବୀନ୍ଦ୍ର-୪୨, ଡେଭନ୍ କନ୍‌ୱେ-୪୫, ଡାରିଲ୍ ମିଚେଲ-୪୩, ଆଞ୍ଜେଲୋ ମାଥ୍ୟୁସ୍-୨/୨୯, ଦୁଷ୍ମନ୍ତ ଚମୀରା-୧/୨୦, ମହୀଷ ଥିକ୍‌ସାନା-୧/୪୩)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରେଣ୍ଟ ବୋଲ୍ଟ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ**

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଚିନଙ୍କ ରେକର୍ଡ ଭାଙ୍ଗିଲେ ରାଚିନ୍

ନ୍ୟୁଜିଲାଣ୍ଡର ଯୁବ ପ୍ରତିଭା ରାଚିନ୍ ରବୀନ୍ଦ୍ର ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୯୬ ବିଶ୍ୱକପରେ ତେନ୍ଦୁଲକର ମାତ୍ର ୨୩ ବର୍ଷ ବୟସରେ ୫୨୩ ରନ୍ ସ୍କୋର କରିଥିଲେ। ୨୫ ବର୍ଷରୁ କମ୍ ବୟସରେ କୌଣସି ବି ଖେଳାଳି ଏଭଳି କରି ନ ଥିବା ବେଳେ ଦୀର୍ଘ ୨୭ ବର୍ଷ ପରେ ଏହି ରେକର୍ଡ ଭାଙ୍ଗିଛନ୍ତି ରାଚିନ୍। ଏହି ରେକର୍ଡ ଭାଙ୍ଗିବା ପାଇଁ ୨ ରନ୍ ଆବଶ୍ୟକ ଥିବା ବେଳେ ମହୀଷ ଥିକ୍‌ସାନାଙ୍କୁ ମାରି ସେ ୨ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ୪୩ ରନ୍ ସ୍କୋର କରିବା ସହ ପଦାର୍ପଣ ବିଶ୍ୱକପରେ ସର୍ବାଧିକ ରନ୍ କରିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ୨୦୧୯ ବିଶ୍ୱକପରେ ଜନି ବେୟାରଷ୍ଟୋ ୫୩୨ ରନ୍ କରିଥିବା ବେଳେ ରବୀନ୍ଦ୍ର ତାଙ୍କୁ ଅତିକ୍ରମ କରିଛନ୍ତି।



## ପାକିସ୍ତାନ, ଆଫଗାନିସ୍ତାନର ସମ୍ଭାବନା କ୍ଷୀଣ

**ବେଙ୍ଗାଲୁରୁ,୯।୧୧**

ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟ ହାସଲ କରିଥିବା ବେଳେ ଆଫଗାନିସ୍ତାନ ଓ ପାକିସ୍ତାନର ସେମି ଫାଇନାଲ ପ୍ରବେଶ ଆଶା ସଙ୍କଟରେ। ନେଟ୍ ରନ୍ ରେଟ୍‌ରେ ନ୍ୟୁଜିଲାଣ୍ଡ ସକରାତ୍ମକ ସ୍ଥିତିରେ ରହିଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ପାଇଁ ଜଟିଳ ସମୀକରଣ ସୃଷ୍ଟି କରିଛି। ପଞ୍ଚମ ସ୍ଥାନରେ ଥିବା ପାକିସ୍ତାନ ଅନ୍ତିମ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ। ଏହି ମ୍ୟାଚ୍‌ରେ ଦଳ ଯଦି ୨୮୭ ରନ୍ ଅଥବା ୩ ଓଭରରେ ବିଜୟୀ ହେଉଛି ତେବେ ଏହା ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ପାରିବ। ଉଦାହରଣ ସ୍ୱରୂପ ଯଦି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରେ ତେବେ ଏହା ଯେତିକି ସ୍କୋର କରିବ ତା ଠାରୁ ୨୮୭ ରନ୍ ପଛରେ ଇଂଲଣ୍ଡକୁ ଅଟକାଇବାକୁ ହେବ। ମାତ୍ର ଯଦି ପାକିସ୍ତାନକୁ ରନ୍ ଚେଜ୍ କରିବାକୁ ପଡେ ତେବେ ଇଂଲଣ୍ଡ ଯେତିକି ରନ୍ ସ୍କୋର କରିଥିବ ଏହାକୁ ମାତ୍ର ୩ ଓଭର ମଧ୍ୟରେ ହାସଲ କରିବାକୁ ପଡିବ। ଉଭୟ ସମୀକରଣ ବର୍ତ୍ତମାନ ସ୍ଥିତିରେ ପାକିସ୍ତାନ ପାଇଁ କଷ୍ଟସାଧ୍ୟ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ଆଫଗାନିସ୍ତାନ ଯଦି ୪୩୮ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରେ ତେବେ ଯାଇ ଏହା ସେମି ଫାଇନାଲରେ ପ୍ରବେଶ କରି ପାରିବ।

## ଦକ୍ଷିଣ ଆଫ୍ରିକା ଆଗରେ ରନ୍ ଚେଜ୍ ଚ୍ୟାଲେଞ୍ଜ

**ଅହମଦାବାଦ,୯।୧୧(ପି.ଟି.)**

ଅଣ୍ଡର ଡଗ୍ ଭାବରେ ବିଶ୍ୱକପ୍‌କୁ ଆସିଥିବା ଆଫଗାନିସ୍ତାନ ଓ ସେମିଫାଇନାଲରେ ପହଞ୍ଚିସାରିଥିବା ଦକ୍ଷିଣ ଆଫ୍ରିକା ଶୁକ୍ରବାର ବିଶ୍ୱକପ୍‌ର ୪୨ ତମ ମ୍ୟାଚ୍‌ରେ ପରସ୍ପର ସମ୍ମୁଖୀନ ହେବେ। ଏହି ମ୍ୟାଚ୍‌କୁ ଜିତିବା ସହିତ ସେମିଫାଇନାଲ ଦୌଡରେ ବଜାୟ ରହିବା ପାଇଁ ଆଫଗାନିସ୍ତାନ ପ୍ରୟାସ କରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ରନ୍ ପିଛା କରିବାରେ ରହିଥିବା ଦୁର୍ବଳତା ଏଡାଇବାକୁ ଚେଷ୍ଟା କରିବ। ଆଫଗାନିସ୍ତାନ ୮ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଛି। ତେବେ ଏହାର ନେଟ୍ ରନରେଟ୍ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ତୁଳନାରେ ପଛୁଆ ରହିଛି। ତେବେ ଦକ୍ଷିଣ ଆଫ୍ରିକା ଦଳର ପ୍ରମୁଖ ସମସ୍ୟା ରହିଛି ରନ ପିଛା କରିବା। ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ଥର ୩୦୦ ରନ୍ ସ୍କୋର କରିଥିଲେ ମଧ୍ୟ ରନ୍ ପିଛା କରିବା ସମୟରେ ଦଳ ଚାପର ବଶବର୍ତ୍ତୀ ହେଉଥିବାର ନଜର ଆସିଛି। ତେଣୁ ନକ୍‌ଆଉଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବ। ପ୍ରଥମେ ବ୍ୟାଟିଂ କରିବା ସମୟରେ ଦକ୍ଷିଣ ଆଫ୍ରିକା ଯେଉଁଭଳି ପ୍ରଦର୍ଶନ କରୁଛି ରନ୍‌ର ପିଛା କରିବା ସମୟରେ ତାହା ବଜାୟ ରଖିବା ସମ୍ଭବ ହେଉନାହିଁ।

ସ୍ପିନ୍ ଆଫଗାନିସ୍ତାନର ଶକ୍ତି ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦୁଇ ପେସ୍ ବୋଲର ନବୀନ ଉଲ୍ ହକ ଓ ଅଜମତଉଲ୍ଲା ଓମାରଜାଇ ଚମତ୍କାର ବୋଲିଂ କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବାଭୁମାଙ୍କ ଉପରେ ସାମାନ୍ୟ ଅତିରିକ୍ତ ଚାପ ରହିବ। କ୍ୱିଣ୍ଟନ୍ ଡି'କକ୍ ଚମତ୍କାର ବ୍ୟାଟିଂ ଜରିଆରେ ରନ୍‌ର ପାହାଡ ଛିଡା କରିଥିବା ବେଳେ ବାଭୁମାଙ୍କ ବ୍ୟାଟ୍ ନୀରବ ରହିଛି। ମାର୍କୋ ଜାନ୍‌ସେନ୍ ଦଳର ଷ୍ଟ୍ରାଇକ୍ ବୋଲର ରହିଥିବା ବେଳେ କେଶବ ମହାରାଜ ପ୍ରଥମ ପସନ୍ଦର ସ୍ପିନର ଥିବା ବେଳେ ଟାବରେଜ୍ ସାମ୍‌ସିଙ୍କୁ ଏହି ମ୍ୟାଚ୍ ପାଇଁ ଦଳରେ ସାମିଲ କରାଯାଇପାରେ।










ଜାତୀୟ କ୍ରୀଡ଼ାରେ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ଶ୍ରୀହରି ନଟରାଜ, ଶ୍ରେଷ୍ଠ ମହିଳା ଆଥଲେଟ ସଂଯୁକ୍ତା ପ୍ରାସେନ କାଲେ ଏବଂ ଓଭର ଅଲ ଚାମ୍ପିୟନ ମହାରାଷ୍ଟ୍ର ଦଳକୁ ପୁରସ୍କୃତ କରାଯାଉଛି।

**ଜାତୀୟ କ୍ରୀଡ଼ା ଉଦ୍‌ଯାପିତ**

# ଓଡ଼ିଶାର ପ୍ରଣତି ଯୁଗ୍ମ ଶ୍ରେଷ୍ଠ ମହିଳା ଆଥଲେଟ

**ପଣଜୀ, ୯।୧୧ (ପି.ଟି.)**

୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଟେବୁଲ ଟପ୍ପର ମହାରାଷ୍ଟ୍ରକୁ ଯୋଗାସନରେ ୩ ସ୍ୱର୍ଣ୍ଣ ପଦକ ଏବଂ ଅନ୍ୟ ଗୋଟିଏ ଶୁଟିଂରୁ ମିଳିଛି। ଏଥିସହିତ ଏହି ରାଜ୍ୟ ୧୯୯୪ ପରେ ପ୍ରଥମ ଥର ପଦକ ତାଲିକାର ଶୀର୍ଷରେ ରହି ଓଭର ଅଲ୍ ଚାମ୍ପିୟନ ଭାବେ ରାଜା ଭାଲିନ୍ଦ୍ର ସିଂ ରୋଲିଂ ଟ୍ରଫି ହାସଲ କରିଛି। ମହାରାଷ୍ଟ୍ର ୮୦ ସ୍ୱର୍ଣ୍ଣ, ୬୯ ରୌପ୍ୟ ଓ ୭୯ ବ୍ରୋଞ୍ଜ ସହ ମୋଟ ୨୨୮ ପଦକ ହାସଲ କରିଛି। ଅନ୍ୟପକ୍ଷରେ ୨୦୦୭ରେ ଗୁଆହାଟୀ ସଂସ୍କରଣ ପରଠାରୁ ଏପର୍ଯ୍ୟନ୍ତ ଶୀର୍ଷରେ ରହି ଆସିଥିବା ସର୍ଭିସେସ୍ ୬୬ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନକୁ ଖସିଛି। ହରିୟାଣା ୬୨ ସ୍ୱର୍ଣ୍ଣ, ୫୪ ରୌପ୍ୟ ଓ ୭୩ ବ୍ରୋଞ୍ଜ ସହ ତୃତୀୟ ହୋଇଥିବା ବେଳେ ମଧ୍ୟପ୍ରଦେଶ ଓ କେରଳ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ହୋଇଛନ୍ତି। ଆୟୋଜକ ଗୋଆ ଏହାର ଶ୍ରେଷ୍ଠ ପ୍ରଦର୍ଶନ ସହ ୨୭ସ୍ୱର୍ଣ୍ଣ ସମେତ ୯୨ ପଦକ ଜିତି ୯ମ ସ୍ଥାନ ଅଧିକାର କରିଛି। କର୍ନାଟକ ସୁଇମର ଶ୍ରୀହରି ନଟରାଜ (୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ) ଶ୍ରେଷ୍ଠ ପୁରୁଷ ଆଥଲେଟ ବିବେଚିତ ହୋଇଥିବା ବେଳେ ଜିମ୍ନାଷ୍ଟ ସଂଯୁକ୍ତା ପ୍ରାସେନ କାଲେ ଓ ଓଡ଼ିଶାର ପ୍ରଣତି ନାୟକ (ପ୍ରତ୍ୟେକ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ) ଜାତୀୟ କ୍ରୀଡ଼ାର ଶ୍ରେଷ୍ଠ ମହିଳା ଆଥଲେଟ ବିବେଚିତ ହୋଇଛନ୍ତି। ଏହି ଚାମ୍ପିୟନଶିପ୍‌ରେ ୪୨ଟି କ୍ରୀଡ଼ା ବିଭାଗରେ ପ୍ରାୟ ୧୧,୦୦୦ ଖେଳାଳି ଭାଗ ନେଇଥିଲେ। ଅନ୍ତିମ



ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ପଦକ ତାଲିକା ଶୀର୍ଷରେ ମହାରାଷ୍ଟ୍ର**

ଦିବସରେ ୧୨ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ହୋଇଥିଲା। ମାତ୍ର ଏହା ପୂର୍ବରୁ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିସାରିଥିଲା। ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମାନ୍ୟବର ଉପରାଷ୍ଟ୍ରପତି ଜଗଦୀପ ଧନକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟକ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣ ଆୟୋଜକ ଉତ୍ତରାଖଣ୍ଡକୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପତାକା ହସ୍ତାନ୍ତର କରାଯାଇଥିଲା। ସେହି ରାଜ୍ୟର କ୍ରୀଡ଼ା ମନ୍ତ୍ରୀ ରେଖା ଆର୍ଯ୍ୟା ତାହା ଗ୍ରହଣ କରିଥିଲେ। ଉଦ୍‌ଯାପନନୀ ଉତ୍ସବରେ ଯୋଗଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଗୋଆ ରାଜ୍ୟପାଳ ଜି. ଶ୍ରୀଧରନ ପିଲାଇ, ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ,ରାଜ୍ୟ ବନ୍ଦର ବିଭାଗ ମନ୍ତ୍ରୀ ଶ୍ରୀପଦ ନାୟକ, ଆଇଓଏ ସଭାପତିତଥା ରାଜ୍ୟ ସଭା ଏମ୍‌ପି ପି.ଟି. ଉଷା ଏବଂ ଗୋଆ କ୍ରୀଡ଼ାମନ୍ତ୍ରୀ ଗୋବିନ୍ଦ ଗୌଡେ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ହେବ ଖୋ ଖୋ ଏଚ୍‌ପିସି



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଏମ୍‌ଏନ୍‌ଏସ୍ ପ୍ରତିନିଧି କେଇଜି କୁବୋଟା ଓ ଅନ୍ୟମାନେ।

## ଆର୍ସେଲର ମିତ୍ତଲ ସହ ମୁଖ୍ୟମନ୍ତ୍ରୀଙ୍କ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୯।୧୧
(ସରୋଜ ଜେନା)

ରାଜ୍ୟରେ ଖୋ ଖୋ ହାଇ ପର୍ଫମାନ୍ସ ସେଣ୍ଟର ଖୋଲିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ସହ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏଏମ୍‌ଏନ୍‌ଏସ୍ ସହଯୋଗରେ ରାଜ୍ୟରେ ଏକ ଏଚ୍‌ପିସି ଖୋଲାଯିବା ଦ୍ୱାରା ଏହି ସ୍ୱଦେଶୀ ଖେଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ସରକାରଙ୍କ ୫ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ, କ୍ରୀଡା ଓ ଯୁବସେବା ବ୍ୟପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଏହି ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ। ଏଏମ୍‌ଏନ୍‌ଏସ୍ ପକ୍ଷରୁ କେଇଜି କୁବୋଟା ଓ ସୁପର୍ଣ୍ଣା ନନ୍ଦ ଉପସ୍ଥିତ ରହି ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

ଏହି ଚୁକ୍ତି ଅନୁସାରେ ହାଇ ପର୍ଫମାନ୍ସ ସେଣ୍ଟର ପାଇଁ ଆବଶ୍ୟକ ଭିତ୍ତିଭୂମି ଓଡ଼ିଶା ସରକାର ପ୍ରଦାନ କରିବେ। ଅନ୍ୟ ପକ୍ଷରେ ଅଭିଜ୍ଞ କୋଚ୍ ପ୍ରଦାନ କରି ଖୋ ଖୋ ପ୍ରତିଭାଙ୍କ ଉନ୍ନତି ଦାୟିତ୍ୱ ଏଏମ୍‌ଏନ୍‌ଏସ୍ ଉପରେ ନ୍ୟସ୍ତ ରହିବ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏକାଧିକ ଏଚ୍‌ପିସି ସ୍ଥାପନ କରିବା ସହିତ କ୍ରୀଡାର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଛି। ଏପରି ସ୍ଥିତିରେ ଏକ ଖୋ ଖୋ ଏଚ୍‌ପିସି ରାଜ୍ୟରେ କ୍ରୀଡା ଇକୋସିଷ୍ଟମକୁ ଆହୁରି ସଙ୍ଗଠିତ କରିବ। ପୂର୍ବରୁ କର୍ପୋରେଟ୍ ହାଉସ୍ ଓ ରାଜ୍ୟ ସରକାରଙ୍କ ସହଯୋଗରେ ହକି, ଫୁଟବଲ୍,ସନ୍ତରଣ, ଆଥଲେଟିକ୍ସ, ଜିମ୍ନାଷ୍ଟିକ, ଶୁଟିଂ ଓ ଭାରୋତ୍ତୋଳନ ଆଦି ଖେଳରେ ଅନେକ ପ୍ରତିଭା ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ସ୍ୱଦେଶୀ କ୍ରୀଡା ଖୋ ଖୋ ମଧ୍ୟ ଏହି ତାଲିକାରେ ସାମିଲ ହେବାକୁ ଯାଉଛି। ଏହା ପୂର୍ବରୁ ଏଏମ୍‌ଏନ୍‌ଏସ୍ ସହଯୋଗରେ ଅଲ୍ଟିମେଟ୍ ଖୋ ଖୋ ଲିଗ୍ ଆରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଏଥିରେ ଚାମ୍ପିୟନ ମଧ୍ୟ ହୋଇଥିଲା। ଏହା ବ୍ୟତୀତ ଏଏମ୍‌ଏନ୍‌ଏସ୍ ଓ ଓଡ଼ିଶା ସରକାର ମିଳିତ ଭାବରେ ଜିମ୍ନାଷ୍ଟିକ୍ସ ଏଚ୍‌ପିସି ସ୍ଥାପନ କରିଥିଲେ। ନିକଟରେ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶାର ଜିମ୍ନାଷ୍ଟ ମାନେ ୪ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ସହ ୮ ପଦକ ଜିତିଥିଲେ।

# ରାଜ୍ୟସ୍ତରୀୟ କ୍ୟାରମ ୨୪ରୁ

ଭୁବନେଶ୍ୱର, ୯।୧୧ (ବିଜୟ ରଣା)

ଚଳିତମାସ ୨୪ରୁ ୨୮ ପର୍ଯ୍ୟନ୍ତ ପୁରୁଣା ଭୁବନେଶ୍ୱରସ୍ଥିତ ଗଙ୍ଗାଯମୁନା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଭୁବନେଶ୍ୱର ଜିଲା କ୍ୟାରମ ସଂଘ ସହଯୋଗରେ ଏକ ରାଜ୍ୟସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା ଆୟୋଜନ ସ୍ଥିରୀକୃତ ହୋଇଛି। ଏଥିରେ ରାଜ୍ୟ କ୍ୟାରମ୍ ସଂଘର ମାନ୍ୟତାପ୍ରାପ୍ତ ଜିଲାସ୍ତରୀୟ ଖେଳାଳିମାନେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାରେ ଦଳଗତ ପୁରୁଷ ସିଙ୍ଗଲ୍ସ, ବୟସ୍କ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ ମିଳିତ ଇଭେଣ୍ଟ ଅନୁଷ୍ଠିତ ହେବ ବୋଲି ରାଜ୍ୟ କ୍ୟାରମ୍ ସମ୍ପାଦକ ଶେଖ୍ ଅବ୍‌ଦୁଲ୍ଲା ଏକ ପ୍ରେସ୍ ଇସ୍ତାହାର ଜରିଆରେ ଜଣାଇଛନ୍ତି।

# ବଜରଙ୍ଗଙ୍କୁ ଆଗୁଆ ଜାମିନ

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ଅଲିମ୍ପିକ୍ସ ପଦକ ବିଜେତା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଆଗୁଆ ଜାମିନ ମିଳିଛି। କୋଚ୍ ନରେଶ ଦହିୟାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଆପରାଧିକ ମାନହାନି ମାମଲାରେ ଏକ ଦିଲ୍ଲୀ କୋର୍ଟ ବଜରଙ୍ଗଙ୍କୁ ଜାମିନ ପ୍ରଦାନ କରିଛନ୍ତି। ବଜରଙ୍ଗ ମିଥ୍ୟା ବୟାନବାଜି କରି ତାଙ୍କର ବ୍ୟକ୍ତିତ୍ୱ ମଳିନ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଦହିୟା ଅଭିଯୋଗ କରିଥିଲେ। ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଦିଲ୍ଲୀର ଯନ୍ତର ମନ୍ତରଠାରେ ଆନ୍ଦୋଳନ ସମୟରେ ପୁନିଆ ଦେଇଥିବା ମନ୍ତବ୍ୟକୁ ନେଇ ନରେଶ ଆପରାଧିକ ମାନହାନି ମାମଲା ଦାଏର କରିଥିଲେ। ରେସଲରଙ୍କ ଆନ୍ଦୋଳନ ସମୟରେ ବଜରଙ୍ଗ କହିଥିଲେ, ନରେଶଙ୍କ ବୟାନର କିଛି ମୂଲ୍ୟ ନାହିଁ କାରଣ ତାଙ୍କ ବିରୋଧରେ ମଧ୍ୟ ଏକ ବଳାତ୍କାର ମାମଲା ରହିଛି। ଏହାପରେ ନରେଶ ଦହିୟା ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ବଜରଙ୍ଗଙ୍କୁ ଦୁଇ ଥର ସମନ କରାଯାଇଥିଲେ ମଧ୍ୟ ସେ ହାଜର ହେବାରେ ଅସମର୍ଥ ହୋଇଥିଲେ। ନିକଟରେ ଏସିଆନ୍ ଗେମ୍ସରୁ ବଜରଙ୍ଗ ଖାଲିହାତରେ ଫେରିଥିଲେ। ତେବେ ବ୍ୟକ୍ତିଗତ ହାଜିରାରୁ ରକ୍ଷା ପାଇବା ପାଇଁ ବଜରଙ୍ଗ ଆବେଦନ କରିଥିବା ବେଳେ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଗୁରୁବାର ସେ ବ୍ୟକ୍ତିଗତ ଭାବରେ ହାଜିରା ଦେଇଥିବା ବେଳେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ମାର୍ଚ୍ଚ ୫, ୨୦୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ମହିଳା ରେସ୍‌ଲରଙ୍କୁ ନିର୍ଯାତନା ପ୍ରଦାନ କରିଥିବା ମାମଲାରେ ବର୍ତ୍ତମାନ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମାମଲା ଜାରି ରହିଛି।




Rourkela : Rev Motors: 9861929403/ 9861929401 | Sundergarh: 9438622911 | Bonaigarh: 7008868582 | Junagarh: Binayak Motors : 9237387141 / 144 | Bolangir – Jairam Motors: 6372703005/ 8117911265 | Bargarh – Shivam Motors: 9938120588/ 7978563215 Bhawanipatna - Sriram Enterprises: 9437966332/ 06670-230332 | Jharsuguda – Shree Swapneshwar Motors: 9583152832/ 9861085558 | Sambalpur – Maa Samleswari Automobiles: 9937199423 | Kesinga: 9938312661 | Sonepur: 9937535378 | Khariar: 9556605754 | Padampur: 9937567068 | Attabira: 8018927369 | Titlagarh: 9937682624 | Bamra: 9668703749 | Deogarh: 9437131838 Boudh: 9658511670.




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, November 10/2023 Page 20 ₹ 7.00 | SAMBALPUR



## ସଂକ୍ଷେପରେ

### ମଣିପୁରରୁ ମିଳିଲା ୨ ମୃତଦେହ

ଇମ୍ଫାଲ,୯।୧୧(ପି.ଟି.)

ମଣିପୁରର ଇମ୍ଫାଲ ଇଷ୍ଟ ଏବଂ ଇମ୍ଫାଲ ୱେଷ୍ଟ ଜିଲାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ଗୁଳିବିଦ୍ଧ ମୃତଦେହ ମିଳିଛି। ବୁଧବାର ଇମ୍ଫାଲ ୱେଷ୍ଟ ଜିଲାର ଡାଇରେନ୍‌ପୋକ୍‌ପି ଅଞ୍ଚଳରୁ ମଧ୍ୟବୟସ୍କ ମହିଳାଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡରେ ଗୁଳି ବାଜିଥିବା ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସେହିପରି ଇମ୍ଫାଲ ଇଷ୍ଟ ଜିଲାର ତାଖୋକ୍ ମପାଲ ମାଖା ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୪୦ ବର୍ଷୀୟଙ୍କ ମୃତଦେହ ମିଳିଥିଲା। ତାଙ୍କର ୨ ହାତ ପଛପଟୁ ବନ୍ଧାଯାଇ ମୁଣ୍ଡକୁ ଗୁଳି କରାଯାଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ନିକଟରେ କାଙ୍ଗଚୁପ୍ ପାର୍ବତ୍ୟାଞ୍ଚଳରୁ ୪ ଜଣଙ୍କୁ ଅଜଣା ଲୋକ ଅପହରଣ କରିନେଇଥିଲେ। ମୃତ ମହିଳା ଅପହୃତମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱାସ କରାଯାଉଛି। ଗତ ମେ' ମାସରୁ ମଣିପୁରରେ ଜାତିଆଣ ହିଂସା ଲାଗିରହି ୨୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ହଜାର ହଜାର ଲୋକେ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି। ହିଂସାକାଣ୍ଡରେ ପ୍ରଭାବିତ ହୋଇ ନ ଥିବା ୪ଟି ପାର୍ବତ୍ୟାଞ୍ଚଳ ଜିଲା ସଦର ମହକୁମାରୁ ରାଜ୍ୟ ସରକାର ମୋବାଇଲ ଇଣ୍ଟରନେଟ୍ ବ୍ୟାନ୍ ପ୍ରତ୍ୟାହାର କରିନେଇଛନ୍ତି। ସେହି ଜିଲାଗୁଡ଼ିକ ହେଲେ ନାଗା ବହୁଳ ଉଖ୍ରୁଲ, ସେନାପତି, ଚାଣ୍ଡେଲ ଏବଂ ତାମେଙ୍ଗଲୋଙ୍ଗ।

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଛୁରିଭୁସି ହତ୍ୟା

ନୂଆଦିଲ୍ଲୀ,୯।୧୧

ଆମେରିକାର ଇଣ୍ଡିଆନା ରାଜ୍ୟରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗତ ମାସ ୨୯ରେ ଛୁରିରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବରୁଣ ରାଜ ପୁଚା ନାମକ ଏହି ଛାତ୍ରଙ୍କର ବୁଧବାର ମୃତ୍ୟୁ ଘଟିଛି। ବରୁଣ ଭଲ୍‌ପାରାଇସୋ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ଛାତ୍ର। ସେ ଏକ ଫିଟ୍‌ନେସ୍ ସେଣ୍ଟର ଯାଇଥିବାବେଳେ ଜୋର୍ଡାନ୍ ଆଣ୍ଡାଡେ ନାମକ ଜଣେ ଯୁବକ ତାଙ୍କୁ ଛୁରାମାଡ଼ କରିଥିଲେ ବୋଲି ପୋଲିସ କହିଛି। ବରୁଣ ତାଙ୍କୁ ହତ୍ୟା କରିବାକୁ ଆସିଥିଲେ ବୋଲି ଜୋର୍ଡାନ ପୋଲିସକୁ କହିଛନ୍ତି। ସେ ବରୁଣଙ୍କୁ ପୂର୍ବରୁ ଜାଣି ନ ଥିଲେ। ଜିମ୍‌ରେ ତାଙ୍କୁ ଦେଖିବା ପରେ ଅଜବ ଲାଗିଥିଲା ଓ ସେ ଭୟ ଅନୁଭୂବ କରି ପ୍ରତିକ୍ରିୟା ଦେଖାଇଥିଲେ ବୋଲି କହିଛନ୍ତି।

# ସବୁ ଜୀବନର ମୂଲ୍ୟ ସମାନ

## ପ୍ୟାରିସ୍‌ରେ ଗାଜା ସହାୟତା ସମ୍ମିଳନୀ

- ୫୦ ପାଶ୍ଚାତ୍ୟ ଓ ଆରବୀୟ ରାଷ୍ଟ୍ର ସାମିଲ
- ଯୁଦ୍ଧବିରତି ପାଇଁ ମାକ୍ରଁଙ୍କ ଆହ୍ୱାନ

ପ୍ୟାରିସ୍,୯।୧୧

ଗାଜାରେ ଇସ୍ରାଏଲ ଏବଂ ପାଲେଷ୍ଟିନୀୟ ସଶସ୍ତ୍ର ଗୋଷ୍ଠୀ ହମାସ୍ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଆହ୍ୱାନ ଦେଇଛନ୍ତି। ସମସ୍ତଙ୍କ ଜୀବନର ମୂଲ୍ୟ ସମାନ କହି ଗାଜାବାସୀଙ୍କୁ ତୁରନ୍ତ ମାନବୀୟ ସହାୟତା ଯୋଗାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଯୁଦ୍ଧ ପ୍ରଭାବିତ ଗାଜାକୁ ସହାୟତା ଏବଂ ସେଠାକାର ନିରସ୍ତ୍ର ଜନତାଙ୍କୁ ସୁରକ୍ଷା ଦେବା ପାଇଁ ଇସ୍ରାଏଲକୁ ବୁଝାଇବା ସକାଶେ ଗୁରୁବାର ପ୍ୟାରିସ୍‌ରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଞ୍ଚ ୫୦ରୁ ଊର୍ଦ୍ଧ୍ୱ ପାଶ୍ଚାତ୍ୟ ଓ ଆରବୀୟ ରାଷ୍ଟ୍ରକୁ ଏକାଠି କରିଛି। ଜାତିସଂଘ, ଆମେରିକା, ୟୁରୋପୀୟ ସଂଘ (ଇୟୁ) ସମେତ ଜୋର୍ଡାନ, ଇଜିପ୍ଟ ଓ ଉପସାଗରୀୟ ଦେଶଗୁଡ଼ିକର ନେତା ଓ ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି। ଇସ୍ରାଏଲକୁ ନିମନ୍ତ୍ରଣ କରାଯାଇ ନାହିଁ। ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ମାକ୍ରଁ କହିଛନ୍ତି, ଇସ୍ରାଏଲୀ ସୈନ୍ୟ ହମାସ୍ ବିରୋଧୀ ଅଭିଯାନରେ ଗାଜା ଷ୍ଟ୍ରିପ୍ ଉପରେ ରକେଟ୍ ମାଡ଼ ଜାରି ରଖିଥିବାବେଳେ ସେଠାକାର ନାଗରିକଙ୍କୁ ଜରୁରୀ ମାନବୀୟ ସହାୟତା ଦିଆଯିବା ଆବଶ୍ୟକ। ସବୁ ଜୀବନର ସମାନ ମୂଲ୍ୟ ରହିଛି। ସାର୍ବଜନୀନ ଓ ମାନବୀୟ ମୂଲ୍ୟବୋଧକୁ ନେଇ ଯେଉଁମାନେ ଆମ ସହ ଅଛନ୍ତି, ସେମାନଙ୍କ ପାଇଁ କୌଣସି ପ୍ରକାର ଦୋମୁହାଁ ନୀତି ରହିବ ନାହିଁ। ବିନା ନିୟମରେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଆଗକୁ ନିଆଯାଇପାରିବ ନାହିଁ। ଏକଥା ଇସ୍ରାଏଲକୁ ଜଣାଅଛି। ଆମ ସମସ୍ତଙ୍କ ପାଇଁ ଆତଙ୍କବାଦର ଜାଲ ସମାନ ବୋଲି ମାକ୍ରଁ ପ୍ରକାଶ କରିଥିବା ତାଙ୍କ ଅଫିସ୍ ସୂତ୍ରରୁ ପ୍ରକାଶ।



ଇମାନ୍ୱେଲ ମାକ୍ରଁ

ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ୧.୫ ନିୟୁତ ଲୋକ ବା ଗାଜା ଜନସଂଖ୍ୟାର ପ୍ରାୟ ୭୦% ଗଣପଳାୟନ କଲେଣି। ପାଲେଷ୍ଟିନୀୟ ଅଞ୍ଚଳରେ ଏହି ସଙ୍କଟର ସମାଧାନ ନିମନ୍ତେ ୧.୨ ବିଲିୟନ୍ ଆମେରିକୀୟ ଡଲାର ସହାୟତା ଆବଶ୍ୟକ। ତେଣୁ ଦୁଇ-ରାଷ୍ଟ୍ର ସମାଧାନ ସୂତ୍ର ଆପଣାଇ ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ଦୀର୍ଘକାଳୀନ କୂଟନୈତିକ ଉଦ୍ୟମ ଲୋଡ଼ା। ଆମେ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରିବା ଜରୁରୀ ବୋଲି ମାକ୍ରଁ କହିଛନ୍ତି। ପାଲେଷ୍ଟାଇନ୍ ପ୍ରଧାନମନ୍ତ୍ରୀ ମୋହାମଦ ଶତାୟେହ ଏଥିରେ ଯୋଗଦେଇ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛନ୍ତି। ଆଉ କେତେ ପାଲେଷ୍ଟିନୀୟ ନିହତ ହେଲେ ଯୁଦ୍ଧ ଶେଷ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଇସ୍ରାଏଲ ଯାହା କରୁଛି, ତାହା ହମାସ୍ ବିରୋଧରେ ଯୁଦ୍ଧ ନୁହେଁ। ଏହା ସମଗ୍ର ପାଲେଷ୍ଟାଇନ୍ ବାସିନ୍ଦାଙ୍କ ବିରୋଧରେ ଉଦ୍ଦିଷ୍ଟ। ଆହତଙ୍କ ଚିକିତ୍ସା, ବିଦ୍ୟୁତ୍, ଜଳ, ଔଷଧ ଯୋଗାଇଦିଆଯିବା ଜରୁରୀ ହୋଇପଡ଼ିଛି।

## ମହୁଆଙ୍କୁ ବହିଷ୍କାର ପାଇଁ ଏଥିକ୍ସ କମିଟିର ସୁପାରିସ

ନୂଆଦିଲ୍ଲୀ,୯।୧୧(ପି.ଟି.)

ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରିବା ପାଇଁ ଏଥିକ୍ସ କମିଟି ଗୁରୁବାର ସୁପାରିସ କରିଛି। ଉକ୍ତ ସୁପାରିସ୍‌କୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ପାଖକୁ ପଠାଯାଇଛି। କୌଣସି ଏମ୍‌ପିଙ୍କୁ ବହିଷ୍କାର ପାଇଁ ଲୋକ ସଭା ଏଥିକ୍ସ କମିଟି ସୁପାରିସ କରିବା ଏହା ପ୍ରଥମ ଘଟଣା ବୋଲି ଲୋକ ସଭା ସଚିବାଳୟର ଅବସରପ୍ରାପ୍ତ ମହାସଚିବ ପି.ଡି.ଟି. ଆଚାରୀ କହିଛନ୍ତି। ୨୦୦୫ରେ ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ୧୧ ଜଣ ଏମ୍‌ପିଙ୍କୁ ରାଜ୍ୟ ସଭା ଏଥିକ୍ସ କମିଟି ଓ ଲୋକ ସଭା ଇନ୍‌କ୍ୱାରି କମିଟିର ସୁପାରିସକ୍ରମେ ବହିଷ୍କାର କରାଯାଇଥିଲା।

ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକ ବସି ମହୁଆଙ୍କୁ ବହିଷ୍କାର ନିମନ୍ତେ ସୁପାରିସ କରିବା ପାଇଁ ରିପୋର୍ଟ ଗୃହୀତ ହୋଇଥିଲା। ବହିଷ୍କାର ସପକ୍ଷରେ ୬ ସଦସ୍ୟ ମତ ଦେଇଥିବାବେଳେ ୪ ଜଣ ବିରୋଧ କରିଥିଲେ ବୋଲି ସୋଙ୍କର କହିଛନ୍ତି। କମିଟିର ସୁପାରିସ ପକ୍ଷପାତମୂଳକ ଓ ଠିକ୍ ନୁହେଁ ବୋଲି ୪ ବିରୋଧୀ ସଦସ୍ୟ କହିଛନ୍ତି। କଂଗ୍ରେସ ଏମ୍‌ପି ପ୍ରନୀତ କୌର ରିପୋର୍ଟ ସପକ୍ଷରେ ଭୋଟ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟର ଆଗାମୀ ଅଧିବେଶନରେ କମିଟିର ଅଧ୍ୟକ୍ଷ ଉକ୍ତ ରିପୋର୍ଟକୁ ଗୃହରେ ଉପସ୍ଥାପନ କରିବା ପରେ ଏହା ଉପରେ ବିତର୍କ ହେବ ଏବଂ ମହୁଆଙ୍କୁ ବହିଷ୍କାର ପାଇଁ ସରକାରଙ୍କ ପ୍ରସ୍ତାବ ଉପରେ ଭୋଟ ନିଆଯିବ। ପୂର୍ବରୁ ଏଥିକ୍ସ କମିଟି ମହୁଆଙ୍କ ସମେତ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଏବଂ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇଙ୍କୁ ପଚରାଉଚରା କରିଥିଲା। ଦେହଦ୍ରାଇଙ୍କ ସୂଚନା ଆଧାରରେ ନିଶିକାନ୍ତ ଟିଏମ୍‌ସି ନେତ୍ରୀଙ୍କ ବିରୋଧରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗ ଆଣିଥିଲେ। ଆଦାନୀ ଗ୍ରୁପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ପ୍ରଶ୍ନ ପଚାରିବା ପାଇଁ ମହୁଆଙ୍କୁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।



ମହୁଆ ମୋଇତ୍ର

## ୱାଶିଂଟନ୍ ପୋଷ୍ଟରେ ବିବାଦୀୟ କାର୍ଟୁନ 'ହମାସ୍'

ୱାଶିଂଟନ୍,୯।୧୧

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବ୍ୟଙ୍ଗଚିତ୍ର କରି 'ଗାର୍ଡିଆନ୍'ର ସବୁଠୁ ପୁରୁଣା କାର୍ଟୁନିଷ୍ଟ ଚାକିରିରୁ ବିଦା ହେବାର କିଛି ସପ୍ତାହ ପରେ ପାଶ୍ଚାତ୍ୟର ଆଉ ଏକ ଖବରକାଗଜରେ ପ୍ରକାଶିତ ଏକ କାର୍ଟୁନ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଛି। ଆମେରିକୀୟ ଦୈନିକ 'ୱାଶିଂଟନ୍ ପୋଷ୍ଟ'ର ଓପିନିୟନ୍ ପେଜ୍‌ରେ ଗୁରୁବାର ଏକ କାର୍ଟୁନ୍‌ରେ ପାଲେଷ୍ଟିନୀୟ ଓ ଆରବୀୟମାନଙ୍କୁ ଭୁଲ୍ ଭାବେ ଚିତ୍ରଣ କରାଯାଇଛି। ହ୍ୟୁମାନ୍ ଶିଲ୍ଡ (ମାନବ ଢାଲ) ଶୀର୍ଷକ ଉକ୍ତ ବ୍ୟଙ୍ଗଚିତ୍ରରେ କଳାରଙ୍ଗର ସୁଟ୍ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କ ଉପରେ ୪ ଜଣ ପିଲା ଚଢ଼ିଛନ୍ତି। ତାଙ୍କ ପଛରେ ଜଣେ ଆତଙ୍କିତ ମହିଳା ଲୁଚିଛନ୍ତି। ବ୍ୟକ୍ତିଙ୍କ ସୁଟ୍‌ରେ ଇଂଲିଶରେ ଲେଖାଅଛି 'ହମାସ୍'। ସେ କହୁଛନ୍ତି, ନାଗରିକଙ୍କୁ ଆକ୍ରମଣ କରିବାକୁ ଇସ୍ରାଏଲ ସାହସ କଲା କିପରି।

ଦୁଇଥର ପୁଲିଜର ପୁରସ୍କାର ପାଇଥିବା କାର୍ଟୁନିଷ୍ଟ ମିଖାଏଲ ରାମିରେଜଙ୍କ ଦ୍ୱାରା ଅଙ୍କିତ ଏହି ବ୍ୟଙ୍ଗଚିତ୍ରକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜର୍ନାଲିଷ୍ଟ, ଶିକ୍ଷାବିତ୍ ଓ ନିୟମିତ ପାଠକମାନେ ଏହାକୁ ମୁସଲିମ୍ ବିରୋଧୀ, ବୈଷମ୍ୟବାଦୀ ଓ ନକାରାତ୍ମକ କହି ନିନ୍ଦା କରିଛନ୍ତି। ଏହାକୁ ନେଇ ବିବାଦୀୟ ସୃଷ୍ଟି ହେବା ପରେ ୱାଶିଂଟନ୍ ପୋଷ୍ଟ ଓପିନିୟନ୍ ଏଡିଟର ଡାଭିଡ୍ ଶିପ୍ଲେ ଦୁଃଖ ପ୍ରକାଶ କରିବା ସହ କ୍ଷମା ମାଗିଛନ୍ତି।




## ଜାତି କୋଟା ୬୫%କୁ ବୃଦ୍ଧି ପ୍ରସ୍ତାବ ବିହାର ବିଧାନସଭାରେ ଗୃହୀତ

ପାଟନା,୯।୧୧(ପି.ଟି.)

ବିହାରର ଅବହେଳିତ ଜାତିଗୁଡ଼ିକ ପାଇଁ ସରକାରୀ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ୬୫ ପ୍ରତିଶତ ବୃଦ୍ଧି ପ୍ରସ୍ତାବକୁ ଗୁରୁବାର ରାଜ୍ୟ ବିଧାନସଭାରେ ଅନୁମୋଦନ ମିଳିଛି। ଫଳରେ ରାଜ୍ୟରେ ମୋଟ କୋଟା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣକୁ ମିଶାଇ ମୋଟ କୋଟା ୭୫ ପ୍ରତିଶତରେ ପହଞ୍ଚିଲା ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଧାନସଭାରେ କହିଛନ୍ତି। ମୋଟ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୀମା ଧାର୍ଯ୍ୟ କରିଥିବାବେଳେ ବିହାର ସରକାର ଏହାକୁ ଏଡ଼ାଇଯାଇ ଅନୁସୂଚିତ ଜାତି, ଜନଜାତି, ଅତ୍ୟନ୍ତ ପଛୁଆ ବର୍ଗ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୬୫ ପ୍ରତିଶତ ସଂରକ୍ଷଣକୁ ବିଧାନସଭାରେ ସର୍ବସମ୍ମତକ୍ରମେ ଗୃହୀତ କରାଇଛନ୍ତି।

## ୮ ଭାରତୀୟଙ୍କ ମୃତ୍ୟୁ ଦଣ୍ଡାଦେଶକୁ ବିରୋଧ
## ଅପିଲ୍ କଲା ନୂଆଦିଲ୍ଲୀ

ନୂଆଦିଲ୍ଲୀ,୯।୧୧(ପି.ଟି.)

ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗତ ମାସ ୨୬ ତାରିଖରେ କାତାରସ୍ଥିତ ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଭାରତ ସରକାର ଏକ ଅପିଲ୍ ଦାଏର କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦୋହାସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କ ପାଇଁ ଆଉ ଏକ କନ୍‌ସୁଲାର ଆକ୍ସେସ୍ ପାଇଛି। ସେମାନଙ୍କୁ ନୂଆଦିଲ୍ଲୀ ସବୁ ପ୍ରକାର ଆଇନଗତ ଓ କନ୍‌ସୁଲାର ସହାୟତା ଯୋଗାଇଦେବା ଜାରି ରଖିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। କ୍ୟାପ୍‌ଟେନ ନଭତେଜ ସିଂ ଗିଲ୍, କ୍ୟାପ୍‌ଟେନ ବୀରେନ୍ଦ୍ର କୁମାର ବର୍ମା, କ୍ୟାପ୍‌ଟେନ ସୌରଭ ବଶିଷ୍ଠ, କମାଣ୍ଡର ଅମିତ ନାଗପାଲ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କମାଣ୍ଡର ସୁଗୁଣାକର ପାକଲା, କମାଣ୍ଡର ସଞ୍ଜୀବ ଗୁପ୍ତା ଓ ନାବିକ ରାଗେଶ ଭାରତୀୟ ନୌସେନାର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିଲେ।

## ଫୁରସତ

## ଡିପ୍‌ଫେକ୍‌ର ଶିକାର ହେଲେ ସାରା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ କ୍ୟାଟ୍ରିନା କୈଫଙ୍କ ପରେ ଏବେ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଡିପ୍‌ଫେକ୍ ଟେକ୍ନୋଲୋଜିର ଶିକାର ହୋଇଛନ୍ତି। ସାରାଙ୍କ ଏକ ନକଲି ଫଟୋଶପ୍ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋରେ ସାରା ତେନ୍ଦୁଲକର ତାଙ୍କ ତଥାକଥିତ ପ୍ରେମିକ ତଥା ଭାରତୀୟ କ୍ରିକେଟର ଶୁଭମନ ଗିଲଙ୍କ ବେକରେ ହାତ ଥିବା ଦେଖିବାକୁ ମିଳିଛି। ଧୋନି ପୋପା ନାମକ ଜଣେ ୟୁଜର୍ସ ଏହି ଫଟୋ ଶେୟାର କରିଛନ୍ତି। ଏଥିସହ ଏହାର କ୍ୟାପସନରେ ଲେଖା ଅଛି ସାରା ନିଶ୍ଚିତ କରିଛନ୍ତି ଯେ ସେ ଶୁଭମନ ଗିଲଙ୍କୁ ଡେଟ କରୁଛନ୍ତି। ଏହି ପୋଷ୍ଟ ପରେ ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହୋଇଛି। ତେବେ ଅନ୍ୟ ଜଣେ ୟୁଜର୍ସ ସମାନ ଫଟୋ ଉପରେ କମେଣ୍ଟ ଦେଇ ସତ୍ୟ ପ୍ରକାଶ କରିଛନ୍ତି। ୟୁଜର୍ସ ସାରାଙ୍କ ପ୍ରକୃତ ଫଟୋ ଶେୟାର କରିଛନ୍ତି ଏବଂ କହିଛନ୍ତି ଯେ ଏହି ଫଟୋ ଫେକ। ସାରା ଶୁଭମନ ଗିଲଙ୍କ ସହ ନୁହେଁ ବରଂ ତାଙ୍କ ଭାଇ ଅର୍ଜୁନ ତେନ୍ଦୁଲକରଙ୍କ ବେକରେ ହାତ ପକାଇଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ସେ କଳାରଙ୍ଗର ବସ୍ତ୍ର ପରିଧାନ କରି ଲିଫ୍ଟରେ ପ୍ରବେଶ କରୁଥିବା ଦେଖିବା ମିଳୁଛି। ଯିଏ ଦେଖିଲେ ବି ଧୋକା ଖାଇଯିବେ। ଭାବିବେ ଏହା ସେହି ୨୧ ବର୍ଷୀୟା 'ପୁଷ୍ପା'ଫେମ ରଶ୍ମିକା। କିନ୍ତୁ ବାସ୍ତବରେ ସେ ରଶ୍ମିକା ନୁହନ୍ତି, ତାଙ୍କ ଭଳି ଅବିକଳ ଦେଖାଯାଉଥିବା ଭିନ୍ନ ଜଣେ ଯୁବତୀ। ସମ୍ପାଦିତ ଭିଡିଓଟିକୁ ଦେଖିବା ପରେ ରଶ୍ମିକା ବିଚଳିତ ହୋଇଯାଇଥିବା ଏବଂ ତାହା ତାଙ୍କୁ କଷ୍ଟ ଦେଇଥିବା ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ବିଶ୍ୱ ଶାନ୍ତି ପାଇଁ ବିଜ୍ଞାନ

### ବିଶ୍ୱ ବିଜ୍ଞାନ ଦିବସ

ଏବେ ବିଶ୍ୱ ଶାନ୍ତି ଅପରିହାର୍ଯ୍ୟ ହୋଇଛି। ବିଜ୍ଞାନର ବିକାଶ ସହିତ ବିଭିନ୍ନ ଦେଶ ନିଜର ପ୍ରତିରକ୍ଷାକୁ ଦୃଢ଼ କରିବାରେ ଲାଗିଛନ୍ତି। ପୁଣି ଏଥିରେ ଆଣବିକ ଶକ୍ତିର ବି ଉପଯୋଗ କରାଯାଉଛି। ଏହାଦ୍ୱାରା ବିଶ୍ୱ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୧୦ରେ ଶାନ୍ତି ଏବଂ ବିକାଶ ପାଇଁ ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି। ଏହି ଦିବସ ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥାଏ। ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ଶାନ୍ତି ଏବଂ ବିକାଶ ଲାଗି ବିଶ୍ୱ ବିଜ୍ଞାନ ଦିବସ ପାଳନ ସକାଶେ ୨୦୦୧ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ୟାରିସଠାରେ ୨୦୦୧ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହି ଦିବସ ପାଳନକୁ ଅନୁମୋଦନ ମିଳିଥିଲା। ଏହା ପୂର୍ବରୁ ଅକ୍ଟୋବର ୨୦୦୦ରେ ୟୁନେସ୍କୋର କାର୍ଯ୍ୟନିର୍ବାହୀ ବୋର୍ଡ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲା। ୨୦୦୨ ନଭେମ୍ବର ୧୦ରେ ପ୍ରଥମ ଥର ପାଇଁ ଏହା ପାଳନ କରାଯାଇଥିଲା। ବିଜ୍ଞାନକୁ ସମାଜ ସହିତ ଅଧିକ ଘନିଷ୍ଠ କରିବା ସହ ଲୋକଙ୍କୁ ବିଜ୍ଞାନର ବିକାଶ ବିଷୟରେ ଅବଗତ କରାଇବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଆମେ ନିଜ ଘର ବୋଲି କହୁଥିବା ପୃଥିବୀର ସୁରକ୍ଷା ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥାଏ। ଶାନ୍ତିପୂର୍ଣ୍ଣ ଭାବେ ବିଜ୍ଞାନର ଉପଯୋଗ କରାଇବା ଉଦ୍ଦେଶ୍ୟ ନେଇ ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ପ୍ରଚାର କରାଯାଇଥାଏ।





# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୦/୨୦୨୩ | Bhubaneswar, Friday, November 10/2023 | ପୃଷ୍ଠା-୧


DSPL-359




| କୋରାପୁଟ ଜିଲ୍ଲା | ନୂଆପଡା ଜିଲ୍ଲା | ଯାଜପୁର୍ ଜିଲ୍ଲା |
|---|---|---|
| ୧୨୦ କୋଟି ଟଙ୍କା ବ୍ୟୟରେ ୩ ହଜାର ୮୭ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ | ୬୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୧ ହଜାର ୭୬୫ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ | ୧୫୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୪ ହଜାର ୧୦୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ |

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୧୦ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0068/2324

# ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋଚନା

## ସୁବର୍ଣ୍ଣପୁରରେ ଭାଜପା କୃଷକ ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଭାଜପା ଜିଲା କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ ସାହୁ ଯୋଗଦେଇ କେନ୍ଦ୍ର ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଜିଲାକୁ ପର୍ଯ୍ୟାପ୍ତ ଅନୁଦାନ ପଠାଉଛନ୍ତି। ମାତ୍ର ଏହି ଅନୁଦାନର ସିଂହଭାଗ ବିଜେଡି ସରକାର ଦ୍ୱାରା ହରିଲୁଟ୍ ହେଉଥିବା ସାହୁ ଅଭିଯୋଗ କରିଥିଲେ। ଭାଜପାର ପ୍ରାକ୍ତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଥିଲେ, ସୁବର୍ଣ୍ଣପୁର ଜିଲାର ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଜିଲାରେ ପର୍ଯ୍ୟାପ୍ତ ଜଳସମ୍ପଦ ରହିଛି। ମାତ୍ର ଏହାର ସୁବିନିଯୋଗ ହୋଇପାରୁନି। ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଏଥିରେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଯୋଜନାରେ ୧୮ ପ୍ରକାରର କୌଳିକ ବୃତ୍ତି ଆପଣେଇ ଥିବା ବ୍ୟକ୍ତିଙ୍କୁ ଅଧିକ ରୋଜଗାରକ୍ଷମ କରିବା ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ପ୍ରଦାନ କରାଯିବ। ଏହି ଯୋଜନାରେ ସରଞ୍ଜାମ ଓ ଆଗ୍ରହୀଙ୍କୁ ତାଲିମ ପ୍ରଦାନର ବ୍ୟବସ୍ଥା ଅଛି । ଏହାଦ୍ୱାରା ହଜାର ହଜାର ଯୁବତୀ ଯୁବକ ଆତ୍ମନିର୍ଭର ହୋଇ ପାରିବେ ବୋଲି ବିଶ୍ୱାଳ କହିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ ଉପସଭାପତି ହଳପାଣି ମାଝୀ, ମହେନ୍ଦ୍ର ଠାକୁର, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଭାଜପା ସୁବର୍ଣ୍ଣପୁର ଜିଲା ସଭାପତି ପ୍ରମୋଦ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ହେମନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ରାଧାକାନ୍ତ ମହାକୁଡ, ଜିଲା ଉପସଭାପତି ଗୋବିନ୍ଦ ବାରିକ, ବିଜୟ ମହାକୁର, ଶିବରାଜ ବେହେରା, ରାଜେନ୍ଦ୍ର ବିଶି, ସୁରେଶ ମହଲା, ଆନନ୍ଦ ବାରିକ, ନବକୃଷ୍ଣ ଦନ୍ତା, ଶରତ ଶତପଥୀ, ରାଜକିଶୋର ମେଣ୍ଡିଲି, ଜିଲା ପରିଷଦ ସଭ୍ୟ ପ୍ରମିଳା କଲତା, ନଳିନୀ ପଣ୍ଡା, ବିଶ୍ୱମ୍ଭର ମିଶ୍ର, ଜଗତଜ୍ୟୋତି ତ୍ରିପାଠୀ, ସ୍ୱରୂପ ପାତ୍ର, ଗଙ୍ଗାଧର ତରିଆ ଓ ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଅଶୋକ ପୃଷ୍ଟିଧନ୍ୟବାଦ ପ୍ରଦାନ କରିଥିଲେ।

# ବୌଦ୍ଧରେ ଖୋଲିଲା ପ୍ରଥମ ନେଚର ପାର୍କ

ବୌଦ୍ଧ,୯।୧୧(ଅଜିତ କୁମାର ବାରିକ)


ଡମରଗାଡଠାରେ ବୌଦ୍ଧର ପ୍ରଥମ ନେଚର ପାର୍କ ।

ବୌଦ୍ଧ ଜିଲା ପ୍ରାକୃତିକ ଶୋଭାରେ ଭରପୁର। ଜିଲାରେ ପର୍ଯ୍ୟଟନ କ୍ଷେତ୍ରରେ ଆଗକୁ ନେବାକୁ ଜିଲାପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଥିବା ବେଳେ ଗୁରୁବାର ଜିଲାରେ ପ୍ରଥମ ନେଚର ପାର୍କର ଶୁଭାରମ୍ଭ ହୋଇଛି। ଜିଲାର ବୌଦ୍ଧ ବ୍ଲକର ଡମରଗାଡ ପାହାଡରେ ଏହି ନେଚର ପାର୍କର ଶୁଭାରମ୍ଭ ହୋଇଛି। ପାହାଡର ପାଦ ତଳରେ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଥିବା ବେଳେ ପାହାଡରେ ପର୍ଯ୍ୟଟନଙ୍କୁ ଆକୃଷ୍ଟ କରିବାକୁ ଗଢାଯାଇଛି ନେଚର ପାର୍କ। ଏହି ପାର୍କରେ ୫ ଗୋଟି ଅସ୍ଥାୟୀ କଟେଜ ନିର୍ମାଣ କରାଯାଇ ଏଠାରେ ପର୍ଯ୍ୟଟକଙ୍କ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ପାହଡକୁ ଅତି ସୁନ୍ଦର ଭାବେ ସଜା ଯାଇଛି। ଗୁରୁବାର ଏହି ନେଚର ପାର୍କକୁ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କନ୍ଧମାଳ ବିଧାୟକ ମହୀଧର ରଣା, ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଡିଏଫଓ ଦେବିପ୍ରିୟ କମ୍ପ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ନେଚର ପାର୍କର ନାମ ନିସର୍ଗ ଶିବିର ରଖାଯାଇଛି।

# କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଅମରପାଲି,୯।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସରକାରୀ ୟୁପି ସ୍କୁଲରେ ବୁଧବାର ଦିନ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍କୁଲର ଛାତ୍ରୀଛାତ୍ର ମାନେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ କୃତିତ୍ୱ ଅର୍ଜନ କରିଥିବାରୁ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଏହାସହିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଶୁଭକାମନା କରାଯାଇଛି। ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ସମିତି ସଭ୍ୟା ତଥା ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପୀତାମ୍ବର ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଦୀପ ଜଗଦଲା ସଂଯୋଜନା କରିଥିବା ବେଳେ ଯଦୁମଣି ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରାଣବନ୍ଧୁ ସାହୁ କୃତି ଛାତ୍ରୀଛାତ୍ରଙ୍କ ସଫଳତା ଯୋଗୁ ସ୍କୁଲ ଗର୍ବିତ ବୋଲି କହିବା ସହିତ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଁ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ଆର୍ଯ୍ୟାଂଶୁ ସାହୁ ,ଅଷ୍ଟମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ପ୍ରଧାନ ଓ ସପ୍ତମ ଶ୍ରେଣୀର ସ୍ନେହାରାଣୀ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଆର୍ଯ୍ୟାଂଶୁ ସାହୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ଜୁନିୟର ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ବ୍ଲକସ୍ତରୀୟ ସୁରଭିର ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ହୋଇଥିଲେ। ସିନିୟର ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆର୍ଯ୍ୟନ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ନେହାରାଣୀ ଜୁନିୟର ବିଭାଗ ବକ୍ତୃତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ କୃତି ଛାତ୍ରୀଛାତ୍ରଙ୍କ ସଫଳତା ଅନ୍ୟ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି ପ୍ରଧାନଶିକ୍ଷକ ଭୋଇ ପ୍ରକାଶ କରିଛନ୍ତି।

# କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ ଆନ୍ଦୋଳନ



ବୌଦ୍ଧ ଜଗନ୍ନାଥ ମନ୍ଦିର ଆଗରେ ଜିଲା କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ ଆନ୍ଦୋଳନ କରାଯାଉଛି।

ବୌଦ୍ଧ,୯।୧୧(ଅଜିତ କୁମାର ବାରିକ)

## ଭକ୍ତଙ୍କ ପାଇଁ ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଦାବି

ଭକ୍ତଙ୍କ ପାଇଁ ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲିବା ଦାବି କରିଛି କଂଗ୍ରେସ। ରାଜ୍ୟ କଂଗ୍ରେସର ଡାକରାରେ ବୌଦ୍ଧ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଆଗରେ ଗୁରୁବାର ସନ୍ଧ୍ୟାରେ ସଂକୀର୍ତ୍ତନ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀମାନେ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଯାଇ ବୌଦ୍ଧ ରଥସାହିସ୍ଥିତ ଜଗନ୍ନାଥ ମନ୍ଦିର ଆଗରେ ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନର ଉଦ୍ଦେଶ୍ୟ ହେଲା ରାଜ୍ୟ ସରକାର ତୁରନ୍ତ ଭକ୍ତଙ୍କ ପାଇଁ ପୁରୀ ଜଗନ୍ନାଥ ମନ୍ଦିରର ଚାରିଦ୍ୱାରା ଖୋଲିବା ସହ ରତ୍ନ ଭଣ୍ଡାରର ଗଣତି, ମଣତି ମରାମତି କରନ୍ତୁ। ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତମଣୋହି ଜମି ଓ ଚାଷୀଙ୍କ ଚାଷ ଜମି ତୁରନ୍ତ ଫେରସ୍ତ ଦାବିରେ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା। ଦଳ ପକ୍ଷରୁ ମନ୍ଦିର ଆଗରେ ସଂକୀର୍ତ୍ତନ କରାଯାଇଥିଲା। ଏହି ସତ୍ୟାଗ୍ରହରେ ଦଳର ପ୍ରବକ୍ତା ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ପଙ୍କଜ କର୍ଣ୍ଣ, ରାୟ ସଞ୍ଜିବ କୁମାର ଦେଓ, ପୌଲସ୍ତି ପ୍ରଧାନ, ରୋହିତାଶ୍ୱ ବେହେରା, ଅର୍ଜୁନ ମହାନନ୍ଦିଆ, ଜୟନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟାରେ ଦଳର ନେତା, କର୍ମୀ ଓ ଶ୍ରଦ୍ଧାଳୁ ସାମିଲ ଥିଲେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କର

## ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ସ୍ୱାଗତ ସମାରୋହ

ବିନିକା,୯ । ୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମଙ୍ଗଳବାର ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ଅଧକ୍ଷ କିଶୋର ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅଧାପକ ଗୋପାଳ କୃଷ୍ଣ ଦାସ, ରୁଦ୍ର ନାରାୟଣ ଦାସ ଯୋଗଦେଇ ଉତ୍ତମ ଭବିଷ୍ୟତ ଗଠନ ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ମତବ୍ୟକ୍ତ କରି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ । ଅଧକ୍ଷ ନାୟକ କଲେଜର ସୁନାମ ରଖିବା ସହିତ ମା' ବାପାଙ୍କ ଇଚ୍ଛା ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦପାଠ କରିଥିଲେ । ଅଧାପକ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ଦିବ୍ୟାଲୋକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କୃଷକ ତାଲିମ କାର୍ଯ୍ୟକ୍ରମ



କୃଷକ ତାଲିମ କାର୍ଯ୍ୟକ୍ରମରେ ବୈଜ୍ଞାନିକ ଓ କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତା।

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

କୃଷକ ଉତ୍ପାଦକ ସଂଘ ଉସତ ଏବଂ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ତରଭା ବ୍ଲକର ପୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟକର୍ଲାଠାରେ ଅନୁସୂଚିତ ଜାତି ବର୍ଗର କୃଷକ ଓ ମହିଳାମାନଙ୍କୁ ନେଇ ଏକ କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉସତର ପରିଚାଳନା ନିର୍ଦ୍ଦେଶକ ଭବାନୀ ଶଙ୍କର ପଣ୍ଡା ପରିଚାଳନା କରିଥିଲେ। ତାଲିମଦାତା ଭାବେ କୃଷି ବୈଜ୍ଞାନିକ ଡ. ସତ୍ୟବ୍ରତ ମଙ୍ଗରାଜ ଉକ୍ତ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଉତ୍ପାଦନ ଓ ରୋଗ ପୋକ ନିୟନ୍ତ୍ରଣ ବିଷୟରେ ତାଲିମ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଲୋପାମୁଦ୍ରା ରାୟ ଯୋଗଦେଇ ମହିଳାମାନେ ଛତୁ ଚାଷ କରି ଓ ଅନ୍ୟାନ୍ୟ ଚାଷ ତଥା ପ୍ରକ୍ରିୟା କରଣ କରି କିପରି ଲାଭବାନ ହୋଇ ପାରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଶିବତୁଲା ଗ୍ରାମ ପଞ୍ଚାୟତର ପଦ୍ମପୁରଠାରେ ମଧ ଏହିପରି ଏକ ତାଲିମ କାର୍ଯ୍ୟକ୍ରମ ଉସତର ବୋର୍ଡ ସଦସ୍ୟ ପଞ୍ଚାନନ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତ ରାୟ ଯୋଗ ଦେଇ ଚାଷୀମାନଙ୍କୁ ରୋଗପୋକ ନିୟନ୍ତ୍ରଣ ଓ ଜୈବିକ ଚାଷ ବିଷୟରେ ତାଲିମ ଦେଇଥିଲେ। ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଚାଷୀମାନଙ୍କୁ ଉଦ୍ୟାନ କୃଷି ଓ ଫୁଲ ଚାଷ ବିଷୟରେ ତାଲିମ ପ୍ରଦାନ କରିଥିଲେ। ସାମାଜିକ ଅନୁଷ୍ଠାନ ସେବକର ସୁବର୍ଣ୍ଣପୁର ଜିଲା କାର୍ଯ୍ୟକ୍ରମ ସଂଯୋଜକ ବଳରାମ ଦାସ ଏହି କାର୍ଯ୍ୟକ୍ରମରେ କୃଷିଜାତ ସାମଗ୍ରୀର ବଜାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଉସତ୍ ସଭ୍ୟ ରାଜାରାମ ଷଡଙ୍ଗୀ, ପରମେଶ୍ୱର ବାଘ, ବିକ୍ରମ ତାଣ୍ଡି, ଘଡିଗୋପାଳ ପ୍ରଧାନ ଓ ସୋମନାଥ ପ୍ରଧାନ ପରିଚାଳନା କରିଥିଲେ।

# ଏନ୍‌ଏସି ଅଧ୍ୟକ୍ଷଙ୍କ ଆହାର କେନ୍ଦ୍ର ପରିଦର୍ଶନ

କେସିଙ୍ଗା,୯।୧୧(ତୁମେଶ୍ୱର ସାହୁ):

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ପ୍ରାଣୀ ଚିକିତ୍ସାଳୟ ନିକଟରେ ଥିବା ଆହାର କେନ୍ଦ୍ରକୁ ଅଧ୍ୟକ୍ଷ ନୃପରାଜ ଯାଦବ ଗୁରୁବାର ପରିଦର୍ଶନ କରିଥିଲେ। ରନ୍ଧା ଖାଦ୍ୟ ଓ ଚାଉଳ, ଡାଲି, ମଶଲା ଇତ୍ୟାଦିକୁ ତଦନ୍ତ କରି ଭଲ ଖାଦ୍ୟ ଲୋକ ଗରିବ ଲୋକଙ୍କୁ ଦେବା ପାଇଁ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକମାନଙ୍କୁ କହିଥିଲେ। ଗୁରୁବାର ଆହାର କେନ୍ଦ୍ରରେ ଅତି ଉତ୍ତମ ଭାବେ ଭାତ, ଡାଲମା ରନ୍ଧାଯାଇଥିବା ଅଧ୍ୟକ୍ଷ ଦେଖିବାକୁ ପାଇଥିଲେ। ଆହାର କେନ୍ଦ୍ରରେ ଖାଉଥିବା ଲୋକଙ୍କ ସହ ଆହାର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ମହିଳା ଗ୍ରୁପକୁ ପ୍ରଶଂସା କରିଥିଲେ।


## ODISHA HYDRO POWER CORPORATION LTD.

OHPC

OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO- BARINIPUT, DIST-KORAPUT-764006, PHONE: (06854) 242001, FAX:(06854) 242038
E-mail:sgmel_ukhep@ohpcltd.com CIN:U40101OR1995SGC003963

**E-PROCUREMENT NOTICE No.UKHEP/ET-10/2023-24, Dated 07.11.2023**

**No.CAD-2774:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | EMD (In Rs.) | Cost of bid document (in Rs.) | Class of Contractor | Availability of Bids online for Bidders | Due date and time of Opening of Tender |
|---|---|---|---|---|---|---|---|
| 1 | Construction of Driver shed, extension room of suite no.4, retaining wall, catch water drain and compound wall etc, Renovation & interior design of suite no.4, 5, 6, 7, 8, 9, stair case room & coridors etc of Erectors Hostel and Electrical Reinstallation to the suite no. 4, 5, 6, 7, 8, Extension suite no.4 and a suite below the extension suite no.4 of Erectors Hostel, UKHEP, Bariniput | 74,79,538.56/- | Rs.74,795/- | 11,800/- (Rs.10000 +18 % GST | "B" Class and Electrical License from ELBO | From 10.00 Hrs.of 14.11.2023 to 13.00 Hrs. of 29.11.2023 | At 11.30 Hrs. of 30.11.2023 |

1. The bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.

OIPR-04002/11/0046/2324 Sd./- Unit Head, UKHEP, Bariniput

No.C-1773

## WATCO

OFFICE OF THE CHIEF EXECUTIVE OFFICER, WATCO
Ground Floor, Unnati Bhawan
H.B. Colony, Satyanagar, Bhubaneswar-751007,Odisha, India,
Telefax:-+91-674-2391444, E-mail:ceowatcoodisha@gmail.com
md@watcoodisha.in

**INVITATION FOR BID (IFB)**

Bid Identification No.WATCO (W)-37/2023-24, Dtd.06.11.2023
WATCO No.6942, Date:06.11.2023

01. Name of the Work : "Procurement of (600mm dia) ISI marked DI K-9 socket & spigot pressure pipes for WATCO Division-I, Bhubaneswar.
02. Types of Bid : Double Cover (Technical & Financial)
03. Estimated Cost : Rs.867.02 Lakh
04. Period of Completion : 2 (Two) Months
05. Date & time of availability of bid document in the portal : From 11.00 AM of Dt.09.11.2023 to 5.00 PM of 23.11.2023
06. Last date/time of receipt of bids in the portal : 5.00 PM of 23.11.2023
07. Date & time of opening of technical bids : 12.30 PM of 24.11.2023
08. Name and address of the Officer Inviting Bid : CEO, WATCO Telefax:0674-2391444 E-mail:ceowatcoodisha@gmail.com md@watcoodisha.in mailto:eephibbsr@ori.nic.in
09. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in.

OIPR-13194/11/0059/2324 Sd./-CEO, WATCO

## NOTIFIED AREA COUNCIL, PATNAGARH

Ph.No.-06658-222247, e-mail-nac_ptg@yahoo.co.in,
Website: www.nacpatnagarh.in

Letter No.3822/ Dt.07.11.2023

**QUOTATION CALL NOTICE**

**No.C-1784:** Sealed quotations are invited from the Registered Dealer/Supplier/Firm/ Agency/ NGOs/ Company having GSTN/ PAN Card for supplying of Laboratory Equipments i.e. Glass Wares & Chemical for SeTP Plant, Rampali under Patnagarh N.A.C.. The quotationer is required to quote his rate including of all taxes i.e. Transporation, Installation & Commissioning & Delivery to the mentioned site. The quotation will be available from dt.09.11.2023 to dt.21.11.2023 (Except Govt. Holidays). The quotation should reach to the undersigned on or before dt.21.11.2023 upto 2.00 P.M. through person or Registry Post and the same will be opened on the same day i.e. dt.21.11.2023 at 4.00 P.M. in presence of the quotationers or their authorized representatives. The terms and conditions alongwith quotation papers may be downloaded from Patnagarh NAC website i.e. www.nacpatnagarh.in and apply accordingly. The authority reserves the right to accept/ reject any part or whole quotations without assigning any reason thereof.

Sd./- Executive Officer, N.A.C., Patnagarh
OIPR-13102/11/0005/2324

## STATE POLLUTION CONTROL BOARD, ODISHA

(Dept. of Forest, Environment & Climate Change Govt. of Odisha)
Paribesh Bhawan, A/118, Nilakanthanagar,
Unit-VIII, Bhubaneswar-751012
Tel:2564033/2563924, EPABX:2561909/2562847
Email: paribash1@ospcboard.org, Website:www.ospcboard.org

No.17376/ IND-II-NOC-Misc-02 Date:6.11.2023

**OFFICE ORDER**

**No.CAD--2768:** In Partial modification of Officer Order No.14829, dtd.22.09.2023 the Public Hearing Fees to be paid by the Project Proponent as follows:

| Category of the projects as per EIA Notification, 2006 | Public Hearing Fees |
|---|---|
| Category-B projects | Rs.1,50,000/- |
| Category-A Projects | Rs.2,00,000/- |

The fees must be paid through online payment Gateway and the online money receipt generated should be submitted alongwith Public Hearing application and other documents. The payment should be done through online payment gateway: **https://ospcboard.org/whatsnew/link-for-online-payment-of-public-hearing-fee/.**

Sd./- MEMBER SECRETARY
OIPR-08012/11/0131/2324

## Government of Odisha "e" Procurement Notice
## WORKS DEPARTMENT

Bid Identification No. C.C.E.K.C., Keonjhar No. 39 / 2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-1213: Letter No.6017, Dt.04.11.2023

1. No. of the work : 3 number Building Works.
2. Estimated cost : Rs. 216.70 Lakhs to Rs. 411.03 Lakhs
3. Class of Contractor : "B" & "A" Class
4. Period of completion : 05 (Five) Calendar Months to 12 (Twelve) Calendar Months
5. Date and Time of availability of Bid document in the portal : From 11.00 Hours of 13.11.2023 to 16.00 Hours of 22.11.2023
6. Last date / Time for receipt of bids in the portal : 16.00 Hours of 22.11.2023
7. Date of opening of Bid from Portal : 11.30 Hours on 23.11 2023
8. Name and address of the officer inviting Bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in."

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0054/2324

## OFFICE OF THE ASSISTANT DIRECTOR OF TEXTILES, NAYAGARH

At: Khandapada Road, P.O./Dist.: Nayagarh, PIN - 752069
Phone: 06753-252015, e-mail: adtexngr@yahoo.com

**QUOTATION CALL NOTICE**

Notice No. - /AD Tex, Nayagarh / Dated -

No. PP-56: Three numbers of different sealed quotations i.e. 1. Frame Loom, 2. Broad Loom, 3. Weaving Accessories, 4. Weaving Accesories for Broad Loom, 5. Four Spindle Bobbin winding machine, 6. Barrel/Lattice Dobby, 7. Motorised Charakha, 8. Warping Drum (Manual), 9. Counting Glass, 10. Slay, 11. Warp & Cloth Beam, 12. Wefting Machine, 12. Tool Kits & Equipments for Dyeing Training, 13. Tool Kits & Equipments for Tie & Dyeing Making & Weaving Training for the year 2023-24. Separate envelope mentioned with item name should be superscribed (Example-1. Technical Bidder for Frame Loom (TI), 2. Financial Bidder for Frame Loom etc.) on the sealed quotations with all complete documetns in a prescribed format in all respect should reach the undersigned on or before Dt.07.12.2023 by 5.30 P.M. through Speed Post/Registered Post only. The quotation received either in incomplete form or after due date & time will not be considered and treated as cancelled. The quotation will be opened on Dt.08.12.2023 at 11.00 A.M. in the Office of the undersigned. For more detials, terms & condition etc. for supply of the items, please visit the official website of the State Agency for Development of Handloom Clusters (SADHAC), Bhubaneswar **www.sadhacodisha.org** or official website of Odisha State Handloom Weavers Co-operative Societies Ltd., Bhubaneswar (Boyanika) **www.boyanika.com** or official website of Sambalpuri Bastralya Handloom Co-operative Society Ltd., Bargarh **www.sambalpuribastralya.com**, National Informatics Centre, Khordha **www.Nayagarh.nic.in** and may contact the Asst. Director of Textiles, Nayagarh in the above listed address, email & Phone Number - 8763276176. The quotationers or their authorized representatives should remain present on that day with samples of different items failing which the quotation of the concerned agency will not be entertained for consideration. If bidders not quoted all times for a particular quotation shall not be considered. The authority reserves the right to reject or accept any/all quotations without assigning any reason thereof.

Sd./- J.P.N. Biswal
Asst. Director of Textiles, Nayagarh
OIPR-31019/11/0005/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail Id: seccbbsr@gmail.com

**E-Procurement Tender Call Notice No. 17 of 2023-24**

No. 3712 Bhubaneswar the 30th October 2023

No. B-1216: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for two number building works to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 09.11.2023 to 5.00 P.M. of 23.11.2023. The bidders must posess compatible Digital Signature Certificate of Class II or III. Bids received online shall be opened at 11.00 A.M. of 24.11.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal: **www.tendersorissa.gov.in**.

Addendum/Corrigendum, if required, will be available only in the Website.

Sd./- Er. P.K. Mohanty
Chief Construction Engineer
OIPR-34156/11/0022/2324 Central (R&B) Circle, Bhubaneswar

## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha
No. XV-30/2023:5085/OSACS Dated: 08.11.2023

**SHORT TENDER CALL NOTICE**

No. E-540: Orissa State AIDS Control Society (OSACS) invites tender from the registered experienced and reputed Agencies/Firms having expertise in the field of development of creative at Social Media, Print Media & Electronics Media. The interested agencies having high experience may submit their proposal super-scribing as **"Tender for Hiring of Social Media & Creative Agency for OSACS"** to the undersigned through Speed Post/Registered Post/ Courier services only which should reach on or before 3.00 P.M. 23.11.2023 positively. The detailed Terms of Reference (ToR) are available in the website i.e. **www.osacs.nic.in** which may be downloaded for use. The undersigned reserves the right to reject any or all the tender without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare),
Govt. of Odisha, 2nd Floor, Oil Orissa
OIPR-10009/11/0004/2324 Building, F-Nayapalli, Bhubaneswar - 12

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, BOLANGIR (R&B) DIVISION: BOLANGIR

Mail ID: - eepwd.bgr@rediffmail.com
eepwd.bgr@gmail.com, Ph. No. 06652-232374

**BID IDENTIFICATION No: BGR R&B/30/2023-24**
**No.6058// Dtd.07.11.23**

**No.B-1222:** 1.The Superintending Engineer, Bolangir (R&B) Division, Bolangir on behalf of the Governor of Odisha Invites percentage rate bid in Single cover system in ONLINE MODE for construction of building work detailed in the table below from eligible contractors.

2. Nature of work : Building Work/Electrical Work
3. No. of tender : 2 Nos. Electrical Work
4. Tender cost : Rs. 6,000/-(Tender paper cost)
5. Class of Contractor : "MV" Class (Registered with ELBO)
6. Date & Time of sale & Receipt of Bids : From Dt. 10.11.2023,11.00 A.M Dt. 20.11.2023 up to 5.00 P.M
7. Date of opening bid : Dt. 21.11.2023 at 11.30 A.M
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in.**

Sd./- Superintending Engineer
Bolangir (R&B) Division
OIPR-34028/11/0026/2324

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

କୋକସରା/ବେହେରା,୯।୧୧(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ/ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଆମପାଣି ଥାନା ବିଜୁ ଏକ୍ସପ୍ରେସ ୱେ ଥୁଟିବର ନିକଟରେ ଗୁରୁବାର ବାଇକ୍‌ରୁ ଖସିପଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆମପାଣି ଥାନା ସାନପୋଡ଼ାଗୁଡ଼ା ପଞ୍ଚାୟତ ମଙ୍ଗଳପୁର ଗ୍ରାମର କୈବଲ୍ୟ ନାଏକ (୨୨)। ସୂଚନା ଅନୁସାରେ କୈବଲ୍ୟ କୌଣସି କାମରେ ଥୁଟିବର ଗାଁକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଇକରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆମପାଣି ପୋଲିସ ସୂଚନା ଦେଇଛି।

### ଆଇନଜୀବୀଙ୍କ ଅକାଳ ବିୟୋଗ

ସିନାପାଲି,୯।୧୧(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ବରଗାଁ ନିବାସି ବରିଷ୍ଠ ଆଇନଜୀବୀ ତଥା ଜିଲା ସ୍ୱର୍ଣ୍ଣକାର ସମାଜ ସଭାପତି ଦୁର୍ଗାପ୍ରସାଦ ସୁନାରୀ (୫୫)ଙ୍କ ପରଲୋକ



ହୋଇଯାଇଛି। ଗତ କିଛିଦିନ ହେଲା ଶରୀର ଅସୁସ୍ଥ ଯୋଗୁ ସେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ପରଲୋକ ଘଟିଛି। ସୁନାରୀ ଅଞ୍ଚଳର ଜଣେ ଜଣାଶୁଣା ଆଇନଜୀବୀ ହୋଇଥିବା ବେଳେ ଦୀର୍ଘଦିନ ଧରି ସିନାପାଲି ଓକିଲ ସଂଘର ସଦସ୍ୟ ରହି ପୂର୍ବରୁ ସଂଘ ଉପସଭାପତି ରହିଥିଲେ। ସେହିପରି ଜିଲା ସ୍ୱର୍ଣ୍ଣକାର ସମାଜର ସଭାପତି ଓ ବରଗାଁ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ମଧ ରହିଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁତ୍ର, ସ୍ତ୍ରୀ ତଥା ପରିବାର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ପୁଅ କାହ୍ନା ସୁନାରୀ ମୁଖାଗ୍ନି ଦେଇଥିଲେ। ପରଲୋକ ଖବର ଶୁଣିଲା ପରେ ସିନାପାଲି ଓକିଲ ସଂଘ ସଭାପତି କ୍ଷୀରସିନ୍ଧୁ ମେହେରଙ୍କ ସମେତ ସୁବ୍ରତ ମେହେର, ବାଣୀବଲ୍ଲଭ ପାଣିଗ୍ରାହୀ, ଋଷଭ ମେହେର, ନୀଳାଞ୍ଚଳ ମେହେର, ସଞ୍ଜୟ ବେହେରା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଜିଲାରେ ୪୭୯ ଚିକିତ୍ସାଧୀନ କୁଷ୍ଠରୋଗୀ

## ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ

■ଡିସେମ୍ବର ୧ରୁ ୧୪ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

ଭବାନୀପାଟଣା,୯।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ବାସଗୃହ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ଣରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ସିଡିଏମଓ ଡାକ୍ତର ରଞ୍ଜନ କୁମାର ମିତ୍ରା, ଡିପିଏଚଓ ଡାକ୍ତର ରାକେଶ ସାହୁ, ଏଡିପିଏଚଓ (ଲେପ୍ରୋସି) ଡାକ୍ତର ମନୁ ମାଝି, ଡିଇଓ ସୁଶାନ୍ତ କୁମାର ଚୋପଦାର, ଡିଆଇପିଆରଓ ମନୋଜ କୁମାର ବେହେରା ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୧ରୁ ୧୪ ଯାଏଁ କଳାହାଣ୍ଡି ଜିଲାରେ ହେବାକୁ ଥିବା ଏଲସିଡିସି (କୁଷ୍ଠ ରୋଗର ଚିହ୍ନଟ ଅଭିଯାନ) ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଜିଲାରେ ତଥା ରାଜ୍ୟର କୁଷ୍ଠ ରୋଗ ପରିସ୍ଥିତି ଉପରେ



ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ।

ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜିଲାରେ ଚିକିତ୍ସାଧୀନ ଅବସ୍ଥାରେ ଏବେ ୪୭୯ଜଣ କୁଷ୍ଠ ରୋଗୀ ଅଛନ୍ତି। ସେହିପରି ବର୍ଷକୁ ବର୍ଷ ହାରାହାରି ୪୦୦ ରୋଗୀ ଚିହ୍ନଟ ହେଉଛନ୍ତି। ଡିସେମ୍ବର ୧ରୁ ୧୪ ପର୍ଯ୍ୟନ୍ତ ଅଭିଯାନରେ ଜିଲାରେ ସମସ୍ତ ବ୍ଲକରେ ଆଶା କର୍ମୀ ଓ ଏଫ ଏଲଡବ୍ଲୁ ମିଶି ଘରକୁ ଘର ବୁଲି କୁଷ୍ଠ ରୋଗ ଚିହ୍ନଟ କରିବେ। ଏଥିରେ ସାସ୍ଥ୍ୟ କର୍ମୀ, ସାସ୍ଥ୍ୟ ପରିଦର୍ଶକ, ସାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହଯୋଗ ରହିବ। ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତର ଲକ୍ଷ୍ୟ ସାଧନ ପାଇଁ ସମସ୍ତ ବିଭାଗର ସହଯୋଗ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଗଲା। ଡବ୍ଲ୍ୟୁଏଚଓ ପରାମର୍ଶଦାତା ପିପିଟି ମାଧ୍ୟମରେ ସମସ୍ତ ବିଷୟ ଗୃହରେ ଜଣାଇ ଲୁକ୍କାୟିତ ଅବସ୍ଥାରେ ଥିବା କୁଷ୍ଠ ରୋଗୀଙ୍କୁ ଚିହ୍ନଟ ଓ ଯଥା ସମ୍ଭବ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଗଲେ କୁଷ୍ଠରୋଗ ଜନିତ ହେଉଥିବା ଅସୁବିଧାକୁ ସହଜରେ ଏଡାଇ ଦିଆଯାଇପାରିବ ଓ ସାମାଜିକ ପାତର ଅନ୍ତରକୁ ଦୂର କରିବା ନିମନ୍ତେ ସହାୟକ ହେବ ବୋଲି କହିଥିଲେ। ଶେଷରେ ଅତିରିକ୍ତ ଜିଲା କୁଷ୍ଠ ଜନସ୍ୱାସ୍ଥ୍ୟ ଅଧିକାରୀ ମାଝି ଅନ୍ୟମାନଙ୍କ ମତାମତକୁ କାର୍ଯ୍ୟକାରୀ କରିବା, ସମସ୍ତ ସଦସ୍ୟମାନଙ୍କ ସହଯୋଗ ମିଳିଲେ କଳାହାଣ୍ଡିକୁ କୁଷ୍ଠମୁକ୍ତ କରାଯାଇପାରିବ ବୋଲି ମତ ରଖିଥିଲେ।

# ଖଟୁଲୁଗୁଡ଼ା ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ



ହିତାଧିକାରୀମାନେ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ୩ ମାସର ଚାଉଳ ହେରଫେର

କୋକସରା,୯।୧୧(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତର ସମସ୍ତ ଗ୍ରାମରେ ଚାଉଳ ଦିଆଯାଇଥିବା ବେଳେ ଖଟୁଲୁଗୁଡା ଗାଁର ହିତାଧିକାରୀଙ୍କୁ ୩ ମାସର ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଯୋଗାଣ ସହାୟକ ଚାଉଳ ଖାଇ ଦେଇଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। କୋକସରା ବିଡିଓ, ମୋଟେର ସରପଞ୍ଚ ଓ ପିଇଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଗୁରୁବାର ପୁଣି ହିତାଧିକାରୀମାନେ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କୁଳମଣି ଦଳପତି, ବିରଞ୍ଚି ଦଳପତି, ସବିତା ହାତୀ, ନାରାୟଣ ହାତୀ, ଗିରିଧାରୀ ଦଳପତି ସମେତ ଶତାଧିକ ହିତାଧିକାରୀ କଂଗ୍ରେସ ନେତା ଦିଗାମ୍ବର ଦୁରିଆଙ୍କୁ ନେଇ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ହିତାଧିକାରୀମାନଙ୍କୁ ପିଡ଼ିଏସ ଚାଉଳ ଯୋଗାଣ ନ ହୁଏ ତେବେ ଆଗକୁ ତୀବ୍ରତର ଆନ୍ଦୋଳନ ହେବ ବୋଲି ଦୁରିଆ କହିଛନ୍ତି।

# ଉଦ୍ୟାନ ବିଭାଗ ପକ୍ଷରୁ କର୍ମଶାଳା

କେସିଙ୍ଗା,୯।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା କୃଷି ଉଦ୍ୟାନ ବିଭାଗ ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାରର ସଭାଗୃହରେ ଉଦ୍ୟାନ କୃଷି କର୍ମଶାଳା ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ପ୍ରଜ୍ଞାଶ୍ରୀ ଦର୍ଶନୀ ସାହୁଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମୋନାଲିସା ପ୍ରଧାନ, ଏଏଚଓ ବିମଳ କୁମାର ନାଏକ, ଅନନ୍ତ ନାରାୟଣ ପଣ୍ଡା, ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ କୁମାର ହୋତା, ଓଏଲ ପାମ ସ୍କିମ ଅଧିକାରୀ ରଞ୍ଜନ କୁମାର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକ ଆତ୍ମା ଅଧ୍ୟକ୍ଷ ଜିତ ସାହୁ, ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ସହକାରୀ କୃଷି ଅଧିକାରୀ ନିରୁପମା ଗୌଡିଆ, ଅବସରପ୍ରାପ୍ତ ଏଏଚଓ ଦୁର୍ବାଦଳ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ।




ଉଦ୍ୟାନ ବିଭାଗ ପକ୍ଷରୁ ଅନୁଷ୍ଠିତ କର୍ମଶାଳା।

ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୨-୨୩ ବିଷଦ ଭାବେ ଆଲୋଚନା ହୋଇଥିଲା। ନୂତନ ଫଳ ଓ ଫୁଲ ବଗିଚା ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଦିଆଯାଉଥିବା ଆର୍ଥିକ ଅନୁଦାନ ସହିତ ଜିଆ ଖତ ପ୍ରସ୍ତୁତି ନିମିତ୍ତ ଜିଆ କୁଣ୍ଡ ପ୍ରତିଷ୍ଠା, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଉପରେ ରିହାତି, ଅମଳ ପରବର୍ତ୍ତୀ ଯତ୍ନ ପାଇଁ ସହାୟତା ତଥା ଉଦ୍ୟାନ କୃଷି ସହାୟତା ଉପରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମୋନାଲିସା ପ୍ରଧାନ ଚାଷୀମାନଙ୍କୁ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ସୁବିଧା ଉପରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ କୁମାର ହୋତା ଏବଂ ଓଏଲ ପାମ ଉପରେ ଅଧିକାରୀ ରଞ୍ଜନ କୁମାର ଦାଶ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଉପରେ ଆଲୋକପାତ କରିଥିଲେ। ଉଦ୍ୟାନ କୃଷି ଓଭରସିୟର ସନ୍ତୋଷ କୁମାର ସାହୁ ସହଯୋଗ କରିଥିଲେ।

## ୧୦ ପରିବର୍ତ୍ତେ ନଭେମ୍ବର ୨୦ ପର୍ଯ୍ୟନ୍ତ ଜଳସେଚନ କରାଯାଉ

ଜୁନାଗଡ଼,୯।୧୧(ଅଂଶୁମାନ ଯୋଶୀ)

ଖରିଫ ଚାଷ ପାଇଁ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଗତ ଜୁଲାଇ ୭ରେ ପାଣି ଛଡା ଯାଇଥିଲା। ହେଲେ କେନାଲର ଦୁର୍ବଳସ୍ଥିତ ଯୋଗୁ ଜୁନାଗଡ଼ ବ୍ଲକର ଚିଲିଗୁଡା ଖସିଗୁଡା, ମୁଣ୍ଡରାଗୁଡା, କାର୍ଲି, ରାଜପୁର, କୋଟେନ ଆଦି ଗାଁକୁ ୧୫ ଦିନ ପରେ ଜଳ ସେଚନ ସ୍ୱାଭାବିକ ହୋଇଥିଲା। ଫଳରେ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ କରିଥିଲେ। ସଳ୍ପ ବୃଷ୍ଟିପାତ ଯୋଗୁ ଚାଷୀମାନେ ତଳି ପକାରୁ ଆରମ୍ଭ କରି ତଳି ରୁଆ ତଥା ଧାନ ଅମଳ ପର୍ଯ୍ୟନ୍ତ କେନାଲ ପାଣି ଉପରେ ଭରସା କରିଥିଲେ। ବର୍ତ୍ତମାନ ଧାନଗୁଡିକ ବାହାରୁ ଥିବାରୁ ପାଣିର ଆବଶ୍ୟକତା ଅଧିକ ରହିଛି। ହେଲେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ଶୁକ୍ରବାର (୧୦ ତାରିଖ)ଠୁ ଜଳ ସେଚନ ବନ୍ଦ କରିବାକୁ ଘୋଷଣା କରିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତାରେ ପଡ଼ିଛନ୍ତି। ଜଳ ସେଚନକୁ ଆହୁରି ୧୦ ଦିନ ଅଧିକ ଅର୍ଥାତ ୨୦ ପର୍ଯ୍ୟନ୍ତ ବଢେଇବାକୁ ଚାଷୀମାନେ ଦାବି କରିଛନ୍ତି। ନଚେତ ଶହ ଶହ ଏକର କ୍ଷତି ହେବାର ଆଶଙ୍କା କରାଯାଉଛି।

# ଦାଦନ ଖଟିବାକୁ ଯାଇ ସ୍ୱାମୀ ନିଖୋଜ, ସ୍ତ୍ରୀ ଥାନାର ଦ୍ୱାରସ୍ଥ

ଥୁଆମୂଳ ରାମପୁର, ୯।୧୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବଡଛତରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଦାବିରୀଗୁଡା ଗ୍ରାମର ଅଗ୍ନି ମାଝି ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିବା ଜଣାପଡ଼ିଛି। ଏ ନେଇ ଅଗ୍ନିଙ୍କ ସ୍ତ୍ରୀ ସିନାଦେଈ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ବଡଛତରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଦାବିରୀଗୁଡା ଗ୍ରାମର ଅଗ୍ନି ପରିବାର ପ୍ରତିପୋଷଣ ଉଦ୍ଦେଶ୍ୟରେ ଗ୍ରାମର ମଙ୍ଗଳୁ ନାଏକ, ଅନ୍ତରାମ ମାଝି ଓ ଚମ୍ପାଚୁଆଁ ଗ୍ରାମର ପବିତ୍ର ମାଝିଙ୍କ ସହିତ ମିଶି ପ୍ରାୟ ୫ ମାସ ତଳେ କେରଳର ତ୍ରିଶୂଳ ଜିଲା ନାଇଟତାରାକୁ ଦାଦନ ଖଟିବାକୁ ଯାଇଥିଲେ। ଯିବାପରେ ସ୍ତ୍ରୀଙ୍କ ସହିତ ଫୋନରେ ଯୋଗାଯୋଗ କରୁଥିଲେ। ଏହି କେତେ ଦିନ ହେବ ସ୍ତ୍ରୀଙ୍କ ସହିତ ଯୋଗାଯୋଗ ହୋଇନାହିଁ। ଗତ ୫ ତାରିଖରେ ଗାଁର ଅନ୍ତରାମ ମାଝି ମୋତେ ଫୋନ କରି କହିଥିଲେ ଯେ, ତୁମ ସ୍ୱାମୀ



ଦୁର୍ଘଟଣାଗ୍ରସ୍ତ ହୋଇ ଡାକ୍ତରଖାନାରେ ପଡିଛନ୍ତି। ଫୋନରେ ଏହି ଖବର ପାଇ ସ୍ତ୍ରୀ ଦୁଃଖରେ ଭାଙ୍ଗିପଡ଼ି ଥୁଆମୂଳ ରାମପୁର ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

# କଳାହାଣ୍ଡି, ନୂଆପଡ଼ାରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ଭବାନୀପାଟଣା/ ନୂଆପଡ଼ା, ୯।୧୧ (ଉତ୍ତମ କୁମାର ଦାଶ/ ମକାରୁ ବେମାଲ)

ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପ୍ରତି ଅବହେଳା ପ୍ରତିବାଦରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ କରି ପ୍ରତିବାଦ କରାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ମରାମତି ଓ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ଓ ଭଣ୍ଡାର ଗୃହ ମରାମତି ସମେତ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଜମି ଓ ଚାଷୀଙ୍କ ଚାଷ ଜମି ତୁରନ୍ତ ଫେରସ୍ତ ନେଇ ଦାବି କରିଛି କଂଗ୍ରେସ। ଜିଲା ସଭାପତି ଭାରତ ବେମାଲଙ୍କ ଅଧ୍ୟକ୍ଷତାରେ ଜିଲା ସାଧାରଣ ସମ୍ପାଦକ ସରୋଜ ବାଗ ଓ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ସମ୍ପାଦକ ବାବାଅଲି ଖା, ପ୍ରିତମ ବେହେରା ମହିଳା ସଭାନେତ୍ରୀ ମହେନ୍ଦରୀ ପ୍ରଧାନ, ରାଜ୍ୟ ମହିଳା ସମ୍ପାଦିକା ସୁକାନ୍ତି ସରାଫ, ରାଜ୍ୟ ମହିଳା ଉପସଭାପତି ଜ୍ୟୋତି ମୟୀ ବାଗ, ଛାତ୍ର ସଭାପତି ସୁଶାନ୍ତ ପ୍ରଧାନୀ, ଆଦିବାସୀ ନେତା ପରମାନନ୍ଦ ମାଝି, ସଂଖ୍ୟା ଲଘୁ ରାଜ୍ୟ ଉପସଭାପତି ସାଜିଦ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଉପସଭାପତି ଭୋଲାନାଥ ପ୍ରଧାନ, ସାଧାରଣ ସମ୍ପାଦକ ଅଭୟ ଶଙ୍କର ଯୋଶୀ, ଗୋବିନ୍ଦ ସିଂ ଠାକୁର, କୋଷାଧ୍ୟକ୍ଷ କୌଶିକ ସାହୁ, ନୂଆପଡା ନଗର ସଭାପତି କୂଳଦୀଲପ ସୁରଜ, ନୂଆପଡା ବ୍ଲକ ସଭାପତି ଚୁନୁଲାଲ ଶବର, ନଗର ଉପସଭାପତି ଛଗନ ପଟେଲ, ରାଜେଶ ପ୍ରଧାନ, ଆକାଶ ତିୱାରୀ, ଲାଲସିଂ ପାଣ୍ଡେ, ସଞ୍ଜୟ ଶଙ୍ଖ ଓ ପଗାରପାଣି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ।

## ନୂତନ ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜୁନାଗଡ଼,୯।୧୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଭାଜପା କାର୍ଯ୍ୟାଳୟଠାରେ ଗୁରୁବାର ନୂତନ ଭାବେ ଦାୟିତ୍ୱ ନେଇଥିବା ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ ଜୁନାଗଡ଼ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଭାଜପା ରାଜ୍ୟ ପରିଷଦ ସଦସ୍ୟ ମନୋଜ ମେହେର, ଭବେନ୍ଦ୍ର ପଣ୍ଡା, କାଞ୍ଚନ ବାଗ, ଲକ୍ଷ୍ମୀ ନାରାୟଣ ବାଣୁଆଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ: ୧୫୫୬ (ପି) ଏବଂ ୧୫୬୧ (ପି), କେଏଚ୍: ୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୮(୬) ଏବଂ ୬(୨) ଅନୁଯାୟୀ ଯଥାକ୍ରମେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୧.୧୨.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘଟିକାରୁ ପୂର୍ବାହ୍ନ ୧୧.୩୦ଘଟିକା ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି ତା.୦୭.୧୨.୨୦୨୩ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| ପାରାଦୀପ ଟାଉନ୍ ଶାଖା / ମୋ.: ୯୪୩୭୪୬୩୪୩୩/୮୮୪୮୭୭୩୪୨/ ଋଣଗ୍ରହୀତା ଏବଂ ବନ୍ଧକଦାତା: ସର୍ବେଶ୍ୱର ନାଥ, ପିତା: କପିଳ ଚରଣ ନାଥ / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଅକ୍ଷୟ କୁମାର ନାଥ, ପିତା: କପିଳ ଚରଣ ନାଥ, ଉଭୟଙ୍କ ଠିକଣା- ସା: ନିମିଡ଼ିହି, ପୋ: ପାରାଦୀପ ଗଡ଼, ଥାନା: ପାରାଦୀପ ଲକ୍, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / ଜାମିନ୍‌ଦାର: ଉଷାଶ୍ରୀ ପରିଡା, ସ୍ୱାମୀ: ଜଗବନ୍ଧୁ ପରିଡା, ସା: ବିଜୟଚନ୍ଦ୍ରପୁର, ପୋ: ଅଠରବାଙ୍କି, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଶ୍ରୀ ସର୍ବେଶ୍ୱର ନାଥ ଏବଂ ଶ୍ରୀ ଅକ୍ଷୟ କୁମାର ନାଥଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୭୯/୬୨୨, ଖାତା ନଂ.: ୨୨୫/୭୫, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ମୌଜା: ନିମିଡ଼ିହି, ତହସିଲ: କୁଜଙ୍ଗ, ଥାନା: ପାରାଦୀପ ନଂ. ୨୮, ଜିଲ୍ଲା: ଜଗତସିଂହପୁର, ଏହାର ଚରିପାର୍ଶ୍ୱରେ- ଉତ୍ତର: ସୀତାବାଳା ମଣ୍ଡଳ, ଦକ୍ଷିଣ: ରାସ୍ତା, ପଶ୍ଚିମ: ରାସ୍ତା, ପୂର୍ବ: ବସନ୍ତ ଦାସ | ୦୮.୧୧.୨୦୨୩ ସୁଦ୍ଧା ଟ.୧,୧୨,୩୫,୦୩୪.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୭୨,୦୦୦/- / ଟ.୨,୦୮,୦୦୦/- |
| ନିଶ୍ଚିନ୍ତକୋଇଲି ଶାଖା/ ମୋ.: ୮୨୪୯୯୪୯୮୦୩ / ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ସକତ୍ ମହମ୍ମଦ, ପିତା: ଗୋରା ମହମ୍ମଦ / ଜାମିନ୍‌ଦାର ଏବଂ ବନ୍ଧକଦାତା: ସଇଦା ପରଭିନ୍, ସ୍ୱାମୀ: ସେକ୍ ସକତ୍ ମହମ୍ମଦ, ଉଭୟଙ୍କ ଠିକଣା- ସା/ପୋ: ଗୋତରା, ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭ | ସେକ୍ ସକତ୍ ମହମ୍ମଦ ଏବଂ ସଇଦା ପରଭିନ୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୯୫, ଖାତା ନଂ.: ୩୨୯, କ୍ଷେତ୍ର: ଏକର୧.୨୦୪ ଡିସିମିଲି, ମୌଜା: ଗୋତରା, ତହସିଲ: ମାହାଙ୍ଗା, ଥାନା: ମାହାଙ୍ଗା ନଂ. ୪୩, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ପଦନ ସାହୁ ଏବଂ ଅନ୍ୟମାନେ, ଦକ୍ଷିଣ: ବରନ୍ୟ କୁମାର ସାମଲ ଏବଂ ଅନ୍ୟମାନେ, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | ୦୮.୧୧.୨୦୨୩ ସୁଦ୍ଧା ଟ.୨୭,୧୧,୫୦୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୫୫,୦୦୦/- / ଟ.୨,୫୬,୦୦୦/- |
| କଟକ ବକ୍ସିବାଟି ରୋଡ୍ ଶାଖା / ମୋ.: ୯୪୩୭୫୬୭୯୫୮୫ / ଋଣଗ୍ରହୀତା: ମେସର୍ସ ରଶ୍ମି ମେଡିସିନ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅମ୍ରିତ ଆନନ୍ଦ ଦାସ, ରାଣୀହାଟ, ପ୍ଲଟ୍ ନଂ.: ୫୬୭/୮୫୩, ତେଲିସାହି, ମଙ୍ଗଳାବାଗ, କଟକ, ଓଡ଼ିଶା, ପିନ୍-୭୫୩୦୦୧/ ଜାମିନ୍‌ଦାର: ସନ୍ତୋଷ କୁମାର ପଣ୍ଡା, ପିତା: ହରେକୃଷ୍ଣ ପଣ୍ଡା, ରାଣୀହାଟ ମେଡିକାଲ ରୋଡ୍, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୩୦୦୧ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ପୁଷ୍ପାଞ୍ଜଳୀ ଦାସ, ସ୍ୱାମୀ: ଶ୍ରୀ ବିଚିତ୍ରାନନ୍ଦ ଦାସ, ସା: ଜ୍ୟୋତ୍ସ୍ନା ବିହାର-୨, ପୋ: ଭାଣପୁର, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୦୧ | ସମ୍ପତ୍ତି ଯାହାର ଖାତା ନଂ.: ୧୧୬୨/୧୪୯୯, ପ୍ଲଟ୍ ନଂ.: ୧୬୨୮/୪୯୯୫, କ୍ଷେତ୍ର: ଏକର୦.୦୨୬ଡିସିମିଲି (ଘରବାରି) ଏବଂ ପ୍ଲଟ୍ ନଂ.: ୧୬୨୫/୪୯୯୬, କ୍ଷେତ୍ର: ଏକର୦.୦୨୦ଡିସିମିଲି, ଅନୁରୂପ ହାଲ ଖାତା ନଂ.: ୧୧୬୨/୧୦୮, ପ୍ଲଟ୍ ନଂ.: ୧୬୨୮, କ୍ଷେତ୍ର: ଏକର୦.୦୨୬ ଡିସିମିଲି ଏବଂ ଖାତା ନଂ.: ୯୩୦, ପ୍ଲଟ୍ ନଂ.: ୧୬୨୫, କ୍ଷେତ୍ର: ଏକର୦.୦୨୦ଡିସିମିଲି ଏବଂ ସବ୍ ପ୍ଲଟ୍ ନଂ.: ୨୮୫୦/୩୪୫, ଜ୍ୟୋତ୍ସ୍ନା ବିହାର, ଫେଜ୍-II, ସା.: ଭାଣପୁର, ଏନ୍‌ଏଚ୍-୫ ନିକଟ, ଜିଲ୍ଲା: କଟକ, ତହସିଲ: କଟକ ସଦର ନଂ. ୨୫୨, ଥାନା: କଟକ ସଦର, ଥାନା ନଂ. ୪୨, ମୌଜା: ଭାଣପୁର, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୮୪୫ ଏବଂ ୨୮୪୬, ପୂର୍ବ: ସବ୍ ପ୍ଲଟ୍ ନଂ. ୨୮୪୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮୫୧ | ୦୮.୧୧.୨୦୨୩ ସୁଦ୍ଧା ଟ.୩୭,୦୪,୬୨୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୫,୨୦,୦୦୦/- / ଟ.୧,୫୨,୦୦୦/- |
| ଉମର ଶାଖା / ମୋ.: ୮୨୪୯୭୬୨୯୪୩/୭୬୦୫୦୦୯୦୯୮ / ଋଣଗ୍ରହୀତାମାନେ: ୧) ଚିତ୍ରଲେଖା ମହାନ୍ତି, ସ୍ୱାମୀ: ୰ ଧରଣୀଧର ମହାନ୍ତି, ୨) ଗଗନବିହାରୀ ମହାନ୍ତି (ନାବାଳକ), ପିତା: ୰ ଧରଣୀଧର ମହାନ୍ତି, ୩) ପ୍ରତିଭା ମହାନ୍ତି (ନାବାଳିକା), ପିତା: ୰ ଧରଣୀଧର ମହାନ୍ତି, ସମସ୍ତଙ୍କ ଠିକଣା- ସା/ପୋ: ଗୋକନ, ଭାୟା: ନିଶ୍ଚିନ୍ତକୋଇଲି, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୬ / ଜାମିନ୍‌ଦାର: ରମେଶ ଚନ୍ଦ୍ର ସ୍ୱାଇଁ, ପିତା: ଇନ୍ଦ୍ରମଣି ସ୍ୱାଇଁ, ଗ୍ରାମ: ବରାହିପୁର, ପୋ: ଓସଙ୍ଗ, ଜିଲ୍ଲା: କଟକ-୭୫୪୦୨୬ | ଧରଣୀଧର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୨୪/୨୮୧୭, ଖାତା ନଂ.: ୮୬୩/୧୫୬, ସମୁଦାୟ ପ୍ଲଟ୍ କ୍ଷେତ୍ର: ଏକର୦.୦୨୫ଡିସିମିଲି, ମୌଜା: ଗୋକନ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ବି. ମହାନ୍ତି, ଦକ୍ଷିଣ: ଆର୍. ମହାନ୍ତି, ପୂର୍ବ: ଏମ୍. ମହାନ୍ତି, ପଶ୍ଚିମ: ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୧୪,୩୭,୮୨୭.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୮୦,୦୦୦/- / ଟ.୭୦,୦୦୦/- |
| କେନ୍ଦ୍ରାପଡା ଶାଖା / ମୋ.: ୯୪୩୭୫୬୭୯୫୪୨ / ଋଣଗ୍ରହୀତା: ମିର୍ ଅବଦୁଲ ଅଲିମ୍, ପିତା: ମିର୍ ଅବଦୁଲ ରହିମ୍, ପୋଷ୍ଟ ଅଫିସ୍ ଲେନ୍, ସା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ / ଜାମିନ୍‌ଦାର: ଏସ୍‌କେ ମହିଉଦ୍ଦିନ, ପିତା: ୰ ଏସ୍‌କେ କମିରୁଦ୍ଦିନ୍, ସା: ମଡିଆଳ, ପୋ/ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ | ଏସ୍‌କେ ମହିଉଦ୍ଦିନ, ପିତା: ୰ ଏସ୍‌କେ କମିରୁଦ୍ଦିନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା/ପୋ: ମଡିଆଳ, ଜିଲ୍ଲା: କେନ୍ଦ୍ରାପଡ଼ା, ମୌଜା: ମଡିଆଳ, ଖାତା ନଂ.: ୪୯୭/୯୦୯, ପ୍ଲଟ୍ ନଂ.: ୧୬୪/୨୬୫୨, କ୍ଷେତ୍ର: ଏକର୦.୦୪୦ଡିସିମିଲି, (୧୭୪୨ ବର୍ଗଫୁଟ), ଏହାର ଚରିପାର୍ଶ୍ୱରେ- ଉତ୍ତର: ଏସ୍‌କେ ଅମିରୁଦ୍ଦିନ, ଦକ୍ଷିଣ: ଏସ୍‌କେ ଆଲ୍ଲାଉଦ୍ଦିନ, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୪୩,୪୩,୮୦୫.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୮,୯୦,୦୦୦/- / ଟ.୨,୯୦,୦୦୦/- |
| ଏଆର୍‌ଏମ୍ ଶାଖା, କଟକ / ମୋ.: ୭୦୭୭୭୨୦୫୩୦ / ଋଣଗ୍ରହୀତାମାନେ: ୧) ମେସର୍ସ ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ୍ ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ସରିତା ଅଗ୍ରୱାଲ, ଠିକଣା-୧: ସା: ମନମନ୍ଦିର ସୋରୁମ୍, ମେଟ୍ରୋ ପ୍ଲାଜା, ତିନିକୋଣିଆ ବଗିଚା, ଜିଲ୍ଲା: କଟକ, ପିନ୍-୭୫୩୦୦୧, ଠିକଣା-୨: ୧, ଜନପଥ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, ୨) ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ପିତା: ବାଲକିସନ ଅଗ୍ରୱାଲ, ଚୌଧୁରୀ ବଜାର, କଟକ-୭୫୩୦୦୧/ ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ସରିତା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ମାର୍ଫତ: ବି କେ ଟ୍ରେଡିଂ କୋଃ., ଜାଉଳିଆ ପଟି, କଟକ-୭୫୩୦୦୧ | ସରିତା ଅଗ୍ରୱାଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବ୍ୟବସାୟିକ ଦୋକାନ ଯାହାର ସପ୍ ନଂ.: ଇଏକ୍ସ-୪ଏ, ମେଟ୍ରୋ ପ୍ଲାଜା, ଫେଜ୍-୨, ଖାତା ନଂ.: ୧୬୧, ପ୍ଲଟ୍ ନଂ.: ୧୨୮୦/୧୪୬୨, କ୍ଷେତ୍ର: ଏକର୦.୦୪୦ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୨, କ୍ଷେତ୍ର: ଏକର୦.୧୫୮ ଡିସିମିଲି ଏବଂ ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୧୨୮୦/୧୪୬୪, କ୍ଷେତ୍ର: ଏକର୦.୦୩୬ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୫, କ୍ଷେତ୍ର: ଏକର୦.୧୪୪ ଡିସିମିଲି, ସା/ମୌଜା: କଟକ ସହର, ୟୁନିଟ୍ ନଂ. ୧୧, ଓଡ଼ିଆ ବଜାର, ପୋ/ତହସିଲ/ଡିଏସ୍‌ଆରଓ: କଟକ, ଥାନା: କାଣ୍ଟନମେଣ୍ଟ, ଥାନା ନଂ. ୦୪, ଜିଲ୍ଲା: କଟକ ସହିତ ସମୁଦାୟ କ୍ଷେତ୍ର: ଏକର୦.୩୭୮ ଡିସିମିଲି, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ଜଏଣ୍ଟ ପାସେଜ୍, ଦକ୍ଷିଣ: କରିଡର, ପୂର୍ବ: ସପ୍ ନଂ. ୩, ପଶ୍ଚିମ: ସପ୍ ନଂ. ୫ | ୦୯.୧୧.୨୦୨୩ ସୁଦ୍ଧା ଟ.୨,୯୯,୫୫,୭୮୦.୬୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ (www.canarabank.com)ରେ "Announcements>Sale Notice>Orissa" ଲିଙ୍କ୍ କିମ୍ବା ସମ୍ପୃକ୍ତ ଶାଖା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ତାରିଖ: ୦୯.୧୧.୨୦୨୩
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


# ଜିଲାରେ ରୋଗୀ ସେବା ବ୍ୟାହତ, ସିଡିଏମ୍‌ଓଙ୍କୁ ଦାବିପତ୍ର

ନୂଆପଡ଼ା,୯।୧୧(ମକାରୁ ବେମାଲ)

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ସମ୍ପୂର୍ଣ୍ଣ ବ୍ୟାହତ ହେବା ସହ ପ୍ରସୂତୀମାନଙ୍କୁ ହଇରାଣ କରି ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ.ସୁଧିର ରଞ୍ଜନ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସବୁ ଉପରେ ତଦନ୍ତ କରି ସମସ୍ୟାର ସମାଧାନ କରିବି ବୋଲି ଡଃ ନାଏକ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି ସହ ପଡୋଶୀ ଛତିଶଗଡରୁ ଅନେକ ରୋଗୀ ଆସୁଛନ୍ତି। ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ବ୍ୟହତ ହୋଇପଡିଛି। ଲୋକେ ହଇରାଣ



ଦାବିପତ୍ର ପ୍ରଦାନ କରାଯାଉଛି।

ଓ ଅଧିକ ଖର୍ଚ୍ଚାନ୍ତ ହୋଇ ରାୟପୁର କିମ୍ବା ବୁର୍ଲାକୁ ଯାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୬୮ଜଣ ଡାକ୍ତର ରହିବା ସ୍ଥାନରେ ଅଛନ୍ତି ମାତ୍ର ୨୮ଜଣ। ସରକାରୀ ଚିକିତ୍ସାଳୟରେ ସହଜ ଓ ସୁବିଧାରେ ଚିକିତ୍ସା ସେବା ମିଳିବ ବୋଲି ଦୂର ଦୂରାନ୍ତରୁ ଲୋକେ ଗର୍ଭବତୀମାନଙ୍କୁ ନୂଆପଡା ପ୍ରସୂତୀ ବିଭାଗକୁ ଆଣୁଛନ୍ତି। ହେଲେ ଗର୍ଭବତୀଙ୍କୁ ଉଚିତ ସେବା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସେବା ବଦଳରେ ଗର୍ଭବତୀଙ୍କୁ ଦୁର୍ବ୍ୟବହାର କରାଯାଇ ନର୍ସିଂ ହୋମକୁ ନେଇଯାଅ, ଏଠାରେ ହୋଇପାରିବ ନାହିଁ ବୋଲି ସିଧାସଳଖ ମନାକରୁଛନ୍ତି। ନଭେମ୍ବର ୫ରେ ଖଡିଆଳ ବ୍ଲକ ସାନମହେଶ୍ୱର ଗ୍ରାମର ଜ୍ୟୋସ୍ନାରାଣୀ ଜଣେ ଗର୍ଭବତୀ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତୀ ବିଭାରେ ଭର୍ତ୍ତି ହୋଇଥିଲେ। ମହିଳା ଜଣକ ବେଦନା ହେଉଛି ବୋଲି କହିବାରୁ ସେଠାରେ ଥିବା ସ୍ୱାସ୍ଥ୍ୟ ସେବିକାମାନେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ଆମଠାରୁ ତୁମେ ଅଧିକ ଜାଣିଛୁ। ଯଦି ଜାଣିଛୁ ଡାକ୍ତରଖାନା କାହିଁକି ଆସିଲ ବୋଲି ଗାଳି କରିଥିଲେ। କେବଳ ଜ୍ୟୋସ୍ନାରାଣୀ ନୁହେଁ ଅନେକ ଗର୍ଭବତୀଙ୍କୁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି। ୧୦ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କୁ ବଦଳି ଓ ଦୁର୍ବ୍ୟବହାର କରୁଥିବା ସ୍ୱାସ୍ଥ୍ୟ ସେବିକାମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ସଭାପତି ଭାନୁ ପ୍ରତାପ ସିଂ ମାଝି, ଉପସଭାପତି କମଳେଶ ସିଂ ଠାକୁର, ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ରମେଶ ସାହୁ, ଗୋବର୍ଦ୍ଧନ ମାଝି, ରୋହିତ ସାହୁ, ଖାମସିଂ ମାଝି, ମହେଶ୍ୱର ଦଣ୍ଡସେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ବୌଦ୍ଧ,୯।୧୧(ଅଜିତ କୁମାର ବାରିକ)

ବୌଦ୍ଧ ସରସରା କ୍ଲଷ୍ଟରସ୍ତରୀୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସରସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ସିଆରସିସି ଶ୍ରୀବନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟର ଅନ୍ତର୍ଗତ ୧୦ଗୋଟି ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ପାଇ ଶିଶୁ ଉପଯୋଗୀ ଅନେକ ଶିକ୍ଷକ ଉପକରଣ ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଓ ଅଖିଳ କୁମାର ପ୍ରଧାନ କର୍ମଶାଳା ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଡିଆରଜି ମେମ୍ବର ବିଜୟ କୁମାର ସାହୁ ଓ ଦିଲୀପ କୁମାର ସାହୁଙ୍କ ସମେତ ମଞ୍ଜୁଶ୍ରୀ ମହାପାତ୍ର, କୌଶଲ୍ୟା ସାହୁ, ନିବେଦିତା ବେହେରା, କମଳିନି ସାହୁ, ରୀତା ପାତ୍ର, ଅନୁସ୍ୱୟା ପାଣିଗାହୀ, ଭୂମିଭୁତା ମେହେର, ବିଜୟଲକ୍ଷ୍ମୀ ପାଲ, ଯୋଶୋଦା ମେହେର, କବିତାରାଣୀ ପରିଡା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

ତରଭା, ୯।୧୧ (ମାନଭଞ୍ଜନ ମିଶ୍ର)

ତରଭା ସୁନାରିପଡା ନିବାସୀ ସ୍ୱର୍ଗତ ଧନ ସିଓ ସାହୁଙ୍କ ସ୍ତ୍ରୀ ମଲିଫୁଲ(୮୭)ଙ୍କ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ସମୟରେ ତାଙ୍କ ପାଖରେ ତିନିପୁଅ ପ୍ରହ୍ଲାଦ ସାହୁ, ଅନ୍ତର୍ଯ୍ୟାମୀ ସାହୁ ଓ ନିଳରତ୍ନ ସାହୁଙ୍କ ସହିତ ସମସ୍ତ ବୋହୂ ଓ ନାତି ନାତୁଣୀ ଏବଂ ଦୁଇ ଝିଅ ପୁଷ୍ପାଞ୍ଜଳୀ ସାହୁ, ଅଞ୍ଜଳି ସାହୁ ସ୍ୱାଇଁ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରି, ଧର୍ମପରାୟଣା ମହିଳା ଥିଲେ।

# କୁଶଙ୍ଗ ଅଭୟାରଣ୍ୟ ଅଞ୍ଚଳରେ ହେବ ପର୍ଯ୍ୟଟନସ୍ଥଳ

ତଳଗାଁ,୯।୧୧(କୁନା ବେହେରା)



ଅତଲସରା ଠାରେ ପର୍ଯ୍ୟଟନସ୍ଥଳ କରିବାକୁ ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ।

ବୌଦ୍ଧ ଜିଲା ପ୍ରାକୃତିକ ଶୋଭାରେ ଭରପୁର। ବୌଦ୍ଧ ଜିଲାରେ ପର୍ଯ୍ୟଟନ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଥିବାବେଳେ ଜିଲାରେ ନନ୍ଦନବନ କାର୍ଯ୍ୟ ଚାଲୁଛି। ଜିଲାର ହରଭଙ୍ଗା ବ୍ଲକର କୁଶଙ୍ଗ ପଞ୍ଚାୟତର ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ପର୍ଯ୍ୟଟନ ବିକାଶ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ଅତଲସରା ଗ୍ରାମ ନିକଟରେ ମହାନଦୀ କୂଳରେ ଥିବା ୫ ଏକର ଜାଗାରେ ପର୍ଯ୍ୟଟନ ସ୍ଥଳ ନିର୍ମାଣ ପାଇ ଗୁରୁବାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ, ପାନୀୟଜଳ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପର୍ଯ୍ୟଟନସ୍ଥଳ ହେଲେ ଏଠାରେ ଉଚ୍ଚ ଟାୱାର ଘର ହେବା ସହ ସେହି ସ୍ଥାନରେ ବୋଟ ରଖାଯାଇ ମହାନଦୀର ଦୃଶ୍ୟ ଉପଭୋଗ କରିବାର ବ୍ୟବସ୍ଥା କରାଯିବାର ରହିଛି। ଏହା ସହ ସେଠାରେ ସୁନ୍ଦର ପାର୍କ ନିର୍ମାଣ ହେବା ସହ ପିଲାଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ସରଞ୍ଜାମର ବ୍ୟବସ୍ଥା କରାଯିବାର ରହିଛି। ଏଠାରେ ପର୍ଯ୍ୟଟନ ସ୍ଥଳ ନିର୍ମାଣ ହେଲେ ବହୁ ବିଦେଶୀ ପର୍ଯ୍ୟଟକ ବାହାରୁ ଆସି ମହାନଦୀର ମଜା ନେଇ ପାରିବେ ବୋଲି ଅଧିକାରୀମାନେ ମତ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ, ନୟାଗଡ ବନ୍ୟପ୍ରାଣୀ ଡିଏଫଓ ଫାଲଗୁନୀ ସାରଥି ମଲିକ, ଏସିଏଫ ଦେବୀ ପ୍ରସାଦ ରାଉତ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ତହସିଲଦାର ଶିବାନୀ ଦାସ, ରେଞ୍ଜର ସଂସାର ବର୍ଗିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ମନ୍ତ୍ରୀ ଅମାତଙ୍କୁ ଅତଲସରା ଗ୍ରାମବାସୀ ଭବ୍ୟ ସ୍ୱାଗତ କରିବା ସହ ସେମାନେ ବର୍ଷା ୪ ମାସ ଜଳବନ୍ଦୀ ହୋଇ ରହିଯାଉଥିବା ନେଇ ଅଭିଯୋଗ କରିଥିଲେ। ଫଳରେ ଉକ୍ତ ୪ ମାସ ସେମାନେ ରୋଜଗାର କରିପାରୁ ନ ଥିବାରୁ ଯଦି ପର୍ଯ୍ୟଟନ ସ୍ଥଳି କରାଯାଏ ସେମାନେ ନିଜର ହାତ ତିଆରି ସାମଗ୍ରୀ ବିକ୍ରି କରି ଅର୍ଥ ପାଇପାରିବେ ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ।

**କ୍ଷେତ୍ର ପରିଦର୍ଶନ କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ**

# କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ଅମରପାଲି/ ବିନିକା, ୯।୧୧ (ପୀତାମ୍ବର ସାହୁ/ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ବିନିକାରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପିସିସି ସଭାପତି ଶରଦ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟିର ସଭାପତି ବସନ୍ତ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ପ୍ରଥମେ ଜଗନ୍ନାଥଙ୍କ ଠାରେ ପ୍ରଦୀପ ଜାଳି ଏବଂ ସଂକୀର୍ତ୍ତନ କରି ପ୍ରତିବାଦ କରିଥିଲେ। ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ପ୍ରତିବାଦ ସତ୍ୟାଗ୍ରହରେ କଂଗ୍ରେସର ସଦସ୍ୟମାନେ ମହାପ୍ରଭୂଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲାଯାଇ ମହାପ୍ରଭୂଙ୍କ ଅଳଙ୍କାର ମୂଲ୍ୟାଙ୍କନ କରିବା ସହିତ ରତ୍ନଭଣ୍ଡାର ମରାମତି କରିବା ଆଦି ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁର ପୂର୍ବତନ ବିଧାୟକ ବିନୋଦ କୁମାର ପାତ୍ର, ବରିଷ୍ଠ କଂଗ୍ରେସ ନେତା ରାଜଗୋପାଲ ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ଲବକୁମାର ସାହୁ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ, ସନ୍ତୋଷ ସମର୍ଥ, ସୁରେଶ କୁମାର ପଣ୍ଡା, ଗରିବ ଦଣ୍ଡ ସେନା,ଲବ ଝାଙ୍କର, ପଦ୍ମନାଭ ପଧାନ, ଦେବରାଜ ବାଘ, ଦେବରାଜ ମିଶ୍ର ଓ ରଞ୍ଜିତ ଝାଙ୍କରଙ୍କ ସମେତ ପ୍ରମୁଖ ନେତା ଓ କର୍ମୀ ଏହି ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ବିନିକାରେ କଂଗ୍ରେସ ତରଫରୁ ମଧ୍ୟ ସଙ୍କୀର୍ତ୍ତନ ସତ୍ୟାଗ୍ରହ ହୋଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସ୍ଥାନୀୟ ତହସିଲ ଅଫିସ ଛକ ଠାରୁ ସଙ୍କୀର୍ତ୍ତନ ତାଳେ ତାଳେ ଶୋଭାଯାତ୍ରାରେ ଗଡଭିତର ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ୩ଦିଅଁଙ୍କୁ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶୀର୍ବାଦ ଲୋଡିଥିଲେ।

# ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସର ବାର୍ଷିକ ବୈଠକ




ବୈଠକରେ ଉପସ୍ଥିତ ଜିଲା ଶିକ୍ଷାଧିକାରୀ ଓ ରେଡକ୍ରସର କର୍ମକର୍ତ୍ତା।

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସ କାର୍ଯ୍ୟକାରୀ କମିଟିର ବାର୍ଷିକ ବୈଠକ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ବୈଠକରେ ଅଧ୍ୟକ୍ଷତା କରି ଜିଲାର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ୟୁନିଟ ଖୋଲିବା ସହ ସମାଜର ବିଭିନ୍ନ ବର୍ଗର ଲୋକେ କିପରି ରେଡକ୍ରସର ଉପାଦେୟତା ପାଇପାରିବେ ସେ ଦିଗରେ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ସାଧନକର୍ମ ଏବଂ ପରାମର୍ଶଦାତାମାନଙ୍କୁ ଆହ୍ୱାନ କରିଛନ୍ତି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ଡା. ରାଧାକାନ୍ତ ଗଡତିଆ, ଏଡିଇଓ ମଞ୍ଜୁଲତା ଭୋଇ, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ଭାଇସଚେୟାରପର୍ଶନ ଗତିକୃଷ୍ଣ ମିଶ୍ର ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ। ଚଳିତ ଶିକ୍ଷାବର୍ଷରେ ହାତକୁ ନେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ଭୋଇ ଏହାକୁ ଅନୁମୋଦନ କରିଥିଲେ। ବ୍ଲକସ୍ତରୀୟ ସଚେତନତା ଶିବିର ଏବଂ ଜିଲା ସ୍ତରୀୟ ପ୍ରଶିକ୍ଷଣ ଓ ତାଲିମ କାର୍ଯ୍ୟକ୍ରମକୁ ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ପ୍ରାରମ୍ଭରେ ସମ୍ପନ୍ନ କରିବାକୁ କମିଟିର ସମସ୍ତ ସଦସ୍ୟ ତଥା ଅଂଶୀଦାର ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ ସଭା ସଂଯୋଜନା କରିଥିଲେ। ସାଧନକର୍ମ ହୃଷିକେଶ ଡାଙ୍ଗ ୨୦୨୨-୨୩ ବର୍ଷର ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ସାଧନକର୍ମୀ ବଳରାମ ପୁରୋହିତ, ଶେଷଦେବ ଛତ୍ର, ଆଶିଷ ନାଏକ, ଚନ୍ଦ୍ରଶେଖର ମହାପାତ୍ର, ତପସ୍ୱିନୀ ଦାଶ, ବିସିସି ନିମାଇ ମଲ୍ଲିକ, ପବିତ୍ର ବାରିକ, ବୈକୁଣ୍ଠ ନାୟକ, ଗୋପେଶ ପଣ୍ଡା, ପ୍ରହ୍ଲାଦ ନାୟକ, ବିଜୟ କୁମାର ପଣ୍ଡା, ପ୍ରଧାନଶିକ୍ଷକ କାଳିଆ କର୍ମ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୂଚାରୁବାଳା ଦେବୀ, କାଉନସିଲର ହୃଷିକେଶ ଚାନ୍ଦ, ପରାମର୍ଶଦାତ୍ରୀ ପ୍ରଜ୍ଞାପରମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ସାଧନକର୍ମୀ ତଥା ଆରଡିଓ ଝସକେତନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡରାମାଳି ଯୁବମଞ୍ଚର ନୂତନ କର୍ମକର୍ତ୍ତା




ପଣ୍ଡରାମାଳି ଯୁବ ମଞ୍ଚର ସଦସ୍ୟ ଓ ନୂତନ କର୍ମକର୍ତ୍ତା।

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପଣ୍ଡରାମାଳି ଯୁବମଞ୍ଚର ପ୍ରଥମ ବୈଠକ ଗୁରୁବାର ଅପରାହ୍ନରେ ସାହା ଗେଷ୍ଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଏହି ସଭାକୁ ଶିବରାମ ସାହୁ ପରିଚାଳନା କରିଥିଲାବେଳେ ରାମନାରାୟଣ ଭୋଇ କର୍ମକର୍ତ୍ତା ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ପଣ୍ଡରାମାଳି ଯୁବ ମଞ୍ଚର ଜିଲା ସଭାପତି ଭାବେ ଜୟକୃଷ୍ଣ ସା, କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁ, ଉପ ସଭାପତି ଶିବଶଙ୍କର ନାଏକ, କରୁଣାକର ସାହୁ, ସାଧାରଣ ସମ୍ପାଦକ ଈଶ୍ୱର ବିଶି, ସହ ସମ୍ପାଦକ ଭବାନୀ ଶଙ୍କର ବିଶି, କୋଷାଧ୍ୟକ୍ଷ ରାମ ଶଙ୍କର ଖମାରୀ, ଉପଦେଷ୍ଟା ଶିବଶଙ୍କର ସାହୁ, ରାମ ନାରାୟଣ ଭୋଇ, ଶଙ୍କର ବିଶି, ଉମାକାନ୍ତ ବିଶି, ମହାଦେବ ମଲ୍ଲିକ, ଜ୍ୟୋତି ରଞ୍ଜନ ଭୋଇ, ପିତାମ୍ବର ମହଲାଙ୍କୁ ଚୟନ କରାଯାଇଛି। ସେହିପରି ସୋନପୁର ବ୍ଲକ ସଂଯୋଜକ ଭାବେ ସରୋଜ କୁମାର ନାଏକ, ତରଭାର ପରୀକ୍ଷା ସା, ବିନିକାର ରଞ୍ଜନ କୁମାର ସା, ଡୁଙ୍ଗୁରିପାଲି ବ୍ଲକ ସଂଯୋଜକ ମୁକେଶ କୁମାର ଭୋଇ, ଉଲୁଣ୍ଡା ବ୍ଲକର ନିଳାଦ୍ରୀ କୁଅଁର, ବୀରମହାରାଜପୁର ବ୍ଲକର ପଙ୍କଜ ଖମାରୀଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ସହରର ବହୁ ଯୁବକ ଯୋଗ ଦେଇ ତାଙ୍କର ମତାମତ ଦେଇଥିଲେ। ଆଗାମୀ ଦିନରେ ପଣ୍ଡରାମାଳି ଯୁବ ମଞ୍ଚ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ନୂତନ ସଭାପତି ସୂଚନା ଦେଇଛନ୍ତି।

# ଜାନୁୟାରୀ ୧ରୁ ପଏଁରୀ ତିହାର

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)




ପଏଁରୀ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ଓ କର୍ମକର୍ତ୍ତା।

ସୁବର୍ଣ୍ଣପୁରର କଳା, ସଂସ୍କୃତି ଅନୁଷ୍ଠାନ ପଏଁରୀ ଆନୁକୂଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ପଏଁରୀ ତିହାର ୨୦୨୪ ଅନୁଷ୍ଠିତ ହେବ। ଆସନ୍ତା ଜାନୁୟାରୀ ୧ ରୁ ୩ ପର୍ଯ୍ୟନ୍ତ ଭୀମଭୋଇ କଳା ମଣ୍ଡପରେ ଏହି ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ପଏଁରୀ ତିହାର ଆୟୋଜିତ ହେବ। ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ପ୍ରଥମେ ପୂର୍ବତନ ବିଧାୟକ ତଥା ପଏଁରୀର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ କୁନ୍ଦୁରୁ କୁଶଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ତାଙ୍କ ଫଟୋଚିତ୍ରରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସମ୍ପାଦକ ଚୌଧୁରୀ ବିଭାର ବିଗତ ବର୍ଷର ଆୟବ୍ୟୟ ବିଷୟରେ ଆଲୋକପାତ କରିଥିଲେ। ଏ ବର୍ଷ ଜିଲାର ଲୋକ କଳାକାର ତଥା ଜିଲା ବାହାର ଆସାମ, ହରିୟାଣା, ମଧ୍ୟପ୍ରଦେଶର, କଲିକତା କଳାକାରମାନେ ସେମାନଙ୍କର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ସମ୍ପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ। ଅନୁଷ୍ଠାନର ସଦସ୍ୟମାନଙ୍କୁ ନେଇ ମା' ସୁରେଶ୍ୱରୀଙ୍କ ଠାରେ ପୂଜା ଅର୍ଚ୍ଚନା ସହିତ ମଶାଲ ଶୋଭାଯାତ୍ରା ହେବ। ପଶ୍ଚିମ ଓଡ଼ିଶାର ରାଧାକୃଷ୍ଣ ଦଣ୍ଡ ବିଷୟରେ ଦଣ୍ଡ ଗୁରୁମାନଙ୍କୁ ନେଇ କର୍ମଶାଳା କରିବା ପାଇଁ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଓ ଅଭିମନ୍ୟୁ କୁଶଳ ପ୍ରସ୍ତାବ ଦେଇଥିଲେ। ଯେଉଁମାନେ କଳା, ସଂସ୍କୃତି ପାଇଁ ଜୀବନ ବ୍ୟାପି ସାଧନା କରିଛନ୍ତି ସେମାନଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯିବା ସହିତ ନୃତ୍ୟଗୁରୁ ଓ ସଙ୍ଗୀତ ଗୁରୁମାନଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯିବ। ଏହି ବୈଠକରେ ଉପସଭାପତି ପ୍ରଫୁଲ୍ଲ ନାଏକ, ସହସମ୍ପାଦକ ପୃଥିରାଜ ବାଗ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ମିଶ୍ର, ସଞ୍ଜୟ ସାହୁ, ଗୋପାଳ ମେହେର, ସନ୍ତୋଷ କୁମାର ପାଢ଼ୀ, ସୌମ୍ୟରଞ୍ଜନ ସେଠି, ଅମିତ ସାହୁ, ରୋହନ ସାହୁ, ଅବିନାଶ ସାହୁ, ଶାନ୍ତନୁ ବାଘ, ଆନନ୍ଦ ପାତ୍ର, ବାବୁଲା ମିଶ୍ର, ଭାସ୍କର ଦାସ, ସଂଗ୍ରାମ ସାଗର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ**

# ଟେରାକୋଟା ବିପଣନୀ କେନ୍ଦ୍ରର ଶୁଭାରମ୍ଭ

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ ବିପଣନୀ କେନ୍ଦ୍ରର ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁର ବ୍ଲକ ଛକ ଠାରେ ଦୀପାବଳି ପର୍ବକୁ ଆଖି ଆଗରେ ରଖି ଅସ୍ଥାୟୀ ଟେରାକୋଟା ବିପଣନୀ କେନ୍ଦ୍ରକୁ ଜିଲାପାଳ ବିମଳେନ୍ଦୁ ରାୟ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଜିଲାର ଜନସାଧାରଙ୍କ ଟେରାକୋଟା ହସ୍ତଶିଳ୍ପ ସାମଗ୍ରୀ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଅସ୍ଥାୟୀ ଟେରାକୋଟା ବିପ୍ପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଜିଲାପାଳ ସମସ୍ତ ଦୋକାନରେ ଥିବା ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀକୁ ଦେଖିଥିଲେ। ଉପସ୍ଥିତ ଉତ୍ପାଦକ ଗୋଷ୍ଠୀର ସଦସ୍ୟାସଦସ୍ୟମାନଙ୍କୁ ଲୋକଙ୍କ ଚାହିଦା ମୁତାବକ ସାମଗ୍ରୀ ମହଜୁଦ ରଖିବା ପାଇଁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦେଇ ଉତ୍ପାଦକ ଗୋଷ୍ଠୀର ସଦସ୍ୟାଙ୍କ ସହ ଟେରାକୋଟା ସାମଗ୍ରୀ ଉପରେ ଆଲୋଚନା କରିଥିଲେ। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଏପିଡି ଶୈବାଳିନୀ ପଟ୍ଟନାୟକ, ଓରମାସର ସହକାରୀ କାର୍ଯ୍ୟନିର୍ବାହୀ ଦେବାଶିଷ ମିଶ୍ର, ଡିପିସି ମିଶନ ଶକ୍ତି ବିଶ୍ୱମ୍ବର ପରିଡା, ମହେଶ କୁମାର ଦାଶ, ସୁବର୍ଣ୍ଣଶ୍ରୀ ଉତ୍ପାଦକ କମ୍ପାନୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


କାନାରା ବ୍ୟାଙ୍କ Canara Bank A Government of India Undertaking
ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ: ୧୫୫୬ (ପି) ଏବଂ ୧୫୬୧ (ପି), କେଏଚ୍: ୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୮(୬) ଏବଂ ୬(୨) ଅନୁଯାୟୀ ଯଥାକ୍ରମେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକୁ ବନ୍ଧକ ରଖାଯାଇଛି, ଯାହାକୁ କି **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ" ତା.୧୧.୧୨.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘଟିକାରୁ ପୂର୍ବାହ୍ନ ୧୧.୩୦ଘଟିକା** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି **ତା.୦୭.୧୨.୨୦୨୩ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ | ଅମାନତ ଜମା ରାଶି |
|---|---|---|---|---|
| **ପାରାଦୀପ ଟାଉନ୍ ଶାଖା / ମୋ.: ୯୪୩୭୪୬୩୪୩୩/୮୪୭୮୭୭୩୪୨/** **ଋଣଗ୍ରହୀତା ଏବଂ ବନ୍ଧକଦାତା: ସର୍ବେଶ୍ୱର ନାଥ,** ପିତା: କପିଳ ଚରଣ ନାଥ / **ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଅକ୍ଷୟ କୁମାର ନାଥ,** ପିତା: କପିଳ ଚରଣ ନାଥ, ଉଭୟଙ୍କ ଠିକଣା- ସା: ନିମିଡ଼ିହି, ପୋ: ପାରାଦୀପ ଗଡ଼, ଥାନା: ପାରାଦୀପ ଲକ୍, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / **ଜାମିନ୍‌ଦାର: ଉଷାଶ୍ରୀ ପରିଡା,** ସ୍ୱାମୀ: ଜଗବନ୍ଧୁ ପରିଡା, ସା: ବିଜୟଚନ୍ଦ୍ରପୁର, ପୋ: ଅଠରବାଙ୍କି, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | **ଶ୍ରୀ ସର୍ବେଶ୍ୱର ନାଥ ଏବଂ ଶ୍ରୀ ଅକ୍ଷୟ କୁମାର ନାଥଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୭୯/୬୨୨, ଖାତା ନଂ.: ୨୨୫/୭୫, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ମୌଜା: ନିମିଡ଼ିହି, ତହସିଲ: କୁଜଙ୍ଗ, ଥାନା: ପାରାଦୀପ ନଂ. ୨୮, ଜିଲ୍ଲା: ଜଗତସିଂହପୁର, ଏହାର ଚରିପାର୍ଶ୍ୱରେ- ଉତ୍ତର: ସୀତାବାଳା ମଣ୍ଡଳ, ଦକ୍ଷିଣ: ରାସ୍ତା, ପଶ୍ଚିମ: ରାସ୍ତା, ପୂର୍ବ: ବସନ୍ତ ଦାସ | ୦୮.୧୧.୨୦୨୩ ସୁଦ୍ଧା ଟ.୧,୧୨,୩୫,୦୩୪.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୭୨,୦୦୦/- | ଟ.୨,୦୮,୦୦୦/- |
| **ନିଶ୍ଚିନ୍ତକୋଇଲି ଶାଖା/ ମୋ.: ୮୨୪୯୯୪୯୮୦୩ /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ସକତ୍ ମହମ୍ମଦ,** ପିତା: ଗୋରା ମହମ୍ମଦ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ସଇଦା ପରବ୍ବିନ୍,** ସ୍ୱାମୀ: ସେକ୍ ସକତ୍ ମହମ୍ମଦ, ଉଭୟଙ୍କ ଠିକଣା- ସା/ପୋ: ଗୋତରା, ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭ | **ସେକ୍ ସକତ୍ ମହମ୍ମଦ ଏବଂ ସଇଦା ପରବ୍ବିନ୍‌ଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୯୫, ଖାତା ନଂ.: ୩୨୯, କ୍ଷେତ୍ର: ଏକର୧.୨୦୪ ଡିସିମିଲି, ମୌଜା: ଗୋତରା, ତହସିଲ: ମାହାଙ୍ଗା, ଥାନା: ମାହାଙ୍ଗା ନଂ. ୪୩, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ପଦନ ସାହୁ ଏବଂ ଅନ୍ୟମାନେ, ଦକ୍ଷିଣ: ବରନ୍ୟ କୁମାର ସାମଲ ଏବଂ ଅନ୍ୟମାନେ, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | ୦୮.୧୧.୨୦୨୩ ସୁଦ୍ଧା ଟ.୨୭,୧୧,୫୦୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୫୫,୦୦୦/- | ଟ.୨,୫୬,୦୦୦/- |
| **କଟକ ବକ୍ସିବଜାର ରୋଡ୍ ଶାଖା / ମୋ.: ୯୪୩୭୫୭୯୫୮୫ /** **ଋଣଗ୍ରହୀତା: ମେସର୍ସ ରଶ୍ମି ମେଡିସିନ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଅମ୍ରିତ ଆନନ୍ଦ ଦାସ,** ରାଣୀହାଟ, ପ୍ଲଟ୍ ନଂ.: ୫୬୭/୮୫୩, ତେଲିସାହି, ମଙ୍ଗଳାବାଗ, କଟକ, ଓଡ଼ିଶା, ପିନ୍-୭୫୩୦୦୧/ **ଜାମିନ୍‌ଦାର: ସନ୍ତୋଷ କୁମାର ପଣ୍ଡା,** ପିତା: ହରେକୃଷ୍ଣ ପଣ୍ଡା, ରାଣୀହାଟ ମେଡିକାଲ ରୋଡ୍, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୩୦୦୧ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ପୁଷ୍ପାଞ୍ଜଳୀ ଦାସ,** ସ୍ୱାମୀ: ଶ୍ରୀ ବିଚିତ୍ରାନନ୍ଦ ଦାସ, ସା: ଜ୍ୟୋତ୍ସ୍ନା ବିହାର-୨, ପୋ: ଭାଣପୁର, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୦୧ | ସମ୍ପତ୍ତି ଯାହାର ଖାତା ନଂ.: ୧୧୬୨/୧୪୯୯, ପ୍ଲଟ୍ ନଂ.: ୧୬୨୮/୪୯୯୫, କ୍ଷେତ୍ର: ଏକର୦.୦୨୬ଡିସିମିଲି (ଘରବାରି) ଏବଂ ପ୍ଲଟ୍ ନଂ.: ୧୬୨୫/୪୯୯୬, କ୍ଷେତ୍ର: ଏକର୦.୦୨୦ଡିସିମିଲି, ଅନୁରୂପ ହାଲ ଖାତା ନଂ.: ୧୧୬୨/୧୦୮, ପ୍ଲଟ୍ ନଂ.: ୧୬୨୮, କ୍ଷେତ୍ର: ଏକର୦.୦୨୬ ଡିସିମିଲି ଏବଂ ଖାତା ନଂ.: ୯୩୦, ପ୍ଲଟ୍ ନଂ.: ୧୬୨୫, କ୍ଷେତ୍ର: ଏକର୦.୦୨୦ଡିସିମିଲି ଏବଂ ସବ୍ ପ୍ଲଟ୍ ନଂ.: ୨୮୫୦/୩୪୫, ଜ୍ୟୋତ୍ସ୍ନା ବିହାର, ଫେଜ୍-II, ସା.: ଭାଣପୁର, ଏନ୍‌ଏଚ୍-୫ ନିକଟ, ଜିଲ୍ଲା: କଟକ, ତହସିଲ: କଟକ ସଦର ନଂ. ୨୫୨, ଥାନା: କଟକ ସଦର, ଥାନା ନଂ. ୪୨, ମୌଜା: ଭାଣପୁର, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୮୪୫ ଏବଂ ୨୮୪୬, ପୂର୍ବ: ସବ୍ ପ୍ଲଟ୍ ନଂ. ୨୮୪୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮୫୧ | ୦୮.୧୧.୨୦୨୩ ସୁଦ୍ଧା ଟ.୩୭,୦୪,୬୨୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୫,୨୦,୦୦୦/- | ଟ.୧,୫୨,୦୦୦/- |
| **ଉମର ଶାଖା / ମୋ.: ୮୨୪୯୭୬୨୯୪୩/୭୬୦୫୦୦୯୦୯୮ /** **ଋଣଗ୍ରହୀତାମାନେ: ୧) ଚିତ୍ରଲେଖା ମହାନ୍ତି,** ସ୍ୱାମୀ: ⱱ ଧରଣୀଧର ମହାନ୍ତି, **୨) ଗଗନବିହାରୀ ମହାନ୍ତି (ନାବାଳକ),** ପିତା: ⱱ ଧରଣୀଧର ମହାନ୍ତି, **୩) ପ୍ରତିଭା ମହାନ୍ତି (ନାବାଳିକା),** ପିତା: ⱱ ଧରଣୀଧର ମହାନ୍ତି, ସମସ୍ତଙ୍କ ଠିକଣା- ସା/ପୋ: ଗୋକନ, ଭାୟା: ନିଶ୍ଚିନ୍ତକୋଇଲି, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୬ / **ଜାମିନ୍‌ଦାର: ରମେଶ ଚନ୍ଦ୍ର ସ୍ୱାଇଁ,** ପିତା: ଇନ୍ଦ୍ରମଣି ସ୍ୱାଇଁ, ଗ୍ରାମ: ବରାହିପୁର, ପୋ: ଓସଙ୍ଗ, ଜିଲ୍ଲା: କଟକ-୭୫୪୦୨୬ | **ଧରଣୀଧର ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୨୪/୨୮୧୭, ଖାତା ନଂ.: ୮୬୩/୧୫୬, ସମୁଦାୟ ପ୍ଲଟ୍ କ୍ଷେତ୍ର: ଏକର୦.୦୨୫ଡିସିମିଲି, ମୌଜା: ଗୋକନ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଏହାର ଚରିପାର୍ଶ୍ୱରେ- ଉତ୍ତର: ବି. ମହାନ୍ତି, ଦକ୍ଷିଣ: ଆର୍. ମହାନ୍ତି, ପୂର୍ବ: ଏମ୍. ମହାନ୍ତି, ପଶ୍ଚିମ: ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୧୪,୩୭,୮୨୭.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୮୦,୦୦୦/- | ଟ.୭୦,୦୦୦/- |
| **କେନ୍ଦ୍ରାପଡା ଶାଖା / ମୋ.: ୯୪୩୭୫୭୯୫୪୨ /** **ଋଣଗ୍ରହୀତା: ମିର୍ ଅବଦୁଲ ଅଲିମ୍,** ପିତା: ମିର୍ ଅବଦୁଲ ରହିମ, ପୋଷ୍ଟ ଅଫିସ୍ ଲେନ୍, ସା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ / **ଜାମିନ୍‌ଦାର: ଏସ୍‌କେ ମହିଉଦ୍ଦିନ,** ପିତା: ⱱ ଏସ୍‌କେ କମିରୁଦ୍ଦିନ୍, ସା: ମଡିଆଳ, ପୋ/ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ | **ଏସ୍‌କେ ମହିଉଦ୍ଦିନ,** ପିତା: ⱱ ଏସ୍‌କେ କମିରୁଦ୍ଦିନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା/ପୋ: ମଡିଆଳ, ଜିଲ୍ଲା: କେନ୍ଦ୍ରାପଡ଼ା, ମୌଜା: ମଡିଆଳ, ଖାତା ନଂ.: ୪୯୭/୯୦୯, ପ୍ଲଟ୍ ନଂ.: ୧୬୪/୨୬୫୨, କ୍ଷେତ୍ର: ଏକର୦.୦୪୦ଡିସିମିଲି, (୧୭୪୨ ବର୍ଗଫୁଟ), ଏହାର ଚରିପାର୍ଶ୍ୱରେ- ଉତ୍ତର: ଏସ୍‌କେ ଅମିରୁଦ୍ଦିନ, ଦକ୍ଷିଣ: ଏସ୍‌କେ ଆଲ୍ଲାଉଦ୍ଦିନ, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୪୩,୪୩,୮୦୫.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୮,୯୦,୦୦୦/- | ଟ.୨,୯୦,୦୦୦/- |
| **ଏଆର୍‌ଏମ୍ ଶାଖା, କଟକ / ମୋ.: ୭୦୭୭୭୨୦୫୩୦** **ଋଣଗ୍ରହୀତାମାନେ: ୧) ମେସର୍ସ ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ୍ ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ସରିତା ଅଗ୍ରୱାଲ, ଠିକଣା-୧:** ସା: ମନମନ୍ଦିର ସୋରୁମ୍, ମେଟ୍ରୋ ପ୍ଲାଜା, ତିନିକୋଣିଆ ବଗିଚା, ଜିଲ୍ଲା: କଟକ, ପିନ୍-୭୫୩୦୦୧, **ଠିକଣା-୨:** ୧, ଜନପଥ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ଅରୁଣ କୁମାର ଅଗ୍ରୱାଲ,** ପିତା: ବାଲକିସନ ଅଗ୍ରୱାଲ, ଚୌଧୁରୀ ବଜାର, କଟକ-୭୫୩୦୦୧/ **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ସରିତା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ମାର୍ଫତ: ବି କେ ଟ୍ରେଡିଂ କୋଃ., ଜାଉଁଳିଆ ପଟି, କଟକ-୭୫୩୦୦୧ | **ସରିତା ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବ୍ୟାବସାୟିକ ଦୋକାନ ଯାହାର ସପ୍ ନଂ.: ଇଏକ୍ସ-୪ଏ, ମେଟ୍ରୋ ପ୍ଲାଜା, ଫେଜ୍-୨, ଖାତା ନଂ.: ୧୬୧, ପ୍ଲଟ୍ ନଂ.: ୧୨୮୦/୧୪୬୨, କ୍ଷେତ୍ର: ଏକର୦.୦୪୦ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୨, କ୍ଷେତ୍ର: ଏକର୦.୧୫୮ ଡିସିମିଲି ଏବଂ ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୧୨୮୦/୧୪୬୪, କ୍ଷେତ୍ର: ଏକର୦.୦୩୬ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୫, କ୍ଷେତ୍ର: ଏକର୦.୧୪୪ ଡିସିମିଲି, ସା/ମୌଜା: କଟକ ସହର, ୟୁନିଟ୍ ନଂ. ୧୧, ଓଡ଼ିଆ ବଜାର, ପୋ/ତହସିଲ/ଡିଏସ୍‌ଆରଓ: କଟକ, ଥାନା: କାଣ୍ଟନମେଣ୍ଟ, ଥାନା ନଂ. ୦୪, ଜିଲ୍ଲା: କଟକ ସହିତ ସମୁଦାୟ କ୍ଷେତ୍ର: ଏକର୦.୩୭୮ଡିସିମିଲି, କିସମ: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ଜଏଣ୍ଟ ପାସେଜ୍, ଦକ୍ଷିଣ: କରିଡର, ପୂର୍ବ: ସପ୍ ନଂ. ୩, ପଶ୍ଚିମ: ସପ୍ ନଂ. ୫ | ୦୯.୧୧.୨୦୨୩ ସୁଦ୍ଧା ଟ.୨,୯୯,୫୫,୭୮୦.୬୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୧୦,୦୦୦/- | ଟ.୨,୦୧,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)**ରେ **"Announcements>Sale Notice>Orissa"** ଲିଙ୍କ୍ କିମ୍ବା ସମ୍ପୃକ୍ତ ଶାଖା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ତାରିଖ: ୦୯.୧୧.୨୦୨୩
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



# ଲୋକେ ପାଉନାହାନ୍ତି ସର୍ବନିମ୍ନ ସୁବିଧା

ରାଉରକେଲା, ୯।୧୧ (ଦିନେଶ ମିଶ୍ର)

ଅପରାଧ ନିୟନ୍ତ୍ରଣ କରିବା ଏବଂ ଅପରାଧୀ ଗତିବିଧିକୁ ନଜର ରଖିବା ପାଇଁ ରାଉରକେଲା ସହରର ପ୍ରମୁଖ ଛକଗୁଡିକରେ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି। ତେବେ ବର୍ତ୍ତମାନ ଏହି କେନ୍ଦ୍ରଗୁଡିକ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ଫଳରେ ଲୋକେ ଏହି ସହାୟତା କେନ୍ଦ୍ରରୁ ସର୍ବନିମ୍ନ ସୁବିଧା ପାଉନାହାନ୍ତି। ଏଭଳି ଦୃଶ୍ୟ ପ୍ଲାଣ୍ଟସାଇଟ ଥାନା ଭାଟି ରୋଡ୍, ମାଲଗୋଦାମ ବସ୍ତି ନିକଟ ଏବଂ ବିଏସ୍ଏନ୍ଏଲ ଛକରେ ଥିବା ପୋଲିସ ସହାୟତା କେନ୍ଦ୍ରରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ସହରର ଭାଟି ରୋଡ୍ ସ୍ଥିତ ପୋଲିସ ସହାୟତା କେନ୍ଦ୍ରର କବାଟ ଭାଙ୍ଗି ଯାଇଥିବାରୁ ସର୍ବଦା ଖୋଲା ରହୁଛି। ଏଠାରେ ଅଧିକାଂଶ ସମୟରେ ପୋଲିସ କର୍ମଚାରୀ ରହୁନାହାନ୍ତି। ସିସି କ୍ୟାମେରା ଦୀର୍ଘଦିନରୁ ଅଚଳ ହୋଇ ପଡିରହିଛି। ଏହି କେନ୍ଦ୍ର ନିକଟରେ ପାୱାରହାଉସ ପାର୍କିଂ ଏରିଆ, ବଲାଙ୍ଗୀର ବସ୍ତି, ନାଲାରୋଡ, ଆରଡିଏ ବସ୍ତି ଅଞ୍ଚଳ ରହିଛି। ଏଠାରେ ଅପରାଧମୂଳକ କାର୍ଯ୍ୟକୁ ରୋକିବା ପାଇଁ ପୋଲିସ ପାଖରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ଜଣାପଡିଛି। ଉକ୍ତ ଅଞ୍ଚଳରେ କୌଣସି ଅପରାଧ ଘଟଣା ଘଟିଲେ ଉକ୍ତ କେନ୍ଦ୍ରର ପୋଲିସ ପ୍ଲାଣ୍ଟସାଇଟ ଥାନାକୁ ଜଣାଇବା ପରେ ଯାହା ପଦକ୍ଷେପ ନିଆଯାଇଥାଏ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ମାଲଗୋଦାମ ବସ୍ତି ଛକ ପୋଲିସ ସହାୟତା କେନ୍ଦ୍ରରେ ବିଶେଷ କରି ପୂର୍ବାହ୍ନ ସମୟରେ

### ନାମକୁ ମାତ୍ର ପୋଲିସ ସହାୟତା କେନ୍ଦ୍ର

ପୋଲିସ ରହୁ ନ ଥିବା ଅଭିଯୋଗ ହେଉଛି। ଏହି ପୋଲିସ ସହାୟତା କେନ୍ଦ୍ର ନିକଟରେ ଖଟାଲ ବସ୍ତି, ଗାନ୍ଧିୟାନ ବସ୍ତି, ମାଲଗୋଦାମ ଫାଟକ ବସ୍ତି ରହିଛି। ଅଧିକାଂଶ ସମୟରେ ଏହି ବସ୍ତିଗୁଡିକରେ ଦେଶୀ ମଦ ଓ ଜୁଆ କାରବାର ଚାଲୁଥିବାବେଳେ ଏହା ଅଉପରେ ଅଙ୍କୁଶ ଲଗାଇବାକୁ ଆବଶ୍ୟକ ପୋଲିସ ବଳ ନାହିଁ ବୋଲି ଚର୍ଚ୍ଚା ହେଉଛି। କୋଣାର୍କ ହଲ ବିଏସ୍ଏନ୍ଏଲ ଛକ ନିକଟ ପୋଲିସ ସହାୟତା କେନ୍ଦ୍ରରେ ବହୁଦିନ ଧରି ଚାବି ପଡିଛି। ଫଳରେ ସ୍ଥାନୀୟ ବସ୍ତିବାସୀ ପୋଲିସ ସହାୟତାରୁ ବଞ୍ଚିତ ହେଉଛନ୍ତି।

୨୦୨୧ରେ ରାଉରକେଲା ପୋଲିସ ପକ୍ଷରୁ ସହର ଓ ବିଭିନ୍ନ ଅଞ୍ଚଳରେ ୧୦ଟି ସହାୟତା କେନ୍ଦ୍ର ଖୋଲାଯାଇଥିବାବେଳେ ଅଧିକାଂଶ କେନ୍ଦ୍ର ବର୍ତ୍ତମାନ ଅବହେଳିତ ହୋଇ ପଡିରହିଛି। ସେହିଭଳି କୋଏଲ ବ୍ରିଜ ନିକଟରେ ଥିବା ସହାୟତା କେନ୍ଦ୍ରରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ରାସ୍ତାରେ ଦୁର୍ଘଟଣା ହେଉ କି ଛିନତାଇ ସବୁ ଅପରାଧ ଉପରେ ଏହି କେନ୍ଦ୍ରର ପୋଲିସ ନଜର ରଖିବ ବୋଲି ପୂର୍ବରୁ କୁହାଯାଇଥିଲା। ମାତ୍ର ତାହା ବର୍ତ୍ତମାନ କାର୍ଯ୍ୟକାରି ହୋଇନଥିବାରୁ ବିଭିନ୍ନ ସମୟରେ ସହରରେ ଅସାମାଜିକ ଯୁବକମାନେ ବିଭିନ୍ନ ଅପରାଧ କରି ଫେରାର ହୋଇଯାଉଛନ୍ତି। ତେଣୁ ଏହିସବୁ ପୋଲିସ ସହାୟତା କେନ୍ଦ୍ରର ସୁପରିଚାଳନା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଆମ ପାଖରେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀ ନାହାନ୍ତି। ତଥାପି ସହରରେ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟ ରୋକିବା ପାଇଁ ଆମେ ୩ଟି ସିଫ୍ଟ ଅନୁଯାୟୀ ବିଭିନ୍ନ ସହାୟତା କେନ୍ଦ୍ରରେ ପୋଲିସ ମୁତୟନ କରିଛୁ। ଏଥିସହ ପ୍ରତ୍ୟେକ ସମୟରେ ଆମ ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଉକ୍ତ ସହାୟତା କେନ୍ଦ୍ରଗୁଡିକର ଉନ୍ନତୀକରଣ ସହ ପିସିଆର ଭ୍ୟାନ୍‌କୁ ପୋଲିସ ସହାୟତା କେନ୍ଦ୍ର କାମରେ ଲଗାଇବାକୁ ବ୍ୟବହାର କରାଯିବ ବୋଲି ମହାପାତ୍ର କହିଥିଲେ।

## ସୁନାଦୋକାନରେ ଜିଏସ୍‌ଟି ଚଢ଼ାଉ



ସୁନା ଦୋକାନରେ ଜିଏସ୍‌ଟି ଟିମ୍ କାଗଜପତ୍ର ତନଖି କରୁଛନ୍ତି।

ରାଉରକେଲା, ୯।୧୧ (ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମେନ୍ ରୋଡ ସ୍ଥିତ କନକ ଅଳଙ୍କାର ନାମକ ଏକ ସୁନା ଦୋକାନରେ ଗୁରୁବାର ସକାଳୁ ରାଜ୍ୟ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଛି। ଉଦିତନଗର ସ୍ଥିତ ସିଟି ଏଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର ଜଗଦୀଶ ସାହାଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲେ। ଏହି ଚଢ଼ାଉ କରାଯାଇଛି। ସ୍ୱର୍ଣ୍ଣ ଅଳଙ୍କାର ବିକ୍ରି ପରେ ବିଲ୍ ପ୍ରଦାନ କରାଯାଉ ନ ଥିବା ଜନୈକ ଗ୍ରାହକଙ୍କ ଅଭିଯୋଗ ଆଧାରରେ ଏହି ଚଢାଉ କରାଯାଇଥିଲା। ରିପୋର୍ଟ ଲେଖା ହେବା (ସନ୍ଧ୍ୟା ୭ଟା) ସୁଦ୍ଧା ଚଢ଼ାଉ ଜାରି ରହିଥିଲା। ତେବେ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଠିକ୍ ତଥ୍ୟ ପଦାକୁ ଆସିବ ବୋଲି ଡେପୁଟି କମିଶନର ସାହା କହିଛନ୍ତି।

## ଗରିବ ପିଲାଙ୍କୁ ଶିକ୍ଷା ଯୋଗାଇବ ଆମ ପାଠାଗାର

ରାଉରକେଲା, ୯।୧୧ (ଦିନେଶ ମିଶ୍ର)

ରାଉରକେଲାର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ଆମ ପାଠାଗାର କାର୍ଯ୍ୟକ୍ରମ ଉପଯୋଗୀ ହୋଇପାରିଛି। ରାଉରକେଲା ସହରରେ ପ୍ରଥମ ପର୍ଯ୍ୟାୟରେ ୪ଟି ପାଠାଗାର ଯଥାକ୍ରମେ ବାସନ୍ତୀ କଲୋନୀ ହରିପୁର ବସ୍ତି, ପାନପୋଷ ସ୍ଥିତ ରୂପଟୋଲା ବସ୍ତି, ପ୍ରଧାନପାଲି ଓ ମତହାବ ରୋଡ୍ ବସ୍ତିରେ ନିର୍ମାଣ କରାଯାଇଛି। ଏହି ପାଠାଗାରରେ ବସ୍ତିର ପିଲାମାନଙ୍କ ପାଇଁ ବିଭିନ୍ନ ବହି ସାଙ୍ଗକୁ ପାଠ ପଢ଼ିବାକୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଏହି ପାଠାଗାର ସକାଳ ୬ରୁ ୯ଟା ଓ ସନ୍ଧ୍ୟା ୫ରୁ ୮ଟା ଯାଏଁ ଖୋଲା ଯାଉଛି। ଫଳରେ ଉକ୍ତ ବସ୍ତି ଅଞ୍ଚଳର ଗରିବ ପିଲାମାନେ ପାଠ ପଢ଼ିବା ସାଙ୍ଗକୁ ନୀତିଶିକ୍ଷା, କମ୍ପ୍ୟୁଟର, ଗଣିତ କକ୍ଷା ଭଳି ବହି ପାଇ ମାଗଣାରେ ଶିକ୍ଷାଲାଭ କରିପାରୁଛନ୍ତି। ଏ ନେଇ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଆଗାମୀ ଦିନରେ ଅନ୍ୟ ବସ୍ତିଗୁଡିକରେ ମଧ୍ୟ ଏଭଳି ଆମ ପାଠାଗାର ନିର୍ମାଣ କରାଯିବ। ପାଠପଢ଼ାରୁ ବଞ୍ଚିତ ଗରିବ ପିଲା ଏହାର ସୁଯୋଗ ନେଇ ନିଜ ଭବିଷ୍ୟତ ଗଢ଼ିପାରିବେ ବୋଲି ମହାପାତ୍ର କହିଥିଲେ।

# ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ରାଉରକେଲା, ୯।୧୧ (ସଙ୍ଗୀତା ଜେନା)



ପାୱାର ହାଉସ ପାର୍କିଂସ୍ଥଳୀରେ ହୋଇଥିବା ବାଣ ଦୋକାନ।

- ରାଉରକେଲାରେ ଖୋଲିଲା ବାଣ ଦୋକାନ
- ସହରର ୬ ସ୍ଥାନରେ ୩୫୦ ଜଣଙ୍କୁ ଅନୁମତି

ଆଲୋକର ପର୍ବ ଦୀପାବଳି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ସ୍ମାର୍ଟସିଟି ରାଉରକେଲା ସହରର ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ବାଣ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ଜିଲା ପ୍ରଶାସନ, ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ଏଥିପାଇଁ କଡ଼ା ନିୟମ ଲାଗୁ କରାଯାଇଛି। ସହରରେ ୬ଟି ସୁରକ୍ଷିତ ସ୍ଥାନ ଚିହ୍ନଟ କରି ମୋଟ ୩୫୦ ସ୍ଥାୟୀ ଓ ଅସ୍ଥାୟୀ ବାଣ ଦୋକାନକୁ ବାଣ ବିକ୍ରି ଓ ପ୍ରଦର୍ଶନୀ ଅନୁମତି ପ୍ରଦାନ କରାଯାଇଛି। ସେଗୁଡିକ ମଧ୍ୟରେ ଦକ୍ଷିଣ ରାଉରକେଲା ଫର୍ଟିଲାଇଜର ପାଣିଟାଙ୍କି ପଡ଼ିଆ, ବନ୍ଧମୁଣ୍ଡା ସେକ୍ଟର-ବି, ପାନପୋଷ ସ୍ଥିତ ପୋଷ୍ଟମର୍ଟମ ଗୃହ ସମ୍ମୁଖ ପଡ଼ିଆ, ସେକ୍ଟର-୧୩ ମେଳଣ ପଡ଼ିଆ, ପାୱାର ହାଉସ୍ ପାର୍କିଂ ଅଞ୍ଚଳ ଏବଂ ପ୍ଲାଣ୍ଟସାଇଟ୍ ଦୁର୍ଗାପୂଜା ପଡ଼ିଆ ରହିଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି କରାଯାଇପାରିବ। ପ୍ରଶାସନ ନିକଟରେ ପ୍ରାୟ ୩୭୦ ଜଣ ବାଣ ଦୋକାନ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ଗୁରୁବାର ସୁଦ୍ଧା ୩୫୦ଜଣଙ୍କୁ ଅନୁମତି ମିଳିଛି। ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ୩ଟି ସ୍କ୍ୱାଡ୍ ଅନୁଧ୍ୟାନ କରିବେ। ନିୟମିତ ପାଟ୍ରୋଲିଂ କରାଯିବ। ସେହିପରି ପ୍ରଶାସନ ପକ୍ଷରୁ ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏ ସମ୍ପର୍କରେ ରାଉରକେଲା ଅଗ୍ନିଶମ ବିଭାଗ ସହାୟକ ଫାୟାର ଅଫିସର ସରୋଜ ବେହେରା କହିଛନ୍ତି, ବାଣ ଦୋକାନ ନିକଟରେ ପଲିଥିନ୍ ଓ ଦହନଶୀଳ ସାମଗ୍ରୀ ନ ରଖିବା ପାଇଁ କୁହାଯାଇଛି। ଦୋକାନ ମଧ୍ୟରେ ୧୦ ଫୁଟ୍ ବ୍ୟବଧାନ, ଦୋକାନ ନିକଟରେ ଦୀପ, ନିଆଁ, ଗ୍ୟାସ ଓ ଖୋଲା ଲାଇଟ୍ ବ୍ୟବହାର ବାରଣ, ୫୦ ମିଟର ମଧ୍ୟରେ ବାଣ ପ୍ରଦର୍ଶନ ନିଷେଧ, ନିର୍ଦ୍ଦିଷ୍ଟ ସ୍ଥାନରେ ୫୦ରୁ ଅଧିକ ଦୋକାନ ଖୋଲିବାକୁ ମନା କରାଯାଇଛି। ସ୍ୱୀକୃତିପ୍ରାପ୍ତ ଦୋକାନୀଙ୍କୁ ବାଣ ବିକ୍ରି ଅନୁମତି ମିଳିଥିବା ବେଳେ ଧୂମପାନ ଓ ପାର୍କିଂ ନିଷେଧ କରାଯାଇଛି। ପ୍ରତ୍ୟେକ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର, ଓଦା ବସ୍ତା, ପାଣି ଡ୍ରମ୍, ଶୁଖିଲା ବାଲି ଆଦି ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ବାଣ ଦୋକାନ ନିକଟରେ ମଦ୍ୟପାନ ଓ ଅନ୍ୟ ନିଶାସେବନ କରିବାକୁ ମଧ ବାରଣ କରାଯାଇଛି। ଏହା ବ୍ୟତୀତ ଅଗ୍ନି ସୁରକ୍ଷା ଯାଞ୍ଚ କଡ଼ାକଡ଼ି କରାଯିବ। ବିଦ୍ୟୁତ୍ ବିଭାଗ ତତ୍ତ୍ୱାବଧାନରେ ବିଦ୍ୟୁତ୍ ସଂଯୋଗ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ଦୋକାନୀଙ୍କୁ ଦଣ୍ଡବିଧାନ, ଜରିମନା, ଲାଇସେନ୍ସ ବାତିଲ ଆଦି ନିୟମ ରହିଛି ବୋଲି ବେହେରା କହିଥିଲେ। ସୂଚନାଯୋଗ୍ୟ, ପ୍ରାୟ ସବୁ ଦୋକାନ ୧୨/୧୨ ଫୁଟ୍‌ରେ ନିର୍ମିତ ହୋଇଛି। ଚଳିତ ଥର ରକେଟ୍, ଫୁଲଝଡ଼ି, ପପ୍ ଅପ୍, ସର୍ଟସ, ବମ୍, ତାଳ ଫୋଟକା ବିକ୍ରି କରାଯାଉଛି। ଅତ୍ୟଧିକ ଶବ୍ଦ ଓ ବାୟୁ ପ୍ରଦୂଷଣ କରୁଥିବା ବାଣ ବିକ୍ରିକୁ ନିଷେଧ କରାଯାଇଛି।

## ତୁମକେଲାରେ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ରାଉରକେଲା, ୯।୧୧ (ସଙ୍ଗୀତା ଜେନା)

ପୁରୀ ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା, ମହାପ୍ରଭୁଙ୍କ ଅଳଙ୍କାର ଗଣତି, ଭଣ୍ଡାର ଘର ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥ ମଣୋହି ଜମି ଓ ଚାଷୀଙ୍କ ଚାଷଜମିକୁ ତୁରନ୍ତ ଫେରସ୍ତ କରିବା ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଜଗନ୍ନାଥ ମନ୍ଦିରରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଛି। ଏହି କ୍ରମରେ ରାଉରକେଲା, ରଘୁନାଥପାଲି ନିର୍ବାଚନମଣ୍ଡଳୀର ଜଗନ୍ନାଥ ମନ୍ଦିରରେ କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ରାଉରକେଲା ନିର୍ବାଚନମଣ୍ଡଳୀ ଅଧୀନ ଛେଣ୍ଡ, ଏସ୍‌ଟିଆଇ, ଟିମ୍ବର କଲୋନୀ ଏବଂ ରଘୁନାଥପାଲିର ସେକ୍ଟର-୨, ସେକ୍ଟର-୧୬, ସେକ୍ଟର-୧୯ ଜଗନ୍ନାଥ ମନ୍ଦିର ସମେତ ସହରରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମନ୍ଦିରରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ରବି ରାୟ, ବିରେନ ସେନାପତି, ଯୁବ ନେତା ଜ୍ଞାନେନ୍ଦ୍ର ଦାସ, ପ୍ରଫୁଲ ସୁନାନୀ, ରଶ୍ମୀ ପାଢ଼ୀ, ବିନୋଦ ରାଉତ, ରଞ୍ଜିତା ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ।



ତୁମକେଲାରେ ସଂକୀର୍ତ୍ତନ ସତ୍ୟାଗ୍ରହରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଜାତୀୟ କ୍ରୀଡ଼ାରେ ସୁନାମ ଆଣିଲେ ବିଶାଲ, ନନ୍ଦିତା

ରାଉରକେଲା, ୯।୧୧ (ସଙ୍ଗୀତା ଜେନା)

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ବାଳିକା ଓ ବାଳକ ଦଳ ଖୋଖୋ ଖେଳରେ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ରାଜ୍ୟ ବାଳକ ବର୍ଗରେ ସୁନ୍ଦରଗଡ଼ ଜିଲାର ବିଶାଳ ଓରାମ ଓ ବାଳିକା ବର୍ଗରେ ନନ୍ଦତା କୁଜୁର ଏହି ସଫଳତା ହାସଲ କରିଛନ୍ତି। ଗତ ମେ ମାସରେ ପୁରୀଠାରେ ଆନ୍ତଃ ଜିଲା କ୍ରୀଡ଼ା ସଂସଦ ଦ୍ୱାରା ଗଠିତ ଜିଲା ଦଳରେ ଉଭୟ ପ୍ରତିନିଧିତ୍ୱ କରିଥିଲେ। ନନ୍ଦିତା ରାଜଗାଙ୍ଗପୁର ବ୍ଲକ ଝଗରପୁର ଗ୍ରାମର ରମା କୁଜୁର ଓ ଲଳିତା କୁଜୁର ଝିଅ। ସେ ବର୍ତ୍ତମାନ ଭୁବନେଶ୍ୱର ସରକାରୀ ଫିଜିକାଲ ଏଜୁକେସନ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ। ସେହିପରି ବିଶାଲ ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭଗବତୀ ଓରାମଙ୍କ ପୁଅ। ସେ କିର୍ମା ଆଇଏମ୍‌ପିଏସ୍ ସ୍କୁଲର ଯୁକ୍ତ ୨ କଳା ଦ୍ୱିତୀୟ ବର୍ଷର ଛାତ୍ର। ରାଜ୍ୟସ୍ତରୀୟ ଖୋଖୋ ଖେଳାଳି ତଥା ଖ୍ୟାତିସମ୍ପନ୍ନ ପ୍ରଶିକ୍ଷକ ଅନୀଲ ସାହୁଙ୍କ ତତ୍ତ୍ୱାବଧାନରେ ଉଭୟ କ୍ରୀଡ଼ାଭ୍ୟାସ କରିଆସୁଥିଲେ। ନିଜ ପ୍ରତିଭା ବଳରେ ବିଶାଳ ଏଯାବତ୍ ୮ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୨ ଥର ବିଦ୍ୟାଳୟସ୍ତରୀୟ ଓ ୬ଥର ଜାତୀୟ କ୍ରୀଡ଼ାରେ ଭାଗ ନେଇ ୫ଟି ପଦକ ହାସଲ କରିଛନ୍ତି। ଉଭୟଙ୍କ ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଖୋଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ ପଟେଲ, ସହ ସମ୍ପାଦକ ଜୟଦେବ ପାତ୍ର, କୋଷାଧକ୍ଷ ଦୁର୍ଗାମାଧବ ନାୟକ, ଶିକ୍ଷାବିତ୍ ସଙ୍ଗୀତାରାଣୀ ଟପ୍ପୋ, ମନୋଜ ଚୌଧୁରୀ ପ୍ରମୁଖ ଏହି ସଫଳତା ପାଇଁ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ରୌପ୍ୟପଦକ ସହ ଦୁଇ କୃତୀ କ୍ରୀଡ଼ାବିତ୍।

# ଏନ୍‌ଟିପିସି କଣିହା, ଭୁବନେଶ୍ୱର ୟୁନିଟ୍ ୮ ଚାମ୍ପିୟନ



ଖୋଖୋ ଫାଇନାଲ ମ୍ୟାଚ୍‌ର ଦୃଶ୍ୟ।

ରାଉରକେଲା, ୯।୧୧ (ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡକ୍ଟର. ଏନ. କେ. ଖୋସଲା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଦୁଇଦିନିଆ ଜୋନସ୍ତରୀୟ ଖୋଖୋ ମ୍ୟାଚ୍ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଏସ୍. କେ. ଡିଏଭି ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି, ଡିଏଭି ସ୍କୁଲର ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ଓ ବଳରାମ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଖୋଖୋ ମ୍ୟାଚରେ ରାଜ୍ୟର ୧୬ଟି ଡିଏଭି ସ୍କୁଲର ବାଳକ ବିଭାଗରେ ୧୩ଟି ଦଳ ଓ ବାଳିକା ବିଭାଗରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ

### ଦୁଇଦିନିଆ ଖୋଖୋ ମ୍ୟାଚ୍ ଉଦ୍‌ଯାପିତ

ଫାଇନାଲ ମ୍ୟାଚ୍ ଡିଏଭି ସ୍କୁଲ ଭୁବନେଶ୍ୱର ୟୁନିଟ-୮ ଓ କଳିଙ୍ଗନଗର ଡିଏଭି ସ୍କୁଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲ ୨ପଏଣ୍ଟରେ କଳିଙ୍ଗନଗର ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ବାଳିକା ବିଭାଗରେ ଏନଟିପିସି କଣିହା ଓ ଭୁବନେଶ୍ୱର ପୋଖରୀପୁଟ ଡିଏଭି ସ୍କୁଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏନଟିପିସି କଣିହା ଡିଏଭି ସ୍କୁଲ ୫ ପଏଣ୍ଟରେ ପୋଖରୀପୁଟ ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ହାଇଟେକ ମେଡିକାଲ କଲେଜର ରେଜିଷ୍ଟ୍ରାର ଡକ୍ଟର ସଲିଳ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବାସନ୍ତୀ କଲୋନୀ ଡିଏଭି ସ୍କୁଲର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା ଓ ମିନତି ପାତ୍ରଙ୍କ ନେତୃତ୍ୱରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଓଡିଶା ଖୋଖୋ ଆସୋସିଏଶନର ସଦସ୍ୟ ବିପ୍ଳବ କୁଆଁ, ଅନୀଲ ସାହୁ, ଧୀରଜ ମହକ, କୁନାଲସେନ ମହାନ୍ତି, ନରେନ୍ଦ୍ର ଆରୁଖ, ପ୍ରଭୁରଞ୍ଜନ ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଡିଏଭି ସ୍କୁଲର ଶିକ୍ଷକ ବିଜୟ କୁମାର ମିଶ୍ର, ମନରଞ୍ଜନ ସ୍ୱାଇଁ, ପ୍ରବୀର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଏସ୍. କେ. ଜୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।


କାନାରା ବ୍ୟାଙ୍କ Canara Bank A Government of India Undertaking — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ: ୧୫୫୬ (ପି) ଏବଂ ୧୫୬୧ (ପି), କେଏଚ୍: ୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୮(୬) ଏବଂ ୬(୨) ଅନୁଯାୟୀ ଯଥାକ୍ରମେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବନ୍ଧକ ରଖାଯାଇଛି, ଯାହାକୁ କି **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ" ତା.୧୧.୧୨.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘଟିକାରୁ ପୂର୍ବାହ୍ନ ୧୧.୩୦ଘଟିକା** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି **ତା.୦୭.୧୨.୨୦୨୩ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ | ଅମାନତ ଜମା ରାଶି |
|---|---|---|---|---|
| ପାରାଦୀପ ଟାଉନ୍ ଶାଖା / ମୋ.: ୯୪୩୭୪୬୩୪୩୩/୮୮୪୭୮୭୭୩୪୨/ **ଋଣଗ୍ରହୀତା ଏବଂ ବନ୍ଧକଦାତା: ସର୍ବେଶ୍ୱର ନାଥ,** ପିତା: କପିଳ ଚରଣ ନାଥ / **ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଅକ୍ଷୟ କୁମାର ନାଥ,** ପିତା: କପିଳ ଚରଣ ନାଥ, ଉଭୟଙ୍କ ଠିକଣା- ସା: ନିମିଡ଼ିହି, ପୋ: ପାରାଦୀପ ଗଡ଼, ଥାନା: ପାରାଦୀପ ଲକ୍, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / **ଜାମିନ୍‌ଦାର: ଉଷାଶ୍ରୀ ପରିଡା,** ସ୍ୱାମୀ: ଜଗବନ୍ଧୁ ପରିଡା, ସା: ବିଜୟଚନ୍ଦ୍ରପୁର, ପୋ: ଅଠରବାଙ୍କି, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଶ୍ରୀ ସର୍ବେଶ୍ୱର ନାଥ ଏବଂ ଶ୍ରୀ ଅକ୍ଷୟ କୁମାର ନାଥଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୭୯/୬୨୨, ଖାତା ନଂ.: ୨୨୫/୭୫, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ମୌଜା: ନିମିଡ଼ିହି, ତହସିଲ: କୁଜଙ୍ଗ, ଥାନା: ପାରାଦୀପ ନଂ. ୨୮, ଜିଲ୍ଲା: ଜଗତସିଂହପୁର, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ସୀତାବାଲା ମଣ୍ଡଳ, ଦକ୍ଷିଣ: ରାସ୍ତା, ପଶ୍ଚିମ: ରାସ୍ତା, ପୂର୍ବ: ବସନ୍ତ ଦାସ | ୦୮.୧୧.୨୦୨୩ ସୁଦ୍ଧା ଟ.୧,୧୨,୩୫,୦୩୪.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୭୨,୦୦୦/- | ଟ.୨,୦୮,୦୦୦/- |
| ନିଶ୍ଚିନ୍ତକୋଇଲି ଶାଖା/ ମୋ.: ୮୨୪୯୯୪୯୮୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ସକତ୍ ମହମ୍ମଦ,** ପିତା: ଗୋରା ମହମ୍ମଦ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ସଇଦା ପରଭିନ୍,** ସ୍ୱାମୀ: ସେକ୍ ସକତ୍ ମହମ୍ମଦ, ଉଭୟଙ୍କ ଠିକଣା- ସା/ପୋ: ଗୋତରା, ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭ | ସେକ୍ ସକତ୍ ମହମ୍ମଦ ଏବଂ ସଇଦା ପରଭିନ୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୯୫, ଖାତା ନଂ.: ୩୨୯, କ୍ଷେତ୍ର: ଏକର୧.୨୦୪ ଡିସିମିଲି, ମୌଜା: ଗୋତରା, ତହସିଲ: ମାହାଙ୍ଗା, ଥାନା: ମାହାଙ୍ଗା ନଂ. ୪୩, ଜିଲ୍ଲା: କଟକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପଦନ ସାହୁ ଏବଂ ଅନ୍ୟମାନେ, ଦକ୍ଷିଣ: ବରନ୍ୟ କୁମାର ସାମଲ ଏବଂ ଅନ୍ୟମାନେ, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | ୦୮.୧୧.୨୦୨୩ ସୁଦ୍ଧା ଟ.୨୭,୧୧,୫୦୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୫୫,୦୦୦/- | ଟ.୨,୫୬,୦୦୦/- |
| କଟକ ବକ୍ସିବାଜାର ରୋଡ୍ ଶାଖା / ମୋ.: ୯୪୩୭୫୭୯୫୮୫ / **ଋଣଗ୍ରହୀତା: ମେସର୍ସ ରଶ୍ମି ମେଡିସିନ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଅମ୍ରିତ ଆନନ୍ଦ ଦାସ,** ରାଣୀହାଟ, ପ୍ଲଟ୍ ନଂ.: ୫୬୭/୮୫୩, ତେଲିସାହି, ମଙ୍ଗଳାବାଗ, କଟକ, ଓଡ଼ିଶା, ପିନ୍-୭୫୩୦୦୧/ **ଜାମିନ୍‌ଦାର: ସନ୍ତୋଷ କୁମାର ପଣ୍ଡା,** ପିତା: ହରେକୃଷ୍ଣ ପଣ୍ଡା, ରାଣୀହାଟ ମେଡିକାଲ ରୋଡ୍, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୩୦୦୧ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ପୁଷ୍ପାଞ୍ଜଳୀ ଦାସ,** ସ୍ୱାମୀ: ଶ୍ରୀ ବିଚିତ୍ରାନନ୍ଦ ଦାସ, ସା: ଜ୍ୟୋତ୍ସ୍ନା ବିହାର-୨, ପୋ: ଭାଣପୁର, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୦୧ | ସମ୍ପତ୍ତି ଯାହାର ଖାତା ନଂ.: ୧୧୬୨/୧୪୯୯, ପ୍ଲଟ୍ ନଂ.: ୧୬୨୮/୪୯୯୫, କ୍ଷେତ୍ର: ଏକର୦.୦୨୬ଡିସିମିଲି (ଘରବାରି) ଏବଂ ପ୍ଲଟ୍ ନଂ.: ୧୬୨୫/୪୯୯୬, କ୍ଷେତ୍ର: ଏକର୦.୦୨୦ଡିସିମିଲି, ଅନୁରୂପ ହାଲ ଖାତା ନଂ.: ୧୧୬୨/୧୦୮, ପ୍ଲଟ୍ ନଂ.: ୧୬୨୮, କ୍ଷେତ୍ର: ଏକର୦.୦୨୬ ଡିସିମିଲି ଏବଂ ଖାତା ନଂ.: ୯୩୦, ପ୍ଲଟ୍ ନଂ.: ୧୬୨୫, କ୍ଷେତ୍ର: ଏକର୦.୦୨୦ଡିସିମିଲି ଏବଂ ସବ୍ ପ୍ଲଟ୍ ନଂ.: ୨୮୫୦/୩୪୫, ଜ୍ୟୋତ୍ସ୍ନା ବିହାର, ଫେଜ୍-II, ସା.: ଭାଣପୁର, ଏନ୍ଏଚ୍-୫ ନିକଟ, ଜିଲ୍ଲା: କଟକ, ତହସିଲ: କଟକ ସଦର ନଂ. ୨୫୨, ଥାନା: କଟକ ସଦର, ଥାନା ନଂ. ୪୨, ମୌଜା: ଭାଣପୁର, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୮୪୫ ଏବଂ ୨୮୪୬, ପୂର୍ବ: ସବ୍ ପ୍ଲଟ୍ ନଂ. ୨୮୪୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮୫୧ | ୦୮.୧୧.୨୦୨୩ ସୁଦ୍ଧା ଟ.୩୭,୦୪,୬୨୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୫,୨୦,୦୦୦/- | ଟ.୧,୫୨,୦୦୦/- |
| ଉମର ଶାଖା / ମୋ.: ୮୨୪୯୭୬୨୯୪୩/୭୬୦୫୦୦୯୦୯୮ / **ଋଣଗ୍ରହୀତାମାନେ: ୧) ଚିତ୍ରଲେଖା ମହାନ୍ତି,** ସ୍ୱାମୀ: ସ୍ୱ ଧରଣୀଧର ମହାନ୍ତି, **୨) ଗଗନବିହାରୀ ମହାନ୍ତି (ନାବାଳକ),** ପିତା: ସ୍ୱ ଧରଣୀଧର ମହାନ୍ତି, **୩) ପ୍ରତିଭା ମହାନ୍ତି (ନାବାଳିକା),** ପିତା: ସ୍ୱ ଧରଣୀଧର ମହାନ୍ତି, ସମସ୍ତଙ୍କ ଠିକଣା- ସା/ପୋ: ଗୋକନ, ଭାୟା: ନିଶ୍ଚିନ୍ତକୋଇଲି, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୬ / **ଜାମିନ୍‌ଦାର: ରମେଶ ଚନ୍ଦ୍ର ସ୍ୱାଇଁ,** ପିତା: ଇନ୍ଦ୍ରମଣି ସ୍ୱାଇଁ, ଗ୍ରାମ: ବରାହିପୁର, ପୋ: ଓସଙ୍ଗ, ଜିଲ୍ଲା: କଟକ-୭୫୪୦୨୬ | ଧରଣୀଧର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୨୪/୨୮୧୭, ଖାତା ନଂ.: ୮୬୩/୧୫୬, ସମୁଦାୟ ପ୍ଲଟ୍ କ୍ଷେତ୍ର: ଏକର୦.୦୨୫ଡିସିମିଲି, ମୌଜା: ଗୋକନ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ବି. ମହାନ୍ତି, ଦକ୍ଷିଣ: ଆର୍. ମହାନ୍ତି, ପୂର୍ବ: ଏମ୍. ମହାନ୍ତି, ପଶ୍ଚିମ: ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୧୪,୩୭,୮୨୭.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୮୦,୦୦୦/- | ଟ.୭୦,୦୦୦/- |
| କେନ୍ଦ୍ରାପଡା ଶାଖା / ମୋ.: ୯୪୩୭୫୭୯୫୪୨ / **ଋଣଗ୍ରହୀତା: ମିର୍ ଅବଦୁଲ ଅଲିମ୍,** ପିତା: ମିର୍ ଅବଦୁଲ ରହିମ, ପୋଷ୍ଟ ଅଫିସ୍ ଲେନ୍, ସା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ / **ଜାମିନ୍‌ଦାର: ଏସ୍‌କେ ମହିଉଦ୍ଦିନ,** ପିତା: ସ୍ୱ ଏସ୍‌କେ କମିରୁଦ୍ଦିନ୍, ସା: ମଢିଆଳ, ପୋ/ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ | **ଏସ୍‌କେ ମହିଉଦ୍ଦିନ,** ପିତା: ସ୍ୱ ଏସ୍‌କେ କମିରୁଦ୍ଦିନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା/ପୋ: ମଢିଆଳ, ଜିଲ୍ଲା: କେନ୍ଦ୍ରାପଡ଼ା, ମୌଜା: ମଢିଆଳ, ଖାତା ନଂ.: ୪୯୭/୯୦୯, ପ୍ଲଟ୍ ନଂ.: ୧୬୪/୨୬୫୨, କ୍ଷେତ୍ର: ଏକର୦.୦୪୦ଡିସିମିଲି, (୧୭୪୨ ବର୍ଗଫୁଟ), ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଏସ୍‌କେ ଅମିରୁଦ୍ଦିନ, ଦକ୍ଷିଣ: ଏସ୍‌କେ ଆଲ୍ଲାଉଦ୍ଦିନ, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୪୩,୪୩,୮୦୫.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୮,୯୦,୦୦୦/- | ଟ.୨,୯୦,୦୦୦/- |
| ଏଆର୍ଏମ୍ ଶାଖା, କଟକ / ମୋ.: ୭୦୭୭୭୨୦୫୩୦ **ଋଣଗ୍ରହୀତାମାନେ: ୧) ମେସର୍ସ ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ୍ ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ସରିତା ଅଗ୍ରୱାଲ, ଠିକଣା-୧:** ସା: ମନମନ୍ଦିର ସୋରୁମ୍, ମେଟ୍ରୋ ପ୍ଲାଜା, ତିନିକୋଣିଆ ବଗିଚା, ଜିଲ୍ଲା: କଟକ, ପିନ୍-୭୫୩୦୦୧, **ଠିକଣା-୨:** ୧, ଜନପଥ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ଅରୁଣ କୁମାର ଅଗ୍ରୱାଲ,** ପିତା: ବାଲକିସନ ଅଗ୍ରୱାଲ, ଚୌଧୁରୀ ବଜାର, କଟକ-୭୫୩୦୦୧/ **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ସରିତା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ମାର୍ଫତ: ବି କେ ଟ୍ରେଡିଂ କୋଃ., ଜାଉଳିଆ ପଟି, କଟକ-୭୫୩୦୦୧ | **ସରିତା ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବ୍ୟବସାୟିକ ଦୋକାନ ଯାହାର ସପ୍ ନଂ.: ଇଏକ୍ସ-୪ଏ, ମେଟ୍ରୋ ପ୍ଲାଜା, ଫେଜ୍-୨, ଖାତା ନଂ.: ୧୬୧, ପ୍ଲଟ୍ ନଂ.: ୧୨୮୦/୧୪୬୨, କ୍ଷେତ୍ର: ଏକର୦.୦୪୦ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୨, କ୍ଷେତ୍ର: ଏକର୦.୧୫୮ ଡିସିମିଲି ଏବଂ ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୧୨୮୦/୧୪୬୪, କ୍ଷେତ୍ର: ଏକର୦.୦୩୬ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୫, କ୍ଷେତ୍ର: ଏକର୦.୧୪୪ ଡିସିମିଲି, ସା/ମୌଜା: କଟକ ସହର, ୟୁନିଟ୍ ନଂ. ୧୧, ଓଡ଼ିଆ ବଜାର, ପୋ/ତହସିଲ/ଡିଏସ୍ଆରଓ: କଟକ, ଥାନା: କାଣ୍ଟନମେଣ୍ଟ, ଥାନା ନଂ. ୦୪, ଜିଲ୍ଲା: କଟକ ସହିତ ସମୁଦାୟ କ୍ଷେତ୍ର: ଏକର୦.୩୭୮ ଡିସିମିଲି, କିସମ: ଘରବାରି, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଜଏଣ୍ଟ ପାସେଜ୍, ଦକ୍ଷିଣ: କରିଡର, ପୂର୍ବ: ସପ୍ ନଂ. ୩, ପଶ୍ଚିମ: ସପ୍ ନଂ. ୫ | ୦୯.୧୧.୨୦୨୩ ସୁଦ୍ଧା ଟ.୨,୯୯,୫୫,୭୮୦.୬୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୧୦,୦୦୦/- | ଟ.୨,୦୧,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)**ରେ **"Announcements>Sale Notice>Orissa"** ଲିଙ୍କ୍ କିମ୍ବା ସମ୍ପୃକ୍ତ ଶାଖା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ତାରିଖ: ୦୯.୧୧.୨୦୨୩
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ସଂକ୍ଷେପରେ**

## ପୁସ୍ତକ ପ୍ରବନ୍ଧ ପୁଷ୍ପାଞ୍ଜଳି ଉନ୍ମୋଚିତ

**ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝଙ୍କର)**

ସ୍ଥାନୀୟ ଟାଉନ ହଲ ପରିସରରେ ପୁସ୍ତକ ପ୍ରବନ୍ଧ ପୁଷ୍ପାଞ୍ଜଳି ପ୍ରାବନ୍ଧିକ ତଥା ଦେବଗଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ମିତ୍ରଭାନୁ ମହାପାତ୍ର ଯୋଗଦେଇଥିଲେ। ଡା. ପଦ୍ମନାଭ ସାହୁଙ୍କ ରଚିତ ଏହି ପୁସ୍ତକକୁ ଉନ୍ମୋଚନ କରିବାସହ ଏହା ନୈତିକ ମୂଲ୍ୟବୋଧ ଆଧାରିତ ପୁସ୍ତକ ହୋଇଥିବା ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋ ପ୍ରେମୀ ତଥା ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ତିର୍ଥବାସୀ ଦେହୁରୀ ଯୋଗଦେଇଥିଲେ।

## ବାମଣ୍ଡା ବ୍ରାହ୍ମଣ ସମାଜ ବୈଠକ

**ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝଙ୍କର)**

ସ୍ଥାନୀୟ ଗୋପାଳଜୀ ମନ୍ଦିର ପରିସରରେ ଗୁରୁବାର ବାମଣ୍ଡା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ରାହ୍ମଣ ସମାଜର ବିଭିନ୍ନ ସାମାଜିକ ତଥା ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ଓ ସୁବିଧ ସାଧାରଣ, ଅସୁବିଧା ଉପରେ ଆଲୋଚନା କରାଯିବା ସହ ଆଗାମୀ ଡିସେମ୍ବର ୧୭ ତାରିଖରେ ସମାଜର ସାଧାରଣ ପରିଷଦ ବୈଠକ ଆୟୋଜନ ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ସଦସ୍ୟ ଏବଂ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ବୈଠକରେ ବାମଣ୍ଡା ବ୍ରାହ୍ମଣ ସମାଜର ଉପ ସଭାପତି ଟିକେଶ୍ୱର ଆଚାର୍ଯ୍ୟ, ସମ୍ପାଦକ ଅଶୋକ କୁମାର ନନ୍ଦ, ପରାମର୍ଶଦାତା ସୁଦର୍ଶନ ଦାଶ, ମିତ୍ରଭାନୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର,ଶଙ୍କର୍ଷଣ ନନ୍ଦ ଓ କରୁଣାକର ଦାଶଙ୍କ ସମତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଅଶୋକ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ୫-ଟି କ୍ଷମତା, ନେତୃତ୍ୱ ବିକାଶ ତାଲିମ ଶିବିର

**କୁଚିଣ୍ଡା,୯।୧୧(ବିରଞ୍ଚି ଦର୍ଶୀ)**

ଓଡ଼ିଶା ବିଦ୍ୟାଳୟ ପ୍ରାଧିକରଣ ଅଧୀନ ମୋ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ (୫-ଟି)ର କ୍ଷମତା ଓ ନେତୃତ୍ୱ ବିକାଶ ସମ୍ପର୍କିତ ଚାଲିଥିବା ତାଲିମ ଶିବିର ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଚନ୍ଦନିମାଲ ହାଇସ୍କୁଲ ପ୍ରତିଷ୍ଠାତା ଜଗତରାମ ପଟେଲ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଙ୍ଗଳ ଯୋଗଦେଇ ୫-ଟିର କ୍ଷମତା ଓ ବିକାଶ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ବିଇଓ ଗୀତା ପଧାନ ଓ ସମ୍ବଲପୁର ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପଧାନ ପରିଚାଳନା କରିଥିଲେ। ଶିବିରରେ ଶିକ୍ଷକ ଅଶୋକ ସାହୁ, ବନବାସ ପଧାନ, ସୁରେନ୍ଦ୍ର ପୃଷେଠ, ସମୀର ପଟେଲ, ଦେବଦତ୍ତ ମହାପାତ୍ର, ଶୁଭ୍ରାଂଶୁ ଶେଖର ସେଠୀ, ଅମନ ବିଶି, ଶିକ୍ଷୟିତ୍ରୀ ରୁପା ନାୟକ, ଜୟନ୍ତି ପଧାନ, ସୁନିତୀ ସାହୁ ପ୍ରମୁଖ କୁଚିଣ୍ଡା ଓ ଜମନକିରା ବ୍ଲକର ୫୧ଜଣ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷକ ଶୁଶିଳ କୁମାର ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ତାଲିମାର୍ଥୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# କେନାଲରେ ପାଣି ନାହିଁ, ଶୁଖିଲା ପଡ଼ିଛି ଜମି

**ପଦ୍ମପୁର,୯।୧୧(ପ୍ରଦୀପ୍ତ ଦାଶ)**

ଆଉ ଦିନ କେଇଟା ପରେ ଧାନ ଅମଳ ହେବ। ଏଭଳି ସମୟରେ ଫସଲକୁ ପାଣି ଆବଶ୍ୟକତା ଥିବାବେଳେ କେନାଲରେ ପାଣି ଆସୁନାହିଁ। ଫଳରେ ଚାଷଜମି ଫାଟି ଆଁ କରିବା ସହ ଧାନ ଗଛ ଶୁଖିବା ଅବସ୍ଥାକୁ ଆସିଲାଣି। କିଛି ସ୍ଥାନରେ ପମ୍ପ ସାହାଯ୍ୟରେ ପାଣି ମଡାଇ ଫସଲ ବଞ୍ଚାଇବା ପାଇଁ ଚେଷ୍ଟା ଚାଲିଛି ତ କିଛି ଜାଗାରେ ଚାଷୀ ଆଶା ଛାଡି ଦେଲେଣି। ଏହାସାଙ୍ଗକୁ ରୋଗପୋକ ଦାଉ ସାଧୁଛି। ମଇଷା, ଚକଡା, ଗଣ୍ଡି ପୋକ ଲାଗି ଏକର ଏକର ଚାଷଜମି ପ୍ରଭାବିତ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପଦ୍ମପୁର ବ୍ଲକ ଅଧୀନ ଦହଗାଁ, ଦହିତା, ଜମରତଲା ଏବଂ ବୁଡେନ ଆଦି ଅଞ୍ଚଳରେ। ଏହି ପଞ୍ଚାୟତର ଅଧିକାଂଶ ଗାଁରେ ଏହି ସମାନ ଅବସ୍ଥା ନଜରକୁ ଆସିଛି ବୋଲି ଚାଷୀ ବୁଲୁ ମଲ୍ଲିକ, ଜୟରାମ ସାହୁ, ଜୟନ୍ତ ସାହୁ, ପ୍ରହଲ୍ଲାଦ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ଦହଗାଁ ଓ ଦହିତା ପଞ୍ଚାୟତର ଚାଷଜମିକୁ ଜଳସେଚନ ସୁବିଧା ପାଇଁ ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଛି। ମାତ୍ର ଦୀର୍ଘଦିନ ଧରି ବର୍ଷା ନ ହେବାରୁ ଡ୍ୟାମ୍‌ରେ ଆବଶ୍ୟକ ପାଣି ନାହିଁ। ଫଳରେ କେନାଲ ଶୁଖିଲା ପଡିଛି। ଫଳରେ ଚାଷ ନଷ୍ଟ ହେବା ଅବସ୍ଥାକୁ ଆସିଲାଣି। ଧାର କରଜ କରି ଚାଷ କରିଥିବା ଚାଷୀ କେମିତି ଋଣ ପରିଶୋଧ କରିବ ସେହି ଚିନ୍ତାରେ ରହିଛନ୍ତି। ସରକାର କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ବନ୍ଦେଶ୍ୱରୀ କେନାଲ ଶୁଖିଲା ପଡିଛି ।

## ବିଶ୍ୱକର୍ମା ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବାଉଁଶ କାରିଗର ଓ ଅନ୍ୟମାନେ।

**ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝଙ୍କର)**

ବାରକୋଟ ବ୍ଲକ ବସାଲଇ ପଞ୍ଚାୟତ ସଦର ମହକୁମାରେ ଗୁରୁବାର ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବାଉଁଶ କାରିଗର ଦୀପକ ବେହେରା, ସୁଶୀଳ ସିଂ, ଷ୍ଟିଫେନ ଗୁମାନସିଂ ଓ ଜଲି ବେହେରାଙ୍କ ସମେତ ବହୁ ପୁରୁଷ ଏବଂ ମହିଳା ଯୋଗ ଦେଇ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ବୁଝାଇବା ସହ ଏହି ଯୋଜନାର ଉପକାରିତା ଓ କାର୍ଯ୍ୟକାରିତା ଏବଂ ବାଉଁଶ କାରିଗର ଅଂଶଗ୍ରହଣ ନେଇ ସବିଶେଷ ଆଲୋଚନା କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ରିଆମାଳ,୯।୧୧ (ନିରଞ୍ଜନ ବେହେରା)**

ରିଆମାଳ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୨୩ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତାରେ ରିଆମାଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସକାଳ ୭ଟାରେ ଖେଳ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଆମାଳ ଥାନାଧିକାରୀ ସରସ୍ୱତୀ ଟୁଡ୍ଡୁ, ସମ୍ମାନୀତ ଅତିଥି ଭାବେ ମଳେହିପଡା ସରପଞ୍ଚ ରୁନୁ ବେହେରା ଏବଂ ଶିକ୍ଷାବିତ ଯୋଗେଶ୍ୱର ବିଶ୍ୱାଳ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ସମ୍ମାନିତ ଅତିଥି ଭାବେ ବିକାଶ ମଞ୍ଚ ସଭାପତି ମୁନସୁନ କୁମାର ସାହୁ, ଭାଗିରଥି ସାହୁ, ମିତ୍ରଭାନୁ ବେହେରା ଯୋଗଦେଇଥିଲେ। ଆଚାର୍ଯ୍ୟ ଟଙ୍କଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ଦଶରଥ ନାୟକ ସମାରୋହ ବୃତ କଥନ କରିଥିଲେ । ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ପ୍ରାୟ ୪୦୦ ଶିଶୁ ଅଂଶ ଗ୍ରହଣ କରିଥିଲେ । ବିଜେତାଙ୍କୁ ଅତିଥିମାନେ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଗୁରୁଜୀ ଦଶରଥ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ଆୟୋଜନ ହୋଇଥିଲା। ଆଚାର୍ଯ୍ୟ ରାକେଶ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ଓ ମାତୃଭାରତୀ ଏବଂ ପରିଚାଳନା କମିଟିର ସଭ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ବିଦ୍ୟାଳୟର ସଂପାଦକ ଧିରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କ୍ରୀଡା ଉତ୍ସବରେ ଉପସ୍ଥିତ ମଞ୍ଚାସୀନ ଅତିଥି ବୃନ୍ଦ।

# ଜାତୀୟ ଆଇନ ସେବା ଦିବସ



କୋର୍ଟ ପରିସରରୁ ବାହାରିଥିବା ସଚେତନତା ରାଲି।

**ଦେବଗଡ,୯।୧୧(ଶଶାଙ୍କ ଶେଖର ଝଙ୍କର)**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଗୁରୁବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲା କୋର୍ଟରୁ ଏକ ଜନ ସଚେତନତା ରାଲି ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଅତିରିକ୍ତ ଜିଲା ଜଜ୍ ସନ୍ତୋଷ କୁମାର ନାଏକ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ଜଜ୍ ଶ୍ରୀନିବାସ ପ୍ରତିହାରି, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ସୁଧୀର କୁମାର ମିଶ୍ର, ସିଭିଲ୍ ଜଜ୍ ସ୍ୱୟଂ ପ୍ରକାଶ ଦାସ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଲିଙ୍କି ପ୍ରିୟା ସାହୁ, ଜେଏମ୍‌ଏଫ୍‌ସି ସୁଶ୍ରୀ କ୍ରିଷ୍ଣା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଲି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଉକ୍ତ ରାଲିରେ ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡର ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି ଆଇନ ସଚେତନତା ପାଇଁ ବିଭିନ୍ନ ସ୍ଲୋଗାନ ଏବଂ ଲିଫ୍‌ଲେଟ୍ ବଣ୍ଟନ କରିଥିଲେ।

# ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

**ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝଙ୍କର)**

ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ତିଲେଇବଣି ବ୍ଲକର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କୀତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଯୋଜନାରୁ ବ୍ଲକ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ ହୋଇ ନ ଥିବା ଜଣାପଡିବାରୁ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ ସହ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ କରିବାକୁ ବିଧାୟକ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଥିଲେ ସୁଦ୍ଧା ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ଦର୍ଶାଇ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରୁ ଗ୍ରାମାଞ୍ଚଳର ବିକାଶ କରାଯାଉଥିବା ବେଳେ ଠିକ ସ୍ଥାନରେ କିଭଳି ଅର୍ଥ ବିନିଯୋଗ ହୋଇପାରିବ ଏବଂ ଜନସାଧାରଣ ଲାଭବାନ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି ସମୀକ୍ଷା ବୈଠକରେ ତିଲେଇବଣି ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ମୋ ଜଙ୍ଗଲ ଜମି ଯୋଜନା ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର):** ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଚାଲିଥିବା ଦୁଇଦିନିଆ ମୋ ଜଙ୍ଗଲ ଜମି ଯୋଜନା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଡିଡବ୍ଲ୍ୟୁଓ ଭାଗୀରଥି ପଟେଲ, କୁଚିଣ୍ଡା ଆଟିଡିଏ ପିଏ ହେମସାଗର ଭୋଇଙ୍କ ସମେତ ସମସ୍ତ ଉପଖଣ୍ଡର ଉପଜିଲାପାଳ, ସମସ୍ତ ତହସିଲଦାର, ଏଡିଡବ୍ଲ୍ୟୁଓ, ଡବ୍ଲ୍ୟୁଇଓ, ସଂଯୋଜକମାନେ ଯୋଗ ଦେଇଥିଲେ। ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଏସ୍‌ସି/ଏସ୍‌ଟି ବିଭାଗ ତଥା ବସୁନ୍ଧରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ଜମି ଅଧିକାର ଅଧିନିୟମର କାର୍ଯ୍ୟକାରିତା, ସ୍ଥିତି ଓ ଏହାର ଭବିଷ୍ୟତ ସହିତ ଜଙ୍ଗଲ, ଅନୁଧ୍ୟାନ ବିହୀନ ଗ୍ରାମ ତଥା ପୁରାତନ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଶୁକ୍ରବାରଠାରୁ ମୋ ଜଙ୍ଗଲ ଜମି ଯୋଜନାର ବିକାଶ ପାଇଁ ଅଭିଯାନ ଆରମ୍ଭ ହେବ।

# କଂଗ୍ରେସ କମିଟି ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ

**ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝଙ୍କର)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ସଂକୀର୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଉପସଭାପତି ସୁବାସ ଚନ୍ଦ୍ର ଭୋଇ ଓ ମଞ୍ଜୁଳ କୁମାର ନାଏକଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ପୁରୁଣାଗଡ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ଜୟ ଜଗନ୍ନଥ ଧ୍ୱନୀ ଦେବାସହ ଗିନି ଓ ମୃଦଙ୍ଗର ତାଳେ ତାଳେ ଦୀର୍ଘ ସମୟ ଧରି ସଂକୀର୍ତନ ସତ୍ୟାଗ୍ରହ ଚଳାଇଥିଲେ। ଭକ୍ତଙ୍କ ନିମନ୍ତେ ପୁରୀ ସ୍ଥିତ ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନ ଭଣ୍ଡାରରେ ଥିବା ତିନି ଠାକୁରଙ୍କ ସମସ୍ତ ରତ୍ନ ଗଣତି କରିବା, ଭଣ୍ଡାର ଘର ମରାମତି କରିବା ଓ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଓ ଚଷୀଙ୍କ ଚାଷ ଜମିକୁ ତୁରନ୍ତ ଫେରସ୍ତ ଦାବିରେ ଏହି ସଂର୍କୀତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଏହି ସତ୍ୟାଗ୍ରହରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ପିନୁ ଦେବତା ଓ ମଦନ ମୋହନ ସାହୁଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ତିଲେଇବଣି ବ୍ଲକ ସଦର ମହକୁମା ଓ ରିଆମାଳ ବ୍ଲକ ସଦର ମହକୁମାରେ ମଧ ସଂର୍କୀତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ତିଲେଇବଣିରେ ବ୍ଲକ କଂଗ୍ରେସ ସଭାପତିସୁରେନ୍ଦ୍ରକୁମାରସାହୁନେତୃତ୍ୱ ନେଇଥିବା ବେଳେ ରିଆମାଳରେ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ ଓ ବରିଷ୍ଠ କଂଗ୍ରେସ ନେତା ପ୍ରବୀର ଶତପଥୀ ଏହି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ।




ଜିଲା କଂଗ୍ରେସ କମିଟି ପକ୍ଷରୁ ସଂକୀର୍ତନ ସତ୍ୟାଗ୍ରହରେ ଅଂଶ ଗ୍ରହଣ କରିଥିବା ନେତା କର୍ମୀ ।


କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ: ୧୫୫୬ (ପି) ଏବଂ ୧୫୬୧ (ପି), କେଏଚ୍: ୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୮(୬) ଏବଂ ୬(୨) ଅନୁଯାୟୀ ଯଥାକ୍ରମେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକୁ ବନ୍ଧକ ରଖାଯାଇଛି, ଯାହାକୁ କି **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ" ତା.୧୧.୧୨.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘଟିକାରୁ ପୂର୍ବାହ୍ନ ୧୧.୩୦ଘଟିକା** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି **ତା.୦୭.୧୨.୨୦୨୩ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ପାରାଦୀପ ଟାଉନ୍ ଶାଖା / ମୋ.: ୯୪୩୭୪୬୩୪୩୩/୮୮୪୭୮୭୭୩୪୨/** ଋଣଗ୍ରହୀତା ଏବଂ ବନ୍ଧକଦାତା: **ସର୍ବେଶ୍ୱର ନାଥ,** ପିତା: କପିଳ ଚରଣ ନାଥ / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: **ଅକ୍ଷୟ କୁମାର ନାଥ,** ପିତା: କପିଳ ଚରଣ ନାଥ, ଉଭୟଙ୍କ ଠିକଣା- ସା: ନିମିଡ଼ିହି, ପୋ: ପାରାଦୀପ ଗଡ଼, ଥାନା: ପାରାଦୀପ ଲକ୍, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / **ଜାମିନ୍‌ଦାର: ଉଷାଶ୍ରୀ ପରିଡା,** ସ୍ୱାମୀ: ଜଗବନ୍ଧୁ ପରିଡା, ସା: ବିଜୟଚନ୍ଦ୍ରପୁର, ପୋ: ଅଠରବାଙ୍କି, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଶ୍ରୀ ସର୍ବେଶ୍ୱର ନାଥ ଏବଂ ଶ୍ରୀ ଅକ୍ଷୟ କୁମାର ନାଥଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୭୯/୬୨୨, ଖାତା ନଂ.: ୨୨୫/୭୫, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ମୌଜା: ନିମିଡ଼ିହି, ତହସିଲ: କୁଜଙ୍ଗ, ଥାନା: ପାରାଦୀପ ନଂ. ୨୮, ଜିଲ୍ଲା: ଜଗତସିଂହପୁର, ଏହାର ଚଉହଦିରେ- ଉତ୍ତର: ସୀତାବାଳା ମଣ୍ଡଳ, ଦକ୍ଷିଣ: ରାସ୍ତା, ପଶ୍ଚିମ: ରାସ୍ତା, ପୂର୍ବ: ବସନ୍ତ ଦାସ | ୦୮.୧୧.୨୦୨୩ ସୁଦ୍ଧା ଟ.୧,୧୨,୩୫,୦୩୪.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୭୨,୦୦୦/- / ଟ.୨,୦୮,୦୦୦/- |
| **ନିଶ୍ଚିନ୍ତକୋଇଲି ଶାଖା/ ମୋ.: ୮୨୪୯୯୪୯୮୦୩ /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ସେକ୍ ସକତ୍ ମହମ୍ମଦ,** ପିତା: ଗୋରା ମହମ୍ମଦ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ସଇଦା ପରଭିନ୍,** ସ୍ୱାମୀ: ସେକ୍ ସକତ୍ ମହମ୍ମଦ, ଉଭୟଙ୍କ ଠିକଣା- ସା/ପୋ: ଗୋତରା, ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭ | ସେକ୍ ସକତ୍ ମହମ୍ମଦ ଏବଂ ସଇଦା ପରଭିନ୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୯୫, ଖାତା ନଂ.: ୩୨୯, କ୍ଷେତ୍ର: ଏକର୧.୨୦୪ ଡିସିମିଲି, ମୌଜା: ଗୋତରା, ତହସିଲ: ମାହାଙ୍ଗା, ଥାନା: ମାହାଙ୍ଗା ନଂ. ୪୩, ଜିଲ୍ଲା: କଟକ, ଏହାର ଚଉହଦିରେ- ଉତ୍ତର: ପଦନ ସାହୁ ଏବଂ ଅନ୍ୟମାନେ, ଦକ୍ଷିଣ: ବରନ୍ୟ କୁମାର ସାମଲ ଏବଂ ଅନ୍ୟମାନେ, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | ୦୮.୧୧.୨୦୨୩ ସୁଦ୍ଧା ଟ.୨୭,୧୧,୫୦୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୫୫,୦୦୦/- / ଟ.୨,୫୬,୦୦୦/- |
| **କଟକ ବଜ୍ରକବାଟି ରୋଡ୍ ଶାଖା / ମୋ.: ୯୪୩୭୫୭୯୫୮୫ /** ଋଣଗ୍ରହୀତା: **ମେସର୍ସ ରଶ୍ମି ମେଡିସିନ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଅମ୍ରିତ ଆନନ୍ଦ ଦାସ,** ରାଣୀହାଟ, ପ୍ଲଟ୍ ନଂ.: ୫୬୭/୮୫୩, ତେଲିସାହି, ମଙ୍ଗଳାବାଗ, କଟକ, ଓଡ଼ିଶା, ପିନ୍-୭୫୩୦୦୧/ **ଜାମିନ୍‌ଦାର: ସନ୍ତୋଷ କୁମାର ପଣ୍ଡା,** ପିତା: ହରେକୃଷ୍ଣ ପଣ୍ଡା, ରାଣୀହାଟ ମେଡିକାଲ ରୋଡ୍, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୩୦୦୧ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ପୁଷ୍ପାଞ୍ଜଳୀ ଦାସ,** ସ୍ୱାମୀ: ଶ୍ରୀ ବିଚିତ୍ରାନନ୍ଦ ଦାସ, ସା: ଜ୍ୟୋତ୍ସ୍ନା ବିହାର-୨, ପୋ: ଭାଣପୁର, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୩୦୦୧ | ସମ୍ପତ୍ତି ଯାହାର ଖାତା ନଂ.: ୧୧୬୨/୧୪୯୯, ପ୍ଲଟ୍ ନଂ.: ୧୬୨୮/୪୯୯୫, କ୍ଷେତ୍ର: ଏକର୦.୦୨୬ଡିସିମିଲି (ଘରବାରି) ଏବଂ ପ୍ଲଟ୍ ନଂ.: ୧୬୨୫/୪୯୯୬, କ୍ଷେତ୍ର: ଏକର୦.୦୨୦ଡିସିମିଲି, ଅନୁରୂପ ହାଲ ଖାତା ନଂ.: ୧୧୬୨/୧୦୮, ପ୍ଲଟ୍ ନଂ.: ୧୬୨୮, କ୍ଷେତ୍ର: ଏକର୦.୦୨୬ ଡିସିମିଲି ଏବଂ ଖାତା ନଂ.: ୯୩୦, ପ୍ଲଟ୍ ନଂ.: ୧୬୨୫, କ୍ଷେତ୍ର: ଏକର୦.୦୨୦ଡିସିମିଲି ଏବଂ ସବ୍ ପ୍ଲଟ୍ ନଂ.: ୨୮୫୦/୩୪୫, ଜ୍ୟୋତ୍ସ୍ନା ବିହାର, ଫେଜ୍-II, ସା.: ଭାଣପୁର, ଏନ୍‌ଏଚ୍-୫ ନିକଟ, ଜିଲ୍ଲା: କଟକ, ତହସିଲ: କଟକ ସଦର ନଂ. ୨୫୨, ଥାନା: କଟକ ସଦର, ଥାନା ନଂ. ୪୨, ମୌଜା: ଭାଣପୁର, ଏହାର ଚଉହଦିରେ- ଉତ୍ତର: ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୮୪୫ ଏବଂ ୨୮୪୬, ପୂର୍ବ: ସବ୍ ପ୍ଲଟ୍ ନଂ. ୨୮୪୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮୫୧ | ୦୮.୧୧.୨୦୨୩ ସୁଦ୍ଧା ଟ.୩୭,୦୪,୬୨୬.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୫,୨୦,୦୦୦/- / ଟ.୧,୫୨,୦୦୦/- |
| **ଉମର ଶାଖା / ମୋ.: ୮୨୪୯୭୬୨୯୪୩/୭୬୦୫୦୦୯୦୯୮ /** ଋଣଗ୍ରହୀତାମାନେ: ୧) **ଚିତ୍ରଲେଖା ମହାନ୍ତି,** ସ୍ୱାମୀ: ଔ ଧରଣୀଧର ମହାନ୍ତି, ୨) **ଗଗନବିହାରୀ ମହାନ୍ତି (ନାବାଳକ),** ପିତା: ଔ ଧରଣୀଧର ମହାନ୍ତି, ୩) **ପ୍ରତିଭା ମହାନ୍ତି (ନାବାଳିକା),** ପିତା: ଔ ଧରଣୀଧର ମହାନ୍ତି, ସମସ୍ତଙ୍କ ଠିକଣା- ସା/ପୋ: ଗୋକନ, ଭାୟା: ନିଶ୍ଚିନ୍ତକୋଇଲି, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୬ / **ଜାମିନ୍‌ଦାର: ରମେଶ ଚନ୍ଦ୍ର ସ୍ୱାଇଁ,** ପିତା: ଇନ୍ଦ୍ରମଣି ସ୍ୱାଇଁ, ଗ୍ରାମ: ବରାହିପୁର, ପୋ: ଓସଙ୍ଗ, ଜିଲ୍ଲା: କଟକ-୭୫୪୦୨୬ | **ଧରଣୀଧର ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୨୪/୨୮୧୭, ଖାତା ନଂ.: ୮୬୩/୧୫୬, ସମୁଦାୟ ପ୍ଲଟ୍ କ୍ଷେତ୍ର: ଏକର୦.୦୨୫ଡିସିମିଲି, ମୌଜା: ଗୋକନ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଏହାର ଚଉହଦିରେ- ଉତ୍ତର: ବି. ମହାନ୍ତି, ଦକ୍ଷିଣ: ଆର୍. ମହାନ୍ତି, ପୂର୍ବ: ଏମ୍. ମହାନ୍ତି, ପଶ୍ଚିମ: ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୧୪,୩୭,୮୨୭.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୮୦,୦୦୦/- / ଟ.୭୦,୦୦୦/- |
| **କେନ୍ଦ୍ରାପଡା ଶାଖା / ମୋ.: ୯୪୩୭୫୭୯୫୪୨ /** ଋଣଗ୍ରହୀତା: **ମିର୍ ଅବଦୁଲ ଅଲିମ୍,** ପିତା: ମିର୍ ଅବଦୁଲ ରହିମ, ପୋଷ୍ଟ ଅଫିସ୍ ଲେନ୍, ସା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ / **ଜାମିନ୍‌ଦାର: ଏସ୍‌କେ ମହିଉଦ୍ଦିନ,** ପିତା: ଔ ଏସ୍‌କେ କମିରୁଦ୍ଦିନ୍, ସା: ମଡିଆଳ, ପୋ/ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୧୧ | **ଏସ୍‌କେ ମହିଉଦ୍ଦିନ,** ପିତା: ଔ ଏସ୍‌କେ କମିରୁଦ୍ଦିନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା/ପୋ: ମଡିଆଳ, ଜିଲ୍ଲା: କେନ୍ଦ୍ରାପଡ଼ା, ମୌଜା: ମଡିଆଳ, ଖାତା ନଂ.: ୪୯୭/୯୦୯, ପ୍ଲଟ୍ ନଂ.: ୧୬୪/୨୬୫୨, କ୍ଷେତ୍ର: ଏକର୦.୦୪୦ଡିସିମିଲି, (୧୭୪୨ ବର୍ଗଫୁଟ), ଏହାର ଚଉହଦିରେ- ଉତ୍ତର: ଏସ୍‌କେ ଅମିରୁଦ୍ଦିନ, ଦକ୍ଷିଣ: ଏସ୍‌କେ ଆଲ୍ଲାଉଦ୍ଦିନ, ପୂର୍ବ: ସରକାରୀ ଜମି, ପଶ୍ଚିମ: ସର୍ବସାଧାରଣ ରାସ୍ତା | ୦୮.୧୧.୨୦୨୩ ସୁଦ୍ଧା ଟ.୪୩,୪୩,୮୦୫.୦୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୮,୯୦,୦୦୦/- / ଟ.୨,୯୦,୦୦୦/- |
| **ଏଆର୍‌ଏମ୍ ଶାଖା, କଟକ / ମୋ.: ୭୦୭୭୭୨୦୫୩୦** ଋଣଗ୍ରହୀତାମାନେ: ୧) **ମେସର୍ସ ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ୍ ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ସରିତା ଅଗ୍ରୱାଲ, ଠିକଣା-୧:** ସା: ମନମନ୍ଦିର ସୋରୁମ, ମେଟ୍ରୋ ପ୍ଲାଜା, ତିନିକୋଣିଆ ବଗିଚା, ଜିଲ୍ଲା: କଟକ, ପିନ୍-୭୫୩୦୦୧, **ଠିକଣା-୨:** ୧, ଜନପଥ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, ୨) **ଶ୍ରୀ ଅରୁଣ କୁମାର ଅଗ୍ରୱାଲ,** ପିତା: ବାଲକିସନ ଅଗ୍ରୱାଲ, ଚୌଧୁରୀ ବଜାର, କଟକ-୭୫୩୦୦୧/ **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ସରିତା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ମାର୍ଫତ: ବି କେ ଟ୍ରେଡିଂ କୋଃ., ଜାଉଳିଆ ପଟି, କଟକ-୭୫୩୦୦୧ | **ସରିତା ଅଗ୍ରୱାଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବ୍ୟାବସାୟିକ ଦୋକାନ ଯାହାର ସପ୍ ନଂ.: ଇଏକ୍ସ-୪ଏ, ମେଟ୍ରୋ ପ୍ଲାଜା, ଫେଜ୍-୨, ଖାତା ନଂ.: ୧୬୧, ପ୍ଲଟ୍ ନଂ.: ୧୨୮୦/୧୪୬୨, କ୍ଷେତ୍ର: ଏକର୦.୦୪୦ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୨, କ୍ଷେତ୍ର: ଏକର୦.୧୫୮ ଡିସିମିଲି ଏବଂ ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୧୨୮୦/୧୪୬୪, କ୍ଷେତ୍ର: ଏକର୦.୦୩୬ ଡିସିମିଲି ଓ ପ୍ଲଟ୍ ନଂ.: ୧୨୭୮/୧୪୬୫, କ୍ଷେତ୍ର: ଏକର୦.୧୪୪ ଡିସିମିଲି, ସା/ମୌଜା: କଟକ ସହର, ୟୁନିଟ୍ ନଂ. ୧୧, ଓଡ଼ିଆ ବଜାର, ପୋ/ତହସିଲ/ଡିଏସ୍‌ଆରଓ: କଟକ, ଥାନା: କାଣ୍ଟନମେଣ୍ଟ, ଥାନା ନଂ. ୦୪, ଜିଲ୍ଲା: କଟକ ସହିତ ସମୁଦାୟ କ୍ଷେତ୍ର: ଏକର୦.୩୭୮ଡିସିମିଲି, କିସମ: ଘରବାରି, ଏହାର ଚଉହଦିରେ- ଉତ୍ତର: ଜଏଣ୍ଟ ପାସେଜ୍, ଦକ୍ଷିଣ: କରିଡର, ପୂର୍ବ: ସପ୍ ନଂ. ୩, ପଶ୍ଚିମ: ସପ୍ ନଂ. ୫ | ୦୯.୧୧.୨୦୨୩ ସୁଦ୍ଧା ଟ.୨,୯୯,୫୫,୭୮୦.୬୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)**ରେ **"Announcements>Sale Notice>Orissa"** ଲିଙ୍କ୍ କିମ୍ବା ସମ୍ପୃକ୍ତ ଶାଖା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ତାରିଖ: ୦୯.୧୧.୨୦୨୩
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ବନମାଳୀ ଜୁଏଲର୍ସରେ ଜିଏସ୍‌ଟି ଚଢାଉ

କଣ୍ଟାବାଞ୍ଜି,( ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ବନମାଳୀ ଜୁଏଲର୍ସରେ ଜିଏସ୍‌ଟି ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇଛି। ସରକାରଙ୍କ ବିଭିନ୍ନ ଟ୍ୟାକ୍ସ ଫାଙ୍କୁ ଥିବା ଅଭିଯୋଗ ନେଇ ଏହି ଚଢାଉ କରାଯାଇଛି। ଚଢାଉରେ ବଲାଙ୍ଗୀର ଏବଂ ନୂଆପଡା ଜିଲା ଜିଏସଟି ବିଭାଗ ସାମିଲ ଅଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ୱାର୍ଡସଭ୍ୟ ମୃତ

ସଇଁତଳା,୯।୧୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଡୁଙ୍ଗୁରିପାଲି ପଞ୍ଚାୟତ ସଦର ଗାଁର ୱାର୍ଡ଼ସଭ୍ୟ ଲାଲୁ ମାଝିଙ୍କର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନ ସମୟରେ ସେ ନିଜ ଘର ଛାତ ଉପରେ କାମ କରୁଥିବାବେଳେ ଉପରେ ଯାଇଥିବା ୧୧/୩୨ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କ ଘର ଉପରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରକୁ ଅନ୍ୟତ୍ର ନେବାକୁ ସେ ବିଭାଗକୁ ଏକାଧିକବାର ଜଣାଇଥିଲେ ମଧ୍ୟ ତାଙ୍କ କଥାକୁ ବିଭାଗ ଗୁରୁତ୍ୱ ଦେଇ ନ ଥିଲା। ଏଣୁ ପରିବାର ଲୋକେ ଏବଂ ସ୍ଥାନୀୟ ସରପଞ୍ଚ ଗଜପତି ସାହୁ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଲାଲୁଙ୍କର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି। ଗରିବ ପରିବାରର ଲାଲୁଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସାହୁ ଦାବି କରିଛନ୍ତି।

### ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ

ମୁରିବାହାଲ,୯।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କଂଗ୍ରେସ ତରଫରୁ ଗୁରୁବାର ବଡ଼ସାଇମର ଗ୍ରାମ ପଞ୍ଚାୟତ ଧାତୁକଜୁରୀ ଆମ୍ବ ବଗିଚାରେ ଏକ କର୍ମୀ ସମ୍ମିଳନୀ ଓ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ କୁମାର ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ଅମ୍ରିତ ସିଂ ସାଲୁଜା ଯୋଗଦେଇ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଗତ ୫ବର୍ଷର କାମ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରିବାକୁ କହିଥିଲେ। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ପୁନଃ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବଡ଼ସାଇମରା ସରପଞ୍ଚ ଶୁକମଣି ପୁଟେଲ, ବୁଲୁ ବିଶି, ରତନଲାଲ ଭୋଇ, ଶ୍ରୀମନ୍ତ ମହାନନ୍ଦ, ଯଧୁମଣି ଭୋଇ ପ୍ରମୁଖ ଦଳକୁ ଅଧିକ ମଜଭୁତ କରିବା ଉପରେ ଯୋର ଦେଇଥିଲେ। ଏହି ଅବସରରେ ବିଜେଡିର କେତେକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ପରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କଂଗ୍ରେସ ଦଳର ସଂକୀର୍ତ୍ତନ ଯାତ୍ରା

ଟିଟିଲାଗଡ଼, ୯।୧୧(ଶରତ ମିଶ୍ର)

ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ କଂଗ୍ରେସ ଦଳ ଗୁରୁବାର ରାସ୍ତାକୁ ଓହ୍ଲାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଟିଟିଲାଗଡ଼ କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ପ୍ରତିବାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇ ଜଗନ୍ନାଥ ସଂସ୍କୃତିକୁ ଶାସକ ବିଜେଡି ଅପଦସ୍ଥ କରିଥିବା ଅଭିଯୋଗ କରିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଚାରିଦ୍ୱାର ଖୋଲାଯିବା, ରତ୍ନ ଭଣ୍ଡାର ଖୋଲିବା ସହ ପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି, ରତ୍ନ ଭଣ୍ଡାର ମରାମତି, ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥ ଏବଂ ଚାଷଜମି ଫେରସ୍ତ କରାଯିବାକୁ ଦାବି ହୋଇଛି। ପ୍ରତିବାଦ ସଭାରେ ଦଳର ନଗର ସଭାପତି ଘିନୁ ଆଡ଼ଯୁଆଡ଼, ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ, ପିସିସି ସଦସ୍ୟ ଡମ୍ବରୁ ଛତ୍ରିଆ, ରାଜ୍ୟ ସେବାଦଳ ସମ୍ପାଦକ ଦେବାନନ୍ଦ ସାହୁ, ଝସକେତନ ଛତର, ଦେବେନ୍ଦ୍ର ସାହୁ, ସୁବୋଧ ଦାଶ, ତୁଳସି ସାହୁ,ଦେବସିଂ ମାଝି, ଜଗନ୍ନାଥ ମାଝି, ପୀତବାସ ଚିନାଗୁର, ତପନ ଦାଶ, ନିତ୍ୟା ମାଝି, ତାଜୁ ଖାନ, ଲିଙ୍ଗରାଜ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଶୀଘ୍ର ଚିହ୍ନଟ କର, ଟଙ୍କା ଫେରାଅ

ବଲାଙ୍ଗୀର,୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଗଣସତ୍ୟାଗ୍ରହ**
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ
- ସହସ୍ରାଧିକ ଜମାକାରୀ ଦେଲେ ନିର୍ବାଚନୀ ଧମକ

ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀମାନେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣସତ୍ୟାଗ୍ରହରେ ବସିଥିଲେ। କୋଟିକୋଟି ଟଙ୍କାର କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ତାଙ୍କର କଷ୍ଟଲବ୍ଧ ଟଙ୍କା ଫେରସ୍ତ କରିବାକୁ ଦାବି କରାଯାଇଥିଲା। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମଞ୍ଚ ରାଜ୍ୟ ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ ଏବଂ ରାଜ୍ୟ ଉପସଭାପତି ବିଭୁଦତ୍ତ ମିଶ୍ରଙ୍କ ନେତୃତ୍ୱରେ ସହସ୍ରାଧିକ ଚିଟ୍‌ଫଣ୍ଡ ଜମାକାରୀ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଜମାକାରୀ ମିଳିତମଞ୍ଚ ପକ୍ଷରୁ ୨୦୧୨ ମସିହାରୁ ବିଭିନ୍ନ ତହସିଲ୍, ଜିଲା ସଦର ମହକୁମା ଏବଂ ରାଜ୍ୟ ରାଜଧାନୀରେ ଜମା ଟଙ୍କାର ପରିପକ୍ୱ ରାଶି ଦାବି କରିଥିଲେ। ସରକାର ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ କ୍ଷତିଗ୍ରସ୍ତ ଜମାକାରୀମାନେ ଟଙ୍କାଟିଏ ମଧ ପାଇନାହାନ୍ତି। ଲକ୍ଷାଧିକ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ସରକାର କମିଶନ ବସାଇ ୫୦ଲକ୍ଷରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ କରିଥିଲେ। କିନ୍ତୁ ସରକାର କମିଶନକୁ ବନ୍ଦ କରି ସତ୍ୟପାଠଗୁଡ଼ିକ ଯାଞ୍ଚ ନ କରି ଦୀର୍ଘ ୩ ବର୍ଷ ହେବ ପକେଇ ରଖିଛନ୍ତି। ଗୋଲ୍‌ଡେନ୍ ଲ୍ୟାଣ୍ଡ ସଂସ୍ଥା ବିରୋଧରେ ଓପିଡା ଆଇନ୍ ଅନୁସାରେ ସ୍ୱତନ୍ତ୍ର କୋର୍ଟ ଏହାର ସମ୍ପତ୍ତି ବିକ୍ରୟ କରି ଜମାକାରୀଙ୍କୁ ଟଙ୍କା ଫେରସ୍ତ ନିର୍ଦ୍ଦେଶ ଥିଲେ ମଧ ସର୍ବସାଧାରଣଙ୍କୁ ବିଜ୍ଞାପନ ମାଧମରେ ପ୍ରଚାର ନକରି ଇ-ଆକଶନ୍ ଓ ଇ-ବିଡିଂ କରି ବଜାର ଦରର ଏକ ଦଶମାଂଶ ଦାମରେ ଅଭାବୀ ବିକ୍ରି କରାଇ ଜମାକାରୀଙ୍କ ଟଙ୍କା ଫେରସ୍ତ ରାସ୍ତା ସଙ୍କୁଚିତ କରାଯାଉଛି। ବିକ୍ରୟ ମୂଲ୍ୟକୁ ସରକାର ନିଜେ ଚଳୁ କରିଛନ୍ତି। ସରକାର ଟଙ୍କା ରଖିଥିଲେ ବି ଫେରସ୍ତ ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ମାଇକ୍ରୋ ଫାଇନାନ୍ସର ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ମାଲିକ ନିର୍ଦ୍ଦେଶକମାନେ ମାଲିକାନା ହସ୍ତାନ୍ତର କଲେ ବି ପୋଲିସ୍, ପ୍ରଶାସନ, ଅର୍ଥନୈତିକ ଅପରାଧ ଶାଖା, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୌଣସି ପଦକ୍ଷେପ ନେଉନାହାନ୍ତି। ସାହାରା ଗ୍ରୁପ୍ ଅଧିନରେ ୨ଟି କମ୍ପାନୀ ଓ ୩ଟି ମଲ୍ଟିଷ୍ଟେଟ୍ ସମବାୟ ସଂସ୍ଥା ମାଧମରେ ଓଡ଼ିଶାର ପ୍ରତି ଗ୍ରାମରେ ପ୍ରବେଶ କରି ସାଧାରଣ ଲୋକଙ୍କୁ ବର୍ଦ୍ଧିତ ସୁଧର ପ୍ରଲୋଭନ ଦେଖାଇଛନ୍ତି।

ବଲାଙ୍ଗୀର ଜିଲାର ଜମାକାରୀମାନେ କ୍ଲେମ୍ ଆବେଦନ ଫର୍ମରେ ଜମାକାରୀ ପ୍ରମାଣପତ୍ରର ନକଲ ସହ ମଞ୍ଚ ଜରିଆରେ ଆବେଦନ ପତ୍ର ଦାଖଲ କରିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଯଦି କ୍ଷତିଗ୍ରସ୍ତ ଜମାକାରୀଙ୍କ ଚିହ୍ନଟ କରା ନ ଯିବ ଏବଂ ଟଙ୍କା ଫେରାଇ ବା ବ୍ୟବସ୍ଥା କରା ନ ଯିବ ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଲୋକେ ନିଜ ଘରକୁ ଫେରାଇବା ବ୍ୟବସ୍ଥା କରିବେ ବୋଲି ଚେତାବନୀ ଦେଇଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଜମାକାରୀମାନେ କିଛି ସମୟ ଧରି ରାସ୍ତାରୋକୋ କରିଥିଲେ। ପରେ ସହକାରୀ ଜିଲାପାଳ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ସାହାରା ଜମାକାରୀ ମଞ୍ଚ ସଭାପତି ବିଜୟ କୁମାର ପାଢୀ, ବଲାଙ୍ଗୀର ଜିଲା ସଭାପତି ଲଳିତ ଦୀପ, ସୁଧାଂଶୁ ବେହେରା, ପୃଥ୍ୱୀରାଜ ସିଂ ବାଗ୍, ମଦନ ମୋହନ ଡାଙ୍ଗ, ସୁରଥ ଧରୁଆ, ଯୋଗେନ୍ଦ୍ର ବୁଡ଼େକ୍, ବିପିନ୍ଦ୍ର ପୁଟେଲ୍, ଭାଗିରଥି ସାହୁ, ସୁରେଶ ଗଡ଼ତିଆ, ରବିନାରାୟଣ ଭୋଇ, ସଞ୍ଜୀବ କୁମାର ପଣ୍ଡା ଉଦ୍‌ବୋଧନ ଦେଇଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ରମେଶ


@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଦ୍ଧାରିତ ସମୟରେ ଆସୁନାହାନ୍ତି କର୍ମଚାରୀ

ଲୋଇସିଂହା,୯।୧୧(ସୁଶାନ୍ତ ବାରିକ)

**ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୫-ଟି ମୋ ସରକାର କାମ କରୁନାହିଁ। କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ନିର୍ଦ୍ଧାରିତ ସମୟରେ ଅଫିସ ଆସୁନାହାନ୍ତି। ଫଳରେ କାର୍ଯ୍ୟାଳୟକୁ ବିଭିନ୍ନ କାମ ନେଇ ଦୂରଦୂରାନ୍ତରୁ ଆସୁଥିବା ଅଭିଭାବକ ଓ ଶିକ୍ଷକଙ୍କୁ ଅନେକ ସମୟରେ ନିରାଶ ହେବାକୁ ପଡୁଛି । ଗୁରବାର ଏହାର ଉଦାହରଣ ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ଅଫିସ ଖୋଲା ହୋଇ ନ ଥିଲା । ଗେଟରେ ତାଲା ପଡିଥିବାବେଳେ ୨ ଜଣ କର୍ମଚାରୀ ବାହାରେ ଛିଡା ହୋଇଥିଲେ । ସେଥିମଧ୍ୟରେ ଥିଲେ ଜଣେ ଅଫିସର ଡାଟା ଏଣ୍ଟ୍ରି ଅପରେଟର ଏବଂ ଅନ୍ୟ ଜଣେ ଡେପୁଟେଶନ ଚତୁର୍ଥ ଶ୍ରେଣୀ କର୍ମଚାରୀ । ସେମାନଙ୍କ କହିବା ଅନୁଯାୟୀ, ଅଫିସ ପିଅନ ଅସୁସ୍ଥ ଅଛନ୍ତି। ଗେଟ ଚାବି ରଖିଥିବା କର୍ମଚାରୀ ଏଯାଏ ଆସି ନ ଥିବାରୁ ଅଫିସ ଖୋଲା ଯାଇପାରିନାହିଁ। ସ୍ଥାନୀୟ ଲୋକେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଫିସ ଖୋଲା ଯାଇଥିଲା । ଏହା ପରେ ଏବିଓ ଏବଂ କିରାଣି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସାଢେ ୧୧ଟା ସୁଦ୍ଧା କାର୍ଯ୍ୟାଳୟ ଆସି ନ ଥିଲେ ମୁଖ୍ୟ କିରାଣି। ସ୍ଥାନୀୟ ଲୋକଙ୍କ କହିବାର ହେଲା ଏହା ଦିନକର ଘଟଣା ନୁହେଁ। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କାର୍ଯ୍ୟାଳୟରେ ଏଭଳି ସ୍ଥିତି ଦେଖାଦେଉଛି। ଏ ସମ୍ପର୍କରେ ବିଇଓ ରୀନାକୁମାରୀ ବେହେରାଙ୍କୁ ପଚାରିବାରୁ ଗୁରୁବାରର ଘଟଣାକୁ ନେଇ ଅଫିସରେ ନୋଟିସ୍ କରିଛି। ଏହାପୂର୍ବରୁ ମଧ ଷ୍ଟାଫଙ୍କୁ ତାଗିଦ୍ କରାଯାଇଥିଲା। ନୋଟିସ୍ ପରେ ମଧ୍ୟ କେହି ସଚେତନ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ବିଇଓ ଅଫିସ ଗେଟ୍‌ରେ ତାଲ ଝୁଲୁଛି। ବାହାରେ ୨ଜଣ କର୍ମଚାରୀ।

## ଯାଦବ ସମାଜ ଗିରି ଗୋବର୍ଦ୍ଧନ ପୂଜା ଲାଗି ପ୍ରସ୍ତୁତି ବୈଠକ

କଣ୍ଟାବାଞ୍ଜି, ୯।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଯୁବ ଯାଦବ ସମାଜ ପକ୍ଷରୁ ନଭେମ୍ବର ୧୪ ତାରିଖରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଯୁବ ଯାଦବ ସମାଜ କଣ୍ଟାବାଞ୍ଜି ସଭାପତି ବେଦବ୍ୟାସ ନାଗ ସଭାପତିତ୍ୱ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଯାଦବ ସମାଜ ଆରାଧ ଦେବତା ଶ୍ରୀକୃଷ୍ଣ ଏବଂ ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଧୋବାପଡା ଅଶୋକ ନଗରରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବ। ଏଥିରେ ଯାଦବମାନଙ୍କ ବାନାବାଡି ଶୋଭାଯାତ୍ରାରେ ସାମିଲ ହେବ। ନଗର ପରିକ୍ରମା ପରେ ଶ୍ରୀଗିରି ଗୋବର୍ଦ୍ଧନ, ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ସ୍ଥାନୀୟ ଗୋରୁ ବଜାରରେ ଅନୁଷ୍ଠିତ ହେବ। ଚଳିତବର୍ଷ ପୂଜାସ୍ଥଳୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାଦବମାନଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହେବ । ଆଜିର ବୈଠକରେ ବିଷ୍ଣୁ ଯୁଏଡ, ଦେବରାଜ ଯାଦବ, ସଞ୍ଜୟ ପୁଂଜି, ପପୁ ଯୁଏଡ, ଦୀପକ ସେଲମା, ଗୁରୁଦୟାଲ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଟିଲାଗଡ଼ ଖେଳାଳିଙ୍କୁ ୫ସ୍ୱର୍ଣ୍ଣ



ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ପଦକ ବିଜେତା କ୍ରୀଡାବିତ୍‌ମାନେ।

ଟିଟିଲାଗଡ଼,୯।୧୧(ଶରତ ମିଶ୍ର)

**ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ**

ରାୟଗଡ଼ା ପୌର ପରିଷଦ କଲ୍ୟାଣ ମଣ୍ଡପରେ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଟିଟିଲାଗଡ ଶହୀଦ ଜିମ୍ନାସିୟମର ପ୍ରତିଯୋଗୀମାନେ କମାଲ ଦେଖାଇଛନ୍ତି। ୭୫କେଜି ବର୍ଗରେ ରଞ୍ଜନ ଆଡଯୁଆଡ ସ୍ୱର୍ଣ୍ଣ, ମନିସ ଦାସ ୯୫କେଜି ବର୍ଗରେ ସ୍ୱର୍ଣ୍ଣ, ପ୍ରତ୍ୟୁଷ ରଞ୍ଜନ ନାୟକ ୫୫କେଜି ବର୍ଗରେ ସ୍ୱର୍ଣ୍ଣ, ସୁଶାନ୍ତ କୁମାର ବେହେରା ୮୩କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ପାଇ ଟିଟଲାଗଡ ପାଇଁ ସୁନାମ ଆଣିଛନ୍ତି। ଭାର ଉତ୍ତୋଳନ ସଂଘ ଜିଲା ସମ୍ପାଦକ ସନତ କୁମାର ପାଢ଼ି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୩.୪ଲକ୍ଷ ଖର୍ଚ୍ଚ ପରେ ବି କାର୍ଯ୍ୟକ୍ଷମ ହୋଇନି

ଲାଠୋର, ୯।୧୧(ଭୁବନେଶ୍ୱର ବାରିକ)

**ଶହୀଦ ଭଗତ ସିଂ ପାଠାଗାର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଲାଠୋର ଗ୍ରାମରେ ନିର୍ମାଣ ହେଉଥିବା ସହୀଦ ଭଗତ ସିଂ ପାଠାଗାର ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଅଧ୍ୟୟନରତ ଛାତ୍ରୀଛାତ୍ର ତଥା ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କ ଦାବି ଅନୁସାରେ ତତ୍କାଳୀନ ପାଟଣାଗଡ଼ ଉପଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ୨୦୧୬ ମସିହାରେ ଲାଠୋର ଗ୍ରାମରେ ଏକ ପାଠାଗାର ନିର୍ମାଣ ପାଇଁ ସରପଞ୍ଚ ସନ୍ତୋଷ ଭଇଁଷାଲଙ୍କ ନିକଟରେ ଦାବି କରିଥିଲେ। ୨୦୧୯-୨୦ମସିହାରେ ଗ୍ରାମର ଜଣେ ବ୍ୟକ୍ତି ୩ଲକ୍ଷ ଟଙ୍କା ନିଜସ୍ୱ ଖର୍ଚ୍ଚରେ ପାଠାଗାର ପାଇଁ କୋଠା ନିର୍ମାଣ କାମ ଆରମ୍ଭ କରିଥିଲେ। ପରେ ଲାଠୋର ପଞ୍ଚାୟତର ତତ୍କାଳୀନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୪ଲକ୍ଷ ୪୦ହଜାର ଟଙ୍କା ପାଠାଗାର ନିର୍ମାଣରେ ବିନିଯୋଗ କରିଥିଲେ। ପରେ ଜିଲା ପରିଷଦ ପାଣ୍ଠିରୁ ୬ଲକ୍ଷ ଟଙ୍କା ନିର୍ମାଣରେ ବ୍ୟୟ କରାଯାଇଛି। ଏହିପରି ସରକାରୀ ଏବଂ ବେସରକାରୀଭାବେ ମୋଟ ୧୩ଲକ୍ଷ ୪୦ହଜାର ଟଙ୍କା ବ୍ୟୟ ହୋଇଥିଲେ ମଧ ନିର୍ମାଣ କାମ ସରିନାହିଁ। ପାଠାଗାରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବହିପତ୍ର, କମ୍ପ୍ୟୁଟର କିଣାଯାଇନାହିଁ। ଭଗତ ସିଂଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇନାହିଁ। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ପ୍ରତିମୂର୍ତ୍ତି ନିର୍ମାଣ ସହ ଅନ୍ୟାନ୍ୟ କାମ ପଞ୍ଚାୟତ ପାଣ୍ଠିରୁ କରିବାକୁ ଆମେ ଚେଷ୍ଟା କରୁଛୁ। ସରକାର ଏକ କମ୍ପ୍ୟୁଟର ଯୋଗାଇ ଦେଲେ ଭଲ ହୁଅନ୍ତା ବୋଲି କହିଥିଲେ।


ନିର୍ମାଣାଧୀନ ପାଠାଗାରରେ ତାଲା ଝୁଲୁଛି।

# ଯୁବପିଢ଼ି ଦେଶର ଆଇନ ଜାଣିବା ଜରୁରୀ

ଟିଟିଲାଗଡ/କଣ୍ଟାବାଞ୍ଜି/ଦେଓଗାଁ, ୯।୧୧(ଶରତ ମିଶ୍ର/ ଗୁରୁଦୟାଲ ହଂସ/ କୃଷ୍ଣପ୍ରସାଦ ପାଣିଗ୍ରାହୀ)

**ଜାତୀୟ ଆଇନ ସେବା ଦିବସ ପାଳିତ**

ଜାତୀୟ ଆଇନ ସେବା ଦିବସ ଅବସରରେ ବଲାଙ୍ଗୀର ଜିଲା ବିଭିନ୍ନ ସ୍ଥାନରେ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ସଚେତନ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ ପଟ୍ଟନାୟକ କହିଥିଲେ ଯେ, ମହିଳା, ଭିନ୍ନକ୍ଷମ, ସାମାଜିକ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ନାଗରିକଙ୍କୁ ନ୍ୟାୟ ଦେବା ପାଇଁ ନିୟମ ରହିଛି। ନିଷ୍ପେଶିତ ଶ୍ରେଣୀର ସଶକ୍ତିକରଣ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଯୁବପିଢି ଦେଶର ସମ୍ବିଧାନ ତଥା ବିଭିନ୍ନ ଆଇନ ସମ୍ବନ୍ଧରେ ଜାଣିବାର ଆବଶ୍ୟକତା ରହିଥିବା ସମିତି ଅଧକ୍ଷ ପଟ୍ଟନାୟକ କହିଥିଲେ। ସଚେତନତା ସଭାରେ ମଞ୍ଚାସୀନ ସବ୍‌ଜଜ୍ ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ୍ ଶାଶ୍ୱତି ମହାପାତ୍ର, ଜେଏମ୍‌ଏଫ୍‌ସି ଅଭିନନ୍ଦନ ରାୟ, ସମିତି ଫ୍ରଣ୍ଟ ଅଫିସ ରିଟେନର ସନ୍ଧ୍ୟା ଥାପା ସାଧାରଣ ଜନତାଙ୍କୁ ଆଇନ ସେବା ଉପରେ କହିଥିଲେ। ପ୍ରତିଷ୍ଠାନର ନିତାଇ ଚରଣ ଭୋଇ, ଆଶାମୟୀ ନାୟକ, ଯଶୋବନ୍ତ ଦୁଆନ, ଦୀପ୍ତିମୟୀ ବଢେଇ, ପ୍ରଭୁଶିଷ ପଣ୍ଡା, ସୁଜାତା ଦାଶ, ଗୀତା ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜୀବର୍ଦ୍ଧନ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଣ୍ଟାବାଞ୍ଜି କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ଚେୟାରମ୍ୟାନ ତଥା ଅତିରିକ୍ତ ଜିଲା ଦୌରାଜଜ ହିମାଂଶୁ ଶେଖର ମଲ୍ଲିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବ୍‌ଜଜ ପରିତୋଶ ସେଠୀ ଅତିଥିଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା ଜାତୀୟ ଆଇନ ସେବା କମିଟି ଗଠନର ଆବଶ୍ୟକତା ବିଷୟରେ କହିଥିଲେ। ତାଲୁକ ଆଇନ ସେବା କମିଟି ମାଧ୍ୟମରେ ଅନେକ ବ୍ୟକ୍ତି ଉପକୃତ ହେଇପାରୁଥିବା କହିଥିଲେ। ଆଇନଜୀବୀ ମନୋଜ କୁମାର ଦାଶ ତାଲୁକ ଆଇନ ସେବା କମିଟି ଜରିଆରେ ନିଯୁକ୍ତ ପ୍ୟାନେଲ ଆଡଭୋକେଟ ଏବଂ ପାରାଲିଗାଲ ଭଲେଣ୍ଟିୟରମାନଙ୍କ ଭୂମିକା ଉପରେ ଏକ ସଚେତନତା ଶିବିର ମାଧ୍ୟମରେ ତାଲିମ ଦିଆଗଲେ ଅନେକ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ସବ୍‌ଜଜ୍ ସେଠୀ ମଧ ବିଭିନ୍ନ ଆଇନର ବ୍ୟାଖ୍ୟା କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ମଲ୍ଲିକ ସମାଜର ସବୁବର୍ଗର ଲୋକଙ୍କ ପାଖରେ ଆଇନ ପହଞ୍ଚାଇବା ଉପରେ କହିଥିଲେ।

ଦେଓଗାଁ ବ୍ଲକ ଧଣ୍ଡାମାଳ ପଞ୍ଚାୟତରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗାଁରେ ଆଇନ ସଚେତନତା ଉପରେ ଏକ ଶୋଭାଯାତ୍ରା ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିମଳ କୁମାର ଚାନ୍ଦ, ଜିଲା ଆଇନସେବା ପ୍ରାଧିକରଣ ସଚିବ ବିନୟ କୁମାର ପାତ୍ର ଯୋଗଦେଇ ଆଇନସେବା ପ୍ରାଧିକରଣ କିପରି ଲୋକଙ୍କୁ ଆଇନ ସେବା ଯୋଗାଉଛି କହିଥିଲେ। ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସରପଞ୍ଚ ସଞ୍ଜୁ ସିକା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମାନନ୍ଦ ବୁଡେକ ଉପସ୍ଥିତ ଥିଲେ। ଆଇନ ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଦେଓଗାଁ ଧଣ୍ଡାମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ପଦ୍ମପୁର (ପ୍ରଦୀପ୍ତ ଦାଶ) : ଛତିଶଗଡ ନିର୍ବାଚନ ପାଇଁ ଓଡିଶା ସୀମାନ୍ତରେ ବ୍ୟାପକ ଖାନତଲାସୀ ଚାଲିଛି। ଅବକାରୀ ବିଭାଗ ପକ୍ଷରୁ ବେଆଇନ ନିଶାଦ୍ରବ୍ୟ କାରବାର ବନ୍ଦ କରିବାକୁ ଚଢ଼ାଉ ଜାରି ରହିଛି। ଏହି କ୍ରମରେ ଜଗଦଲପୁର ଥାନା ଅଧୀନ ଘେଁସରା ଜଙ୍ଗଲରେ ବେଆଇନ ମଦ ଭାଟି ଉପରେ ପଦ୍ମପୁର ଓ ପାଇକମାଳ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୨ ହଜାର ଲିଟର ମହୁଲ ପୋଚ ଓ ୧୫୦ ଲିଟର ରନ୍ଧା ମଦକୁ ନଷ୍ଟ କରାଯାଇଥିଲା। ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେହିପରି ପଦ୍ମପୁର ଥାନା ଅଧୀନ ମୋହନପାଲିରେ ଚଢ଼ାଉ କରି ୩୫

## ସଂକ୍ଷେପରେ

### ଗାର୍ଡୱାଲ ନ ହେଲେ ରାସ୍ତା ନଷ୍ଟ ହେବ

**ପଦ୍ମପୁର,୯।୧୧ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଦହିଁଗା ଗ୍ରାମପଞ୍ଚାୟତର ବ୍ରାହ୍ମଣଡିହିଠାରୁ ଦହିଁଗାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ସମୟରେ ଗାର୍ଡୱାଲ ଅଧାପନ୍ତରିଆ ରହିଛି। ଫଳରେ ଚାଷ ଜମି ନଷ୍ଟ ହେବା ସହ ବର୍ଷା ହେଲେ ପିଚୁ ରାସ୍ତା ମଧ୍ୟ ଖାଇ ଯାଉଛି । ବର୍ତ୍ତମାନ ଏହି ରାସ୍ତାର କୁମୁଡି ନାଳରେ ପୋଲ ନିମାଣ ଆରମ୍ଭ ହୋଇଛି। ପୋଲ ହେବା ପରେ ଏହି ରାସ୍ତାରେ ଅଧିକ ଗାଡିମୋଟର ଚଳାଚଳ କରିବ। ତେଣୁ କୁମୁଡି ନାଳରେ ପୋଲ ନିର୍ମାଣ ପୂର୍ବରୁ ଏହି ଅଧାପନ୍ତରିଆ ଗାର୍ଡୱାଲ କାମ କରିବା ପାଇଁ ଦଲିଗୁଡା, ଦହିଁଗା ଅଞ୍ଚଳର ଗ୍ରାମବାସୀ ଦାବି କରିଛନ୍ତି।

### ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ କେଶାଇପାଲି ଗ୍ରାମ ବାସିନ୍ଦା ଓଡ଼ିଶା ପ୍ରଶାସନିକ ଅଧିକାରୀ ଡ. ବ୍ୟାସଦେବ ବେହେରାଙ୍କ ବୁଧବାର ରାତିରେ



ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ଭଟଲି ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ସ୍ୱର୍ଗତ ବେହେରା ଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ଯୋଗ୍ୟତା ହାସଲ ପରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ କରିଥିଲେ। ସେ ପ୍ରଥମେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିଡ଼ିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ବିନିକା ବିଡ଼ିଓ ଭାବେ ତାଙ୍କର ବଦଳି ହୋଇଥିଲା। ପରବର୍ତ୍ତୀ ସମୟରେ ଧର୍ମଗଡ଼ ଉପଜିଲାପାଳ ଭାବେ ତାଙ୍କ ବଦଳି ହୋଇଥିଲା। ମାତ୍ର ସେଠାରେ ଯୋଗଦାନ ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା। ସେ ମା' ବାପା, ସ୍ତ୍ରୀ ଏବଂ ୬ବର୍ଷର ଶିଶୁକନ୍ୟାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଶିଶୁକନ୍ୟା ମୁଖାଗ୍ନି ଦେଇଥିଲେ।

### ବିଦ୍ୟୁତ୍ ତାର ଚୋରି, ୪ ଗିରଫ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ଭଟଲି ଥାନା ପୋଲିସ ଗୁରୁବାର ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଗ୍ରାମାଞ୍ଚଳ ଥାନା ଅଧୀନ ବରାହଗୋଡ଼ାର ଅନୁଭବ ମହାନନ୍ଦ(୧୯), ଶିବ ମହାନନ୍ଦ(୨୩), ବରଗଡ଼ ଟାଉନ ଥାନା ଖଜୁରଟିକ୍ରା ନିବାସୀ ବାଦଲ ଜାଲ(୨୨) ଏବଂ ଅଭିଜିତ ଦାଶ(୨୩)। ପୋଲିସ ସେମାନଙ୍କ ପାଖରୁ ବ୍ୟବହୃତ ଏକ ପିକଅପ୍ ଭ୍ୟାନ (ନଂ.ଓଡ଼ି୦୩ଏକ୍ସ/୪୦୮୪), ବିଦ୍ୟୁତ ତାର, ମୋବାଇଲ ଆଦି ଜବତ କରିଛି । ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନା, ଭଟଲି ଥାନା ଏବଂ ବରଗଡ଼ ସଦର ଥାନାରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ପ୍ରକଳ୍ପ ସମୀକ୍ଷା କଲେ ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ



ଡବ୍ଲ୍ୟୁଓଡିସି ସିଇଓ ପଦ୍ମପୁର ବଡବନ୍ଧ କାର୍ଯ୍ୟ ଦେଖୁଛନ୍ତି ।

**ପଦ୍ମପୁର,୯।୧୧(ପ୍ରଦୀପ୍ତ ଦାଶ)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡ଼ିସି)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଡକ୍ଟର ଅଜିତ କୁମାର ମିଶ୍ର ଗୁରୁବାର ପରିଷଦର ବୈଷୟିକ ଟିମ୍ ସହ ପଦ୍ମପୁର ଗସ୍ତରେ ଆସି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜବୋଡ଼ାସମ୍ବର ବ୍ଲକ ସମ୍ମିଳନୀ କକ୍ଷରେ ଡକ୍ଟର ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପଦ୍ମପୁର ଏନ୍‌ଏସି, ରାଜେବୋଡ଼ାସମ୍ବର ଓ ପାଇକମାଳ ବ୍ଲକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକ, ଯୋଜନା ଅଧିକାରୀ ଉଦ୍ଧବ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜବୋଡ଼ାସମ୍ବର ବିଡିଓ ଚନ୍ଦ୍ରମଣି ନାଗ, ଏନ୍‌ଏସି ଇଓ ରାମଚନ୍ଦ୍ର ମାଝି, ଏଇଇ ଅଂଶୁ କୁମାର ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗରେ ଚାଲିଥିବା ସମସ୍ତ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେଇଥିଲେ। ଆରମ୍ଭରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଭିମତକୁ ସ୍ପଷ୍ଟକରି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମିଶ୍ର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସବୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି ସେସବୁର ସମୀକ୍ଷା କରି ତଥ୍ୟ ଦେବାକୁ ସେ କହିଥିଲେ। ଯେଉଁ କ୍ଷେତ୍ରରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହିଛି ତାର ସବିଶେଷ ତଥ୍ୟ ଦେଲେ ପରିଷଦର ଅଧ୍ୟକ୍ଷ ଅଗ୍ରାଧିକାର ଭିତ୍ତିରେ ତାହା ମଞ୍ଜୁର କରିବେ ବୋଲି ଡକ୍ଟର ମିଶ୍ର କହିଥିଲେ। ଏହି ଅବସରରେ ସେ କ୍ୟାସବୁକ୍ ଓ ପାସବୁକ୍ ମଧ୍ୟ ଯାଞ୍ଚ କରିଥିଲେ। ଏହି ଅବସରରେ ସେ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର କ୍ଷେତ୍ରିକ ସମୀକ୍ଷା କରିଥିଲେ ଏବଂ ସମସ୍ତ ପ୍ରକଳ୍ପର ସବିଶେଷ ତଥ୍ୟ ପ୍ରୋଜେକ୍ଟ ମନିଟରିଂ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।





@ ରମେଶ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେନାଲରେ ପାଣି ନାହିଁ, ଶୁଖିଲା ପଡ଼ିଛି ଚାଷଜମି

**ପଦ୍ମପୁର,୯।୧୧(ପ୍ରଦୀପ୍ତ ଦାଶ)**

ଆଉ ଦିନ କେଇଟା ପରେ ଧାନ ଅମଳ ହେବ। ଏଭଳି ସମୟରେ ଫସଲକୁ ପାଣି ଆବଶ୍ୟକତା ଥିବାବେଳେ କେନାଲରେ ପାଣି ଆସୁନାହିଁ। ଫଳରେ ଚାଷଜମି ଫାଟି ଆଁ କରିବା ସହ ଧାନ ଗଛ ଶୁଖିବା ଅବସ୍ଥାକୁ ଆସିଲାଣି। କିଛି ସ୍ଥାନରେ ପମ୍ପ ସାହାଯ୍ୟରେ ପାଣି ମଡାଇ ଫସଲ ବଞ୍ଚାଇବା ପାଇଁ ଚେଷ୍ଟା ଚାଲିଛି ତ କିଛି ଜାଗାରେ ଚାଷୀ ଆଶା ଛାଡି ଦେଲେଣି। ଏହାସାଙ୍ଗକୁ ରୋଗପୋକ ଦାଉ ସାଧୁଛି। ମଇଷା, ଚକଡା, ଗଣ୍ଡି ପୋକ ଲାଗି ଏକର ଏକର ଚାଷଜମି ପ୍ରଭାବିତ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପଦ୍ମପୁର ବ୍ଲକ ଅଧୀନ ଦହଗାଁ, ଦହିତା, ଜମରତଲା ଏବଂ ବୁଡେନ ଆଦି ଅଞ୍ଚଳରେ। ଏହି ପଞ୍ଚାୟତର ଅଧିକାଂଶ ଗାଁରେ ଏହି ସମାନ ଅବସ୍ଥା ନଜରକୁ ଆସିଛି ବୋଲି ଚାଷୀ ବୁଲୁ ମଲ୍ଲିକ, ଜୟରାମ ସାହୁ, ଜୟନ୍ତ ସାହୁ, ପ୍ରହଲ୍ଲାଦ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ଦହଗାଁ ଓ ଦହିତା ପଞ୍ଚାୟତର ଚାଷଜମିକୁ ଜଳସେଚନ ସୁବିଧା ପାଇଁ ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଛି। ମାତ୍ର ଦୀର୍ଘଦିନ ଧରି ବର୍ଷା ନ ହେବାରୁ ଡ୍ୟାମ୍‌ରେ ଆବଶ୍ୟକ ପାଣି ନାହିଁ। ଫଳରେ କେନାଲ ଶୁଖିଲା ପଡିଛି। ଫଳରେ ଚାଷ ନଷ୍ଟ ହେବା ଅବସ୍ଥାକୁ ଆସିଲାଣି। ଧାର କରଜ କରି ଚାଷ କରିଥିବା ଚାଷୀ କେମିତି ଋଣ ପରିଶୋଧ କରିବ ସେହି ଚିନ୍ତାରେ ରହିଛନ୍ତି। ସରକାର କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ବନ୍ଦେଶ୍ୱରୀ କେନାଲ ଶୁଖିଲା ପଡିଛି ।

## ଡିକି ଭାଙ୍ଗି ଟଙ୍କା ଚୋରି ଘଟଣା, ୩ ଗିରଫ

**ଝାରବନ୍ଧ,୯।୧୧(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧରେ ଡିକି ଭାଙ୍ଗି ଟଙ୍କା ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରବନ୍ଧର ପ୍ରିୟମ ପ୍ରଧାନ, ସନଦଦାର ଗ୍ରାମର କୋଶଲ ଚନ୍ଦ୍ର ସାହୁ ଏବଂ ବିଜାଡୋଲର ଶମ୍ଭୁ ଓରଫ୍ ଜନ୍ମେଜୟ ହାତୀ। ସେମାନଙ୍କଠାରୁ ୯ ହଜାର ଟଙ୍କା ଓ ବ୍ୟବହୃତ ପଲସର ବାଇକ ଜବତ ହୋଇଛି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏ ନେଇ ଝାରବନ୍ଧ ଥାନାରେ ପୋଲିସ ଏକ ମାମଲା (ନଂ.୧୬୮/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ୭ ତାରିଖରେ ଝାରବନ୍ଧ ଥାନା ଅଧୀନ ଧନେଶ୍ୱର ଗାଁର ରୂପଧର ସାହୁ ନାମକ ବ୍ୟକ୍ତି ଝାରବନ୍ଧ ଏସ୍‌ବିସିସି ବ୍ୟାଙ୍କରୁ କୋଡିଏ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଗାଡି ଡିକିରେ ରଖି କିଛି ବାଟ ଆସି ଗୋଟିଏ ଦୋକାନରେ ସଉଦା କିଣିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସ୍କୁଟି ଡିକି ଭାଙ୍ଗି ସବୁ ଟଙ୍କା ନେଇଯାଇଥିଲେ। ଏ ନେଇ ରୂପଧର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ବୋଲି ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

## ଭେଡେନ କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

**ଭେଡ଼େନ,୯।୧୧(ସୁଦନ ମହାକୁର)**

ଶାସକ ବିଜେଡ଼ି ଏବଂ ଭାଜପା ସରକାରଙ୍କ ରାଜ୍ୟବାସୀଙ୍କ ପ୍ରତି ବୈମାତୃକ ମନୋଭାବ ବିରୋଧରେ ବରଗଡ଼ ଜିଲା ଭେଡ଼େନ ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ପିସିସି ସଦସ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଭେଡ଼େନ ଟ୍ରେକର ଷ୍ଟେଶନରୁ ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା, ମରାମତି ଏବଂ ବେଦାନ୍ତ କମ୍ପାନୀ ଅଧିଗ୍ରହଣ କରିଥିବା ଜମିକୁ ନେଇ ସତ୍ୟାଗ୍ରହ ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରାଯାଇଥିଲା। ଦଶରଥ ମେହେର, ଯତନ ସାହୁ, ମାଧବ ସାହୁ, ଗୋବିନ୍ଦ ସାହୁ, କିଶୋର ସାହୁ, ସୌମ୍ୟକାନ୍ତ ଦାଶ, ଲକ୍ଷ୍ମୀନାରାୟଣ ପାଢୀ, ବୀରସେନ ଖମାରୀ, ଅନନ୍ତ ହୋତା, ଗୋପାଳ ବାଗ, ଅରକ୍ଷିତ ବାଗ, ବନ ବାଗ, ରସିକ ସାହୁ, କ୍ଷିରସିନ୍ଧୁ ଡାଙ୍ଗ, ବିଷ୍ଣୁଭକ୍ତ ସାହୁ, ଠକୁ ପ୍ରଧାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇଥିଲେ ।



ଭେଡେନ କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଉଛି।

## କ୍ରେତାଙ୍କ ସମେତ ୪ ବାଇକ୍ ଚୋର ଗିରଫ

**ପଦ୍ମପୁର,୯।୧୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଥାନା ଅଧୀନ ଫଟାମୁଣ୍ଡା ଗ୍ରାମରେ ଏକ ବାଇକ୍ ଚୋରି ଘଟଣାର ତଦନ୍ତ କରି ପୋଲିସ କ୍ରେତାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ଥାନା ଅଧୀନ ଭାଲୁକନା ଗ୍ରାମର ରାଧେଶ୍ୟାମ ବାରିକ, ରଜାପଡାର ମହମ୍ମଦ ସାଜିଦ, ତୁଷାର କୁମ୍ଭାର, ହନୁମାନପଡାର ପୁଷ୍ପରାଜ ପ୍ରଧାନ ଏବଂ ଝାରବନ୍ଧ ଥାନା ବିଳାସପୁର ଗ୍ରାମର ଗିରିଶ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ଦଶହରା ଦଶମୀ ରାତିରେ ଫଟାମୁଣ୍ଡା ଗ୍ରାମର ପୂରନ ପାଣ୍ଡେ ଘର ପାଖ ଗୁହାଳରେ ନିଜ ବାଇକ୍ (ନଂ.ସିଜି୦୪ସିଏଫ/୩୪୧୭) ରଖିଥିଲେ। ପରଦିନ ସକାଳେ ବାଇକ ନ ଥିବା ଦେଖି ପୂରନ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୩୦୭/୨୩) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ବିଳାସପୁର ଗ୍ରାମର ଗିରିଶଙ୍କ ପାଖରୁ ଚୋରି ବାଇକ ଉଦ୍ଧାର କରି ତାଙ୍କୁ ପଚାରାଉଚୁରା କରିବାରୁ ସେ ଅନ୍ୟ ଅଭିଯୁକ୍ତଙ୍କଠାରୁ ବାଇକ୍ କିଣିଥିବା କହିଥିଲେ। ଏହାପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

## କାରଖାନା ସିଲ୍ କଲା ପ୍ରଦୂଷଣ ବିଭାଗ

**ବେଦବ୍ୟାସ,୯।୧୧(ଆଲୋକ ସ୍ୱାଇଁ):** ବାୟୁ ପ୍ରଦୂଷଣ କରିବା ଅଭିଯୋଗରେ କଳୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଶିବା ଗ୍ରୀନ୍ ଏନର୍ଜିକୁ ଗୁରୁବାର ସିଲ୍ କରାଯାଇଛି। ଏହି ସମୟରେ ଲାଠିକଟା ତହସିଲଦାର୍, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ, ଆଞ୍ଚଳିକ ପ୍ରଦୂଷଣ ବୋର୍ଡ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବାଣ କାରବାର, ୩ ଗିରଫ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପୋଲିସ ବେଆଇନ ବାଣ କାରବାର ଉପରେ ଧରପଗଡ଼ ଆରମ୍ଭ କରିଛି। ଏହି କ୍ରମରେ ଗୁରୁବାର ପୋଲିସ ବରଗଡ଼ ଭଟଲି ଛକ ଏବଂ ଅତାବିରାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ବିପୁଳ ପରିମାଣର ବାଣ ଜବତ ହୋଇଥିବା ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ଏ ନେଇ ଅତାବିରା ଏବଂ ବରଗଡ଼ ଟାଉନ ଥାନାରେ ପୃଥକ୍ ୨ଟି ମାମଲା ରୁଜୁ ହୋଇଛି। ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ଏସ୍‌ଡ଼ିପିଓ ତ୍ରିପାଠୀ କହିଛନ୍ତି ।

## ବରଗଡ଼ରେ ଜାତୀୟ ଆଇନ ସେବା ଦିବସ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଗୁରୁବାର ସ୍ଥାନୀୟ ନିଶାମଣି ହାଇସ୍କୁଲ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଲୁନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର କମଳାକାନ୍ତ ରାଉତ, ସଚିବ ବିଭୁ କଲ୍ୟାଣ ପାଢ଼ୀ, ଆଡ଼ଭୋକେଟ୍ କିରଣ କୁମାର ମିଶ୍ର, ବିକାଶ ମହାବିଦ୍ୟାଳୟର ଅଧ୍ୟାପକ ଜୈମିନୀ କୁମାର ସାହୁ ଏବଂ ବିକାଶ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ ବେହେରା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ବରିଷ୍ଠ ଦେୱାନୀ ବିଚାରପତି ରତ୍ନପୂର୍ଣ୍ଣା ମିଶ୍ର, ବର୍ଷା ଶର୍ମା, ପ୍ରଜ୍ଞା ଲଳିତ ମିଶ୍ର, ଦେୱାନୀ ବିଚାରପତି ସୋନାଲି ମହାନ୍ତି, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ, ନିଶାମାଣି ହାଇସ୍କୁଲ, ବିକାଶ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ପାରା ଲିଗାଲ ସ୍ୱେଚ୍ଛାସେବୀ, ଜିଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ଆଇନ ସେବା ଦିବସ ପାଳନରେ ଅତିଥିବୃନ୍ଦ ।

## କଳା ଉତ୍ସବ ଅନ୍ତର୍ନିହିତ ଗୁଣାବଳୀ ପ୍ରଦର୍ଶନର ପ୍ରକୃଷ୍ଟ ମଞ୍ଚ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ଗୁରୁବାର ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। ଅତାବିରା ବ୍ଲକ ଶିକ୍ଷାଧିକାରୀ ମିଶ୍ରାଣି କୁମ୍ଭାର, ବରପାଲି ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାର, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ପ୍ରଦର୍ଶନର ପ୍ରକୃଷ୍ଟ ମଞ୍ଚ ବୋଲି ଉଲ୍ଲେଖ କରିଥିଲେ। ୨ଦିନ ଧରି ହେବାକୁ ଥିବା ଜିଲା ଓ ଜୋନାଲ ସ୍ତରୀୟ କଳା ଉତ୍ସବରେ ବରଗଡ଼ ଜିଲା ସମେତ ଜେନାଲ ସ୍ତରରେ ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼ ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ଭାର୍ଗବ ନାଏକ, ବିରେନ୍ଦ୍ର ଦାଶ, ଶିକ୍ଷକ ସଦାନନ୍ଦ ଜାଲ, ଅରବିନ୍ଦ ଗୁପ୍ତା, ସମଗ୍ର ଶିକ୍ଷା ସଂଯୋଜକ ମିଥୁନ ପ୍ରଧାନ, ପୁଷ୍ପାଞ୍ଜଳି ଦାଶ, ସ୍ୱର୍ଣ୍ଣପ୍ରଭା ପଣ୍ଡା, ପ୍ରଦୀପ କୁମାର ସାହୁ, ରାଜେନ୍ଦ୍ର ନାରାୟଣ ମହାନ୍ତି, ଦିନବନ୍ଧୁ ପ୍ରଧାନ, ଉମାଶଙ୍କର ସ୍ୱାଇଁ, ଅନିରୁଦ୍ଧ ଭୋଇ, ଡୋଲାମଣି ଶତପଥି, ଗୋପୀନାଥ ପ୍ରଧାନ, ପରିତୋଷ ବେହେରା, ସୁଶାନ୍ତ ଭୋଇ, ରୀନା ପ୍ରଧାନ, ରଶ୍ମିରେଖା ସାହୁ, ଅଚ୍ୟୁତ ଭୋଇ, ରଞ୍ଜିତ ନାଏକ, ଗୋବିନ୍ଦ ସେଟ୍, ଚୂଡ଼ାମଣି ଭୋଇ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ପୁରସ୍କାର ବିତରଣୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଶୁକ୍ରବାର ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ତେବେ ବାଳକ ବ୍ୟାଣ୍ଡ ପ୍ରତିଯୋଗିତାରେ ବରଗଡ଼ ଜର୍ଜହାଇସ୍କୁଲ ଏବଂ ବାଳିକା ବ୍ୟାଣ୍ଡ ପ୍ରତିଯୋଗିତାରେ ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ସୂଚନା ଦିଆଯାଇଛି ।





କଳା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ୧୫ ଦଫା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଲହୁଣୀପଡ଼ା,୯।୧୧(ଦାଶରଥି ପଣ୍ଡା)

ସିପିଆଇଏମ୍ ଦଳ ପକ୍ଷରୁ ବିଭିନ୍ନ ଦାବିନେଇ ଗୁରୁବାର ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଛି। ଗୁରୁବାର ବ୍ଲକ ଛକ ଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନ ଦେଇ ଲହୁଣୀପଡ଼ା ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ସିପିଆଇଏମ୍‌ର ବ୍ଲକ ଶାଖା ସମ୍ପାଦକ ଲାଲ ବାହାଦୂର ମାହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ସୁରେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଅସିତ ଚୌଧୁରୀ, ଶସ୍ୟକଳା ସରପଞ୍ଚ ଏମେଲେନ ଭୂୟାଁ, ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ଦୁର୍ଯ୍ୟୋଧନ ମାହାନ୍ତ, କୁରଡ଼ା ସରପଞ୍ଚ ସସ୍ମିତା କିଷାନ, ଶସ୍ୟକଳା ସମିତି ସଭ୍ୟା ଅନିତା ଦୀପ୍ତି ମୁଣ୍ଡା, ଖୁଣ୍ଟଗାଁ ସମ୍ପାଦକ ସମୀର ନାଏକ, ରାଜୁ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା, ମାସିକ ଭତ୍ତାକୁ ୨ ହଜାର କରିବା, ନଭେମ୍ବର ମାସ ସୁଦ୍ଧା ଧାନ ମଣ୍ଡି ଖୋଲାଯାଇ ସମସ୍ତ ଚାଷୀଙ୍କ ଠାରୁ ସରକାରୀ ମଣ୍ଡିରେ ଧାନ କିଣିବା, କଟନୀ ଛଟନି ବନ୍ଦ କରିବା, ଧାନର ସର୍ବନିମ୍ନ ମୂଲ୍ୟ ୩ହଜାର କରିବା, ରାଜାମୁଣ୍ଡା ଠାରେ ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା କରିବା ଏବଂ ପ୍ରତ୍ୟେକ ଡାକ୍ତରଖାନାରେ ଖାଲି ଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ,ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁପକ୍କା ଘର, ରାସନ କାର୍ଡ ଯୋଗାଇ ଦେବା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଓ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିର ପରିବାରକୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବା ଆଦି ୧୫ ଦାବି ପୂରଣ କରିବା ପାଇଁ ବ୍ଲକ ପରିସରରେ ବିକ୍ଷୋଭ ଓ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନରେ ଓମନ୍ତ କୁମାର ମାହାନ୍ତ, ଶଙ୍ଖପୋଷ ସରପଞ୍ଚ ପ୍ରେମନାଥ ମୁଣ୍ଡା, କେ. ବଲାଙ୍ଗ ସରପଞ୍ଚ ସୁପ୍ରିୟା ମୁଣ୍ଡା, ମନୋଜ ବେହେରା, ଭୀମସେନ ଦେହୁରୀ, ବାବୁରାମ ମାହାନ୍ତ, ପ୍ରଦୀପ ବେହେରା, ଧନେଶ୍ୱର କିଷାନଙ୍କ ସମେତ ସିପିଆଇଏମ ଦଳର କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



ସିପିଆଇଏମ୍‌ର ବିକ୍ଷୋଭ ପ୍ରଦର୍ଶନ।

## ଦାଦନ ଖଟିବାକୁ ଗଲେ, ଫେରିଲା ମୃତଦେହ

ବାଲିଶଙ୍କରା,୯।୧୧(ହୃଦାନନ୍ଦ ବାରିକ)

ଅଭାବ ଅନଟନକୁ ସହି ନ ପାରି ଦାଦନ ଖଟିବାକୁ ଯାଇଥିବା ଜଣେ ନାବାଳକଙ୍କ ମୃତ ଦେହ ଗୁରୁବାର ଘରକୁ ଫେରିଛି। ମୃତକ ହେଲେ ସୁନ୍ଦରଗଡ ଜିଲା ତଲସରା ଥାନା ବନଡେଗା ଗ୍ରାମର କୁବାପଡା ସାହି କ୍ରିଷ୍ଣା ସାଏ (୧୭)। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କ୍ରିଷ୍ଣା ୬ ମାସ ହେବ ସାଙ୍ଗମାନଙ୍କ ସହ ଦାଦନ ଖଟିବାକୁ ଗୋଆ ଯାଇଥିଲେ। ସେଠାରେ ସେ ସାଂଗୀନ କମ୍ପାନୀର ବୋଟରେ ମାଛ ଧରାଳିଭାବେ କାର୍ଯ୍ୟ କରୁଥିଲେ। ହଠାତ ସମୁଦ୍ରରେ ତୋଫାନ ହେବାରୁ ସେ ବୋଟ ଉପରୁ ପାଣିରେ ପଡିଯାଇଥିଲେ। ସାଙ୍ଗ ସାଥି ବହୁ ଖୋଜ ଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ୩ ଦିନପରେ ସମୁଦ୍ର କୂଳରେ ତାଙ୍କ ମୃତଦେହ ଠାବ ହୋଇଥିଲା। ଏନେଇ କ୍ରିଷ୍ଣାଙ୍କ ସାଙ୍ଗମାନେ ଫୋନ ଦ୍ୱାରା ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତ ଦେହ ଆଣିବାକୁ ଅର୍ଥ ନ ଥିବାରୁ ବାପା ରବିନ୍ଦ୍ର ତଲସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ଖବର ଦେଇଥିଲେ। ବିଧାୟକ ଭୋଇ ଜିଲାପାଳଙ୍କୁ ଖବର ଦେଇଥିଲେ। ଖବର ପାଇ ଜିଲାପାଳ ମୃତଦେହ ଆଣିବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ଗୁରୁବାର ସକାଳେ ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ଶବ ଦାହ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ରମେଶ



@ ତନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲା କଂଗ୍ରେସର ସଙ୍କୀର୍ତ୍ତନ ସତ୍ୟାଗ୍ରହ

ସୁନ୍ଦରଗଡ,୯।୧୧(ଜୟ ନାରାୟଣ ମେଣ୍ଟୁଳି): ଭକ୍ତମାନଙ୍କ ପାଇଁ ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା, ମହାପ୍ରଭୁଙ୍କ ରତ୍ନ ଭଣ୍ଡାରର ମରାମତି ଓ ଅଳଙ୍କାରର ଗଣତି ଦାବିରେ ଗୁରୁବାର ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ରାଜବାଟୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। ଜିଲା ଉପସଭାପତି ଅଜିତ ପ୍ରସାଦଙ୍କ ନେତୃତ୍ୱରେ ଏହି ସତ୍ୟାଗ୍ରହରେ ବରିଷ୍ଠ ନେତା ନିମାଇଁ ଚରଣ ନାଏକ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ,ପର୍ଶୁରାମ ସରାଫ, ଦେବାଶିଷ ଦାସ, ପ୍ରଦୀପ ସିଂହ, ବିଶ୍ୱଜୀତ ପଟ୍ଟନାୟକ, ଗେରୋଟୀ ଖେସ,କଳ୍ପନା ଆପଟ, ଜୀବେଶ୍ୱରୀ ପଟେଲ,ଶ୍ୟାମ ସହାୟ,ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୌଡ଼କୁଦ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ସୁନ୍ଦରଗଡ,୯।୧୧(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଭବାନୀପୁର ସ୍ପୋର୍ଟ କମ୍ପ୍ଲେକ୍ସ ଖେଳ ପଡ଼ିଆରେ ବିଦ୍ୟାଳୟ ସମୂହ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତ୍‌ଙ୍କୁ ନିଜ ନିଜ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିବ ପ୍ରସାଦ ବେହେରା, ଅତିରିକ୍ତ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର କୈଳାସ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲାବେଳେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଉଦ୍‌ଘାଟନ ସମାରୋହରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଶାନ୍ତିମୁନି ସୁଜାତା ହରୋ, ମହେନ୍ଦ୍ର ସରୋନିଆ, ସରିତା ସରୋନିଆ, ନୌନା କୁଜୁର, ରବୀନ୍ଦ୍ର ମାଝି, ଦେବେନ୍ଦ୍ର ସା, କାଦମ୍ବିନୀ ମିଶିର, ଶରତ କୁମାର ପତିଙ୍କ ସମେତ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ଆୟୋଜନ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ, ଜୌତି ପ୍ରସାଦ ପରିଡା, ସୁଜାତା ପଟ୍ଟନାୟକ, ଭାଗୀରଥି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ପରିଚାଳିତ ହେଉଛି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ନାଏକ, ଆଶିଷ ପ୍ରଧାନ, ପ୍ରଫୁଲ୍ଲ ସାହୁ ସହଯୋଗ କରିଥିଲେ। ବିଭିନ୍ନ ଜିଲାରୁ ୬୫ ଜଣ ଅଫିସିଆଲ ନିଯୁକ୍ତ ହୋଇଥିବା ବେଳେ ୧୭ ବର୍ଷ ବାଳିକାବାଳକ ଓ ୧୪ ବର୍ଷ ବାଳିକା ବାଳକ ବର୍ଗରୁ ସମୁଦାୟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦୌଡକୁଦ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଶଟପୁଟ୍, ଡିସ୍‌କସ, ଜାଭଲିନ ଇତ୍ୟାଦି କ୍ରୀଡା ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ ବିବେଚିତ କୃତି ପ୍ରତିଯୋଗୀ ଜାତୀୟ ସ୍ତରକୁ ମନୋନୀତ ହେବେ। ସ୍ୱାଗତିକା ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଆଶିଷ ପ୍ରଧାନ ମାର୍ଚ୍ଚପାଷ୍ଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ବିଭୀଷଣ ବାରିକ, ଗୋପୀନାଥ ନାୟକ, ସଦର ବ୍ଲକରୁ ଆସିଥିବା ସମସ୍ତ କ୍ରୀଡା ଶିକ୍ଷକ, ଭବାନୀପାଟଣା ହାଇସ୍କୁଲର ସ୍କାଉଟ ଓ ଗାଇଡ ବିଭାଗ ତଥା ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## କଂଗ୍ରେସ ଦଳର ସଂକୀର୍ତ୍ତନ ସତ୍ୟାଗ୍ରହ

ବାଲିଶଙ୍କରା,୯।୧୧( ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ କଂଗ୍ରେସ ଦଳର ସଂକୀର୍ତ୍ତନ ସତ୍ୟାଗ୍ରହ ହୋଇଯାଇଛି। କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବ୍ଲକ କଂଗ୍ରେସ କମିଟି ସଭାପତି ସୁଧାଂଶୁ ପଶାୟତଙ୍କ ନେତୃତ୍ୱରେ ତଲସରା ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲାଯାଉ, ମହାପ୍ରଭୁଙ୍କ ଅଳଙ୍କାର ଗଣତି, ମଣତି ଓ ଭଣ୍ଡାର ଘରର ମରାମତି କରାଯାଉ ଓ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତ ମହୋଣି ଜମି ଓ ଚାଷୀଙ୍କ ଜମିକୁ ଫେରସ୍ତ କରାଯାଉ ବୋଲି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯାଇଥିଲା। କଂଗ୍ରେସ ଦଳର ନଗେନ୍ଦ୍ର ସିଂ, ବିଷ୍ଣୁ ଚରଣ ଦାସ, ଜିତେନ୍ଦ୍ର ସାହୁ, ସନ୍ତୋଷ ସାହୁ, ଅଚ୍ୟୁତାନନ୍ଦ ସାହୁ, ଅନିଲ ସାହୁ, ସଚ୍ଚିଦାନନ୍ଦ ସାହୁ, ଦଶ ମହାକୁଳ, କାର୍ତ୍ତିକ ମହାକୁଳ, ତ୍ରିଭୁବନ ଡୁଙ୍ଗେତ, ଗଣ୍ଡା ପାତ୍ର, ବ୍ରହ୍ମାନନ୍ଦ ମାଝୀ, ।ଲେ କମାର, ମାନୁ ସାହୁ, ଡମ୍ବରୁ ସାହୁ, ପିତାମ୍ବର ତାଜନ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ସହରର ମୁଖ୍ୟ ରାସ୍ତାରେ ଦୌଡ଼ିଲା ଦନ୍ତା

ବଣାଇଁ,୯।୧୧(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ସହରରେ ପଶିଲା ଦନ୍ତା। ଗୋଟିକିଆ ଦନ୍ତାକୁ ଦେଖି କିଛି ସମୟ ଦୋକାନ ବଜାର ବନ୍ଦ କରି ଦେଇଥିଲେ ଜନସାଧାରଣ। ହାତୀଟି ବ୍ଲକ ଛକରୁ ମୁଖ୍ୟ ରାସ୍ତାରେ ଦୌଡ଼ିବା ସହ ଶୁଣ୍ଢିକୋଣ ବସ୍ତି ଦେଇ ଯାଉଥିବା ସମୟରେ ପଛରେ ଧାଇଁ ଥିଲେ ଶତାଧିକ ଦେଖଣାହାରୀ। ୩ମାସ ପୂର୍ବରୁ ଏହି ଦନ୍ତା ସହରକୁ ପଶିଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ ଗୋଠ ଛଡା ୨ ଦନ୍ତା ୬ ମାସ ହେବ ବଣାଇଁ , ତଳିତା, ଜକେଇକେଲା, ବଡପୋଷ ଗ୍ରାମରେ ଆତଙ୍କ ଖେଳାଇବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ସୂଚନାଯୋଗ୍ୟ, ଗୋଠଛଡା ଦନ୍ତାଙ୍କ ଉତ୍ପାତରେ ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଛି।



ହାତୀଟି ମୁଖ୍ୟ ରାସ୍ତା ଉପରେ ଦୌଡୁଛି।

## କାରଖାନା ସିଲ୍ କଲା ପ୍ରଦୂଷଣ ବିଭାଗ

ବେଦବ୍ୟାସ,୯।୧୧(ଆଲୋକ ସ୍ୱାଇଁ): ବାୟୁ ପ୍ରଦୂଷଣ କରିବା ଅଭିଯୋଗରେ କଳୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଶିବା ଗ୍ରୀନ୍ ଏନର୍ଜିକୁ ଗୁରୁବାର ସିଲ୍ କରାଯାଇଛି। ଏହି ସମୟରେ ଲାଠିକଟା ତହସିଲଦାର, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ, ଆଞ୍ଚଳିକ ପ୍ରଦୂଷଣ ବୋର୍ଡ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମାସିକ ଶିଶୁ ପତ୍ରିକା ଉନ୍ମୋଚିତ

ବଣାଇଁ,୯।୧୧(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ଶୁଆଶାରୀର ବାର୍ଷିକ ଉତ୍ସବ ଶାରଦୀୟ ପୂଜା ସଂଖ୍ୟାକୁ ଉପ ଜିଲାପାଳ ସୁରଞ୍ଜନ ସାହୁ ଉନ୍ମୋଚିତ କରିଛନ୍ତି। ବୁଧବାର ବିଆଇଏମ କ୍ଲବଠାରେ ଅନୁଷ୍ଠିତ ଶୁଆ ଶାରୀ ଶିଶୁ ପତ୍ରିକା ଓ ଶୁଆ ଶାରୀ ଟିଭିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ଉପ ଜିଲାପାଳ ସୁରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ବରସୁଆଁ ଲୌହ ଖଣିର ବରିଷ୍ଠ ଜେନେରାଲ ମ୍ୟାନେଜର ତିଳକ ପଟ୍ଟନାୟକ, ଟେନ୍‌ସା ସରପଞ୍ଚ ଅନୀତା ପୂର୍ତ୍ତିଙ୍କ ରିପେଜେଣ୍ଟପି ପପୁ ମହାନ୍ତି, ପାଟମୁଣ୍ଡା ସରପଞ୍ଚ ସିଓନ ସିଂଗ୍ରୀନ ବାଗେ, ଓଏମସିର ରିଜୋନାଲ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ନାୟକ, କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ, କୋଇଡା ଏବିଓ ପ୍ରଶାନ୍ତ କୁମାର ପରିଡା, ଡା. ଏପି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଟେନ୍‌ସା ଭଳି ଏକ ଉପାନ୍ତ ଅଞ୍ଚଳରେ ପୁଷ୍ପିତାରାଣୀ ଦାଶଙ୍କ ସମ୍ପାଦନାରେ ଏକ ଶିଶୁ ପତ୍ରିକା ଶୁଆ ଶାରୀ ଓ ଶୁଆ ଶାରୀ ଟିଭି ପ୍ରସାରଣ ହେବା ଏକ ଗୌରବର କଥା ବୋଲି ଉପଜିଲାପାଳ ସାହୁ ପ୍ରକାଶ କରିଥିଲେ। ଅତିଥିମାନେ ଦାସଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ଶୁଆଶାରୀର ଶାରଦୀୟ ଦୁର୍ଗାପୂଜା ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଶୁଆ ଶାରୀ ଶିଶୁ ପତ୍ରିକା ଓ ଶୁଆ ଶାରୀ ଟିଭି ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ହୋଇଥିବା ନୃତ୍ୟ, ଗୀତ ଓ ତବଲା ବାଦନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସାମାଜିକ କର୍ମୀ, କରୋନା ଯୋଦ୍ଧାଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଭଗବାନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶୁଆ ଶାରୀ ଟିଭି ପରିଚାଳିକା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ଅଧିକାରୀ, ପୋଲିସ ଅଧିକାରୀ, ବୁଦ୍ଧିଜିବୀ, ଜନସାଧାରଣ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।



ପୁସ୍ତକ ଉନ୍ମୋଚନ କରାଯାଉଛି।

## ଫୁଟ୍‌ବଲ ଦଳର ୫ ଖେଳାଳିଙ୍କୁ ସ୍ୱାଗତ

କୁଆଁରମୁଣ୍ଡା,୯।୧୧(ମହେନ୍ଦ୍ର କୁମାର ସାହୁ)

ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଖେଳାଳୀ ପ୍ୟାରୀ ଖାଖା ଓ ଜୁଲି କିଷାନଙ୍କ ସମେତ ଜାତୀୟ ମହିଳା ଫୁଟ୍‌ବଲ ଖେଳାଳୀ ସୋନିଆ ଏକ୍କା, ମୋନିକା ମିଞ୍ଜ, ପ୍ରଜ୍ଞା କିଷାନଙ୍କୁ ଗୁରୁବାର ଅପରାହ୍ନରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡାରେ ଭବ୍ୟ ସ୍ୱାଗତ କରାଯାଇଛି। ଉକ୍ତ ୫ କ୍ରୀଡାବିତଙ୍କୁ ଲୋକନାଥ ମନ୍ଦିର ନିକଟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହ ପ୍ୟାରୀ ଓ ଜୁଲିଙ୍କ ଭଳି ସୋନିଆ, ମୋନିକା ଓ ପ୍ରଜ୍ଞା ଅଧିକ ପରିଶ୍ରମ କରି ଆନ୍ତର୍ଜାତୀୟ କ୍ରୀଡାବିତ ହେବାର ଲକ୍ଷ୍ୟ ପୂରଣ କରନ୍ତୁ ବୋଲି କହିଥିଲେ। ଏହା ପରେ ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ମନୋଜ ପ୍ରଧାନ, ରାଜୁ ତିୱାରୀ, ଘନଶ୍ୟାମ ଦେବତା, କୁଆଁରମୁଣ୍ଡା ୟଙ୍ଗ ଆସୋସିଏଶନ ପକ୍ଷରୁ ସଂଯୋଜକ ଆନ୍ଥୋନି ଭେଙ୍ଗ୍ରା, କୋଚ ଶିତ ମହାକୁଡ, ରବି ପାତ୍ର, ପ୍ରମୋଦ ସୁନାନି, ଅଶ୍ୱିନୀ ପୋଥାଳ, ରିନା ମେହେର ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଲୋକନାଥ ମନ୍ଦିରରୁ ୧୪୩ ନମ୍ବର ଜାତୀୟ ରାଜପଥରେ ବାଜା ବଜାଇ ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ରାହାସ ପଡିଆସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲେ। ସେଠାରେ ମଧ୍ୟ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ନିଜ ଅଞ୍ଚଳର ଉକ୍ତ ସଫଳ କ୍ରୀଡାବିତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଖେଳାଳିଙ୍କ ସଫଳତା ବିଷୟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କୁ ପଚାରିବାରୁ, ଭାରତୀୟ ମହିଳା ଦଳରେ କିଭଳି ମୋ ଅଞ୍ଚଳରୁ ଅଧିକ ପିଲା ସ୍ଥାନ ପାଇବେ ସେଥିପାଇଁ ପୁରୁଣା ଭାଟି ପଡିଆର ପୁନରୁଦ୍ଧାର କରାଯାଇ ସମସ୍ତ ପ୍ରକାରର କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜିଲାପାଳଙ୍କୁ ଜଣାଇଛନ୍ତି ବୋଲି ସେ କହିଛନ୍ତି।



ଅନ୍ତର୍ଜାତୀୟ ଓ ଜାତୀୟ ମହିଳା ଫୁଟ୍‌ବଲ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଧାୟକ ଶଙ୍କର ଓରାମ।

## ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ନୂଆଗାଁ,୯।୧୧(ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଜାହାରି ଟଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ଅନେକ ସ୍କୁଲରୁ ୨୦ ଛାତ୍ରୀଛାତ୍ର ଭାଗ ନେଇ଼ ଥିଲେ। ପ୍ରତିଯୋଗିତାର ବିଷୟ ବସ୍ତୁ ରହିଥିଲା ବାୟୁମଣ୍ଡଳର ତଳ ଭାଗରେ ସୂର୍ଯ୍ୟଙ୍କ ଉତ୍ତାପ ଆବଦ୍ଧ ରହିଯିବା ଯୋଗୁ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କେମିତି ହେଇପାରିବ। ପ୍ରତିଯୋଗିତାରେ ଏବିଓ ସୁପ୍ରଭା ପତି ଉପସ୍ଥିତ ରହିଥିବା ବେଳେ ସିଆର୍‌ସିସି ପ୍ରଶାନ୍ତ କୁମାର କେରକେଟା, ରମେଶ ଲଖୁଆ, କଲ୍ୟାଣ ସୁରିନ ସହଯୋଗ କରିଥିଲେ।

## ବିଇଓଙ୍କ କାର୍ଯ୍ୟାଳୟ ପରିସରରେ କୁଢ଼ କୁଢ଼ ଆବର୍ଜନା

କୁତ୍ରା,୯।୧୧(ଦେବାଶିଷ ସାହୁ)

### ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ ରାଉରକେଲା ଯିବାକୁ ରହିଥିବା ବସ୍‌ଷ୍ଟାଣ୍ଡକୁ ଲାଗିକି ରହିଛି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ବିଇଓଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ରାଜପଥକୁ ଲାଗିକି ରହିଥିବା ଦୋକାନି କାର୍ଯ୍ୟାଳୟ ପରିସର ଭିତରେ ନିୟମିତ ଭାବେ ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି। ଯାହା ଫଳରେ କାର୍ଯ୍ୟାଳୟ ଭିତରେ ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥକର ପରିସ୍ଥିତି ସୃଷ୍ଟି ହେଉଥିବା ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ରହିଛି। କୁନିକୁନି ଛାତ୍ରୀଛାତ୍ର ମାନେ ମଧ୍ୟ ଏହି ଅସ୍ୱାସ୍ଥ୍ୟ କର ପରିବେଶରେ ପାଠ ପଢିବା ପାଇଁ ବାଧ ହେଉଛନ୍ତି। ବିଜୁ ଏକ୍ସପ୍ରେସ୍ ସଂପ୍ରସାରଣ ସମୟରେ ଏହି କାର୍ଯ୍ୟାଳୟର ପାଚେରୀକୁ ଭାଙ୍ଗି ଦିଆଯାଇଥିବା ବେଳେ ଏହାର ପରିସର ଭିତରକୁ ସ୍ଥାନୀୟ ଦୋକାନୀମାନେ ସେମାନଙ୍କ ସମସ୍ତ ଆବର୍ଜନା ପକାଉଥିଲେ। ଗତ କିଛି ମାସ ପୂର୍ବେ ବସଷ୍ଟାଣ୍ଡକୁ ଲାଗି କାର୍ଯ୍ୟାଳୟ ପଛରେ ପାଚେରୀ ନିର୍ମାଣ ହୋଇଛି। ପାଚେରୀ ନିର୍ମାଣ ପରେ ମଧ୍ୟ ଦୋକାନୀ ମାନେ ନିୟମିତଭାବେ ସେଠାରେ ଆବର୍ଜନା ଫୋପାଡୁଛନ୍ତି। କିଛି ଦିନ ପୂର୍ବରୁ କାର୍ଯ୍ୟାଳୟ ପକ୍ଷରୁ ଆବର୍ଜନା ସଫା କରାଯିବା ସହ ପରିସର ଭିତରେ ଆବର୍ଜନା ନ ପକାଇବା ପାଇଁ ଦୋକାନୀଙ୍କୁ କୁହାଯାଇଥିଲା। ହେଲେ ସେମାନେ ଏହାକୁ କର୍ଣ୍ଣପାତ ନ କରି ଆବର୍ଜନା ପକାଉଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ସରପଞ୍ଚ ଭୁବନ କୁଜୁରଙ୍କୁ ପଚାରିବାରୁ , ଦୋକାନୀଙ୍କୁ ଡାକି ତାଗିଦ କରିବା ସହିତ ତାଙ୍କୁ ସଚେତନ କରିବେ ବୋଲି କହିଛନ୍ତି।



ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ପଡିଥିବା କୁଢ଼ କୁଢ଼ ଅଳିଆ ଆବର୍ଜନା।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଷ୍ଟ୍ରପତିଙ୍କ ଆଗମନ ପାଇଁ ପ୍ରସ୍ତୁତି ବୈଠକ: ପୂର୍ବାହ୍ନ ୧୦ଟା, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
- ଏମ୍‌ଇ ସ୍କୁଲସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା: ହାୱା ମଇଦାନ, ଅପରାହ୍ନ ୨ଟା
- ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା: ରେଳବାଇ ଷ୍ଟାଡିୟମ, ଅପରାହ୍ନ ୩ଟା

## ସୁରେନ୍ଦ୍ର ପ୍ରଧାନ ଭୀମଭୋଇ କଲେଜ ପରିଚାଳନା କମିଟି ସଭାପତି

**ରେଢ଼ାଖୋଲ,୯।୧୧(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ଭୀମ ଭୋଇ କଲେଜ ପରିଚାଳନା କମିଟି ସଭାପତି ଭାବେ ରାଜ୍ୟ ସରକାର ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କୁ ନିଯୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କୁ ଦିଆଯାଇଥିବା ପତ୍ର (ସଂଖ୍ୟା ୯୦୪୩) ଅନୁଯାୟୀ ଜିଲାପାଳ ଅନନ୍ୟା ଦାସ ପ୍ରଧାନଙ୍କୁ ନିଯୁକ୍ତ କରିଥିବା ଜଣାପଡିଛି। ପ୍ରଧାନ ରେଢ଼ାଖୋଲର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ନିଜକୁ ସାମିଲ କରିବା ସହିତ ସମାଜସେବା କରିଆସୁଛନ୍ତି। ଏହି ନିଯୁକ୍ତି ପରେ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

## ଜାତୀୟ ଆଇନସେବା ଦିବସ

**ରେଢ଼ାଖୋଲ,୯।୧୧(ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ତାଲୁକ ଆଇନସେବା ସମିତି ପକ୍ଷରୁ ସ୍ଥାନୀୟ ରାଣିଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଗୁରୁବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଅଇନସେବା ପ୍ରାଧିକରଣ ସମିତି ସଭାପତି ଦିପ୍ତୀପ୍ରକାଶ ବ୍ରହ୍ମା ଯୋଗଦେଇ ଆଇନସେବା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଶିକ୍ଷକ ବିଜୟାନନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ। ଓକିଲ ପରିକ୍ଷୀତ ଦାଶ, ତୁଷାରକାନ୍ତ କର, ସୁଜିତ କୁମାର ପ୍ରଧାନ, ଭବାନିଶଙ୍କର ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଓକିଲ ରାଜେନ୍ଦ୍ର ବୈଠାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଢ଼ାଖୋଲ କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ



**ରେଢ଼ାଖୋଲ,୯।୧୧(ଅଚ୍ୟୁତାନନ୍ଦ ପୁରୋହିତ):** ରାଜ୍ୟ କଂଗ୍ରେସ କମିଟିଆହ୍ୱାନ କ୍ରମେ ରେଢାଖୋଲ କଂଗ୍ରେସ କମିଟିପକ୍ଷରୁ ଗୁରୁବାର ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। କର୍ମକର୍ତ୍ତାମାନେ ସଂକୀର୍ତ୍ତନ ଦଳ ସହ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲାଯିବା ଓ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲି ସର୍ବସାଧାରଣଙ୍କୁ ଅବଗତ କରିବା ସହ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ ଜମି ଓ ଚାଷିଙ୍କ ଜମି ଫେରସ୍ତ ଦାବି କରାଯାଇଥିଲା।ବ୍ଲକ କଂଗ୍ରେସ ସଭାପତି ହରେଶ କର୍ଣ୍ଣ, ଆସଫ ଅଲ୍ଲୀ ଖାନ, ଗୌରୀଶଙ୍କର ପାତ୍ର, ରାଜା ବୀର, ଉମେଶ ଦେହୁରି, ସୁମନ୍ତ ଧଳ, କାଉନସିଲର ଅମରେଶ ପ୍ରଧାନ, ଆକାଶ ପଣ୍ଡା, ରଞ୍ଜନ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଆଗକୁ ଦୀପାବଳି

# ପରମ୍ପରା ଉଜ୍ଜୀବିତ ରଖିଛନ୍ତି କୁମ୍ଭକାର



ମାଟିଦୀପ ତିଆରିରେ ମଗ୍ନ କୁମ୍ଭକାର।

**ସମ୍ବଲପୁର,୯।୧୧ (ଭବାନୀ ଶଙ୍କର ଭୋଇ)**

ଆସନ୍ତା ୧୨ ତାରିଖରେ ଦୀପାବଳି। ଭାରତୀୟ ପରମ୍ପରାରେ ଦୀପାବଳିରେ ପ୍ରତି ଘରେ ମାଟିଦୀପ ଜାଳିବାର ପରମ୍ପରା ରହିଛି। ସେଥିପାଇଁ ଏହି ପର୍ବ ଆସିଲେ ମାଟି ଦୀପର ଚାହିଦା ବୃଦ୍ଧି ପାଇଥାଏ। ମାଟିରେ ସୁନ୍ଦର ଆକୃତି ଦେଇ କୁମ୍ଭକାରମାନେ ଏହି ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି।

ଦୀପାବଳୀ ସନ୍ଧ୍ୟାରେ ମାଟିର ଦୀପ ଜାଳି ଘରକୁ ଆଲୋକିତ କରାଯାଇଥାଏ। ସେଥିପାଇଁ ପୂର୍ବରୁ ଲୋକେ ବଜାରରୁ କିମ୍ବା କୁମ୍ଭାର ଘରୁ ମାଟିଦୀପ ସଂଗ୍ରହ କରିଥାନ୍ତି। ସମ୍ବଲପୁର ସହରକୁ ଉପକଣ୍ଠ ଅଞ୍ଚଳର କୁମ୍ଭାକାରମାନେ ମାଟିଦୀପ ଓ କଳସ ଆଦି ଆଣି ବିକ୍ରି କରିଥାନ୍ତି। ଅନେକ କୁମ୍ଭାର ଏବେ ରଙ୍ଗିନ ଦୀପ ତିଆରି କରି ଗ୍ରାହକମାନଙ୍କୁ ଆକର୍ଷିତ କରୁଛନ୍ତି। କୁମ୍ଭାକାରମାନେ ଦୀପ ତିଆରି କରିବା ପାଇଁ ଦୁଇ ତିନି ମାସରୁ ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି। ଏବେ ସୁବିଧାରେ ମାଟି ମିଳୁ ନ ଥିବାରୁ ଦୂର ସ୍ଥାନରୁ ମାଟି ସଂଗ୍ରହ କରି ଆଣିବାକୁ ପଡିଥାଏ। ଗୋଡିପଥର ବଛାଯିବା ପରେ ମାଟି ଚକଟାଯାଏ। ପରେ ଏହାକୁ କୁମ୍ଭାର ଚକରେ ରଖି ଦୀପ ତିଆରି କରାଯାଇ ଖରାରେ ଶୁଖାଯାଇଥାଏ। ୩ରୁ ୪ଦିନ ଧରି ଜଣେ କୁମ୍ଭାର ଦୀପ ଗଢିବା ପରେ ପୋଡ଼ିବା ପାଇଁ ଭାଟିରେ ରଖିଥାଏ। ଏଥିପାଇଁ ୪ ଘଣ୍ଟା ସମୟ ଲାଗେ। ପରଦିନ ସକାଳୁ ଭାଟିରୁ ବାହାରିବା ପରେ ଚାହିଦା ଅନୁସାରେ ରଙ୍ଗ ଦିଆଯାଏ। ଏବେ ଦୀପାବଳି ସମୟରେ ମାଟିଦୀପ ଓ କଳସର ଚାହିଦା ଅଧିକ ରହିଛି। ରଙ୍ଗୀନ ଦୀପକୁ ଅଧିକ ଲୋକ ପସନ୍ଦ କରୁଛନ୍ତି। ବଜାରରରେ ରଙ୍ଗବେରଙ୍ଗ, ବିଭିନ୍ନ ଡିଜାଇନର ମାଟିଦୀପ ମିଳୁଛି। ସମ୍ବଲପୁରର ଗୋଲବଜାର, ଅଇଁଠାପାଲି, ଚାରଭାଟି, ଗୋବିନ୍ଦତୋଳା ଆଦି ସ୍ଥାନରେ ସ୍ୱତନ୍ତ୍ର ଦୀପାବଳି ବଜାର ଖୋଲିଛି। ଲୋକେ ନିଜ ପସନ୍ଦ ଅନୁସାରେ ମାଟିଦୀପ ଓ ଅନ୍ୟ ମାଟି ସାମଗ୍ରୀ କିଣି ଘରକୁ ନେଉଛନ୍ତି। କୁମ୍ଭାକାରଙ୍କ ପାଇଁ ସାମୟିକ ହେଲେ ବି ରୋଜଗାର ପାଇଁ ବାଟ ଫିଟାଉଛି। ଏହି ସମୟରେ ପୁରା ପରିବାର ଦୀପ ତିଆରି ଓ ବିକ୍ରି କାମରେ ଲାଗି ପଡିଛନ୍ତି। ବହୁ ବାଧାବିଘ୍ନ ସତ୍ତ୍ୱେ ଅନେକ କୁମ୍ଭକାର ପରିବାର ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି।

### ସେମାନେ କୁହନ୍ତି...

ଆମେ ବର୍ଷତମାମ ମାଟି କାମ କରିଥାଉ। ହେଲେ ଦୀପାବଳି ଆସିଲେ ପ୍ରାୟ ଦୁଇମାସ ପୂର୍ବରୁ ମାଟିଦୀପ ତିଆରି ଆରମ୍ଭ କରିଥାଉ। ମାଟିଦୀପର ଚାହିଦାକୁ ଦେଖି ଆମକୁ ପ୍ରସ୍ତୁତ ରହିବାକୁ ପଡିଥାଏ। ପାଖରେ ରହିଥିବାରୁ ସମ୍ବଲପୁର ସହରକୁ ଯାଇ ବିକିବା ସହଜ ହେଉଛି। ଦୀପାବଳି ଆମକୁ ରୋଜଗାର ଦେବା ସହ କୌଳିକ ବୃତ୍ତିକୁ ଉଜ୍ଜୀବିତ ରଖିଛି।

**-ରାମକୃଷ୍ଣ ରଣା, କୁମ୍ଭାକାର, ବଲବସପୁର**

ଆମ ଗାଁରେ ୧୦ରୁ ୧୨ ଜଣ କୁମ୍ଭାକାର ପରିବାର ରହିଛୁ। ଅଧିକାଂଶ ଲୋକ ମାଟିକାମ କରୁଛୁ। ତେବେ ଦୀପାବଳି ଆଗରୁ ପୂରା ପରିବାର ମାଟିଦୀପ ତିଆରି କାମରେ ଲାଗିପଡିଥାଉ। କହିବାକୁ ଗଲେ ବର୍ଷକରେ ଥରେ ଆମପାଇଁ ଏହି ବେଉସା ରୋଜଗାରର ସୁଯୋଗ ଦେଇଥାଏ।

**-ଅଶୋକ ରଣା, କୁମ୍ଭାର, ବଲବସପୁର**

ଏବେ ଚାଇନିଜ ସାମଗ୍ରୀ ଅପେକ୍ଷା ଦେଶୀ ଜିନିଷକୁ ଲୋକେ ବେଶୀ ପସନ୍ଦ କରୁଛନ୍ତି। ଅର୍ଥାତ୍ ପୁଣିଥରେ ଲୋକଙ୍କର ପାରମ୍ପରିକ ଜିନିଷ ପ୍ରତି ରୁଚି ବଢିବାରେ ଲାଗିଛି। ଯୁବପିଢୀ ରଙ୍ଗିନ ଓ ନୂଆ ଡିଜାଇନର ଦୀପ ତିଆରି କରି ବଜାର ଚାହିଦା ପୂରଣ କରିବାକୁ ଚେଷ୍ଟା କରୁଛନ୍ତି। ଏହା ହଜିବାକୁ ବସିଥିବା ମାଟିକାମ ପ୍ରତି ଆଗ୍ରହ ସୃଷ୍ଟି କରୁଛି।

**-ଦେବୀ ପ୍ରସାଦ ଭୋଇ, ଗ୍ରାହକ, ସମ୍ବଲପୁର**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ରମେଶ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗ୍ରାମୀଣ ବିକାଶ ଉପରେ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମୀଣ ବିକାଶ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗ୍ୟାରେଣ୍ଟି ଅଧିନିୟମ, ୫–ଟି ରୁପାନ୍ତରିତ ସ୍କୁଲ, ଗ୍ରାମାଞ୍ଚଳରେ ବିଜୁ ପକ୍କାଘର, ମୋ ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସହିତ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ସିଏଫ୍‌ସି, ଏଏଫ୍‌ସି ଓ ଏନ୍‌ଏଚ୍‌ଏମ୍‌ର କାର୍ଯ୍ୟକରିତା, ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ସେବା, ଗ୍ରାମୀଣ ବିକାଶ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଇ–ଗ୍ରାମସ୍ୱରାଜ ପୋର୍ଟାଲ, ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ୱଚ୍ଛ ଭାରତ ମିଶନ୍, ପାନୀୟ ଜଳ ଆଦି ପାଇଁ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିରେ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାର, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ସଚେତନ ହେଲେ ଆଇନ ସହାୟତା ପାଇପାରିବେ

**କୁଚିଣ୍ଡା,୯।୧୧(ବିରଞ୍ଚି ଦର୍ଶା)**

କୁଚିଣ୍ଡା ତାଲୁକ ଆଇନ ସହାୟତା ପରିଷଦ ପକ୍ଷରୁ ଗୁରୁବାର କୁଚିଣ୍ଡା ମହାବିଦ୍ୟାଳୟରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି।ଏଥିରେ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ଅଧ୍ୟକ୍ଷତା କରି ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ସଚେତନ ହେଲେ ଜନସାଧାରଣ ଉଚିତ ଆଇନଗତ ସାହାଯ୍ୟ ପାଇପାରିବେ ବୋଲି କହିଥିଲେ। ଏହାଛଡା ସମ୍ବିଧାନ ବିଧିବ୍ୟବସ୍ଥା ଅନୁଯାୟୀ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ମାଗଣା ଆଇନ ସହାୟତା ଦିଆଯାଇପାରିବ ବୋଲି ସୂଚନା ଦେଇଥିଲେ। ଏଥିରେ ବରିଷ୍ଠ ଦେୱାନି ଜଜ୍ ନିହାର ରଞ୍ଜନ ସାହୁ,ଏସ୍‌ଡିଜେଏମ୍ ଅବିନାଶ ଚିନାରା, ତାଲୁକ ସ୍ତରୀୟ ଆଇନ ସହାୟତା ପରିଷଦର ସଭ୍ୟ ଡା. ଶରତ ଚନ୍ଦ୍ର ଗୌନ୍ତିଆ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିବିରରେ କୁଚିଣ୍ଡା କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର, ପ୍ରାଧାପକ ଡ. ଅମିୟ କୁମାର ପାତ୍ର, ପ୍ରଧାପିକା ସୁଭଦ୍ରା ଦାସ, ଅଧାପିକା ମଞ୍ଜୁଶ୍ରୀ ଦାସ, ରିତୁପ୍ରିୟ ନାଏକ, ରାଜେଶ୍ୱରୀ କନର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରାଧାପକ ଡ. ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା



ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

**ସମ୍ବଲପୁର,୯।୧୧(ବି.ଶଙ୍କର)**

### ଆନ୍ତଃ ବିଦ୍ୟାଳୟ ନାଟକ ପ୍ରତିଯୋଗିତା

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଆୟୋଜିତ ଆନ୍ତଃ ବିଦ୍ୟାଳୟ ନାଟକ ପ୍ରତିଯୋଗିତାରେ ସମ୍ବଲପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଭିଜିଲାନ୍ସ ସପ୍ତାହ ଉପଲକ୍ଷେ ଏମ୍‌ସିଏଲ୍ ଆନନ୍ଦ ବିହାରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟଠାରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଇଣ୍ଡିଆନ ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି। ଛାତ୍ରୀଛାତ୍ର ଭ୍ରଷ୍ଟାଚାର: ଏକ ଅଭିଶାପ ନାଟକ ମଞ୍ଚସ୍ଥ କରିଥିଲେ। ସ୍କୁଲ ହିନ୍ଦୀ ବିଭାଗର ଅଧକ୍ଷ ହେମନ୍ତ କୁମାର ଯାଦବ ଏହାକୁ ରଚନା କରିଥିବା ବେଳେ ନୃତ୍ୟ ଶିକ୍ଷକ ଦଶରଥ ମେହେର ନିର୍ଦ୍ଦେଶନା ଦେଇଥିଲେ। ଏହି ନାଟକରେ ଅବନ୍ତୀ ପାଠକ, ତନିଷା ସନନ, ଅନନ୍ୟା ପାଣ୍ଡେ, ଇଶାନ ତ୍ରିପାଠୀ, ସ୍ୱରୂପ ମହାନ୍ତି, ଅକ୍ଷତ ଝା, ଆହାନା ସେନ ଗୁପ୍ତା, ପୱନ ଅଗ୍ରୱାଲ, ଶିବେଶ ଦାଶ, ସାଇରାଜ ରାଉତ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସ୍କୁଲ ଅଧକ୍ଷ ସଚିନ ପାଠକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପଶ୍ଚିମାଞ୍ଚଳ ଏକତାମଞ୍ଚ ନାରୀଶକ୍ତି ପକ୍ଷରୁ ମେଧାପରୀକ୍ଷା

**ସମ୍ବଲପୁର,୯।୧୧ (ଭବାନୀ ଶଙ୍କର ଭୋଇ)**

ଅଗ୍ରଣୀ ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚର ନାରୀଶକ୍ତି ପକ୍ଷରୁ ଗୁରୁବାର ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମେଧାପରୀକ୍ଷା ଆୟୋଜିତ ହୋଇଯାଇଛି। ଏଥିରେ ଦୁଇଟି ବର୍ଗରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ନଭେମ୍ବର ୧୪ ଶିଶୁ ଦିବସରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମେଧା ପରୀକ୍ଷାରେ ଏକତା ମଞ୍ଚ ନାରୀଶକ୍ତିର ସମ୍ବଲପୁର ମହାନଗର ସଂଯୋଜିକା ସୁଷମା ପ୍ରଧାନ ସଂଯୋଜନା କରିଥିଲେ। କେନ୍ଦ୍ରୀୟ ସଂଯୋଜିକା ପଙ୍କଜିନୀ ମେହେର, ସହ ସଂଯୋଜିକା ଝୁନୁ ତ୍ରିପାଠୀ, ସେବା ସଂଯୋଜିକା କାନ୍ତି ମେହେର, ନାରୀଶକ୍ତି ଜିଲା ସଂଯୋଜିକା ସ୍ୱସ୍ତିକା ନାୟକ, ସହସଂଯୋଜିକା ତୃପ୍ତିମୟୀ ପଣ୍ଡା, ମହାନଗର ସହ ସଂଯୋଜିକା ସୁଜାତା ଗୁରୁ ଓ ପଙ୍କଜିନୀ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାଷା ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ଛାତ୍ରୀଛାତ୍ରଙ୍କ ସକ୍ରୀୟ ଯୋଗଦାନ ଉପରେ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ସମ୍ବଲପୁର ଶାଖା କାର୍ଯ୍ୟକ୍ରମ ସଂଯୋଜକ ନିଶିକାନ୍ତ ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର, ଶିକ୍ଷୟିତ୍ରୀ ସରିତା ନନ୍ଦ, ମାଧୁରୀ ଠେଲା, ରାଧାପ୍ୟାରି ନନ୍ଦ ଓ ଅନ୍ୟ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।



ମେଧା ପରୀକ୍ଷାରେ ସାମିଲ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ସୁନା ଦୋକାନରେ ଜିଏସ୍‌ଟି ଚଢ଼ାଉ

**ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)**



ସୁନା ଗହଣା ଦୋକାନ ଆଗରେ ଜିଏସ୍‌ଟି ଟିମ୍।

ପୂର୍ବରୁ ମିଳିଥିବା ଅଭିଯୋଗ ଅନୁସାରେ ଗୁରୁବାର ସମ୍ବଲପୁର ଗୋଲବଜାର ବୈଦ୍ୟନାଥ ଛକ ନିକଟ ବାଙ୍କା ଜୁଏଲର୍ସ ନାମକ ଗହଣା ଦୋକାନ ସହ ଏହାର ମାଲିକଙ୍କ ଗୃହ ଓ ଝାରସୁଗୁଡ଼ାଠାରେ ଥିବା ଦୋକାନରେ ଏକକାଳୀନ ସିଟି ଓ ଜିଏସ୍‌ଟି ବିଭାଗ ଅଧିକାରୀମାନେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଛନ୍ତି।

ସିଟି ଓ ଜିଏସ୍‌ଟି ବିଭାଗର ଉପାୟୁକ୍ତ ଟେକାଚାନ୍ଦ ମେହେର ଓ ସହକାରୀ ଆୟୁକ୍ତ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ଦଳ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନରେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଦଳ ଦୋକାନର କାଗଜପତ୍ର, କମ୍ପ୍ୟୁଟର, ଲ୍ୟାପଟପ୍, ଷ୍ଟକବୁକ୍, ମୋବାଇଲ ତଥା ବିଲ୍ ବହିଗୁଡ଼ିକୁ ନିଜ ହେପାଜତକୁ ନେଇଥିବା ସୂଚନା ଦେଇଛନ୍ତି। ସେହିପରି କ୍ରୟ ବିକ୍ରୟ ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଦୋକାନ ମାଲିକଙ୍କୁ ୨ ଦିନ ସମୟ ଦିଆଯାଇଥିବା ପ୍ରକାଶ। ତେବେ ଉକ୍ତ ଗହଣା ଦୋକାନରେ ଟିକସ ପଇଠ ନେଇ କଣ ଅନିୟମିତତା ରହିଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

# ମନ୍ତ୍ରୀମୁଣ୍ଡା ଫୁଟ୍‌ବଲ: ସେମିଫାଇନାଲରେ କୁଚିଣ୍ଡା ବିଏଫ୍‌ସି

**କୁଚିଣ୍ଡା,୯।୧୧(ବିରଞ୍ଚି ଦର୍ଶା)**



ରେଫରିଙ୍କ ସହ ଉଭୟ ଦଳର ଖେଳାଳି।

ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ୧୦ମ ମନ୍ତ୍ରୀମୁଣ୍ଡା କପ ଫୁଟ୍‌ବଲ ମହାକୁମ୍ଭର ଦ୍ୱିତୀୟ ଦିବସ ଖେଳରେ କୁଚିଣ୍ଡା ବିଏଫ୍‌ସି ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଗୁରୁବାର 'ବି' ଗ୍ରୁପର ପ୍ରଥମ ମ୍ୟାଚ ସମ୍ବଲପୁରର ରେଙ୍ଗାଲି ଏଫ୍‌ସି ଓ ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ମଧ୍ୟରେ ହୋଇ ରେଙ୍ଗାଲି ଏଫ୍‌ସି ବିଜେତା ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ଏକ୍କା ବ୍ରଦର୍ସ ଓ କୁଚିଣ୍ଡା ବିଏଫ୍‌ସି ମଧ୍ୟରେ ହୋଇଥିବା ବେଳେ ଏଥିରେ ବିଏଫ୍‌ସି ଦଳ ବିଜୟୀ ହୋଇଥିଲା। ତୃତୀୟ ଅର୍ଥାତ୍ କ୍ୱାର୍ଟର ଫାଇନାଲ ମ୍ୟାଚ କୁଚିଣ୍ଡା ବିଏଫ୍‌ସି ଓ ରେଙ୍ଗାଲି ଏଫ୍‌ସି ଦ୍ୱୟରେ ହୋଇଥିବା ବେଳେ ୨–୦ଗୋଲରେ କୁଚିଣ୍ଡା ବିଏଫ୍‌ସି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚଗୁଡିକୁ ରେଫରି ଭାବେ ନୀଳ ପ୍ରଧାନ, ରାଜେଶ ଜୟପୁରିଆ, ରମଣି ମାଝି, ଜୀବନ ବୁଦୁଲା, କାର୍ତ୍ତିକ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ପୋଲିସ ଏସ୍‌ଆଇ ସାରଥି କଲେତ, ମୁରଲୀଧର ବେହେରା, ନଳିନୀକାନ୍ତ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ମ୍ୟାଚ ଶୁଭାରମ୍ଭ କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ସମ୍ପାଦକ ଅକ୍ଷୟ କିଷାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ଧନୁପାଲି ପୂର୍ବତନ ଥାନା ଅଧିକାରୀଙ୍କ ବିରୋଧରେ ମାମଲା

**ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)**

### ମାମଲା ରେକର୍ଡ ହସ୍ତାନ୍ତର କଲେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ: ଅତିରିକ୍ତ ଏସ୍‌ପି

ସମ୍ବଲପୁର ଧନୁପାଲି ଥାନାର ପୂର୍ବତନ ଅଧିକାରୀ ଅନିତା ପ୍ରଧାନ ବଦଳି ପରେ ମଧ୍ୟ ତାଙ୍କ ସମୟରେ ଥାନାରେ ରୁଜୁ ହୋଇଥିବା ମାମଲା ଗୁଡ଼ିକର ରେକର୍ଡ ହସ୍ତାନ୍ତର କରି ନ ଥିବାରୁ ଧନୁପାଲି ଥାନାରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ତେବେ ବର୍ତ୍ତମାନ ସେ ସମ୍ବଲପୁର ଆସି କେସ୍ ରେକର୍ଡ ହସ୍ତାନ୍ତର କିରିବାକୁ ସମୟ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ କହିଛନ୍ତି, ଏହା ସମ୍ବଲପୁର ପୋଲିସ ବିଭାଗର ଅଭ୍ୟନ୍ତରିଣ ମାମଲା ଏବଂ ସେଭଳି କୌଣସି ଗୁରୁତର ମାମଲା ନୁହେଁ। ମାମଲାଗୁଡ଼ିକର ରେକର୍ଡ ହସ୍ତାନ୍ତରିତ ହୋଇଗଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। କୌଣସି କାର୍ଯ୍ୟବ୍ୟସ୍ତତା ହେତୁ ସେ ଉକ୍ତ ମାମଲାଗୁଡ଼ିକର ରେକର୍ଡ ହସ୍ତାନ୍ତର କରି ପାରିନାହାନ୍ତି ବୋଲି ସେ କହିଛନ୍ତି। ୪ମାସ ତଳେ ସମ୍ବଲପୁରରୁ ସମସ୍ତ ଥାନାଧିକାରୀଙ୍କ ସାମୂହିକ ବଦଳି ହୋଇଥିଲା। ସେମାନଙ୍କ ମଧ୍ୟରୁ ଯେଉଁମାନେ ମାମଲାର ରେକର୍ଡ ଫେରାଇ ନାହାନ୍ତି ସେମାନଙ୍କୁ ରିମାଇଣ୍ଡର ଦିଆଯାଇଛି। ମାତ୍ର କେତେଜଣ ଏଭଳି ମାମଲାର ରେକର୍ଡ ହସ୍ତାନ୍ତର କରିନାହାନ୍ତି ସେ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଧନୁପାଲି ଥାନାଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନିତା ପ୍ରଧାନଙ୍କ ବଲାଙ୍ଗୀରକୁ ବଦଳି ହୋଇଥିଲା। ବର୍ତ୍ତମାନ ସେ ବଲାଙ୍ଗୀର ଜିଲା ପୁଇଁତଲା ଥାନାଧିକାରୀ ଭାବେ କାର୍ଯ୍ୟରତ। ଏଠାରୁ ସେ ବଦଳି ହେବାପରେ ଅନ୍ୟୁନ ୬୦ଟି ମାମଲାର ରେକର୍ଡ ନୂତନ ଥାନାଧିକରୀଙ୍କୁ ହସ୍ତାନ୍ତର କରି ନ ଥିଲେ। ଏଥିପାଇଁ ରିମାଇଣ୍ଡର ପତ୍ର ପ୍ରେରଣ କରାଯାଇଥିଲେ ହିଁ ଏହାକୁ ସେ କର୍ଣ୍ଣପାତ କରି ନ ଥିଲେ। ପରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଧନୁପାଲି ଥାନାରେ କେସ୍ ନମ୍ବର ୩୯୬/୨୩ରେ ଦଫା ୧୬୬, ୩୮୦ରେ ମାମଲା ରୁଜୁ କରାଯାଇଛି।

# ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ କଳାକୃତିର ପ୍ରଦର୍ଶନ



ନୂଆଦିଲ୍ଲୀ,୯।୧୧

ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ ୬ ଦଶନ୍ଧିର କଳାକୃତିଗୁଡ଼ିକର ପ୍ରଦର୍ଶନୀ ନୂଆଦିଲ୍ଲୀର ନ୍ୟାଶନାଲ୍ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ବୁଧବାର ଆରମ୍ଭ ହୋଇଛି। ଏହା ଆସନ୍ତା ବର୍ଷ ଜାନୁୟାରୀ ୭ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। 'ଜତିନ୍ ଦାସ୍-ଏ ରେଟ୍ରୋସ୍ପେକ୍ଟିଭ୍: ୧୯୬୩-୨୦୨୩' ଶୀର୍ଷକରେ ଏହି ପ୍ରଦର୍ଶନୀ ଚିତ୍ରଶିଳ୍ପୀଙ୍କ ଜୀବନବ୍ୟାପୀ କାନ୍‌ଭାସ ଓ କାଗଜରେ କରିଥିବା ଚିତ୍ର ; ଶ୍ୟାହି, ତୈଳ ଓ ୱାଟର କଲରରେ ଆଙ୍କିଥିବା ଚିତ୍ରଗୁଡ଼ିକର ଏକ ଝଲକ। ବିଭିନ୍ନ କଳାକୃତି, ଗ୍ରାଫିକ୍, ଟେରାକୋଟା ଆଦିରେ ସିଦ୍ଧହସ୍ତ ଜତିନ୍ କେତେକ କବିତା ତଥା କଳା ଓ ଜୀବନର ପ୍ରତିଫଳନ ଲେଖିଛନ୍ତି। ସେଗୁଡ଼ିକ ବହୁ ପୂର୍ବରୁ ପ୍ରଦର୍ଶିତ ହେବାର ଥିଲା। ସେ ନିଜକୁ ପ୍ରଦର୍ଶନୀଠାରୁ ଦୂରେଇ ରଖି ଜଣେ ଦର୍ଶକ ଭାବେ ନିଜ କୃତିଗୁଡ଼ିକୁ ଦେଖିବାର ସୁଯୋଗ ପାଇଥିବା ୮୩ ବର୍ଷୀୟ ଜତିନ୍ କହିଛନ୍ତି। ସେ ବିରୋଧାଭାସ ମଧ୍ୟରେ ସଂଘର୍ଷ କରିବା ସହ ନିଜ ପେଣ୍ଟିଂ ବିକି ଚଳୁଛନ୍ତି। ତେବେ ସେ ବିକିବା ପାଇଁ ପେଣ୍ଟିଂ କରି ନ ଥିଲେ ବୋଲି କହିଛନ୍ତି। ବାପାଙ୍କ ଗତ ୬ ଦଶନ୍ଧିର କଳାକୃତି ସମ୍ପର୍କରେ ଝିଅ ତଥା ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ କହିଛନ୍ତି, 'ବାପା ନିଜକୁ କଳାକାର ଭାବେ କେବେ ଦର୍ଶାଇ ନ ଥିଲେ। ସେ ସବୁବେଳେ ନିଜକୁ ଚିତ୍ରକର କହିବା ସହ କଳାକାର ହେବାକୁ ଚାହାନ୍ତି ବୋଲି କହୁଥିଲେ। କିନ୍ତୁ ବାସ୍ତବରେ ତାହା ବିପରୀତ ଥିଲା ବୋଲି ନନ୍ଦିତା ଭାବୁଥିବା କହିଛନ୍ତି।

ଯତୀନ୍ ଦାସଙ୍କ ଜନ୍ମ ଓଡ଼ିଶାର ମୟୂରଭଞ୍ଜରେ। ସେ ୧୭ ବର୍ଷ ବୟସରେ ମୁମ୍ବାଇର ସାର୍ ଜେ.ଜେ. ସ୍କୁଲ୍ ଅଫ୍ ଆର୍ଟରୁ ଚିତ୍ରକର ଜୀବନ ଆରମ୍ଭ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ନିଜ କଳାକୃତିଗୁଡ଼ିକର ୮୦ରୁ ଊର୍ଦ୍ଧ୍ୱ ଶୋ' ଏକାକୀ ଆୟୋଜନ କରିଛନ୍ତି। ଏଥିସହିତ ଭେନିସ୍ ଓ ଟୋକିଓ ବିନାଲେସ୍ ଭଳି କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କ କଳାକୃତିର ପ୍ରଦର୍ଶନ କରିଛନ୍ତି। ପ୍ରଥମ ଥର ପାଇଁ ଛାତ୍ର ଜୀବନରୁ ଜତିନ୍‌ଙ୍କ କୃତିର ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ତାଙ୍କ ସହକଳାକାର ଏବଂ ଫଟୋଗ୍ରାଫର ରଘୁ ରାୟ, ପେଣ୍ଟର ଭୂପେନ ଖକ୍କର ଏବଂ କବି ଗୁଲ୍‌ଜାରଙ୍କ ଭଳି ବିଭିନ୍ନ କଳା ସହ ଜଡ଼ିତ ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ସ୍କେଚ୍ ସ୍ଥାନ ପାଇଥିଲା।

# 'କୌଣସି ଜନସାଧାରଣ ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତୁ'



ଉତ୍ସବରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିବା ପ୍ୟାନେଲ ଲୟର ଓ ପାରାଲିଗାଲ ସ୍ୱେଚ୍ଛାସେବୀ।

## ଜାତୀୟ ଆଇନ ସେବା ଦିବସ ପାଳିତ

### ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଶ୍ରେଷ୍ଠ ଆଇନ ସହାୟତା କେନ୍ଦ୍ର

କଟକ,୯।୧୧ (କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ସେବା ଦିବସ କଟକ ସିଡିଏ ସେକ୍ଟର-୬ସ୍ଥିତ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କୌଣସି ଜନସାଧାରଣ ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଡ. ଷଡ଼ଙ୍ଗୀ ଶ୍ରେଷ୍ଠ ବିବେଚିତ ପ୍ୟାନେଲ ଲୟର ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ପ୍ୟାନେଲ ଲୟର ଭାବେ ମନୋଜ କୁମାର ପଟ୍ଟନାୟକ, ଶ୍ରେଷ୍ଠ ଗୋଷ୍ଠୀ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ରବୀନ୍ଦ୍ର କୁମାର ମହାନ୍ତି, ଶ୍ରେଷ୍ଠ ଛାତ୍ର ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ବିଶ୍ୱ ରାଜହଂସ, ଶ୍ରେଷ୍ଠ କାରାଗାର ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣର ରାଜୀବଲୋଚନ କହଁର ଏବଂ ଶ୍ରେଷ୍ଠ ଆଇନ ସହାୟତା କେନ୍ଦ୍ର ଭାବେ ମହାବିଦ୍ୟାଳୟ ସ୍ତରରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟ, ବିଦ୍ୟାଳୟସ୍ତରରେ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ, କୋରାପୁଟର ଆଇନ ସେବା କେନ୍ଦ୍ରକୁ ଶ୍ରେଷ୍ଠ ରାଜ୍ୟସ୍ତରୀୟ ଆଇନ ସେବା କେନ୍ଦ୍ର ଭାବେ ପୁରସ୍କୃତ କରାଯାଇଥିଲା। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ହାଇକୋର୍ଟ ଆଇନସେବା କମିଟି ସଚିବ ସୌମ୍ୟକ ପାତ୍ର, ଉପସଚିବ ସ୍ମୃତିରଞ୍ଜନ ମହାପାତ୍ର ଓ ସହ ସଚିବ ସୃଜନ ସାରସ୍ୱତ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରିଟେନ୍‌ର ସୁରକ୍ଷିତ ରାଷ୍ଟ୍ର ତାଲିକାରେ ସାମିଲ ହେବ ଭାରତ

ଲଣ୍ଡନ,୯।୧୧

ବ୍ରିଟେନ୍ ସରକାର ଏହାର ସୁରକ୍ଷିତ ରାଷ୍ଟ୍ର ତାଲିକାରେ ଭାରତକୁ ସାମିଲ କରିବା ପାଇଁ ଏକ ଯୋଜନା ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଯେଉଁ ଭାରତୀୟମାନେ ବେଆଇନ ଭାବେ ଯାଇଛନ୍ତି ସେମାନଙ୍କୁ ଫେରାଇ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ବ୍ରିଟେନ୍‌ର ହାଉସ୍ ଅଫ୍ କମନ୍ସରେ ବୁଧବାର ଚିଠା ବିଧେୟକ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଭାରତ ଏବଂ ଜର୍ଜିଆକୁ ସୁରକ୍ଷିତ ରାଷ୍ଟ୍ର ତାଲିକାରେ ସାମିଲ କରିବା ପ୍ରସ୍ତାବ ରହିଛି। ଏହା ଦେଶର ଇମିଗ୍ରେଶନ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ବ୍ରିଟେନ୍ ଗୃହ ବିଭାଗ ପକ୍ଷରୁ କୁହାଯାଇଛି।




# ତାନ୍ୟା ଜୈନ୍‌ଙ୍କୁ 'ଡ. ସ୍ୱର୍ଣ୍ଣ ଖୁଣ୍ଟିଆ ଗୋଲ୍ଡ ମେଡାଲ'

ଭୁବନେଶ୍ୱର, ୯।୧୧ (ବନ୍ଦନା ସେଠୀ)




ଭାଓଲିନ୍ ବାଦିକା ତଥା ସଙ୍ଗୀତଜ୍ଞ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ କନ୍ୟା ଡ. ସ୍ୱର୍ଣ୍ଣ ଖୁଣ୍ଟିଆଙ୍କ ସମ୍ମାନାର୍ଥେ ଭାରତୀୟ ବିଦେଶ ବ୍ୟାପାର ସଂସ୍ଥାନ (ଆଇଆଇଏଫ୍‌ଟି) ପକ୍ଷରୁ ଛାତ୍ରୀ ତାନ୍ୟା ଜୈନ୍‌ଙ୍କୁ ଚଳିତ ବର୍ଷର ଡ. ସ୍ୱର୍ଣ୍ଣ ଖୁଣ୍ଟିଆ ଗୋଲ୍ଡ ମେଡାଲ ମିଳିଛି। ଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ସଂସ୍ଥାନର ୫ମ ଦୀକ୍ଷାନ୍ତ ସମାରୋହରେ ତାନ୍ୟାଙ୍କୁ ଏହି ମେଡାଲ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଡ. ସ୍ୱର୍ଣ୍ଣ ଖୁଣ୍ଟିଆ ଜଣେ ପ୍ରତିଭାଶାଳି ସଙ୍ଗୀତଜ୍ଞ, ଗବେଷକ ଓ ଲେଖିକା। ସେ ଦେଶ ବିଦେଶର ବହୁ ସଙ୍ଗୀତ ସମାରୋହରେ ଏକକ କଳାକାର ଭାବେ ଅଂଶଗ୍ରହଣ କରି ଦେଶ ତଥା ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଛନ୍ତି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସଙ୍ଗୀତ ବିଭାଗର ପ୍ରଫେସର ତଥା ଭାଓଲିନ ବାଦିକା ପଦ୍ମଭୂଷଣ ପ୍ରଫେସର ଡ. ଏନ୍. ରାଜନଙ୍କ ଶିଷ୍ୟା। ସେ ସୁରମଣି, କଳାଶ୍ରୀ, ସଙ୍ଗୀତ ଶିରୋମଣି ଏବଂ ଅତୁଲ ମେମୋରିଆଲ ପୁରସ୍କାର ପରି ବହୁ ସମ୍ମାନଜନକ ପୁରସ୍କାରରେ ଅଳଙ୍କୃତ ହୋଇଛନ୍ତି। ୨୦୨୧ କରୋନାରେ ତାଙ୍କର ଅକାଳ ବିୟୋଗ ହୋଇଥିଲା। ଜୀବନବ୍ୟାପୀ ସାଧନା ପାଇଁ ଭାରତୀୟ ବିଦେଶ ବ୍ୟାପାର ସଂସ୍ଥାନ ତାଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରୁଛି।

# ବିଏସ୍‌ଏଫ୍ ଦ୍ୱାରା ମାଓବାଦୀ ସାମଗ୍ରୀ ଜବତ




ବିଏସ୍‌ଏଫ ଯବାନଙ୍କ ଦ୍ୱାରା ଜବତ ମାଓବାସୀ ସାମଗ୍ରୀ।

ମାଲକାନଗିରି,୯।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଦ୍ୱିତୀୟ ବାଟାଲିୟନ ବିଏସ୍‌ଏଫ୍ ଦ୍ୱାରା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି।

ପ୍ରକାଶ ଯେ, ମାଲକାନଗିରି ଜିଲା ମାଥିଲି ଥାନା ଟେମୁରୁପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳ କିରିମିଟି ଓ ତୁଳସୀ ସଂରକ୍ଷଣ ଜଙ୍ଗଲ ମଧ୍ୟରେ ଦ୍ୱିତୀୟ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ କୋମ୍ବିଂ କରୁଥିବା ସମୟରେ ଗୋଟିଏ ସ୍ଥାନରେ ମାଓବାଦୀ ସାମଗ୍ରୀ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ସ୍ଥାନକୁ ଯାଇ ପୋତାହୋଇଥିବା ସାମଗ୍ରୀଗୁଡିକ ମାଟି ଖୋଳି ଜବତ କରିଥିଲେ। ଜବତ ସାମଗ୍ରୀଗୁଡିକ ମଧ୍ୟରୁ ଆଲୁମିନିୟମ୍ କଣ୍ଟେନର, ଆଣ୍ଟେନା ସେଟ୍, ଗ୍ରେନେଡ୍, ୧୨ ବୋର ଅମୁନେସନ୍ ଚାରୋଟି, ମାଓବାଦୀ ପୁସ୍ତକ ୮୨ଟି, ପ୍ଲାଷ୍ଟିକ୍ ସିଟ୍ ଓ ତାର୍ପୋଲିନି ଆଦି ଜବତ କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ବିଏସ୍‌ଏଫ୍ ତରଫରୁ କୋମ୍ବିଂ ଜାରି ରହିଥିବା ସୂଚନା ମିଳିଛି।

# ନାତି ଠେଙ୍ଗାମାଡ଼ରେ ଆଈ ମୃତ, ମାଆ ଗୁରୁତର

ପାପଡ଼ାହାଣ୍ଡି,୯।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

କ୍ଷଣିକ କଥାରେ ଉତ୍କ୍ଷିପ୍ତ ହୋଇ ନାତି ଠେଙ୍ଗାମାଡ଼ରେ ଆଈର ମୃତ୍ୟୁ ହୋଇଛି। ମା' ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ଅନ୍ତର୍ଗତ ବାବାଜିଗୁଡ଼ା ଗ୍ରାମରେ। ନାତି ଅବଦାନ ହରିଜନ(୨୫)ଙ୍କୁ ପୋଲିସ ଗିରଫ କରିଛି। ଖବରରୁ ଜଣାପଡିଛି, ବୁଧବାର ସନ୍ଧ୍ୟା ୭ଟାରେ ଅବଦାନଙ୍କ ମା' କନକ ହରିଜନ ଓ ଆଈ ଦୂତୀ ହରିଜନ ଏକାଠି ବସି କଥା ହେଉଥିଲେ। ସେଠାରେ ଥିବା ଅବଦାନ ହଠାତ୍ ଏକ କୌଣସି କଥାରେ ରାଗିଯାଇ ମା ଓ ଆଈଙ୍କୁ ଏକ ଠେଙ୍ଗାରେ ପିଟିବାକୁ ଲାଗିଲେ। ଫଳରେ ଉଭୟେ ଦୂତୀ ଓ କନକ ଗୁରୁତର ହୋଇପଡିଥିଲେ। ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଦୂତୀଙ୍କ ମୃତ୍ୟୁ ହୋଇଥିଲା। କନକଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ ଜେନା ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତ ନାତି ଅବଦାନଙ୍କୁ ଗିରଫ କରାଯାଇଛି।




# ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା

ମୁନିଗୁଡ଼ା/ବିଷମକଟକ,୯।୧୧ (ରାଧେଶ୍ୟାମ ଅଗ୍ରୱାଲ/ ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ହାଟମୁନିଗୁଡ଼ା ନିକଟ ରାମକ୍ରିଷ୍ଣ ମିଶନ ଆଶ୍ରମ ପାଖରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଏକ ଘରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ ବୁରୁଜୁଗୁଡ଼ା ଗ୍ରାମର ନନ୍ଦିନୀ ନାଏକ। ନନ୍ଦିନୀଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଏ. ଚନ୍ଦ୍ରା ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୁନିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛି। ଚନ୍ଦ୍ରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

ମୃତ ନନ୍ଦିନୀ ରାମକ୍ରିଷ୍ଣ ମିଶନ ଆଶ୍ରମ ବଗିଚାରେ ମାଳୀ କାମ କରୁଥିଲେ। କାମ ସାରି ଅନେକ ସମୟରେ ସେ ନିକଟରେ ଥିବା ସମ୍ପର୍କୀୟ ଭାଇ ଚନ୍ଦ୍ରାଙ୍କ ଘରେ ରହିଯାଉଥିଲେ। ବୁଧବାର ରାତିରେ ନନ୍ଦିନୀ ଚନ୍ଦ୍ରାଙ୍କ ଘରେ ଶୋଇଥିଲେ। ଭୋର ପ୍ରାୟ ୩ଟାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନନ୍ଦିନୀଙ୍କ ମୃତଦେହ ପଡ଼ିଥିବା ତାଙ୍କ ପୁଅ ଓ ଝିଅ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପଟେ ହତ୍ୟାକାଣ୍ଡ ଘଟାଇ ଚନ୍ଦ୍ରା ମୁନିଗୁଡ଼ା ଥାନାକୁ ଯାଇ ଘଟଣା ବିଷୟରେ କହିଛନ୍ତି। ମୁନିଗୁଡ଼ା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତକରି ମୁନିଗୁଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ୨୯୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏସ୍‌ଡିପିଓ ସନ୍ତୋଷିନୀ ଓରାମ କହିଛନ୍ତି।




# ଭିଜିଲାନ୍ସ ଜାଲରେ ଜିଆର୍‌ଏସ୍

କୋରେଇ,୯।୧୧(ଚନ୍ଦ୍ରକାନ୍ତ ପତି):



ଦିଲୀପ କୁମାର ଦୀକ୍ଷିତ

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ଗୋଲେଇପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଦିଲୀପ କୁମାର ଦୀକ୍ଷିତ ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ଏହି ପଞ୍ଚାୟତ ତେଲିଆ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଯାଜପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ତେଲିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇବା ଦେବା ପାଇଁ ସେ ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଗୁରୁବାର ସେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ ସନ୍ଧ୍ୟାରେ କୋରେଇ ବ୍ଲକ କାର୍ଯ୍ୟାଳୟରେ ଭିଜିଲାନ୍ସର ଏକ ଟିମ ପହଞ୍ଚି ଛାନଭିନ କରିଥିବା ସୂଚନା ମିଳିଛି। ପୂର୍ବରୁ ଏହି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଆବାସ ବଣ୍ଟନ ନାମରେ ବ୍ୟାପକ ପିସି ଆଦାୟ ହେଉଥିବା ଅଭିଯୋଗ ହୋଇଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା। ଏବେ ଜଣେ ଜିଆର୍‌ଏସ୍ ଧରାପଡ଼ିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଧିକାରୀ ଓ କର୍ମଚାରୀ ଛାନିଆ ହୋଇ ପଡ଼ିଥିବା ଜଣାପଡ଼ିଛି।



# ନେତୃତ୍ୱ ନେଇପାରନ୍ତି ସୂର୍ଯ୍ୟ, ଋତୁରାଜ

**ଅଷ୍ଟ୍ରେଲିଆ ଟି୨୦ ସିରିଜ୍**

ନୂଆଦିଲ୍ଲୀ,୯।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିପାରିବେ ନାହିଁ। ଫଳରେ ସୂର୍ଯ୍ୟକୁମାର ଯାଦବ କିମ୍ବା ଋତୁରାଜ ଗାଏକ୍ୱାଡଙ୍କ ମଧ୍ୟରୁ କେହି ଜଣେ ଭାରତୀୟ ଦଳର ନେତୃତ୍ୱ ନେବା ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ବିଶ୍ୱକପ ଶେଷ ହେବାର ଠିକ୍ ପରେ ନଭେମ୍ବର ୨୩ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟି୨୦ ସିରିଜ୍ ଖେଳାଯିବ। ଭାରତୀୟ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆହତ ସମସ୍ୟାରୁ ମୁକୁଳିବା ପାଇଁ ଅଧିକ ସମୟ ଲାଗିବ। ତେଣୁ ସେ ଏହି ସିରିଜ୍ ପାଇଁ ଉପଲବ୍ଧ ହେବେ ନାହିଁ। ବିଶ୍ୱକପ ସେମି ଫାଇନାଲ ପରେ ହିଁ ଅଷ୍ଟ୍ରେଲିଆ ସିରିଜ ପାଇଁ ଦଳ ଘୋଷଣା କରାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଟି୨୦ ଦଳର ଉପ ଅଧିନାୟକ ରହିଥିବା ସୂର୍ଯ୍ୟକୁମାର ଯାଦବ କିମ୍ବା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ଅଧିନାୟକ ଥିବା ଋତୁରାଜ ଗାଏକ୍ୱାଡଙ୍କୁ ଅଧିନାୟକ ନିଯୁକ୍ତ କରାଯିବ। ଏହା ସହିତ ଡିସେମ୍ବର ୧୦ରେ ଡର୍ବାନରେ ଖେଳା ଯିବାକୁ ଥିବା ଟି୨୦ ସିରିଜ୍‌ରେ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନର ସମ୍ଭାବନା ରହିଛି। ବିଶ୍ୱକପ ପରେ ଭାରତ ଏହାର ସିନିୟର ଖେଳାଳି ମାନଙ୍କୁ ବିଶ୍ରାମ ଦେବାକୁ ଚାହିଁବ। ଯଦି ସୂର୍ଯ୍ୟକୁମାର ଯାଦବଙ୍କୁ ଦଳ ବିଶ୍ରାମ ଦିଏ ତେବେ ଋତୁରାଜ ଗାଏକ୍ୱାଡ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

ଆମେରିକାରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି ଦଳରେ ଖେଳାଳି ମାନଙ୍କୁ ସାମିଲ କରାଯିବାର ସମ୍ଭାବନା ଅଧିକ। ଆୟର୍ଲାଣ୍ଡ ସିରିଜ୍ ଓ ଏସିଆନ୍ ଗେମ୍ସ ଖେଳିଥିବା ଦଳର ଖେଳାଳି ମାନଙ୍କୁ ଏହି ସିରିଜରେ ପ୍ରାଥମିକତା ଦିଆଯିବ। ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ ପରି ବୋଲରଙ୍କୁ ବିଶ୍ରାମ ଦିଆଯାଇ ଅର୍ଶଦୀପ ସିଂ, ମୁକେଶ କୁମାର ଓ ଆଭେଶ ଖାନଙ୍କ ପରି ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯିବ। ଏହା ସହ ସଞ୍ଜୁ ସାମସନ୍, ଇଶାନ କିଶନ୍ ଓ ଯୁଜବେନ୍ଦ୍ର ଚହଲଙ୍କ ପରି ଖେଳାଳି ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଅକ୍ଷର ପଟେଲ ଏହି ସିରିଜ୍‌ରେ ଖେଳିବା ନିଶ୍ଚିତ ଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯିବ। ସେହିପରି ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ରିୟାନ୍ ପରାଗ, ଅଭିଷେକ ଶର୍ମା ଓ ଭୁବନେଶ୍ୱର କୁମାରଙ୍କ ନାମ ମଧ୍ୟ ବିଚାରକୁ ନିଆଯାଇପାରେ। ଭୁବନେଶ୍ୱର ୧୬ ଉଇକେଟ ନେଇଥିବା ବେଳେ ତାଙ୍କର ଇକୋନୋମୀ ୬ରୁ କମ୍ ରହିଛି। ଅନ୍ୟ ପକ୍ଷରେ ଅଭିଷେକ ଶର୍ମା ୪୮୫ ରନ୍ କରିଥିବା ବେଳେ ରିୟାନ୍ ପରାଗ ୫୧୦ ରନ୍ ସ୍କୋର କରିବା ସହ ୧୧ ଉଇକେଟ ନେଇଛନ୍ତି। ପ୍ରଥମ ଆସାମ କ୍ରିକେଟର ଭାବରେ ରିୟାନ୍ ଭାରତୀୟ ଦଳରେ ସ୍ଥାନ ପାଇବାର ଦାବିଦାରୀ ସ୍ଥାପନ କରିଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରୁ ମେଗ୍ ଲାନିଂଙ୍କ ଅବସର

ମେଲବୋର୍ନ,୯।୧୧(ପି.ଟି.)



ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ସଫଳ ଅଧିନାୟିକା ମେଗ୍ ଲାନିଂ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଦୀର୍ଘ ୧୩ବର୍ଷର କ୍ୟାରିୟରରେ ୭ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ତନ୍ମଧ୍ୟରେ ସେ ୫ଟି ଅଧିନାୟିକା ଭାବେ ଜିତିଛନ୍ତି। ଏହି ୩୧ ବର୍ଷୀୟା ମହିଳା କ୍ରିକେଟରଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେ ସମସ୍ତ ଫର୍ମାଟରେ ମୋଟ ଉପରେ ତାଙ୍କ ଦେଶର ଖେଳାଳି ହିସାବରେ ସବୁଠାରୁ ୮୩୫୨ ରନ ୨୪୧ ଗେମ୍ (୬ ଟେଷ୍ଟ, ୧୦୩ ଅନ୍ତର୍ଜାତୀୟ ଦିନିକିଆ, ୧୩୨ ଟେଷ୍ଟ)ରେ ସ୍କୋର କରିଥିଲେ। ଲାନିଙ୍ଗ କିନ୍ତୁ ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବା ଜାରି ରଖିବେ। ଦୀର୍ଘ ୧୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରକୁ ସେ ଭଲରୂପେ ଉପଭୋଗ କରିଛନ୍ତି। ନିଷ୍ପତ୍ତି କଷ୍ଟକର ଥିଲେ ମଧ୍ୟ ଅବସର ନେବା ପାଇଁ ଏହା ଉପଯୁକ୍ତ ସମୟ ବୋଲି ସେ ସ୍ଥିର କରିଥିଲେ ବୋଲି କହିଛନ୍ତି। ବିଭିନ୍ନ ସମୟରେ ଲାନିଂଙ୍କ ଅନୁପସ୍ଥିତିରେ ଅଧିନାୟିକା ଦାୟିତ୍ୱ ତୁଲାଇ ଆସୁଥିବା ଆଲିସା ହିଲି ଆସନ୍ତା ମାସରେ ଭାରତ ଟୁର୍ ସମୟରେ ମଲ୍ଟି ଫର୍ମାଟରେ ତାଙ୍କ ଦଳର ନେତୃତ୍ୱ ନେବେ।

# ଆର୍ଜେଣ୍ଟିନାରେ ଅଭ୍ୟାସ କରିବ ଜୁନିୟର ହକି ଦଳ

ନୂଆଦିଲ୍ଲୀ,୯।୧୧(ପି.ଟି.)

ଚିଲିରେ ଖେଳାଯିବାକୁ ଥିବା ଜୁନିୟର ହକି ମହିଳା ବିଶ୍ୱକପ ପୂର୍ବରୁ ଭାରତୀୟ ଦଳ ଆର୍ଜେଣ୍ଟିନାରେ ରହି ଅଭ୍ୟାସ କରିବ ବୋଲି କୋଚ୍ ତୁଷାର ଖାଣ୍ଡକର ସୂଚନା ଦେଇଛନ୍ତି। ଆର୍ଜେଣ୍ଟିନା ଓ ଚିଲିର ପରିବେଶ ପ୍ରାୟ ଏକା ଭଳି। ତେଣୁ ସ୍ଥାନୀୟ ପରିବେଶ ସହିତ ନିଜକୁ ସାମିଲ କରିବା ପାଇଁ ଖେଳାଳିଙ୍କ ନିକଟରେ ଏକ ଉତ୍ତମ ସୁଯୋଗ ରହିବ ବୋଲି କହିଛନ୍ତି ମୁଖ୍ୟକୋଚ୍ ତୁଷାର। ନଭେମ୍ବର ୨୯ରୁ ଡିସେମ୍ବର ୧୦ ତାରିଖ ଯାଏ ଚିଲିର ସାଣ୍ଟିଆଗୋରେ ବିଶ୍ୱକପ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଜୁନିୟର ଦଳ ଆର୍ଜେଣ୍ଟିନାରେ ଟ୍ରେନିଂ କରିବା ସହିତ କିଛି ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବ। ଏହି ଟୁର୍ନାମେଣ୍ଟ ପାଇଁ ଭାରତ ପୁଲ୍ ସିରେ ସ୍ଥାନ ପାଇଛି। ଭାରତ ବ୍ୟତୀତ ଜର୍ମାନୀ, ବେଲଜିୟମ ଓ କାନାଡା ସମାନ ଗ୍ରୁପରେ ରହିଛନ୍ତି। ହକିରେ ଭାରତ ପ୍ରତିଭାର ଭଣ୍ଡାର ହୋଇଥିବା ବେଳେ ଏହା ମଧ୍ୟରୁ ଦଳ ଚୟନ କରିବା ଏକ କଷ୍ଟକର ବ୍ୟାପାର। ତେବେ ବିଶ୍ୱକପ ପାଇଁ ଭାରତ ଏକ ଶକ୍ତିଶାଳୀ ଦଳ ଚୟନ କରିଛି। ଦୀର୍ଘ ଦିନ ଧରି ଏହି ଦଳ ଏକତ୍ର ଅଭ୍ୟାସ କରିଥିବା ବେଳେ ଏହାର ସୁଫଳ ବିଶ୍ୱକପରେ ମିଳିବ ବୋଲି କହିଛନ୍ତି ତୁଷାର।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ